ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୨୧ରେ ସୋନିଆଙ୍କୁ ହାଜର ପାଇଁ ଇଡିର ନୋଟିସ୍ ।୧୦



ଦିନିକିଆ ସିରିଜ ରୋହିତଙ୍କ ପାଇଁ ଚାଲେଞ୍ଜ ।୧୧

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com
ଊନବିଂଶ ବର୍ଷ ସଂଖ୍ୟା-୧୧୯ Vol. 19 No-119 12 JULY 2022 TUESDAY BHUBANESWAR ମଙ୍ଗଳବାର, ୧୨ ଜୁଲାଇ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଧରପଣା ନୀତି ସମ୍ପନ୍ନ

# ଆଜି ନିଳାଦ୍ରୀ ବିଜେ



ପୁରୀ, ୧୧।୭, (ଭାସ୍କର ନ୍ୟୁଜ୍) : ରବିବାର ରଥ ଉପରେ ତିନି ଠାକୁରଙ୍କ ସୁନାବେଶ ନୀତି ସମ୍ପନ୍ନ ପରେ ସୋମବାର ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ଶେଷ ପରେ ତଥା ସନ୍ଧ୍ୟା ଆଳତୀ ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥିଲା। ମହାସୁଆର ସେବକମାନେ ଏହି ଅଧରପଣା ପ୍ରସ୍ତୁତ କରିଥିଲେ। ଏଥିପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥିଲେ ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ। ପ୍ରତି ରଥରେ ଶ୍ରୀଜୀଉମାନଙ୍କ ଅଧର ଉଚ୍ଚାର ହାଣ୍ଡିରେ ଏହି ପଣା ପ୍ରସ୍ତୁତ କରାଯାଇଥିଲା। ପ୍ରତି ରଥରେ ୩ଟି ଲେଖାଏଁ ହାଣ୍ଡି ରଖାଯାଇଥିଲା। ୩ ଠାକୁରଙ୍କୁ ୯ଟି ମାଟିହାଣ୍ଡିରେ ଅଧରପଣା ନୀତି ଲାଗୁ ହେବା ପରେ ରଥ ଉପରେ ଏହାକୁ ଭାଙ୍ଗି ଦିଆଯାଇଥିଲା। କୁହାଯାଏ ଚଣ୍ଡି, ଚାମୁଣ୍ଡା, ଅଶରୀରୀମାନଙ୍କୁ ତୃପ୍ତ କରିବା ପାଇଁ ରଥ ଉପରେ ଏହି ହାଣ୍ଡି ଭଙ୍ଗାଯାଇଥାଏ। ଏହି ୯ଟି ହାଣ୍ଡି ପଣାକୁ ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରିଥିଲେ। ପଣାହାଣ୍ଡି ଭାଙ୍ଗିଗଲେ ସବୁଯାକ ପଣା ରଥ ତଳକୁ ବୋହିଯାଇଥାଏ। ତାହାକୁ ଅନ୍ୟ ଦେବାଦେବୀ ଓ ଭୂତପ୍ରେତମାନେ ପାଇଥାନ୍ତି ବୋଲି କୁହାଯାଏ। ଏହି ପଣା ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଇତ୍ୟାଦି ମିଶ୍ରଣରେ କରାଯାଇଥାଏ। ପ୍ରତ୍ୟେକ • ପୃଷ୍ଠା ୮ ଦେଖନ୍ତୁ

## ବିଏମ୍‌ସିର ଚେତାବନୀ

# ଭିଡ଼ ହେଲେ କାର୍ଯ୍ୟାନୁଷ୍ଠାନ

- ସପିଂମଲ୍, ସ୍ପାରେ ଭିଡ଼ ମନା
- ମାସ୍କ ପିନ୍ଧିବା ବାଧ୍ୟତାମୂଳକ
- ଦିନକରେ ୫୭୨ ନୂଆ ଆକ୍ରାନ୍ତ



ଭୁବନେଶ୍ୱର, ୧୧।୭, (ଭାସ୍କର ନ୍ୟୁଜ୍) : ଗତ କିଛି ଦିନ ଧରି ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଲଗାତାର ଭାବେ ଦୈନିକ ସଂକ୍ରମଣଙ୍କ ସଂଖ୍ୟା ୫ଶହ ଉପରେ ରହୁଛି। ସେଥିରୁ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ଚିହ୍ନଟ ହେଉଥିବାବେଳେ ଏଥିରେ ରୋକ୍ ଲଗାଇବା ପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ଠେଲା ଦୋକାନ ଠାରୁ ଆରମ୍ଭ କରି ସପିଂ ମଲ୍, ସ୍ପା, ସେଲୁନ ଇତ୍ୟାଦିରେ ଭିଡ଼ ନକରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଠେଲା ଜଳଖିଆ ଦୋକାନ, ଚା’ ଦୋକାନ, ଲସି ଓ ଗୁପ୍‌ଚୁପ୍ ଦୋକାନରେ ମଧ୍ୟ ଭିଡ଼କୁ ବାରଣ କରାଯାଇଛି। ଦୋକାନ ଆଗରେ ଯେପରି ଗହଳି ନହୁଏ ସେନେଇ ବିଏମ୍‌ସି ପକ୍ଷରୁ ତାଗିଦ କରାଯାଇଛି। ଭିଡ଼ ସମ୍ଭାଳି ନପାରିଲେ ଖାଦ୍ୟ ପାର୍ସଲ ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ସପିଂମଲ୍ ଓ ସ୍ପା ଗୁଡ଼ିକରେ

### ବଢୁଛି ସଂକ୍ରମଣ

ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବା ସହ ସାମାଜିକ ଦୂରତା ରକ୍ଷା କରିବା ପାଇଁ ପରାମର୍ଶ ମଧ୍ୟ ଦିଆଯାଇଛି। ଅନ୍ୟପକ୍ଷରେ ବୃଦ୍ଧି ପାଉଥିବା ସଂକ୍ରମଣକୁ ନେଇ ରାଜ୍ୟ ସରକାର ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ଏହାକୁ ନିୟନ୍ତ୍ରଣ ଭିତରକୁ ଆଣିବା ନିମନ୍ତେ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ସମଗ୍ର ଦେଶରେ ସଂକ୍ରମଣ ବଢୁଥିବାବେଳେ ଆମ ରାଜ୍ୟରେ ମଧ୍ୟ ୫ଶହ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତେବେ କେହି ଆକ୍ରାନ୍ତ ପୂର୍ବପରି ଗୁରୁତର ହେଉନାହାନ୍ତି। ପ୍ରଥମ ଓ ଦ୍ୱିତୀୟ ଲହରରେ ପ୍ରାୟ ୧୫% ଆକ୍ରାନ୍ତ ହସ୍ପିଟାଲ୍ ଯାଇଥିଲେ। ଏବେ ସମୁଦାୟ ୩୩୬୦ ସକ୍ରିୟ ଆକ୍ରାନ୍ତଙ୍କ ମଧ୍ୟରୁ ମାତ୍ର ୨୮ ଜଣ ହସ୍ପିଟାଲରେ ରହିଛନ୍ତି। ଅଧିକାଂଶ ଲୋକ ବିନା ଲକ୍ଷଣଯୁକ୍ତ ହୋଇଥିବାବେଳେ ସେମାନେ ଗୁରୁତର ହେଉନାହାନ୍ତି। ଗତ ୪ ମାସ ହେବ ରାଜ୍ୟରେ ଡେଲଟାର ଉପସ୍ଥିତି • ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ଦିବ୍ୟାଂଶୁ ମାଲୁ ଜେଇଇ (ମେନ୍) ଓଡ଼ିଶା ଟପ୍ପର

ଭୁବନେଶ୍ୱର, ୧୧।୭ (ଭାସ୍କର ନ୍ୟୁଜ୍) : ସୋମବାର ପ୍ରକାଶ ପାଇଛି ଜେଇଇ ପ୍ରଥମ ପର୍ଯ୍ୟାୟ ରେଜଲ୍ଟ। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଏହି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏହି ପରୀକ୍ଷା ଜୁନ୍ ୨୩ରୁ ୨୯ ତାରିଖ • ପୃଷ୍ଠା ୮ ଦେଖନ୍ତୁ

### ନିର୍ଦ୍ଦେଶ ବଦଳାଇଲେ ବିଇଓ

ଢେଙ୍କାନାଳ, ୧୧।୭ (ଭାସ୍କର ନ୍ୟୁଜ୍) : ସ୍କୁଲ ପରିସରକୁ ସାମ୍ବାଦିକମାନେ ପ୍ରବେଶ କରିପାରିବେ ନାହିଁ ବୋଲି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବିଇଓ ଯେଉଁ ନିର୍ଦ୍ଦେଶନାମା ଜାରି କରିଥିଲେ ତାହାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ପ୍ରତ୍ୟାହାର କରି ନେଇଛନ୍ତି। ପୂର୍ବ ନିର୍ଦ୍ଦେଶକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା।

### ଭିଜିଲାନ୍ସ ଜାଲରେ ଥାନା ଅଧିକାରୀ

ଉମରକୋଟ, ୧୧।୭ (ଭାସ୍କର ନ୍ୟୁଜ୍): ଯେତେଯାହା କଲେ ମଧ୍ୟ ରାଜ୍ୟରୁ ଦୁର୍ନୀତି ଲୋପ ହେବାର ନାଁ ଧରୁନାହିଁ। ଯଦିଓ ଭିଜିଲାନ୍ସ ବହୁ ସମୟରେ ଲାଞ୍ଚ ନେଉଥିବା ବାବୁମାନଙ୍କୁ ଧରି ଜେଲ ହାଜତକୁ ପଠାଉଛି ତଥାପି ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଘଟୁନାହିଁ। ପ୍ରତିଦିନ କେହି ନା କେହି ବାବୁ ଭିଜିଲାନ୍ସ ଜାଲରେ ଛନ୍ଦି ହେଉଛନ୍ତି। ତେବେ ଜଣେ ଥାନା ବାବୁଙ୍କ ପଦୋନ୍ନତିକୁ ମାତ୍ର ଦିନେ ବାକି ଥିବାବେଳେ ବାବୁ ଜଣକ ଏକ ମାମଲାର ଫଇସଲା ପାଇଁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଉମରକୋଟ ଥାନାର ଅତିରିକ୍ତ ଥାନା ଅଧିକାରୀ ଲିମରାଜ ପ୍ରଧାନ ୨୦ ହଜାର ଟଙ୍କା ଲାଞ୍ଚ • ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୫୪,୩୯୫.୨୩
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୯ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ୧୧।୭ ର ମତାମତ

ସ୍କୁଲ ପରିସରକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯିବା ଠିକ୍ କି ?




### ଆଜିର ପ୍ରସଙ୍ଗ

ବଢୁଥିବା କରୋନା ସଂକ୍ରମଣକୁ ଦେଖି ସମସ୍ତେ କଟକଣା ନିୟମ ପାଳନ କରିବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

### ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଟିକିଏ ବର୍ଷାରେ ସାରା ସହରରେ
ସୃଷ୍ଟି ହେଉଅଛି କୋକୁଆ ଭୟ,
ଘରେ ପାଣି ପଶି ମାଛ ଖେଳୁଛନ୍ତି
ଅନେକ ସ୍ଥାନରେ ଦିଶେନା ଡିହ ।
ଖାଲି ଓଡିଶାର କଥା ଏ ନୁହଁ,
ସମଗ୍ର ଭାରତ ଉବୁଟୁବୁ ଏବେ
ଯେଣେ ଦେଖ ତେଣେ ସମୁଦ୍ର ପ୍ରାୟ ।

## ଦେଶର ବିଭିନ୍ନ ସ୍ଥାନରେ ବନ୍ୟା ବିପ୍ଳାତ

# ଗୁଜରାଟ ସ୍ଥିତି ସାଂଘାତିକ



### ୫ ରାଜ୍ୟରେ ବର୍ଷାର ତାଣ୍ଡବ
### ଅଧିକାଂଶ ଜିଲ୍ଲା ବନ୍ୟା ଘେରରେ
### ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ

ନୂଆଦିଲ୍ଲୀ, ୧୧।୭ : ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଓ ବନ୍ୟା ବିପ୍ଳାତ ଜାରି ରହିଛି। ମହାରାଷ୍ଟ୍ର, ଗୁଜରାଟ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ତେଲେଙ୍ଗାନା ଓ ଆନ୍ଧ୍ରରେ ବର୍ଷା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ତେବେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛି ଗୁଜରାଟ। ମୂଷଳଧାରରେ ବର୍ଷା ହେବା ଯୋଗୁଁ ଗୁଜରାଟର ବହୁ ନଦୀରେ ବନ୍ୟା ଆସି ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି। ଏପରିକି ଗୁଜରାଟ ରାଜଧାନୀ ଅହମଦାବାଦ ଓ ଭଲସାଡ଼ ସହର ଜଳବନ୍ଦୀ ହୋଇପଡ଼ିଛି। କେଉଁଠି ଘରଦ୍ୱାର ପାଣିରେ ବୁଡ଼ିଯାଇଛି ତ ଆଉ କେଉଁଠି ରାସ୍ତାଘାଟରେ ପାଣି ଚାଲୁଛି। ବିଶେଷ କରି ଦକ୍ଷିଣ ଓ ମଧ୍ୟ ଗୁଜରାଟରେ ବର୍ଷା ଓ ବନ୍ୟା ତାଣ୍ଡବ ରଚିଛି। ସେସବୁ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ଜାତୀୟ ରାଜପଥ ସହ ପାଖାପାଖି ୩୮୮ଟି ସଡ଼କ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହା ବ୍ୟତୀତ ହେଲିକପ୍ଟର ଯୋଗେ ମଧ୍ୟ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ରାଜ୍ୟର ସ୍କୁଲ, କଲେଜଗୁଡ଼ିକୁ ବନ୍ଦ ରଖାଯାଇଛି। ସେହିପରି ଗତ କିଛି ଦିନ ଧରି ବର୍ଷା ଓ ବନ୍ୟା ଯୋଗୁଁ ମହାରାଷ୍ଟ୍ରରେ ମଧ୍ୟ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ଓ ବନ୍ୟା ଯୋଗୁଁ ରାଜ୍ୟରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି। ବନ୍ୟା ଯୋଗୁଁ ଗଡ଼ଚିରୋଲି ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, • ପୃଷ୍ଠା ୮ ଦେଖନ୍ତୁ

## ରୁଚିକା ଆତ୍ମହତ୍ୟା ମାମଲା

# ମା’ଙ୍କୁ ଉଠାଇ ନେଲା ପୋଲିସ



ଭୁବନେଶ୍ୱର, ୧୧।୭, (ଭାସ୍କର ନ୍ୟୁଜ୍) : ବିଜେବି କଲେଜ +୩ ପ୍ରଥମ ବର୍ଷ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ଇତିମଧ୍ୟରେ ୧୦ ଦିନ ପୂରିଗଲାଣି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାରେ ପୋଲିସ ଏପର୍ଯ୍ୟନ୍ତ ସମର୍ଥ ହୋଇପାରି ନାହିଁ। ଅନ୍ୟପକ୍ଷରେ ନ୍ୟାୟ ପାଇଁ ବିଜେବି କଲେଜ ସମ୍ମୁଖରେ ଧାରଣାରେ ବସିଥିବା ରୁଚିକାଙ୍କ ମା’ଙ୍କୁ ଅଭିଯୁକ୍ତ ପରି ଘୋଷାଡ଼ି ଘୋଷାଡ଼ି ଉଠାଇ ନେଇଛି ପୋଲିସ। ସେମାନଙ୍କ ସହ ଆନ୍ଦୋଳନରେ ସାମିଲ ହୋଇଥିବା ଅନ୍ୟମାନଙ୍କୁ ମଧ୍ୟ ପୋଲିସ ଉଠାଇ ନେଇଥିବା ସୂଚନା ମିଳିଛି। ପୋଲିସର ଏଭଳି ଦୁର୍ବ୍ୟବହାରକୁ ନେଇ ରୁଚିକାଙ୍କ ମା’ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, ମୋ ଝିଅକୁ ପୋଲିସ ନ୍ୟାୟ ଦେଇପାରିଲା ନାହିଁ। ଏହାକୁ ସରକାର ଚପାଇ ଦେଲେ। ମୋତେ ରାସ୍ତାରୁ ଉଠାଇ ଦେଉଛନ୍ତି। ମୋ ଦେହରେ ହାତ ଦେଲେ ମୁଁ ବହୁତ ଅନିଷ୍ଟ କରିଦେବି। ମୋ ଝିଅ ଆତ୍ମହତ୍ୟା ପଛରେ ବଡ଼ ବଡ଼ ଲୋକଙ୍କ ହାତ ରହିଥିବାରୁ ଏହାକୁ ଚପାଇ ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଅତିରିକ୍ତ ଡିସିପି କହିଛନ୍ତି ଯେ, ଆମେ ଧାରଣା ଦେବାକୁ ମନା କରିନାହୁଁ। ଯେଉଁ ସ୍ଥାନରେ ଧାରଣା ଦେବା କଥା ଅର୍ଥାତ୍ ଲୋୟର ପିଏମ୍‌ଜିରେ ଯାଇ ସେ ଧାରଣା ଦେଲେ ଆମର କିଛି ଆପତ୍ତି ନାହିଁ। ଗତକାଲି ମନସ୍ତତ୍ତ୍ୱବିତ୍ କଲେଜ ହଷ୍ଟେଲ ଆସି କେତେକ ପିଲାଙ୍କୁ ଜେରା କରିଛନ୍ତି। ଯେଉଁମାନେ ବାକି ରହିଛନ୍ତି ସେମାନଙ୍କୁ ମଧ୍ୟ ଜେରା କରାଯିବ। ସେ ଆହୁରି କହିଛନ୍ତି, କଲେଜ କର୍ତ୍ତୃପକ୍ଷ ଆମକୁ ଲିଖିତ ଅଭିଯୋଗ କରିଥିଲେ। କଲେଜ ଆଗରେ ଧାରଣା ଦିଆଯିବା ଦ୍ୱାରା କଲେଜର ବାତାବରଣ ନଷ୍ଟ ହେଉଛି ବୋଲି ଉଲ୍ଲେଖ କରିଥିଲେ। ତେବେ ରୁଚିକାଙ୍କୁ ରାଗିଂ କରାଯାଇଛି କି ନାହିଁ ସେନେଇ ଆମେ ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ପ୍ରମାଣ ପାଇନାହୁଁ। ସୂଚନାଯୋଗ୍ୟ ଯେ, ଝିଅକୁ ନ୍ୟାୟ ଦେବା ପାଇଁ ଗତ ୧୦ ଦିନ ହେବ ଭୋକ ଓପାସରେ ବିଜେବି କଲେଜ ଆଗରେ • ପୃଷ୍ଠା ୮ ଦେଖନ୍ତୁ

# ଜାମିନରେ ଆସିବା ପରେ ବାହୁଡ଼ା ଯାତ୍ରାରେ ଗୋବିନ୍ଦ



ବଲାଙ୍ଗିର, ୧୧।୭, (ଭାସ୍କର ନ୍ୟୁଜ୍) : ବହୁ ଚର୍ଚ୍ଚିତ କଳାହାଣ୍ଡି ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ହାଇକୋର୍ଟରୁ ଅନ୍ତରୀଣ ଜାମିନ ପାଇବା ପରେ ଘରକୁ ଆସି ଗାଁର ବାହୁଡ଼ା ଯାତ୍ରାରେ ସାମିଲ ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଚକିତ କରିଛି। ପତ୍ନୀ ଓ ଝିଅର ଚିକିତ୍ସା ପାଇଁ ଗତ ୮ ତାରିଖରେ ହାଇକୋର୍ଟ ତାଙ୍କୁ ୧୪ ଦିନିଆ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। ଏଥିପାଇଁ ହାଇକୋର୍ଟ କେତେକ ସର୍ତ୍ତ ମଧ୍ୟ ରଖିଥିଲେ। ଆସନ୍ତା ୨୨ ତାରିଖରେ ଗୋବିନ୍ଦ ପୁଣି ଥରେ ଅଦାଲତରେ ଆତ୍ମସମର୍ପଣ କରିବେ। ତେବେ ଏଥିପୂର୍ବରୁ ସେ ସାଧାରଣ ଲୋକଙ୍କ ପରି ଗାଁ ରଥଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଏହାଫଳରେ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବାର

### ମମିତା ହତ୍ୟାକାଣ୍ଡ

ଯଥେଷ୍ଟ ଆଶଙ୍କା ସୃଷ୍ଟି ହେଉଛି। ଏକ ଜଘନ୍ୟ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପତ୍ନୀ ଓ ଝିଅର ଚିକିତ୍ସା ପାଇଁ ଜାମିନରେ ଆସିବା ପରେ କିଭଳି ସାମୂହିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ଏମିତି ଖୁଲମ୍‌ଖୁଲ୍ଲା ବୁଲିବା ଦ୍ୱାରା ଅଭିଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ କରିବା ନେଇ ସନ୍ଦେହ ଉପୁଜିଛି। ୧୪ ଦିନିଆ ଅନ୍ତରୀଣ • ପୃଷ୍ଠା ୮ ଦେଖନ୍ତୁ

## ବ୍ୟାଙ୍କ ମିଶ୍ରଣର ପରିଣାମ

# ହ୍ରାସ ପାଇଲେଣି ୨୫ ହଜାରରୁ ଅଧିକ କର୍ମଚାରୀ




ଭୁବନେଶ୍ୱର, ୧୧।୭, (ଭାସ୍କର ନ୍ୟୁଜ୍) : ଦେଶରେ ବେକାରୀ ସଂଖ୍ୟା ବଢ଼ିଚାଲିଥିଲାବେଳେ ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ମାନଙ୍କରୁ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇବା ବା କର୍ମଚାରୀ ଛଟେଇ ହେବା ଓ ଅବସର ପରେ ତାଙ୍କ ସ୍ଥାନରେ ନୂତନ କର୍ମଚାରୀ ନିଯୁକ୍ତ ନ ହେବା କାରଣରୁ ଆର୍ଥିକ ବିଶୃଙ୍ଖଳା ସୃଷ୍ଟି ହେବାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଦେଶରେ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ସଂସ୍କାର ପାଇଁ କେନ୍ଦ୍ର ସରକାର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ର ମିଶ୍ରଣ କରିଛନ୍ତି। ଯାହାର ପରିଣାମ ଏବେ ଦେଖିବାକୁ ମିଳୁଛି। ବିଗତ ୫ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ମାନଙ୍କରେ ୨୫ ହଜାରରୁ ଅଧିକ କର୍ମଚାରୀ ହ୍ରାସ ପାଇଛନ୍ତି ବା ଛଟେଇ ହୋଇଥିବା ଜଣାପଡ଼ିଛି। ସବୁଠାରୁ ଅଧିକ କର୍ମଚାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ରୁ ହ୍ରାସ ପାଇଛନ୍ତି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦେଶର ସବୁଠାରୁ ବଡ଼ ରାଷ୍ଟ୍ରାୟତ୍ତ ବ୍ୟାଙ୍କ। ଏହି ବ୍ୟାଙ୍କର ଅବସ୍ଥା ଯେତେବେଳେ ବେହାଲ ସେତେବେଳେ ଅନ୍ୟ ବ୍ୟାଙ୍କ କଥା କ’ଣ କୁହାଯାଇପାରିବ ଓ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ସଂସ୍କାରରୁ କ’ଣ ଆଶା କରାଯାଇପାରିବ ? ୫ ବର୍ଷ ତଳେ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରୁଥିବା ବ୍ୟାଙ୍କ କର୍ମଚାରୀ ସଂଘ ଯାହା ଆଶଙ୍କା କରୁଥିଲା ତାହା ସତ୍ୟରେ ପରିଣତ ହୋଇଛି। ଏହି କାରଣରୁ ଆଗାମୀ ଦିନରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରୁ ଅଧିକରୁ ଅଧିକ କର୍ମଚାରୀ ଛଟେଇ ହେବା ବା ହ୍ରାସ ପାଇବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ୨୦୧୮ରେ ଦେଶରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରେ ୬ ଲକ୍ଷ ୧୫ ହଜାର ୧୪୪ ଜଣ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ୨୦୨୨କୁ ସେହି କର୍ମଚାରୀଙ୍କ ସଂଖ୍ୟା ୫ ଲକ୍ଷ ୮୯ ହଜାର ୩୨୦କୁ ଖସିଆସିଛି। ଅର୍ଥାତ୍ ବିଗତ ୫ ବର୍ଷରେ ୨୫ ହଜାର ୮୨୪ ଜଣ ବ୍ୟାଙ୍କ କର୍ମଚାରୀ ହ୍ରାସ ପାଇଛନ୍ତି ବା ଛଟେଇ ହୋଇଛନ୍ତି। ଦେଶରେ ୨୦୧୭ ମସିହାରେ ବ୍ୟାଙ୍କ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହେଲା। ସେହିବର୍ଷ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହିତ ଭାରତୀୟ ମହିଳା ବ୍ୟାଙ୍କ୍‌ର ମିଶ୍ରଣ ହୋଇଥିଲା। ଏହାପରେ ୨୦୧୯ରେ ବ୍ୟାଙ୍କ ଅଫ୍ ବରୋଦାରେ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ହେଲା। ସେହିପରି ୨୦୨୧ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସହିତ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମିଶ୍ରଣ ହୋଇଥିଲା। ସେହିବର୍ଷ କାନାଡ଼ା ବ୍ୟାଙ୍କ୍‌ରେ ସିଣ୍ଡିକେଟ୍ ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କରେ ଆହ୍ଲାବାଦ ବ୍ୟାଙ୍କ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆନ୍ଧ୍ର ବ୍ୟାଙ୍କ ଓ କର୍ପୋରେସନ ବ୍ୟାଙ୍କ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ବିକାନେର ଏବଂ ଜୟପୁର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ହାଇଦ୍ରାବାଦ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ମୈଶୁର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ପଟିଆଲା ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ତ୍ରାଭାଙ୍କୋରର ମିଶ୍ରଣ ହୋଇଥିଲା। ୨୦୧୮ରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ୨ ଲକ୍ଷ ୬୪ ହଜାର ୪୧ ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ। ୨୦୨୨ରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ କର୍ମଚାରୀଙ୍କ ସଂଖ୍ୟା ରହିଛି ୨ ଲକ୍ଷ ୪୪ ହଜାର ୨୫୦। ଅର୍ଥାତ୍ ୫ ବର୍ଷରେ ୧୯ ହଜାର • ପୃଷ୍ଠା ୮ ଦେଖନ୍ତୁ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍):ଭଣ୍ଡାରିପୋଖରୀ ବ୍ଲକର ପର୍ବତୀ ଗ୍ରାମରେ ବିଶିଷ୍ଟ ହରିନାମ ସଙ୍କିର୍ତ୍ତନାଭିଳାଷୀ ସ୍ୱର୍ଗତ ମଧୁସୂଦନ ଦାସଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳନ ରବିବାର ହୋଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ପୂର୍ବତନ ସରପଞ୍ଚ ହରିବନ୍ଧୁ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସରପଞ୍ଚ ପ୍ରତିନିଧି ମଦନ ମୋହନ ରାଉତ, ସାହିତ୍ୟିକ ସୁବାଷ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ଗୋଲକ ଚନ୍ଦ୍ର ମହାନ୍ତି, ସମାଜସେବୀ ରାମଚନ୍ଦ୍ର ପରିଡ଼ା, ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ନବକିଶୋର ଦାସ, କୃପାସିନ୍ଧୁ ନାୟକ, ନାଟ୍ୟକାର ବ୍ରଜକିଶୋର ମହାନ୍ତି, ହରିଶ୍ଚନ୍ଦ୍ର ସାମଲ ସ୍ୱର୍ଗତ ସଙ୍କିର୍ତ୍ତକଙ୍କ ଈଶ୍ୱର ଭକ୍ତି, ବିଭୁ ବନ୍ଦନା, ନାମଜପ ଆଦି ସୁଗୁଣ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ନାଟ୍ୟକାର ବ୍ରଜକିଶୋର ମହାନ୍ତିଙ୍କ ଦ୍ୱାରା ରଚିତ ସ୍ମରଣିକା 'ସୁଧାପ୍ରେମୀ ମଧୁସୂଦନ' ଉନ୍ମୋଚିତ କରାଯାଇଥିଲା। ସ୍ୱର୍ଗତ ଦାସ ଓ ଧର୍ମପତ୍ନି ଇନ୍ଦୁପ୍ରଭାଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରାଯାଇଥିଲା। ନବକିଶୋର ଦାସ ଅତିଥି ପରିଚୟ ଓ ମନିଷା ଦାସ ଧନ୍ୟବାଦ ଦେଇଥିଲେ।

# ବୃଦ୍ଧି ପାଉଛି ବେଆଇନ କରତକଳ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍):ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଅସ୍ତରଙ୍ଗ ବନାଞ୍ଚଳ ରେଞ୍ଜରଙ୍କ ନିଷ୍କ୍ରିୟତା କାରଣ ରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ କୁହୁଡ଼ି ଛକ, କେନ୍ଦ୍ରାପଟି ପ୍ରଭୃତି ସ୍ଥାନରେ ବେଆଇନି କରତକଳ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। କାଠ ମାଫିଆମାନେ ଦିନ ରାତି ଖୋଲା ଖୋଲି କରତକଳ ଚଳାଇ ଆସୁଥିବା ବେଳେ ବନବିଭାଗ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। କିନ୍ତୁ ସବୁ ନିୟମକୁ ଖୁଲମ ଖୁଲ୍ଲା ଉଲ୍ଲଙ୍ଘନ କରି କରତ କଳ ଓ କାଠ ମାଫିଆ ମାନେ ଦିନ ରାତି ଖୋଲା ଖୋଲି କରତକଳ ଚଳାଇ ଆସୁଥିବାରୁ ପୋଲିସ, ସ୍ଥାନୀୟ ପ୍ରଶାସନ ଓ ବନବିଭାଗ ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟିଗଲାଣି। ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଇଲେ ବନବିଭାଗ ଓ ବିଭାଗୀୟ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଛି। ଉଦ୍‌ବେଗର ବିଷୟ ହେଉଛି କରତ କଳ ଉପରେ ଚଢ଼ଉ ପୂର୍ବରୁ ସମସ୍ତ କରତକଳ ମାଲିକମାନଙ୍କୁ ପୂର୍ବରୁ ଗୁପ୍ତ ସୂଚନା ଦିଆଯାଉଛି। ଫଳରେ ଚଢ଼ଉ ପ୍ରହସନରେ ପରିଣତ ହେଉଛି ଓ ଲୋକ ଦେଖାଣିଆ ହେଉଛି। ଜାଣିଶୁଣି କରତକଳ ମାଲିକମାନଙ୍କୁ ଗିରଫ ମଧ କରାଯାଉନାହିଁ। ବିଭିନ୍ନ କରତ କଳ ମାଲିକଙ୍କ ଉପରେ ମାମଲା ରୁଜୁ କରି ଚୁପ ଚାପ ବସିଯାଉଛି ବନବିଭାଗ। ଯାହାକି ରାଜସ୍ୱ ସରକାର ପାଉନଥିବା ବେଳେ କାଠ ମାଫିଆ ଓ କିଛି ସରକାରି ଅଧିକାରୀ ମାଲେ ମାଲ ହୋଇଯାଉଛନ୍ତି। କିଛି ଶାସକ ଦଳର ନେତା ବେଆଇନି କରତକଳ ଚଳାଇ ଆସୁଥିବାରୁ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବନ ବିଭାଗ କୁଣ୍ଠା ପ୍ରକାଶ କରୁଛି। ଅପରପକ୍ଷରେ କିଛି କୁଜି ନେତାଙ୍କ ଦଲାଲିରେ ବନବିଭାଗ ଅଧିକାରୀ ମୋଟା ଅଙ୍କର ପାଉଣା ପାଇଁ ଚୁପ ବସିଛନ୍ତି ବୋଲି ଅଭିଯୋଗ ମଧ ହେଉଛି। ଏ ବିଷୟରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ଉତ୍ତମ କୁମାର ଗଡ଼ନାୟକଙ୍କୁ ପଚାରିବାରୁ ସେ କହିଥିଲେ ଯେ ବିଭିନ୍ନ ସମୟରେ ବେଆଇନି କରତ କଳ ଉପରେ ଚଢ଼ଉ ହୋଇଛି। ଖୁବ ଶୀଘ୍ର ପୁଣିଥରେ ବେଆଇନି କରତକଳ ଉପରେ ଚଢ଼ାଉ କରାଯିବ। ରାଜ୍ୟ ଜଙ୍ଗଲ ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ



(ଫାଇଲ ଫଟୋ)

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧିନ ରାଜନଗର ପଞ୍ଚାୟତ ବାହାରପାଳ ଗ୍ରାମର ସୁପ୍ରିୟା ପାଢ଼ୀ ନାମ୍ନୀ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଅଭିଯୋଗ ପାଇବା ପରେ କେଶ ନଂ୧୦୮/୨୨ ଦଫା ୪୯୮(ଏ), ୩୦୨, ୩୦୪ (ବି) ଏବଂ ୩୪ ଆଇପିସି ବଳରେ ଏକ ମାମଲା ରୁଜୁ କରି ସ୍ୱାମୀ ପ୍ରତାପ ପାଢ଼ୀକୁ ଅଟକ ତଦନ୍ତ ଚଳାଇଥିବା ବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତିହିଡ଼ି ଥାନା ଅଧୀନ ଶଙ୍କିଡ଼ା ଗ୍ରାମର ବୃଦ୍ଧିରାମ ପାଢ଼ୀଙ୍କ ଅଭିଯୋଗରୁ ପ୍ରକାଶ ଯେ, ତାଙ୍କ ଝିଅ ସୁପ୍ରିୟା ଗତ ଫେବୃଆରୀ ୬ ତାରିଖ ୨୦୨୨ ମସିହାରେ ବାହାରପାଳ ଗ୍ରାମର ପ୍ରଫୁଲ୍ଲ ପାଢ଼ୀଙ୍କ ପୁଅ ପ୍ରତାପ ପାଢ଼ୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଜାନି ଯୌତୁକ ଦିଆଯାଇଥିଲା। ବିବାହ ପର ଠାରୁ ସୁପ୍ରିୟାଙ୍କୁ ଶ୍ୱଶୁର ଘର ଲୋକ ମିଳିମିଶି ହଇରାଣ ହରକତ କରିବା ସଙ୍ଗେ ସଙ୍ଗେ ମାଡ଼ ମାରୁଥିଲେ। ଖବର ପାଇବା ପରେ ସୁପ୍ରିୟାଙ୍କ ବାପା ବୃଦ୍ଧିରାମ ଝିଅ ଘରକୁ ଯାଇ ବୁଝାସୁଝା କରିଆସିଥିଲେ। ତାଙ୍କ ଝିଅ ବ୍ୟବହାର କରୁଥିବା ମୋବାଇଲକୁ ୨ମାସ ତଳେ ଶ୍ୱଶୁରଘର ଲୋକ ପିଟି ଭାଙ୍ଗି ଦେଇଥିଲେ। ସୁପ୍ରିୟା ବିଭିନ୍ନ ସମୟରେ ଶ୍ୱଶୁର ଘର ଲେକେ ତାଙ୍କୁ ମାଡ଼ ମାରୁଥିବା ନେଇ ଫୋନ କରୁଥିଲେ। ସୋମବାର ଶ୍ୱଶୁର ଘର ପକ୍ଷରୁ ସୁପ୍ରିୟା ଘରେ କବାଟ କିଳିଦେଇ ରହିଥିବା ଫୋନକରି ଜଣାଇଥିଲେ। ପରେ କବାଟ ଭାଙ୍ଗି ଦେଖିବା ପରେ ସୁପ୍ରିୟାର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଶ୍ୱଶୁର ଘର ଲୋକ ସୁପ୍ରିୟାକୁ ମିଳିମିଶି ମାରି ଫ୍ୟାନରେ ଟାଙ୍ଗି ଦେଇଥିବା ବୃଦ୍ଧିରା ପୀରହାଟ ଥାନାରେ ଅଭିଯୋଗ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ରଇପଡ଼ା ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁଙ୍କ ପୁଅ ଗୋଲେଖ ସ୍ୱାଇଁ(୨୭)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଛି। ଆଜି ଦିନ ୩ଟା ବେଳେ ସେ ତାଙ୍କ ଘର ଲାଇନ ସଜାଡ଼ିବାକୁ ଯାଇଥିଲା ବେଳେ ଧରିଥିବା ତାର ଲିକ ଥିବାରୁ ବିଦ୍ୟୁତ ଆଘାତ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ରଘୁନାଥପୁର ଡାକ୍ତରଖାନା ଚିକିତ୍ସା ପାଇଁ ଅଣା ଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲା।ଏହି ଘଟଣାରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ରଘୁନାଥପୁର, (ଭାସ୍କର ନ୍ୟୁଜ୍):ରଘୁନାଥପୁର ବ୍ଲକ୍ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଇପୁର-ଜଗତସିଂହପୁର ରୋଡ଼ର ଗନାଇଲୋଠାରେ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳାଜଣକ ହେଲେ ଦେଢ଼ଶୁର ଦେଉଳି ଗ୍ରାମର ବାବୁନା ମଲ୍ଲିକଙ୍କ ସ୍ତ୍ରୀ ବିନି (୨୮) ସେ ତାଙ୍କ ସ୍ୱାମୀ ଓ ପୁଅଙ୍କ ସହ ଏକ ବାଇକ୍‌ରେ ଜଇପୁରସ୍ଥିତ ତାଙ୍କ ବାପଘରକୁ ଆସୁଥିବା ବେଳେ ପଛରୁ ଓଆର ୦୯ଏଫ୍ ୯୩୮୩ନଂ ବିଶିଷ୍ଟ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବିନି ତଳକୁ ଛିଟିକି ପଡ଼ିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗି ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଜଗତସିଂହପୁର ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିର୍ତ୍ତୋଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ବୁଝାସୁଝା କରିବା ସହିତ ଟ୍ରକ୍‌କୁ ଜବତ କରିଥିଲେ।

# ମନରେଗାରେ ଶ୍ରମିକଙ୍କ ମେସିନ କାମ କରୁଛି



ରାଜନଗର, (ଭାସ୍କର ନ୍ୟୁଜ୍): ଗରିବଶ୍ରେଣୀର ଶ୍ରମିକ ନିଜର ଓ ପରିବାରର ଭରଣ ପୋଷଣ ନିମନ୍ତେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ବିଭିନ୍ନ ସମୟରେ ନିର୍ଯ୍ୟାତନାର ଶିକାର ହେଉଥିବା ଦେଖିବାକୁ ମିଳିଥାଏ। ଏହାକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କ ପାଇଁ ସରକାର ଗାଁରୁ ସହର ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦୦ଦିନର କାର୍ଯ୍ୟ ଦିବସ ଯୋଗାଇ ଦେବାକୁ ନିୟମ ରହିଛି। ଯଦି କୌଣସି ଶ୍ରମିକକୁ ବର୍ଷ ମଧ୍ୟରେ କାର୍ଯ୍ୟ ଯୋଗାଇ ଦିଆ ଯାଇନଥିବ ତେବେ ସେ ଶ୍ରମିକକୁ ସରକାର ୬ ହଜାର ଟଙ୍କା ଦେବାକୁ ବାଧ ବୋଲି ସରକାରୀ ନିର୍ଦ୍ଦେଶନାମା ବଳବତ୍ତର ରହିଛି। ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ପଞ୍ଚାୟତ ଲୋକ ପ୍ରତିନିଧିମାନେ ଯଦି ସ୍ୱାମୀ ସରପଞ୍ଚ ହୋଇଥିବେ ତାଙ୍କ ପୁଅ କିମ୍ବା ଭାଇ ପଞ୍ଚାୟତ ଠିକାଦାର । ଏବଂ ସ୍ତ୍ରୀ ଯଦି ସରପଞ୍ଚ ହୋଇଥାଏ ତେବେ ତାଙ୍କ ସ୍ୱାମୀ ଚଳନ୍ତି ସରପଞ୍ଚ ପାଲଟି ପରୋକ୍ଷରେ ବିମ୍ବା ପ୍ରତ୍ୟେକ୍ଷରେ ନିଜ ପଞ୍ଚାୟତର କାର୍ଯ୍ୟର ଠ କରି ଅର୍ଥ ହରିଲୁଟ କରିବାକୁ ଲାଗିପଡ଼ିଅଛନ୍ତି । ଯଦି କେହି ଏନେଇ ଅଭିଯୋଗ କରେ ଉତ୍ତର ମିଳେ ବହୁ ଅର୍ଥ ଖର୍ଚ୍ଚ କରି ଜିତିଛୁ ଆମେ କାମକରୁ ଆମର କେହିକିଛି କରିପାରିବେ ନାହିଁ। ସତକୁ ସତ ତାହାହିଁ ହେଉଛି ମନରେଗା ଯୋଜନାର ମାଟି କାର୍ଯ୍ୟ ହେଉ ବା କେନାଲ, ଡ୍ରେନେଜ, ପୋଖରୀ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସବୁ ମେସିନିରେ କରାଯିବା ଦ୍ୱାରା ଲୋକମାନେ ୧୫୦ଟଙ୍କା ବିନିମୟରେ ଜବ୍ କାର୍ଡମାନ ସରପଞ୍ଚଙ୍କ ଠିକାଦାର, ସ୍ୱାମୀ, ପୁଅ ଆଦିମାନଙ୍କ ଠାରେ ରହିଛି। ମନରେଗା ଯୋଜନାର ଟଙ୍କା ଉଠାଇବା ପାଇଁ ସେମାନଙ୍କଠାରୁ ବ୍ୟାଙ୍କ ଉଠାଣ ଫର୍ମରେ ଦସ୍ତଖତ କରାଇ ରଖିଥାନ୍ତି। ପରେ ଯନ୍ତ୍ରୀ ଓ ପିଇଓଙ୍କ ସମେତ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ସଲାସୁତରାରେ ଟଙ୍କା ଉଠାଯାଉଥିବା ଅଭିଯୋଗ ହେଉଛି। ଫଳରେ ସରକାର ଯୋଗାଉ ଥିବା ମନରେଗା ଯୋଜନାର କାର୍ଯ୍ୟ ସୁଫଳ ପାଇପାରୁ ନାହାନ୍ତି ଶ୍ରମିକ ଫଳରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ଆଦୌ କାର୍ଯ୍ୟ କରୁ ନଥବା ଯେଉଁ ଶିକ୍ଷିତ ବ୍ୟକ୍ତି ବାହାର ରାଜ୍ୟରେ ରହନ୍ତି ସେମାନଙ୍କ ନାମରେ ଜବ୍ କାର୍ଡ ହୋଇଛି। ଏପରି ଶ୍ରମିକ ମାରଣ ନୀତି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ବହୁତ ଦେଖିବାକୁ ମିଳୁଥିବା ବେଳେ ଏବେ ରାଜନଗର ବିଡ଼ିଓଙ୍କ ନାକ ତଳେ ଏପରି ଅନିୟମିତ କାର୍ଯ୍ୟ ହେଉଥିଲେ ମଧ ଦିନକ ପାଇଁ ନଜର ଦିଅନ୍ତି ନାହିଁ। ସୂଚନାଯୋଗ୍ୟ ରାଜନଗର ପଞ୍ଚାୟତସମିତି ସଦର ମହକୁମାରେ ଯେଉଁ କାର୍ଯ୍ୟ ହୁଏ ତାହା ସାଧାରଣ ଲୋକମାନେ ଜାଣନ୍ତି ନାହିଁ, ଯେତେବେଳେ କାର୍ଯ୍ୟ ଆରମ୍ଭ ହୁଏ ସେତେବେଳେ ପ୍ରଚାର ହୁଏ ପନ୍ଦର ଲକ୍ଷ ଟଙ୍କାର ପ୍ରୋଜେକ୍ଟ ମାତ୍ର ଲକ୍ଷ ଟଙ୍କା ଥିବାରୁ ହଳଦୀ ନାଳିର ଅନାବଶ୍ୟକ ଘାସ ଚାଞ୍ଛି ଅର୍ଥ ଚଲୁକରିବା କାହାସ୍ୱାର୍ଥରେ। ଏଠାରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯଦି ଅର୍ଥ ନାହିଁ ତାହାହେଲେ ଲକ୍ଷ ଟଙ୍କା ଖର୍ଚ୍ଚ କାହାସ୍ୱାର୍ଥରେ। ସେହିପରି ହଳଦୀ ନାଳିର ଭେଡ଼ା ପଟରେ ମେସିନ୍ ସାହାଯ୍ୟରେ ସ୍ଥାନେ ସ୍ଥାନେ ନାଳ କଡ ଘାସ ସଫା ହେଉଥିବା ବେଳେ କେନାଲରେ ପାଣି ଯିବା ରାସ୍ତା ବନ୍ଦ ହୋଇ ପୁଟିଙ୍ଗ କରାଯାଉଛି। ହେଲେ ରବିବାର ପର୍ଯ୍ୟନ୍ତ ୩୦ ଘଣ୍ଟା ଜେସିପି କାମ କରିଥିବା ଡ୍ରାଇଭର ପ୍ରକାଶ କରିଛନ୍ତି। ତେବେ ପାଣି ଯିବା ବାଟ ରାସ୍ତାରେ ପରିଣତ ହୋଇଥିବା ବେଳେ ଘାସଚାଞ୍ଛା କାହା ସ୍ୱାର୍ଥରେ ବୋଲି ସେଠାକାର ଚାଷି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପଞ୍ଚାୟତର କି କି କାର୍ଯ୍ୟ ପାଇଁ ପ୍ରସ୍ତାବ ଦିଆଯାଇଛି ଏବଂ କେଉଁ କେଉଁ ଦିନ ଗ୍ରାମ୍ୟ କମିଟି ବସି ପ୍ରୋଜେକ୍ଟ ମାନ ସ୍ଥିର କରାଗଲା ସେଭାବଦରେ ଓ୍ୱାର୍ଡ ମେମ୍ବରମାନେ ଜାଣି ନଥିବା କହିଛନ୍ତି। ମେମ୍ବରମାନେ ପଚାରିଲେ ସେମାନଙ୍କୁ ସତକଥା କୁହାଯାଉନଥିବା ଅଭିଯୋଗ ହେଉଛି। ତେଣୁ ରାଜନଗର ପଞ୍ଚାୟତରେ କି କି କାର୍ଯ୍ୟ ହେବ ଓ ପ୍ରସ୍ତାବ ଦିଆଯିବ ତାର ସମ୍ପୂର୍ଣ୍ଣ ବୀବରଣୀ ସହ ଫଳକ ଲଗାଇ ସ୍ୱଚ୍ଛତାର ପରିଚୟ ଦେବାକୁ ଦାବି ହେଉଛି। ବ୍ଲକର ସଦର ମହକୁମାର ପଞ୍ଚାୟତରେ ଯଦି ଘରେ ପଶୁ ପଶୁ ଦୁର୍ଗନ୍ଧର ପବନ ବୋହିବା ଆରମ୍ଭ ହୁଏ ପାଞ୍ଚବର୍ଷ ପର୍ଯ୍ୟନ୍ତ କଣ ହେବ ତାହା ସମୟ କହିବ ବୋଲି ଚର୍ଚ୍ଚା ଚାଲିଛି।

# ୨ ଗଛ କଟାଳିଙ୍କୁ ବାନ୍ଧିଲା ବନ ବିଭାଗ




ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳରେ ଥିବା ରଗଡା ସରଂକ୍ଷିତ ଜଙ୍ଗଲ ଭାଗ ୩ରେ ମୂଲ୍ୟବାନ ଶାଳ ଓ ସାହାଜ ଗଛ କାଟୁ ଥିବାର ଜଣାପଡ଼ିଛି। ଲାଠିପଡ଼ା ସେକ୍ସନର ବନପାଳ ଅମ୍ରିତା କୁମାରୀ ଜେନା ବନରକ୍ଷୀ ପି. ମୋହନ ଶିବାନନ୍ଦ ଦିଗାଲ ଓ ସ୍ୱାର୍ଡ କର୍ମଚାରୀ ପହଞ୍ଚି ୨ ଜଣ ଆସାମୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ପରେଶ ଗମାଙ୍ଗ, ଲିଙ୍ଗୁ ମଣ୍ଡଳ ଏମାନଙ୍କ ଘର ସୋରଡ଼ା ଥାନା ଅନ୍ତର୍ଗତ ସାଗିଡି ଓ ଖିଲାବାଦୀ ଗ୍ରାମରେ ହେଇଥିବା ବେଳେ ଏମାନଙ୍କ ନିକଟରୁ ୧୫ଟି ଶାଳ ଓ ୨୦ଟି ସାହାଜ ବଲହା ଜବତ ହେଇଥିବା ବନାଞ୍ଚଳ ଅଧିକାରୀ କୁମର ବେହେରା କହିଛନ୍ତି । ଖବର ନେବାରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ନିର୍ଦ୍ଦେଶ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କ ନେତୃତ ଓ ଲାଠିପଡା ସେକସନର ବନପାଳ ଅମ୍ରିତା ଜେନାଙ୍କ ସହଯୋଗରେ ଏହି ଚଢଉ କରାଯାଇଥିଲା । ୨ ଏକର ଜଙ୍ଗଲ ଜମି ଜବରଦଖଲ କରିବାପାଇଁ ସେହି ଜମିରେ ଥିବା ବହୁ ମୂଲ୍ୟବାନ ଗଛକୁ କାଟୁ ଥିବା ସମୟରେ ବନପାଳ କୈଣସି ସୂତ୍ରରୁ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ୨ ଆସାମୀକୁ ଗିରଫ କରି ବନାଞ୍ଚଳ କାର୍ଯ୍ୟଳୟକୁ ଆଣି ଅଧିକ ତଦନ୍ତକରି କେନ୍ଦ୍ରୀୟ ବନାଞ୍ଚଳ କାର୍ଯ୍ୟଳୟ କେସ ନଂ ୧୨୯/୨୨ର ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ବେହେରା କହିଛନ୍ତି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର




ରଘୁନାଥପୁର, (ଭାସ୍କର ନ୍ୟୁଜ୍): ସୋମବାର ରଘୁନାଥପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମୋଟ୍ ୪୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଜନଶୁଣାଣିରେ ଜିଲ୍ଲାପାଳ ପାରୁଲ୍ ପଟୱାରି, ଉପଜିଲ୍ଲାପାଳ ମହେନ୍ଦ୍ର ମଲ୍ଲିକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାସ, ତହସିଲଦାର ରୁପାଲିକା ଦାସ, ଏବିଡିଓ ଅଶୋକ କୁମାର ମହାନ୍ତି, ଏସ୍‌ଡିପିଓ ଦିପକ ରଞ୍ଜନ ଜେନା ଉପସ୍ଥିତ ରହି ଲୋକମାନଙ୍କର ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗଗୁଡିକ ମଧ୍ୟରେ ଭତ୍ତା, ପକ୍କାଗୃହ, ରାସନକାର୍ଡ, ଜମିଜମା ଓ ଆଇନଗତ ସଂପର୍କିତ ସମସ୍ୟା ଅଧିକ ରହିଥିଲା। ଗୁଆଳିପୁର ଗ୍ରାମର ଶଙ୍କର ପଟ୍ଟନାୟକ ଓ ତାଙ୍କ ପୁଅ ଉପରେ ହୋଇଥିବା ଆକ୍ରମଣକୁ ନେଇ ରଘୁନାଥପୁର ପୋଲିସର ଆକ୍ରମଣକାରୀଙ୍କ ପ୍ରତି କୋହଳ ମନୋଭାବ ସଂପର୍କରେ ଏହି ଶୁଣାଣିରେ ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ମାଡ ଖାଇବା ଲୋକଙ୍କ ଅଭିଯୋଗକୁ ପଛ କରି ଆକ୍ରମଣକାରୀଙ୍କ ଅଭିଯୋଗକୁ ପୋଲିସ ପ୍ରାଧାନ୍ୟ ଦେଇଥିଲା। ସେହିପରି ସିଦ୍ଧଭୂମି ମାନସ୍ମିତା ସ୍ୱାଇଁ, ତାଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱାରୋପ କରୁନଥିବାର ଅଭିଯୋଗ କରିଥିଲେ। ବିରିଡି ବ୍ଲକ୍ ମଙ୍ଗୁଳି ପଞ୍ଚାୟତରେ ଏମବିକେ ପରିକ୍ଷା ଫଳ ପ୍ରକାଶ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବାର ଅଭିଯୋଗକାରୀ ସୁଜାତା ମିଶ୍ର ନିଜ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ବର୍ଷା ଯୋଗୁ ଅଭିଯୋଗକାରୀଙ୍କ ସଂଖ୍ୟା ସୀମିତ ରହିଥିବାର ଆଲୋଚନା ହେଉଥିବା ବେଳେ ପ୍ରକୃତରେ କିନ୍ତୁ ପ୍ରଶାସନର ପ୍ରଚାର ପ୍ରସାର ଅଭାବ ଯୋଗୁ ଜନଶୁଣାଣି ସଂପର୍କରେ ଲୋକମାନେ ଜାଣିପାରୁନଥିବାର ଅଭିଯୋଗ ହେଉଛି।

## ବିଶ୍ୱ ଜନସଂଖ୍ୟା ଦିବସ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): କୌଣସି ଦେଶର ଜନସଂଖ୍ୟା ସେ ଦେଶର ପରସମ୍ପତ୍ତି । ମାତ୍ର ଜନସଂଖ୍ୟାର ଅଭିବୃଦ୍ଧି ଅଧିକ ହେଲେ ସେ ଦେଶ ପାଇଁ ପରସମ୍ପତ୍ତି ହେବା ପରିବର୍ତ୍ତେ ବୋଝ ହୋଇଥାଏ ବୋଲି ଆଜି କଲେଜଛକସ୍ଥିତ ଗାୟତ୍ରୀ ଏଜୁକେଶନ ପଏଣ୍ଟଚାରିଟେବୁଲ ଟ୍ରଷ୍ଟ ତରଫରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଭାରେ ଯୋଗଦେଇ ଆଲୋଚକମାନେ ଏହିମତ ପୋଷଣ କରିଛନ୍ତି । ଏହି ଆଲୋଚନା ଚକ୍ରରେ ଅନୁଷ୍ଠାନର ସଂଯୋଜକ ଅଭିଷେକ ବେହେରା ଅଧକ୍ଷତା କରିଥିଲେ । ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ସଂପ୍ରତି ବିଶ୍ୱର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିବାକୁ ଯାଉଥିବା ବେଳେ ଏହି ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏକ ବୈଶ୍ୱିକ ଆହ୍ୱାନ ବୋଲି କହିବା ସହ ଜନ ବିସ୍ଫୋରଣ ଜନ ବିକାଶର ବାଧକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ସମ୍ବିତ୍ କୁମାର ଦାସ, ଦେବାଶିଷ ତ୍ରିପାଠୀ, ଦୁର୍ଗା ପ୍ରସାଦ ନନ୍ଦ ଓ ସୁନିଲ୍ କୁମାର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜନସଂଖ୍ୟା ବୃଦ୍ଧିର କୁପରିଣାମ ଉପରେ ଆଲୋକପାତ କରିଥିଲେ । ଶେଷରେ ଅସିତ୍ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅଧାପନ୍ତରିଆ ସେତୁ କାର୍ଯ୍ୟ: ସମ୍ପୂର୍ଣ୍ଣ ହେବାକୁ ଦାବି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍):ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ଯିବାକୁ ନଦୀରେ ଚାଲିଛି ବିକାଶର ଡ଼ଙ୍ଗାଫ ଦୀର୍ଘ ଦିନ ହେବ ନିର୍ମାଣ ହୋଇଥିଲେ ମଧ କିନ୍ତୁ ପୂର୍ଣ୍ଣାଙ୍ଗ ହୋଇପାରୁନି ବିଜୁ ସେତୁ। ସ୍ୱପ୍ନ ଥିଲା ନଦୀରେ ସେତୁ ହେଲେ ଲୋକେ ସୁଗମରେ ଯିବା ଆସିବା କରିବେ। ଗୋଟିଏ ପରେ ଠିକାଦାର ସେତୁ କାର୍ଯ୍ୟ ଧରିଲେ ମଧ କିନ୍ତୁ ପୂର୍ଣ୍ଣାଙ୍ଗ କରିପାରୁନାହାନ୍ତି ତାଳଦା ସେତୁ। ଖଣ୍ଡାସାହି ଓ ତାଳଦା ଦୀପାଞ୍ଚଳକୁ ସଂଯୋକ କରୁଥିବା ବିଜୁ ସେତୁକୁ ଗତ ଜୁଲାଇରେ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାର ଏହି କାମ ହାତେଇଥିଲେ। ଏଗାର କୋଟି ସତାଅଶୀ ଲକ୍ଷ ଟଙ୍କା ମଞ୍ଜୁର ବି ମଧ ହେଲା। ହେଲେ ବର୍ଷେ ବିତିଲା ପରେ ମଧ ତିନୋଟି ପିଲର ସରିନାହିଁ। ଲୋକ ଦେଖାଣିଆ ଭାବରେ ଅଳ୍ପ କିଛି କାମ କରି ସଂସ୍ଥା କହିଲାଣି ମୋତେ ଅଧିକ ସମୟ ଦରକାର। ଆଉ ଏ ନେଇ ଗ୍ରାମ୍ୟ ଉନୟନ ବିଭାଗ ଯାହାକି କାମ ମଧ ବାତିଲ କରିଛନ୍ତି। ଯେଉଁ ଭଳି କାର୍ଯ୍ୟ ଅଗ୍ରଗତୀ ହେବା କଥା ତାହା ନ ହେବାରୁ ଟେଣ୍ଡର ବାତିଲ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଜଣାପଡ଼ିଛି.ଗୋଟିଏ ଗୋଟିଏ ଠିକାଦାର କାର୍ଯ୍ୟ କରୁଥିବା ବେଳେ କାହିଁକି ଅଗ୍ରଗତି ହେଉନାହିଁ କି ବିଭିନ୍ନ ଠିକାସଂସ୍ଥା ଉପରେ କାର୍ଯ୍ୟନୁଷ୍ଠାନ ହେଉନାହିଁ। ୨୦୧୩ରେ ସେତୁର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ, ୨୦୧୪ଜାନୁୟାରୀ କାମ ଆରମ୍ଭ ହୋଇଥିଲା ବେଳେ ୨୦୧୬ଜୁଲାଇ ସୁଦ୍ଧା କାମ ଶେଷ ହୋଇପାରିନଥିଲା। ଆଠ ବର୍ଷ ପରେ ମଧ ଉଧେଇ ପାରୁନି ତାଳଦା ସେତୁ। ପ୍ରଥମେ ୨୯କୋଟି, ପରେ ୩୮କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ପ୍ରକଳ୍ପ। କଲିକତା ଏକ ସଂସ୍ଥା ମଧ କାମ ଧରି ଅଧାରୁ ଛାଡି ପଳାଇଲା। ତାହା ହେଲେ କେବେ ପୂର୍ଣ୍ଣାଙ୍ଗ ହେବ ତାଳଦା ସେତୁ ତାହା ସାଧାରଣରେ ପ୍ରଶ୍ନବାଚୀ।

## ଗଛଲଗାଇବା ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଅଧିନସ୍ଥ ବଳିଦିଆବନ୍ଧ ସେକ୍ସନ ଗୋଡାବୋଲୁଅ ସଂରକ୍ଷିତ ଜଙ୍ଗଲରେ ଚାରା ରୋପଣ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।୨୦୨୦-୨୧ ମସିହାରେ ଏମଜିଏନଆରଜିଏସ ଯୋଜନାରେ ଗୋଡାବୋଲୁଅ ସଂରକ୍ଷିତ ୧୦ହେକ୍ଟର ଜଙ୍ଗଲରେ ଘଞ୍ଚ ଜଙ୍ଗଲ ସୃଷ୍ଟି କରିବା ନିମନ୍ତେ ଚାରାରୋପଣ କରାଯାଇଥିଲା । ଉକ୍ତ ଜଙ୍ଗଲରେ ୧୬ଲକ୍ଷ ଟଙ୍କା ବ୍ୟୟରେ ଏମଜିଏନଆରଜିଏସ ଯୋଜନାରେ ୧୬ ହଜାର ଚାରା ରୋପଣ କରାଯାଇଥିବା କାଗଜପତ୍ରରେ ଦର୍ଶା ଯାଇଥିବା ବେଳେ ବାସ୍ତବରେ ପ୍ରାୟ ୧୨ଶହ ଗଛ ଲାଗିଥିବା ଏକ ଅନୁସନ୍ଧାନରୁ ଜଣାପଡିଛି । ଉକ୍ତ ସଂରକ୍ଷିତ ଜଙ୍ଗଲରେ ସରକାରଙ୍କର ଗାଇଡ ଲାଇନ ମୁତାବକ ୧୬ ହଜାର ଗଛ ଲଗାଯିବା ପରିବର୍ତ୍ତେ ବାସ୍ତବରେ ସେହି ଅନୁଯାୟୀ ଚାରା ରୋପଣ କରାନଯାଇ କେବଳ କାଗଜ କଲମରେ ଚାରା ରୋପଣ କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି । ଜଙ୍ଗଲ ବିଭାଗ ଜନୈକ ଫରେଷ୍ଟର ମିଶ୍ର ବାବୁ ନିଜେ ଠିକାଦାର କରି ନିଜେ ଅଫିସର ହୋଇ ଟଙ୍କା ଉଠାଣ କରିଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି । ଉକ୍ତ ଗୋଡାବୋଲୁଅ ସଂରକ୍ଷିତ ଜଙ୍ଗଲର ୧୦ହେକ୍ଟର ଜମିରେ ୧୬ ହଜାର ଗଛ ଲଗାଯାଇ କାଗଜପତ୍ରରେ ଦର୍ଶା ଯାଇଥିବା ବେଳେ ଏହାର ତଦନ୍ତ କରାଯିବା ସହିତ ଡ୍ରୋନ କ୍ୟାମେରାରେ ଗଛର ସ୍ଥିତି ଅନୁଧ୍ୟାନ କରାଯିବା ପାଇଁ ଜନ ସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି । ବଳଦିଆବନ୍ଧର ଏହି ଫରେଷ୍ଟର ବାବୁ ବିଭିନ୍ନ ସରକାରୀ ଯୋଜନାରେ ଆସିଥିବା ଲକ୍ଷାଧିକ ଟଙ୍କା ଚଳୁ କରିଥିବା ବେଳେ ଗଛଲଗା ନାମରେ ଉକ୍ତ ଟଙ୍କା ମଧ ହେରଫେର କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଜଙ୍ଗଲ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସବୁ ଜାଣି ନ ଜାଣିବାର ଅଭିନୟ କରୁଥିବା ବେଳେ ଗୋଡାବୋଲୁଅ ସଂରକ୍ଷିତ ଜଙ୍ଗଲରେ ଗଛ ଲଗା ନାଆଁରେ ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି

## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍):ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ସୋମବାର ପାଳନ ହୋଇଯାଇଛି। ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ(ପରିବାର ନିୟୋଜନ) ଡାକ୍ତର ଜୟନ୍ତ କୁମାର ପଣ୍ଡା, ଡିପିଏମ ସରିତା ମହାପାତ୍ର, ଡିଏମଆରସିଏଚ ଜିତେନ୍ଦ୍ର କୁମାର ବିଶ୍ୱାଳ, ରମେଶ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜନବିସ୍ଫୋରଣର କୁପରିଣାମ ଓ ରାଷ୍ଟ୍ର, ପରିବାର ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ନିୟନ୍ତ୍ରଣ ଆବଶ୍ୟକତା ଓ ଉପାୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। 'ଛୋଟ ପରିବାର ସୁଖି ପରିବାର' ଲକ୍ଷ୍ୟ ହାସଲ କରିବାକୁ ଫଳପ୍ରଦ ପ୍ରୟାସ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସଂଖ୍ୟା ନିୟନ୍ତ୍ରଣ ବାର୍ତ୍ତା ପ୍ରତ୍ୟେକ ପରିବାର ଓବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବାକୁ ଉପସ୍ଥିତ ଆଶାକର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଏଡାଇଲା ପଞ୍ଚାୟତ, ଗ୍ରାମବାସୀ କଲେ ରାସ୍ତା ମରାମତି

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍):ଭଣ୍ଡାରିପୋଖରୀ ବ୍ଲକର ନାଆମୀ ପଞ୍ଚାୟତ ଅନ୍ତର୍ଗତ ଶଙ୍ଖୁଳା ବିପର୍ଯ୍ୟସ୍ତ ଗ୍ରାମ୍ୟରାସ୍ତାକୁ ଗ୍ରାମବାସୀମାନେ ମରାମତି କରିଛନ୍ତି। ଛତାବର-ଛଞ୍ଚଣା ପୂର୍ତ୍ତରାସ୍ତାର ଶଙ୍ଖୁଳା ହନୁମାନ ଛକଠାରୁ ଗ୍ରାମକୁ ସଂଯୋଗ କରିଥିବା ଗ୍ରାମର ପୁରାତନ ରାସ୍ତା ଦୀର୍ଘ ଦିନ ହେବ ବିପର୍ଯ୍ୟସ୍ତ ହୋଇପଡିଛି। ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ନିର୍ମାଣ କରାଯାଇଥିଲେ ମଧ ଏହି ରାସ୍ତାକୁ ଇଚ୍ଛାକୃତ ଭାବେ ବାଦ ଦିଆଯାଇଥିଲା। ଏହି ରାସ୍ତା ଉପରେ ୬ଶହ ଲୋକ ଯାତାୟତ ପାଇଁ ନିର୍ଭର କରନ୍ତି। ରାସ୍ତାସାରା ଛୋଟବଡ ଗାଡ଼ ହୋଇ ରାସ୍ତା ଯାତାୟତ ଅନୁପଯୁକ୍ତ ହୋଇପଡିଥିଲା। ଗ୍ରାମବାସୀମାନେ ନାଆମୀ ପୂର୍ବତନ ସରପଞ୍ଚଙ୍କୁ ଏଥିପାଇଁ ଗତ କିଛି ବର୍ଷ ହେବ ଜଣାଇ ମରାମତି ପାଇଁ ବାରମ୍ବାର ନିବେଦନ କରି ବିଫଳ ହୋଇଥିଲେ। ଏବେ ବର୍ଷା ଦିନରେ ରାସ୍ତାର ଅବସ୍ଥା ଅଧିକ ଖରାପ ହେବାରୁ ଗ୍ରାମବାସୀମାନେ ନିଜସ୍ୱ ଅର୍ଥରେ ରାସ୍ତା ମରାମତି କରିବା ଆରମ୍ଭ କରିଛନ୍ତି। କୋଦଣ୍ଡ ନାୟକ, ଭୈରବ ନାୟକ, ନିଶାକର ନାୟକ, ଗୋବର୍ଦ୍ଧନ ଜେନା, ଚୈତନ ଜେନା, ଶତ୍ରୁଘ୍ନ ବେହେରା ପ୍ରମୁଖ କ୍ରସର ଡଷ୍ଟ ବିଛାଇ ମରାମତି କିବା କାର୍ଯ୍ୟ ଜାରି ରଖିଛନ୍ତି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦକ୍ଷିଣ ଓଡିଶାର ଉପକୂଳବର୍ତୀ ଅଞ୍ଚଳ ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପରେ ଗତକାଲି ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଓଡ଼ିଶା ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଅବସ୍ଥିତ ରହିଛି। ଏହା ଦକ୍ଷିଣ-ପଶ୍ଚିମ ଆଡକୁ ଢଳିବା ସହିତ ସମୁଦ୍ର ପତନରୁ ୭.୬ କିଲୋମିଟର ଉଚ୍ଚତାରେ ବିସ୍ତାରିତ ହୋଇ ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହେବାର ସମ୍ଭାବନା ଅଛି।ଏହାର ପ୍ରଭାବରେ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨୪ଘଣ୍ଟା ମଧ୍ୟରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୮ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି କହିଛି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।

# 'ଏବେ ଆକ୍ରାନ୍ତ ପୂର୍ବପରି ଗୁରୁତର ହେଉନାହାଁନ୍ତି'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମଗ୍ର ଦେଶରେ ସଂକ୍ରମଣ ବଢ଼ିଥିବା ବେଳେ ଆମ ରାଜ୍ୟରେ ବି ଏବେ ୫ଶହ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ହେଲେ ଏବେ ଆକ୍ରାନ୍ତ ପୂର୍ବପରି ଗୁରୁତର ହେଉ ନାହାନ୍ତି। ପ୍ରଥମ ଓ ଦ୍ୱିତୀୟ ଲହରରେ ୧୫% ଲୋକ ମେଡିକାଲ ଯାଉଥିଲେ । ଏବେ ୩୩୬୦ ଆକ୍ଟିଭ କେସରୁ ୨୮ ଜଣ ହସ୍ପିଟାଲରେ ରହିଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ସେ କହିଛନ୍ତି ଅଧିକାଂଶ ଲୋକ ବିନା ଲକ୍ଷଣଯୁକ୍ତ ରହୁଥିବା ବେଳେ ଗୁରୁତର ହେଉନାହାନ୍ତି । ଗତ ୪ ମାସ ହେବ ରାଜ୍ୟରେ ଆଉ ଡେଲଟାର ଉପସ୍ଥିତି ନାହିଁ। ମାତ୍ର ଲକ୍ଷଣ ଥିଲେ ପରୀକ୍ଷା କରି ଆଇସୋଲେଟ ହୋଇ ରୁହନ୍ତୁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଆମ ରାଜ୍ୟର ଉପରମୁହାଁ ହେଉଥିବା ଟ୍ରେଣ୍ଡ କିଛି ପରିମାଣରେ ବଢ଼ିବ, ମାତ୍ର ସେପରି ଭୟଙ୍କର ହେବ ନାହିଁ। ଯାହା ଅନୁମାନ କରାଯାଉଛି, ଏହା ବେଶୀ ଦିନ ରହିବ ନାହିଁ। ଖୁବ୍ ଶୀଘ୍ର ତଳମୁହାଁ ହେବ। ଘରୋଇ ହସ୍ପିଟାଲରେ କୋଭିଡ ପରୀକ୍ଷା ଲାଗି ଅଧିକ ଟଙ୍କା ନିଆଯାଉଥିବା ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରତିକ୍ରିୟା ରଖି କହିଛନ୍ତି, ସରକାରୀ ବ୍ୟବସ୍ଥାରେ କୋଭିଡ ପରୀକ୍ଷା ମାଗଣାରେ ହେଉଛି।

ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ସୋମବାର ମୋଟ ୨୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୯୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୯ ହଜାର ୦୬୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୬ ହଜାର ୯୯୭ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୮୫୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୧୮୫ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

**ରାଜଧାନୀରେ ୨୦୩ ପଜିଟିଭ୍ ଚିହ୍ନଟ**

## ୩ୟ ଡୋଜ୍ ଟିକା ମାଗଣା ଦେବାକୁ କେନ୍ଦ୍ରକୁ ଜଣାଇବୁ: ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ସମ୍ମୁଖ ଯୋଦ୍ଧା ଓ ୬୦ ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣା ଟିକା ଦିଆଯାଉଛି । ୧୮ରୁ ୫୯ ବର୍ଷଙ୍କୁ ୩ୟ ଡୋଜ ମାଗଣାରେ ଦିଆଯିବ କି ନାହିଁ କେନ୍ଦ୍ର ସ୍ଥିର କରୁ । ଦରକାର ପଡ଼ିଲେ ୩ୟ ଡୋଜ ମାଗଣା ଦେବା ନେଇ କେନ୍ଦ୍ରକୁ କହିବୁ ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ। ସେ ଆହୁରି କହିଛନ୍ତି ଯେ ଭୁବନେଶ୍ୱର, କଟକ, ପୁରୀ, ରାଉରକେଲାରେ କରୋନା ସଂକ୍ରମଣ ବଢୁଛି । ସ୍ଥିତି ଏବେ ନିୟନ୍ତ୍ରଣରେ ଅଛି, ଆକ୍ଟିଭ କେସ୍ ୩୨୦୦ ପାଖାପାଖି ରହିଛି। ମାତ୍ର ୧ ପ୍ରତିଶତ ଲୋକ ହସ୍ପିଟାଲ୍ ରେ ଭର୍ତି ହୋଇ ଚିକିତ୍ସିତ ହେଉଛନ୍ତି। ୯୯ ପ୍ରତିଶତ ଲୋକ ପୃଥକବାସରେ ରହିଛନ୍ତି। ମାସେ ତଳେ ୧୦ ହଜାର ଟେଷ୍ଟିଂ ହେଉଥିବା ବେଳେ ଏବେ ୧୫ ହଜାର ହେଉଛି। ରବିବାର ଓ ଅନ୍ୟ ଛୁଟି ଦିନରେ ଟେଷ୍ଟିଂ କମ୍ ରହୁଛି । ଆମେ ଦିନକୁ ୨୫ ହଜାର ପର୍ଯ୍ୟନ୍ତ ଟେଷ୍ଟିଂ କରିବାର ଯୋଜନା ରଖିଛୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ।

## ମାନସିକ ଅନଗ୍ରସର ଯୁବତୀ ଜୀବନ୍ତ ଦଗ୍ଧ

କଟକ (ଭାସ୍କର ନ୍ୟୁଜ୍): ସୋମବାର ରାତିରେ କଟକ ସହର ଖଟ୍‌ବିନ୍ ସାହି ଖ୍ରୀଷ୍ଟିଆନ୍ ସାହିରେ ଜଣେ ଯୁବତୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ବାପ-ମା' ପଦାକୁ ଯାଇଥିବାବେଳେ ହଠାତ୍ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଘରେ ଏକୁଟିଆ ରହିଥିବା ତାଙ୍କର ମାନସିକ ଅନଗ୍ରସର ଝିଅ ଏହାକୁ ଲିଭାଇବାରେ ସମର୍ଥ ହୋଇପାରିନଥିଲା। ଫଳରେ ଅଗ୍ନିକାଣ୍ଡରେ ସେ ଜୀବନ୍ତ ଦଗ୍ଧ ହୋଇଥିଲା।

## ୨୩ 'ଫ୍ୟାସନ ସୋ ଇଣ୍ଡିଆ ଫ୍ୟାସନ କାର୍ଣ୍ଣିଭାଲ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାର କଳା ସଂସ୍କୃତିର ପ୍ରଚାର ଓ ପ୍ରସାର ଲାଗି ଉଦ୍ୟମ ଆରମ୍ଭ କରୁଛି। ଏନେଇ 'ଦ ଲିଡିଙ୍ଗ ଏଜ'ପକ୍ଷରୁ ଏକ ରିଏଲିଟି ଶୋ' କରିବାକୁ ଯାଉଛୁ। ଓଡିଶା ହେଉଛି କଳା ସଂସ୍କୃତିର ରାଜ୍ୟ । ଓଡିଶା ସମେତ ଅନ୍ୟ ରାଜ୍ୟର କଳା ସଂସ୍କୃତିକୁ ଜାଣିବା ଓ ଜଣାଇବା ଲାଗି ଆସନ୍ତା ୨୩ ତାରିଖରେ ଏକ 'ଫ୍ୟାସନ ସୋ ଇଣ୍ଡିଆ ଫ୍ୟାସନ କାର୍ଣ୍ଣିଭାଲ'ର ଆୟୋଜନ କରିବୁ। ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ଫ୍ୟାସନ କୋରିଓଗ୍ରାଫର ଲୋକେଶ ଶର୍ମା ଏବଂ ବହୁ ଫ୍ୟାସନ ଡିଜାଇନର ମାନେ ଯୋଗ ଦେବେ ବୋଲି ଅନୁଷ୍ଠାନର ମୁଖ୍ୟ ମହେଶ ଦାଶ କହିଛନ୍ତି। ଲୋକାଲଫରଭୋକାଲଅନୁସାରେ ଆମେ ଗାଁ ଗହଳିର ପ୍ରତିଭାକୁ ଖୋଜିବାର ପ୍ରୟାସ କରୁଛୁ । ଏଠାରେ ନୂତନ ପ୍ରତିଭାଙ୍କ ସମେତ ବିଭିନ୍ନ କଳାକୃତିର ପ୍ରଚାର ଏବଂ ପ୍ରସାର କରାଯିବ ।

## ଜେଇଇ ମେନ୍‌ରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଅଭୂତପୂର୍ବ ସଫଳତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନ୍ୟାସ୍‌ନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍ (ପର୍ଯ୍ୟାୟ-୧) - ୨୦୨୨ ପରୀକ୍ଷାରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ କୃତିତ୍ୱ ହାସଲ କରି ବିଦ୍ୟାଳୟକୁ ସବୁବର୍ଷ ପରି ଗୌରବମଣ୍ଡିତ କରିଛନ୍ତି। କୋଣ୍ଡାପଲ୍ଲୀ ମୋହନ ବାଲ୍‌ସୁବ୍ରମଣ୍ୟମ୍ (୯୯.୯୬), ମନିଷା ସାହୁ (୯୯.୮୨), ସାର୍ଥକ ପଣ୍ଡା (୯୯.୭୭) ର୍‍ୟାଙ୍କ୍ ରଖି ବିଦ୍ୟାଳୟସ୍ତରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକୃତ କରିଛନ୍ତି। ୭ ଜଣ ଛାତ୍ରଛାତ୍ରୀ ୯୯ ପରସେଣ୍ଟାଇଲ ଉପରେ ସ୍ଥାନ ପାଇଥିବା ବେଳେ ୧୨ ଜଣ ଛାତ୍ରଛାତ୍ରୀ ୯୮ ପରସେଣ୍ଟାଇଲ୍ ଉପରେ ଅଛନ୍ତି ତଥା ଏହି ପରୀକ୍ଷାରେ ୩୦ ଜଣ ଛାତ୍ରଛାତ୍ରୀ ୯୫ ପରସେଣ୍ଟାଇଲ୍ ଉପରେ ଅଛନ୍ତି । ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷା-ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଓଓ) ଶ୍ରୀଯୁକ୍ତ ସ୍ୱୟନ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଓଡ଼ିଆ ସଂସ୍କରଣ 'ଅମିତ ଶାହ ଓ ବିଜେପିର ଯାତ୍ରା' ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଉପରେ ଲିଖିତ 'ଅମିତ ଶାହ ଓ ବିଜେପିର ଯାତ୍ରା' ପୁସ୍ତକଟି କେବଳ ଜଣେ ବ୍ୟକ୍ତିର ପ୍ରଶଂସା ପାଇଁ ନୁହେଁ ବରଂ ଗୋଟିଏ ବିଚାରଧାରା ଓ ଜଣେ କାର୍ଯ୍ୟକର୍ତ୍ତାର କାହାଣୀ ବୋଲି ସୋମବାର ଭୁବନେଶ୍ୱର ଠାରେ ଏହି ପୁସ୍ତକକୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ସାମ୍ବାଦିକ ସ୍ୱପନ ଦାସଗୁପ୍ତା, ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ପୁସ୍ତକର ଲେଖକ ଅନିର୍ବାଣ ଗାଙ୍ଗୁଲି ଏବଂ ଶିବାନନ୍ଦ ଦ୍ୱିବେଦୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ସ୍ତମ୍ଭକାର, ସାମ୍ବାଦିକମାନେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ ।






୧ମ ସପ୍ତାହର ପ୍ରଥମ ବିଜେତା ଆଶିଷ୍ କୁମାର ଦାଶ
୧ମ ସପ୍ତାହର ଦ୍ୱିତୀୟ ବିଜେତା ସାନ୍‌ଭି ସୂର୍ଯ୍ୟନଶ୍ରୀ ଦାସ
୧୩ତମ କଟନଫ୍ୟାବର ସେକ୍ରେଟାରୀ ଜାଭେଦ୍ ଆଲାମ୍‌ଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି

## ସମାଜ ସେବା କ୍ଷେତ୍ରରେ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟ ଅଗ୍ରସର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସେବା ଓ ସାମାଜିକ ପ୍ରତିବଦ୍ଧତା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟ ସମାଜ ସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର କାର୍ଯ୍ୟଧାରା ଜାରି ରଖିଛି । ସୋମବାର ଡୁଡ୍‌ନୁ ଫାଉଣ୍ଡେସନର ସକ୍ରିୟ ସଦସ୍ୟ ତଥା ଯୁବ ସମାଜସେବୀ ତାରିଣୀ ପ୍ରସାଦ ସାମନ୍ତରାୟଙ୍କ ଜନ୍ମଦିନକୁ ନିଆରା ଢ଼ଙ୍ଗରେ ପାଳନ କରାଯାଇଛି । ଭରତପୁର ସ୍ଥିତ ଇଣ୍ଡିଆନ୍ ଚାରିଟି ଫାଉଣ୍ଡେସନ ଟ୍ରଷ୍ଟରେ ଦିବ୍ୟାଙ୍ଗ ଓ ଦୃଷ୍ଟି ବାଧିତ ପିଲାଙ୍କ ଗହଣରେ ଏହି ଜନ୍ମଦିନ ପାଳନ କରାଯାଇଥିଲା । ଏଠାରେ ସମସ୍ତ ଅନ୍ତେବାସୀମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରଯାଇଥିଲା। ଏହି ଦିବ୍ୟାଙ୍ଗ ଓ ଦୃଷ୍ଟି ବାଧିତ ମାନଙ୍କ ଦ୍ୱାରା ମନଲୋଭା ସଙ୍ଗୀତ କାର୍ଯ୍ୟକ୍ରମ ସମସ୍ତଙ୍କ ମନକୁ ଛୁଇଁଥିଲା । ଡୁଡ୍‌ନୁ ଫାଉଣ୍ଡେସନର ଅଧକ୍ଷା ଡ଼ଃ ବନ୍ଦନା ହରିଚନ୍ଦନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଯୁବପିଢ଼ିଙ୍କୁ ଏଭଳି କାର୍ଯ୍ୟ କରିବାକୁ ସେ ଅନୁପ୍ରାଣିତ କରିଥିଲେ । ଏହି ଅବସରରେ ତାରିଣୀ ପ୍ରସାଦଙ୍କ ସହ ବନ୍ଧୁ ପ୍ରିୟଙ୍କା ବେହେରା, ଧରିତ୍ରୀ ସେଠି ଓ ମୃତ୍ୟୁଞ୍ଜୟ ବେହେରା ଉପସ୍ଥିତ ଥିଲେ। ଅନୁଷ୍ଠାନର ଜିବିତେସ ବେହେରା, ରୁଦ୍ର ପ୍ରସାଦ ପଣ୍ଡା, ରାକେଶ ପ୍ରଧାନ, ରାଜେଶ କୁମାର ସାହୁ, ଲୋପାମୁଦ୍ର ସାମନ୍ତରାୟ, ସଂପାଦକ ରୋସନ୍ ଅଲି ବେଗ୍, ଡୁଡ୍‌ନୁଙ୍କ ସମେତ ନିର୍ଦ୍ଦେଶକ ସଞ୍ଜିବ୍ କୁମାର ହରିଚନ୍ଦନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ ।

## ମତ୍ସ୍ୟଚାଷରେ ବିବିଧିକରଣକୁ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ

- **ପୋଷଣୀୟ ମାଛଚାଷ ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ ପ୍ରଦାନ**
- **ଗତବର୍ଷ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଦେଶର ଚତୁର୍ଥରେ ରହିଥିଲା**

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଛଚାଷରେ ବିବିଧିକରଣ କରି ବିଭିନ୍ନ ପ୍ରଜାତିର ମାଛଚାଷ ସହିତ ସର୍ବୋତମ ପରିଚାଳନା ବ୍ୟବସ୍ଥାକୁ ଆପଣାଇ ମାଛ ଉତ୍ପାଦନ ବୃଦ୍ଧି ଓ ରପ୍ତାନୀ ସହିତ ପରିବେଶ ଅନୁକୂଳ ଓ ପୋଷଣୀୟ ମାଛଚାଷ ଉପରେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ସୋମବାର କୃଷି ଭବନଠାରେ ଭାରତ ସରକାରଙ୍କ ସାମୁଦ୍ରିକ ଉତ୍ପାଦ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷର ସୁବର୍ଣ୍ଣ ଜୟନ୍ତୀ ଏବଂ ରାଜୀବ ଗାନ୍ଧୀ ଜଳକୃଷି କେନ୍ଦ୍ରର ରୌପ୍ୟ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ସହଯୋଗରେ ଆୟୋଜିତ 'ଜଳକୃଷିର ବିବିଧିକରଣରେ ଗିଫ୍‌ଟ ତିଲାପିଆକୁ ସ୍ୱତନ୍ତ୍ର ଗୁରୁତ୍ୱ' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଗତବର୍ଷ ଓଡ଼ିଶା ମୋଟ ୯.୯୧ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦନ କରି ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାବେଳେ ରେକର୍ଡ ୪୫୬୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନୀ କରିଥିଲା । ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ସଚିବ ଆର. ରଘୁପ୍ରସାଦ କହିଲେ ଯେ ମତ୍ସ୍ୟଚାଷୀଙ୍କ ସଶକ୍ତିକରଣ ନିମନ୍ତେ ବିଭାଗ ପକ୍ଷରୁ ଅନେକ ପ୍ରକାର ରିହାତି ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ରାଜୀବ ଗାନ୍ଧୀ ଜଳକୃଷି କେନ୍ଦ୍ରର ସଭାପତି ଡ. କେ. ଏନ୍. ରାଘବନ୍ କର୍ମଶାଳାରେ ଅଧକ୍ଷତା କରି ମାଛଚାଷ କ୍ଷେତ୍ରରେ ଓ ମାଛଚାଷରେ ବିବିଧିକରଣ ଆଣିବା ଦିଗରେ କର୍ତୃପକ୍ଷ ଓ ଜଳକୃଷି କେନ୍ଦ୍ର ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସଂପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ କହିଲେ ଯେ ହୀରାକୁଦ ଜଳଭଣ୍ଡାର ସମେତ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ କେଜ କଲଚର ପଦ୍ଧତିରେ ଅତିରିକ୍ତ ୧.୨୫ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ କରିବାର ସୁଯୋଗ ରହିଛି । କର୍ମଶାଳାରେ କର୍ତୃପକ୍ଷର ନିର୍ଦ୍ଦେଶକ ଡ. ଏମ୍. କାର୍ତିକେୟନ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମାଛଚାଷ ବିବିଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଟି.ଜି. ମନୋଜକୁମାର, ଡ. ଅନୁପ ମଣ୍ଡଳଙ୍କ ସମେତ ଶିବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କିଛି ଭୁଲ କରିନାହାନ୍ତି ତ ସିବିଏସ୍‌ଇ କର୍ତ୍ତୃପକ୍ଷ !

## ସିବିଏସ୍‌ଇ ପରୀକ୍ଷା ଫଳ ବିଳମ୍ବକୁ ନେଇ ଅସନ୍ତୋଷ

- **ନିଜ ସ୍କୁଲ କିପରି ଭଲ ଫଳ କରିବ ସେନେଇ ଉଦ୍ୟମରତ**
- **ଅଭିଭାବକ ମାନଙ୍କୁ ମନାଇ ଆଡ୍‌ମିଶନ ଉପରେ ଗୁରୁତ୍ୱ**
- **ଓଡ଼ିଶାରେ କେବେ ଫଳ ପ୍ରକାଶ ପାଇବ !**




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତକୁ ନେଇ ଏବେ ଉଠିଲା ପ୍ରଶ୍ନ। କାହିଁକି ବିଳମ୍ବ ହେଉଛି ପରୀକ୍ଷା ଫଳ ? କିଛି ଭୁଲ କରି ନାହାନ୍ତି ତ ସିବିଏସ୍‌ଇ କର୍ତ୍ତୃପକ୍ଷ। ଯେତେ ଦିନ ଗଡୁଛି ଏହିଭଳି ବିଭିନ୍ନ ପ୍ରକାରର ପ୍ରଶ୍ନ ଏବେ ଅବିଭାବକ ମହଲରେ ଚର୍ଚ୍ଚା ଜୋର ଧରିଛି। ଆଜି ପ୍ରର୍ଯ୍ୟନ୍ତ ପ୍ରଥମେ ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତ ହୁଏ କିନ୍ତୁ ଚଳିତ ବର୍ଷ ଏହାର ବିଡମ୍ବନା ଦେଖାଦେଇଛି। ପୁଣି କେନ୍ଦ୍ର ସରକାର ଶିକ୍ଷା ବିଭାଗ କହିଲାନି ଏଥର୍ ଗୋଟିଏ ପରୀକ୍ଷା ହେବ। ଆଉ ଟର୍ମ ୧ ଓ ଟର୍ମ ୨ ହେବ ନାହିଁ। ଛାତ୍ର ଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି କି ସରକାର । ଏହି ପିଲାମାନଙ୍କ ଉପରେ ଟର୍ମ ୧ ଓ ଟର୍ମ ୨ ପରୀକ୍ଷା କରୁଥିଲେ। ରାଜଧାନୀ ଭୁବନେଶ୍ୱରର କିଛି ପ୍ରତିଷ୍ଠିତ ସ୍କୁଲ୍ ଟର୍ମ ୧ ନିଜ ସ୍କୁଲରେ ପରୀକ୍ଷା ହେଉଥିବାରୁ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କୁ ସମସ୍ତ ଉତ୍ତର ଡାକି ଦେଇଥିଲେ। ନିଜ ସ୍କୁଲ କିପରି ଭଲ ଫଳ କରିବ ଓ ଅଭିଭାବକ ମାନଙ୍କ ଠାରୁ ଶୋଷି କି ଟଙ୍କା ଆଦାୟ କରି ଆଡିମିଶନ୍ କରିବେ, ସେଥିପାଇଁ ସ୍କୁଲ୍ କର୍ତ୍ତୃପକ୍ଷ ବ୍ୟସ୍ତ। କେନ୍ଦ୍ର ଶିକ୍ଷା ବିଭାଗ ମନ୍ତ୍ରୀ ଆମ ଓଡିଶାର ହେଉଥିବାରୁ ତୁରନ୍ତ ପରୀକ୍ଷା ଫଳ କେବେ ପ୍ରକାଶିତ ହେବ ଘୋଷଣା କରନ୍ତୁ । ଟର୍ମ ୧ ଓ ଟର୍ମ ୨ର କେତେ ମାର୍କକୁ ନେଇ ଫଳ ପ୍ରକାଶ ପାଇବ ତାହା ମଧ୍ୟ ଘୋଷଣା କରନ୍ତୁ । ପୂର୍ବରୁ ଟର୍ମ ୧ରେ ଓଡ଼ିଆ ପ୍ରଶ୍ନକୁ ନେଇ ଗ୍ରେସ୍ ମାର୍କ ମିଳିଥିବା ବେଳେ ବିଜେଇଏମ୍ ସ୍କୁଲର ବହୁତ୍ ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହେଉଛନ୍ତି ବୋଲି ସ୍କୁଲ୍ ଛାତ୍ରୀ ସ୍ମୃତି ଆୟୋନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବିଜେଇଏମ୍ ସ୍କୁଲ କର୍ତ୍ତୃପକ୍ଷ କହୁଛନ୍ତି କେତେ ମାର୍କ ଗ୍ରେସ ଦିଆଯାଇଛି ତାଙ୍କ ପାଖରେ କିଛି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ଦୀର୍ଘ ଦିନ ଧରି ପିଲାମାନେ ପାଠପଢାରୁ ବଞ୍ଚିତ ଅଛନ୍ତି। ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇ ସାରିଥିବାରୁ ବର୍ତ୍ତମାନ ପରିସ୍ଥିତିରେ +୨ରେ ସିଟ କମ୍‌ଥିବାରୁ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସମସ୍ୟା ଦେଇ ଗତି କାରିବେ। କିଛି ବଡ ବଡ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଇଙ୍ଗିତରେ ପରୀକ୍ଷା ଫଳ ପ୍ରକାଶିତ ହେଉଛି ବୋଲି ଅଭିଯୋଗ ହେଉଛି । ତୁରନ୍ତ ପିଲାଙ୍କୁ ଉଚିତ୍ ନ୍ୟାୟ ଦେଇ ପରୀକ୍ଷା ଫଳ ପ୍ରକାଶ କରିବାକୁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି।

**ଏକାଦଶାହରେ ଶ୍ରଦ୍ଧାଞ୍ଜଳି**

## 'ଅଶୋକଙ୍କ କାର୍ଯ୍ୟଶୈଳୀ ଅନୁକରଣୀୟ ହୋଇ ରହିବ'



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଫଟୋ ସାମ୍ବାଦିକ ଅଶୋକ ପଣ୍ଡା ଆଉ ନାହାନ୍ତି ହେଲେ ତାଙ୍କ କାର୍ଯ୍ୟଦକ୍ଷତାର ଶୈଳୀ ଓ ଭାଇଚାରାର ମନୋଭାବନା ଆଜି ସାମ୍ବାଦିକଙ୍କ ମହଲରେ ଅନୁକରଣୀୟ ହୋଇ ରହିବ ବୋଲି ଏଠାରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ୱର୍ଗତଃ ପଣ୍ଡାଙ୍କର ଏକଦଶାହ ଅବସରରେ ସମୟ' ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଅଶୋକଙ୍କ ସ୍ମୃତିଚାରଣ କରି 'ସମୟ' ପରିଚାଳନା ସମିତିର ଅଧକ୍ଷ ଚିରଞ୍ଜିବୀ ବିଶ୍ୱାଳ ଅଶୋକଙ୍କୁ ଜଣେ ଦକ୍ଷ, ଦୃଢ଼ମନା ଓ ନିଷ୍ଠାପର ଫଟୋ ସାମ୍ବାଦିକ ଭାବେ ଅଭିହିତ କରିଛନ୍ତି। ଏଥିସହ ତାଙ୍କ ଦ୍ୱାରା ୧୯୯୯ ମସିହା ମହାବାତ୍ୟା ସଂପର୍କିତ ଫଟୋ ପ୍ରଦର୍ଶନୀ ତାଙ୍କ ଦକ୍ଷତାର ପ୍ରମାଣ ଦିଏ ବୋଲି ସେ କହିଥିଲେ। ତାଙ୍କ ଅବର୍ତ୍ତମାନରେ 'ସମୟ' ତାଙ୍କ ପରିବାର ପଛରେ ଠିଆହେବ ଓ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସୁରେଶ କୁମାର ରାଉତରାୟ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଓଡ଼ିଶା ଭାସ୍କରର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ବିଧାୟକ ମୋହମ୍ମଦ ମୋକିମ୍, ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବିଶିଷ୍ଟ ସମାଜସେବୀ ଡ. ବନ୍ଦନା ହରିଚନ୍ଦନ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। 'ସମୟ'ର ବାର୍ତ୍ତା ସଂପାଦକ ପପୁ ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଧାନସଭା ଘେରିଲା ଏବିଭିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାମ୍ପସରେ ବିଦ୍ୟାର୍ଥୀ ମାନଙ୍କ ସୁରକ୍ଷା ଦାବି କରି ଶତାଧିକ କାର୍ଯ୍ୟକର୍ତା ମାନେ ସୋମବାର ବିଧାନସଭା ଘେରାଉ କରିଛନ୍ତି। ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ରୁଚିକା ମହାନ୍ତିର ଆତ୍ମହତ୍ୟାରେ ସଂପୃକ୍ତ ଦୋଷୀ ମାନଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଏବିଭିପି । ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳାର ଛାତ୍ରୀ କଟକ ଆଠଗଡର ରୁଚିକା ମହାନ୍ତି ବିଜେବି କଲେଜର ଛାତ୍ରୀ ନିବାସରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି । ୩ ସିନିୟର ଛାତ୍ରୀଙ୍କ ମାନସିକ ନିର୍ଯାତନା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା କରିବାକୁ ବାଧ ହେଲା ବୋଲି ସେ ତାଙ୍କ ସୁଇସାଇଡ୍ ନୋଟରେ ଉଲେଖ ଥିବା ଜଣାପଡିଛି । ମହାବିଦ୍ୟାଳୟ ପରିସରରେ ସଠିକ୍ ଆଣ୍ଟି ରାଗିଙ୍ଗ ଟିମ୍ ଓ ଛାତ୍ରୀ ମାନଙ୍କ ପାଇଁ କାଉନସିଲର ବ୍ୟବସ୍ଥା ନ ଥିବାରୁ ଏଭଳି ଅଭବାନିୟ ଘଟଣା ଘଟିଛି । ପ୍ରତ୍ୟେକ ବର୍ଷ ରାଜ୍ୟରେ ବିଭନ୍ନ ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଆତ୍ମହତ୍ୟା ବଢି ବଢି ଚାଲିଛି । କୌଣସି କଲେଜ ପରିସରରେ ଆତ୍ମହତ୍ୟା ପଛରେ ସରକାର ଦଳର ନେତା ବା ମୁଖିଆ ମାନଙ୍କର ହାତ ରହୁଛି । ସେମାନଙ୍କୁ ଏସାହସ ଦଉଛି କିଏ ନା ଏ ଶିକ୍ଷା ବିରୋଧୀ ରାଜ୍ୟ ସରକାର ଜାଣି ଶୁଣି ଏ ଘଟଣା ଘଟାଇବାକୁ ପ୍ରଶୟ ଦେଉଛନ୍ତି ଯେ ଓଡିଶାର ଛାତ୍ର ଛାତ୍ରୀ ମାନେ ଶିକ୍ଷତ ହେବାରୁ ବଞ୍ଚିତ ରୁହନ୍ତୁ ବୋଲି ଯୋଜନା କରୁଛନ୍ତି । କିଛି ଦିନ ଭିତରେ କଟକର ଏସ୍‌ସିବି ମେଡିକାଲର ଛାତ୍ରୀ, କଳାହାଣ୍ଡିର ଅଧାପିକା ମମିତା ମେହେର, ବଲାଙ୍ଗୀର ମେଡିକାଲ ଛାତ୍ର ଆତ୍ମହତ୍ୟା ପଛରେ ସରକାରଙ୍କର ମୁଖିଆ ମାନଙ୍କର ହାତ ଅଛି ଜଣାପଡିଲା ପରେ ମଧ ସରକାର ବଦନାମ ହେବା ଭୟରେ ରାଜ୍ୟସରକାର ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛନ୍ତି । ରାଜ୍ୟ ସରକାର ଏ ସମସ୍ତ ବିଷୟ ପ୍ରତି ଧ୍ୟାନ ନଦିଅନ୍ତି ବା ଯଦି ଭଉଣୀ ରୁଚିକାର ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନିଆଯାଏ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସାରା ରାଜ୍ୟରେ ଏ ଶିକ୍ଷା ବିରୋଧୀ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ରାଜ୍ୟବ୍ୟାପି ଆନ୍ଦୋଳନ କରିବ। ରାଜ୍ୟରେ ପ୍ରତ୍ୟକ କଲେଜରେ ଛାତ୍ରୀ ମାନଙ୍କ ପାଇଁ ୫ ଜଣିଆ ଟିମ ତିଆରି ହେବା ସହ ରୁଚିକାର ଆତ୍ମହତ୍ୟା ସହିତ ଜଡିତ ଥିବା ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଏବିଭିପି ଦାବି କରିଛି।



## ରୁଚିକାର ମା'କୁ ଅନଶନ ସ୍ଥଳରୁ ଉଠାଇ ନେବା ଅଗଣତାନ୍ତ୍ରିକ: କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରକାଶଥାଉକି ନବନିର୍ମାଣ ଛାତ୍ର ସଂଗଠନ ଓ ଅନ୍ୟ ଛାତ୍ରନେତା ମାନେ ବିଜେବି କଲେଜ ସାମନାରେ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସପ୍ତାହେ ଧରି ଧାରଣା ଓ ଅନଶନ କରି ଆସୁଥିଲେ। ଆଜି ରୁଚିକାର ଶୁଦ୍ଧିକ୍ରିୟା କରିବା ପାଇଁ ଘୋଷଣା କରାଯାଇଥିଲା। ଏହାକୁ ବରଦାସ୍ତ ନକରି ସରକାର ପୋଲିସ ଜରିଆରେ ସମସ୍ତଙ୍କୁ ଅଚାନକ ଭାବେ ଜୋର ଜବରଦସ୍ତ ସକାଳୁ ଉଠାଇନେବା ଏକ ଅଗଣତାନ୍ତ୍ରିକ ପଦକ୍ଷେପ ବୋଲି କଂଗେଅସ ଉପସଭାପତି ଶିବାନନ୍ଦ ରାୟ ପ୍ରକାଶ କରିଛନ୍ତି। ଛାତ୍ର ସମାଜର ନ୍ୟାର୍ଯ୍ୟଦାବି ପାଇଁ ଆନ୍ଦୋଳନକୁ ଦମନ କରିବାକୁ ପୋଲିସର ଏଭଳି ଅତ୍ୟାଚାରକୁ ବରଦାସ୍ତ କରାଯିବ ନାହିଁ। ତୁରନ୍ତ ସେମାନଙ୍କୁ ଧାରଣାସ୍ଥଳରେ ପହଁଞ୍ଚାଇବା ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି ଏବଂ ପୋଲିସ ଠିକ୍ ଭାବରେ ତଦନ୍ତ ନକରି ଛାତ୍ର ସମାଜ ଓ ଅଭିଭାବକମାନଙ୍କୁ ଭୁଆଁ ବୁଲାଉଛି। ଏହାର ଠିକ୍ ପଦକ୍ଷେପ ନନେଲେ ଯେକୌଣସି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହେବ ତାହାକୁ କଂଗ୍ରେସ ସମର୍ଥନ କରିବ।



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ପୌର ପରିଷଦ ର ସାଂସଦ ପ୍ରତିନିଧି ଭାବେ ଚୟନ ହେଲେ ଶ୍ରୀ କୃଷ୍ଣ ଚନ୍ଦ୍ର ପାଳ । ଶ୍ରୀ ପାଳ ପୂର୍ବରୁ ମାଲକାନଗିରି ପୌରପରିଷଦର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଅବସର ପରେ ବିଜୁ ଜନତା ଦଳରେ ସକ୍ରିୟ ରୂପେ କାର୍ଯ୍ୟ କରୁଥିଲେ । ତାଙ୍କର କାର୍ଯ୍ୟ ଓ ନିଷ୍ଠା କୁ ଦୃଷ୍ଟିରେ ରଖି ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ତାଙ୍କୁ ମାଲକାନଗିରି ପୌରପରିଷଦ ର ପ୍ରତିନିଧି ଭାବେ ଚୟନ କରିଛନ୍ତି । ଏହାପରେ ଶ୍ରୀ ପାଳ ଆଜି ମାଲକାନଗିରି ପୌର ପରିଷଦ କୁ ଯାଇ ସେଠାରେ ମାଲକାନଗିରି ପୌରାଧ୍ୟକ୍ଷ ମନୋଜ ବାରିକ ଓ ମାଲକାନଗିରି ପୌରପରିଷଦର ନିର୍ବାହୀ ଅଧିକାରୀ ତ୍ରିଶୂଳ ମାରଡିଙ୍କ କାର୍ଯ୍ୟାଳୟ ଠାରେ ସାକ୍ଷାତ କରିଥିଲେ ।

## ରାୟଗଡା ଜିଲ୍ଲାପାଳଙ୍କ କଲ୍ୟାଣସିଂହପୁର ବ୍ଲକ୍‌ରେ ଅଭିଯୋଗ ଶୁଣାଣି



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ) : ଆଜି ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣ ସିଂହପୁର ବ୍ଲକଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ୱଧା ଦେବସିଂହ,ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ରାୟଗଡ ଭୀମସେନ ଶବର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଏଲ.ଏନ ପୃଷ୍ଟି, ଗ୍ରାମୀୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ପ୍ରକଳ୍ପ ପ୍ରଶାସକ,ସମ୍ମାନିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ,ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ର ପ୍ରକଳ୍ପ ପ୍ରଶାସକ ପଦ୍ମ ଚରଣ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ରାୟଗଡ, ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବକ୍ଷଗ,ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭିକ୍ଟରିଆ କୁଲ,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅଧକ୍ଷକ୍ଷ ପଞ୍ଚାୟତ ସମିତି ଅମରିତା କାଦ୍ରକ୍ଷକା, ଉପାଧକ୍ଷ ଡମ୍ବରୁ କଂଜାକା, ବିଡ଼ିଓ ତାପସ କୁମାର ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ସୁଧାକର ରଇତ, ତହସିଲଦାର , ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଆଜି ମୋଟ ୫୮ଟି ଅଭିଯୋଗ ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା କ୍ଷ ସେଠି ମଧ୍ୟରୁ ୪୬ଟି ବ୍ୟକ୍ତିଗତ ହୋଇଥିବା ବେଳେ ୯ଟି ସାମୁହିକ ଅଭିଯୋଗ ଆସିଥିଲା ଏବଂ ୩ଗୋଟି ଆର୍ଥିକ ସହାୟତା ନିମନ୍ତେ । ସ୍ୱାସ୍ଥ୍ୟ ଗତ ସମସ୍ୟା ନିମନ୍ତେ ଜଣକୁ ୨୦ହଜାର,ଆଉ ଜଣକୁ ୧୫ହଜାର ଓ ଅନ୍ୟ ଜଣକୁ ୭୫୦୦/- ମୋଟ ୪୨୫୦୦/-ଟଙ୍କା ସହାୟତା ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀମତୀ ଦେବସିଂ ଏହାପରେ କଲ୍ୟାଣ ସିଂପୁର ବ୍ଲକର ପାରସାଲିରେ ଅବସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପରିଦର୍ଶନ କରିଥିଲେ। ସେଠାରେ ୨୦ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ପାରସାଲିରେ ଥିବା ସରକାରୀ ବାଳିକା ବିଦ୍ୟାଳୟ ଶ୍ରେଣୀ ଗୃହକୁ ପରିଦର୍ଶନ କରି ଛାତ୍ରିମାଙ୍କ ସହ ଆଲୋଚନା କରିଥିଲେ। ଏହି ବିଦ୍ୟାଳୟ କୁ ୫-ଟି ଅନ୍ତର୍ଗତ ରୂପାନ୍ତରିତ କରିବାକୁ ପ୍ରସ୍ତାବ ରହିଛି ଏବଂ ବିଦ୍ୟାଳୟର ଖେଳ ପାଡ଼ିଆ ପୁନ୍ନର୍ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୁନାଖଣ୍ଡି ଗ୍ରାମକୁ ଯାଇ ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଉଥିବା ଓଡିଶା ଜୀବିକା ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଚାରା କେନ୍ଦ୍ର ଓ କୁକୁଡ଼ା ପାଳନ କେନ୍ଦ୍ର ପରିଦର୍ଶନ କରିବାସହ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଲୋଚନା କରିଥିଲେ। ଗ୍ରାମର ପୁରୁଣା ଅଙ୍ଗନ ବାଡ଼ି କେନ୍ଦ୍ରର ନବୀକରଣ ନିମନ୍ତେ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ଜରୁରୀକାଳିନ ବୈଠକ




ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାରେ ଲଗାତର ଏବଂ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହି ଆକଳନର ସଠିକ ରୂପାୟନ ହେଲେ ଜିଲ୍ଲାର ତଳିଆ ଅଞ୍ଚଳଗୁଡିକରେ ବନ୍ୟା ପରିସ୍ଥିତି ଦେଖାଯିବ । ଏଣୁ ଏହାର ମୁକାବିଲା ନିମନ୍ତେ ଓସ୍ୱାନ ହଲରେ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ପରିଡା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଲାଇନ୍ ବିଭାଗୀୟ ଅଧିକାରୀ ମାନଙ୍କୁ ନିଜ ନିଜ ଅଞ୍ଚଳ ପ୍ରତି ନଜର ରଖି ସଜାଗ ରହିବା ପାଇଁ କୁହାଯାଇଛି । ଅପହଞ୍ଚ ଇଲାକାରେ ରହୁଥିବା ଗର୍ଭବତୀ ମହିଳା ମାନଙ୍କ ଯତ୍ନ ଓ ଆଗାମୀ ପନ୍ଦର ଦିନ ମଧ୍ୟରେ ପ୍ରସବ ହେବାକୁ ଥିବା ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟକୁ ସ୍ଥାନାନ୍ତରୀତ କରିବା ଦିଗରେ ପଦକ୍ଷେପ ନେବାପାଇଁ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ସମସ୍ତ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ସଂପୃକ୍ତ ଅଧିକାରୀ ମାନଙ୍କୁ ତଥ୍ୟ ପ୍ରଦାନ ଓ ପୂର୍ବ ପ୍ରସ୍ତୁତି କରି ରହିବା ପାଇଁ ମତ ପୋଷଣ କରିଥିଲେ । ଜିଲ୍ଲାରେ ଜଳ ସଂରକ୍ଷଣ ନିମନ୍ତେ ଥିବା ସମସ୍ତ ଡ୍ୟାମ୍ ର ଜଳ ଧାରଣ କ୍ଷମତା ଉପରେ ନଜର ରଖି କ୍ଷମତା ଠାରୁ ଅଧିକ ହେଲେ ତାହାର ନିଷ୍କାସନ ଦିଗରେ ପଦକ୍ଷେପ ନେବାପାଇଁ କୁହାଯାଇଛି । ପୂର୍ବ ନିର୍ଦ୍ଦେଶ ପ୍ରକାରେ ମିଳିତ ଯୁଗ୍ମ ଅନୁଧ୍ୟାନ ଶେଷ ହୋଇଛି, ତଥାପି ଚଳିତ ବର୍ଷାର ରୂପରେଖକୁ ନେଇ ପୁନର୍ବାର ଅନୁଧ୍ୟାନ କରିବା ପାଇଁ କୁହାଯାଇଛି । ଘୋଡାହାଡ, ବାଘଲଟି, ଧନେଇ, ଡହ, ବାଘୁଆ ଇତ୍ୟାଦି ଡ୍ୟାମ୍ ଗୁଡିକର ସ୍ଥିତି ଠିକ୍ ରହିଥିବା ସଂପୃକ୍ତ ଯନ୍ତ୍ରୀଗଣ ଅବଗତ କରାଇଥିଲେ । ଆବଶ୍ୟକ ସ୍ଥଳେ ତଳିଆ ଅଞ୍ଚଳର ଲୋକଙ୍କୁ ସୂଚନା ପ୍ରଦାନ କରାଯାଇ ଧିମା ଗତିରେ ଜଳ ନିଷ୍କାସନ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ବନ୍ୟାପରିସ୍ଥିତିରେ ମୁକାବିଲା ନିମନ୍ତେ ଚୁଡା, ଗୁଡ, ଚାଉଳ, କିରୋସିନି ଇତ୍ୟାଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଯୁଦ ରହିଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଜଣାଇଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ରହ୍ମପୁର, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଚାରିଗୋଟି ଜୋନ୍ ରେ ବିଭକ୍ତ କରାଯାଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ଏବଂ ସେମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି । ଜନଜୀବନ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଔଷଧ, ଓ.ଆର୍.ଏସ୍., ହାଲୋଜେନ୍ ବଟିକା ଯଥେଷ୍ଟ ପରିମାଣରେ ଗଚ୍ଛିତ ଥିବା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଅବଗତ କରାଇଥିଲେ । ପଶୁସମ୍ପଦର ସୁରକ୍ଷା ନିମନ୍ତେ ସମସ୍ତ ପ୍ରକାର ଔଷଧ ମହଯୁଦ ଥିବା ଏବଂ ସମ୍ଭାବ୍ୟ ବର୍ଷାକୁ ଲକ୍ଷ୍ୟରଖି ତଳିଆ ଅଞ୍ଚଳରେ ରହୁଥିବା ପଶୁ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ ରାସ୍ତା ଓ କୋଠାବାଡି ବିଭାଗ, ଓଡ୍ରାଫ୍ ଟିମ୍, ବିଦ୍ୟୁତ୍ ବିଭାଗ ଇତ୍ୟାଦି ର ପୂର୍ବ ପ୍ରସ୍ତୁତି କିଭଳି ରହିଛି ସେସମ୍ପର୍କରେ ଆଲୋଚନା କରାଯାଇଛି । ଦୁର୍ବଳ ରହିଥିବା କଚ୍ଚା ଘର ଗୁଡିକୁ ଚିହ୍ନଟ, ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳରେ ରହିଥିବା ସାମଗ୍ରୀ ଓ ଯନ୍ତ୍ରାଂଶ ଗୁଡିକୁ କାର୍ଯ୍ୟକ୍ଷମ କରି ରଖିବା ପାଇଁ କୁହାଯାଇଛି । ବନ୍ୟାଜନିତ କ୍ଷୟକ୍ଷତିର ଆକଳନ କରିବା ନିମନ୍ତେ ପୂର୍ବରୁ ପ୍ରସ୍ତୁତ ରହିବା ପାଇଁ ସମସ୍ତ ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ କୁହାଯାଇଛି । ସମସ୍ତ ବିଭାଗରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲି ସଜାଗ ରହିବା ପାଇଁ କୁହାଯାଇଛି । ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ୍ୱ କିର୍ତ୍ତୀ ୱାସନ୍, ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଉପ ଜିଲ୍ଲାପାଳ ଛତ୍ରପୁର ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଟାଟା ପାଓ୍ୱାର ପକ୍ଷରୁ ଆଶିଷ ପୁରସ୍କୃତ



କାଲିମେଲା, (ଭାସ୍କର ନ୍ୟୁଜ୍) : ପଡ଼ିଆ ଓ କାଲିମେଲା ବ୍ଲକର ବିଭିନ୍ନ ଗ୍ରାମରେ ଭୂମିକା ଟାଟାପାଓ୍ୱାର ପକ୍ଷରୁ ବିଦ୍ୟୁତ୍ ବିଲ୍ ସଂଗ୍ରହରେ ଅଗ୍ରଣୀ ତୁଲାଇଥିବାରୁ ସଂପୃକ୍ତ କର୍ମଚାରୀଙ୍କୁ ଟାଟାପାଓ୍ୱାର ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି । ଆଶିଷ ଗତ କିଛି ମାସ ଧରି ସ୍ଥାନୀୟ ଅଞ୍ଚଳରେ ଗ୍ରାହକଙ୍କ ଠାରୁ ଠିକ୍ ଭାବେ ବିଲ୍ ସଂଗ୍ରହ କରିବା ସହ ବିଦ୍ୟୁତ୍ ବିତରଣରେ ଟାଟାପାଓ୍ୱାର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏଭଳି ପୁରସ୍କୃତ କରାଯାଇଥିବା ଜଣାପଡ଼ିଛି । ଅନ୍ୟପଟେ ପୂର୍ବରୁ ସାଉଥକୋ ପକ୍ଷରୁ ବିଦ୍ୟୁତ୍ ବିତରଣ କରାଯାଉଥିବାବେଳେ ଏହି କମ୍ପାନୀ ଆର୍ଥିକ ସଂକଟ ଦେଇ ଗତି କରିବାରୁ ଟାଟାପାଓ୍ୱାର ନୂତନ ଭାବେ ବିଦ୍ୟୁତ୍ ବିତରଣ ଟେଣ୍ଡର ପାଇଥିଲା । ଏହା ପରେ ବିଦ୍ୟୁତ୍ ବିତରଣ ସହ । ବିଦ୍ୟୁତ୍ ଚୋରି ଓ ବିଦ୍ୟୁତ ବିଲ୍ ସଂଗ୍ରହ ଦିଗରେ ଟାଟାପାଓ୍ୱାର ବିଶେଷ ଗୁରୁତ୍ୱ ଦେଇଥିଲା । ଏଥିପାଇଁ ଭିନ୍ନ ଭିନ୍ନ ବିଭାଗ ପାଇଁ ବିଭିନ୍ନ କର୍ମଚାରୀଙ୍କୁ ନିୟୋଜନ କରି ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ଆଶିଷ ଟାଟାପାଓ୍ୱାରର ପଡିଆ କାଲିମେଲା ଅଞ୍ଚଳରେ ସୂଚାରୁ ରୂପେ ବିଦ୍ୟୁତ୍ ବିଲ୍ ସଂଗ୍ରହ କରିଥିବାରୁ ଏହି ପୁରସ୍କାର ଦିଆଯାଇଛି ।

## ଗଛ ପଡି ରାସ୍ତା ଅବରୋଧ

ଖଇରପୁଟ, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ର ଗୋବିନ୍ଦପାଲ୍ଲୀ ଠାରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା ।ଲଗାଣ ବର୍ଷା ଯୋଗୁଁ ରାଜରାସ୍ତା ଉପରେ ଗଛ ପଡିଥିବା ହେତୁ ଯାନବାହନ ଚଳାଚଳ ରେ ବାଧାପ୍ରାପ୍ତ ହେଇଥିବା ହେତୁ ଅଧା ରାସ୍ତା ରେ ଫସି ରହିଲେ ଯାତ୍ରୀବାହି ଗାଡି ଏବଂ ଯିବା ଆସିବା ଲୋକେ । ଗୋବିନ୍ଦପାଲ୍ଲୀ ର ରଥ ଘାଟି ଠାରେ ଗଛ ପଡିଥିବା ହେତୁ ବସ ଗୁଡ଼ିକ ଅନ୍ୟ ରାସ୍ତା ଦେଇ ଯିବାର ଦେଖିବାକୁ ମିଳିଥିଲା। ଫଳରେ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗୀୟ କର୍ମଚାରୀ ମାନଙ୍କ ସାହାଯ୍ୟ ରେ ଗଛ ଟିକୁ କାଟି ରାସ୍ତା ସଫା କରିବା ଫଳରେ ଲୋକେ ସୁରକ୍ଷିତ ଭାବେ ଯାତାୟତ କରିବାର ସୂଚନା ମିଳିଛି।

### ୨୮ରୁ ମାଓ ସହିଦ ସପ୍ତାହ

## ସମର୍ଥନ ପାଇଁ ବିଭିନ୍ନ ସ୍ଥାନରେ ଲାଗିଲା ପୋଷ୍ଟର, ବ୍ୟାନର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଚଳିତ ମାସ ୨୮ରୁ ଆସନ୍ତା ଅଗଷ୍ଟ ୩ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ସହିଦ ସପ୍ତାହ ପାଳନ ହେବାକୁ ଯାଉଛି । ଏଥିପାଇଁ ସଂଗଠନ ପକ୍ଷରୁ ପ୍ରସ୍ତୁତି ଜୋର୍ ଧରିଥିବାବେଳେ ବିଭିନ୍ନ ସ୍ଥାନରେ ଏ ନେଇ ପୋଷ୍ଟର ଓ ବ୍ୟାନର ଦେଖିବାକୁ ମିଳିଛି । ପୋଷ୍ଟର ଜରିଆରେ ସାଧାରଣ ଲୋକଙ୍କ ସହଯୋଗ କାମନା କରାଯାଇଛି । ବିଶେଷ କରି ଜିଲ୍ଲା ସୀମାନ୍ତ ଗାଁଗୁଡିକରେ ସପ୍ତାହ ପାଳନ ନେଇ ନକ୍ସଲଙ୍କ ପୋଷ୍ଟର ଏବଂ ବ୍ୟାନର ଲାଗିଛି । ପଡୋଶୀ ଛତିଶଗଡର ବିଭିନ୍ନ ନକ୍ସଲ ପ୍ରବଣ ଜିଲ୍ଲାରେ ମଧ୍ୟ ଅନୁରୂପ ପୋଷ୍ଟର ବ୍ୟାନର ଦେଖିବାକୁ ମିଳୁଛି । ଏହି ଅବସରରେ ମାଓବାଦୀମାନେ ମୃତ ସାଥୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ବିଭିନ୍ନ ସ୍ଥାନରେ ନାଚଗୀତ ଆସର କରି ଲୋକଙ୍କ ସମର୍ଥନ ହାସଲ କରିଥାନ୍ତି। ଅନ୍ୟପକ୍ଷରେ , ସପ୍ତାହ ପାଳନ ବେଳେ ଛୋଟମୋଟ ଅଘଟଣ ମଧ୍ୟ ଘଟିଥାଏ। ଯାହାକୁ ନେଇ ଜିଲ୍ଲା ପୁଲିସ ଏବଂ ଛତିଶଗଡ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ସୀମା ସିଲ୍ ସହ ନକ୍ସଲଙ୍କ ଗତିବିଧି ଉପରେ ଶକ୍ତ ନଜର ରଖାଯାଉଛି । ଗୁଇନ୍ଦା ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ନକ୍ସଲମାନେ ସପ୍ତାହବ୍ୟାପୀ ବିଭିନ୍ନ ସ୍ଥାନରେ ସହିଦ ସ୍ତମ୍ଭ ନିର୍ମାଣ କରି ତା ପାଖରେ ସଭା ସମିତି ମଧ୍ୟ କରିଥାନ୍ତି। ଗୀତ ନାଚ ଜରିଆରେ ପୋଲିସ ଗୁଳିରେ ମୃତ ସାଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସଂଗଠନକୁ ମଜବୁତ କରିବାକୁ ଲୋକଙ୍କୁ ଆହ୍ୱାନ ଦେଇଥାନ୍ତି। ସେହି ସମୟରେ ନକ୍ସଲଙ୍କ ହିଂସା ଆଚରଣକୁ ପ୍ରତିହତ କରିବାକୁ ପୁଲିସକୁ ହାଇଆଲର୍ଟ କରାଯାଇଥାଏ । ଛତିଶଗଡ ପୁଲିସ ପକ୍ଷରୁ ସୀମାନ୍ତ ଗାଁଗୁଡ଼ିକରେ କୁମ୍ବିଂ ମଧ୍ୟ ଜୋର୍ କରାଯାଏ ।

## ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ



କୋରାପୁଟ, (ଭାସ୍କର ନ୍ୟୁଜ୍): ସୁନାବେଶରେ ସଜାଇ ହୋଇ ରଥ ଉପରୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ତିନି ଠାକୁର। ଏହି ରାଜ ରାଜେଶ୍ୱର ବେଶ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ରଥଚକଡାରେ ସମାଗମ ହୋଇଥିଲା। ଆଜି ସକାଳୁ ରଥ ଉପରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ। ଦିନ ତମାମ ୩ଟି ଯାକ ରଥ ନିକଟରେ ଭକ୍ତଙ୍କ ଗହଳି ଲାଗି ରହିଥିଲାବେଳେ ଅପରାହ୍ନରେ ଆରମ୍ଭ ହୋଇଥିଲା ସୁନାବେଶର ପ୍ରସ୍ତୁତି। ବିଭିନ୍ନ ନୀତି ବଢିବା ପରେ ଠାକୁର ନାନା ଗହଣାରେ ସଜାଇ ହୋଇଥିଲେ। ଠାକୁରଙ୍କ ମୁଣ୍ଡରେ ସୁନା ମୁକୁଟ ଚହଟିଥିଲା। ସେହିପରି ବିଭିନ୍ନ ରକମର ଗହଣା ଠାକୁର ପିନ୍ଧିଥିଲେ। ସନ୍ଧ୍ୟାବେଳକୁ ଠାକୁରଙ୍କ ଏହି ଦୁର୍ଲଭ ବେଶ ଦେଖିବାକୁ ହଜାର ହଜାର ଭକ୍ତଙ୍କ ଭିଡ ହୋଇଥିଲା। ହାଲକା ବର୍ଷା ସତ୍ତ୍ୱେ ଭକ୍ତଙ୍କ ଉତ୍ସାହ ଥମି ନ ଥିଲା। ସୁନାବେଶରେ ଠାକୁର ଦର୍ଶନ ଦେବା ପରେ ସନ୍ଧ୍ୟା ଅଳତୀ କରାଯାଇଥିଲା। ଏହା ପରେ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା। ବିଭିନ୍ନ ଅଶରୀରୀଙ୍କ ଉଦ୍ଦେଶ୍ୟରେ ପଣା ହାଣ୍ଡି ଭଙ୍ଗା ଯାଇଥିଲା। ସୁନା ବେଶ ଅବସରରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏପଟେ ପୁଲିସ୍ ? ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସହରରେ ଟ୍ରାଫିକ କଟକଣା ଲାଗୁ କରାଯାଇଥିଲା। ରଥର ଉଭୟ ପାର୍ଶ୍ୱର ରାସ୍ତାକୁ ସିଲ କରି ଦିଆଯାଇ କେ?ଣସି ଗାଡି ମୋଟର ଛଡା ଯାଇ ନ ଥିଲା। ସେହିପରି ଜାତୀୟ ରାଜପଥରେ ଯାଉଥିବା ଗାଡିଗୁଡିକୁ ବିକଳ୍ପ ରାସ୍ତାରେ ଛଡା ଯାଇଥିଲା।

### ବିଦ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶକୁ ରୋକ୍

## ଆଦେଶ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି



ମାଲକାନଗିରି, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଗତକାଲି ଏକ ନିର୍ଦ୍ଦେଶନାମା ଜରିଆରେ ଗଣମାଧ୍ୟମ ପ୍ରତିନିଧି ମାନେ ବିଦ୍ୟାଳୟରେ ପ୍ରବେଶକୁ ନିଷେଧ କରିବା ଘଟଣାକୁ ନେଇ ମାଲକାନଗିରି ଜିଲ୍ଲା ସାମ୍ବାଦିକ ସଂଘ ମିଳିତ ମଞ୍ଚ ଏହାକୁ ନିନ୍ଦା କରିବା ସହ ତୁରନ୍ତ ଏହି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି । ଏହି ଉପଲକ୍ଷେ ଆଜି ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ବୈଠକରେ ମିଳିତ ମଞ୍ଚ ଆବାହକ ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧ କ୍ଷତାରେ ଏକ ବୈଠକ ଅନୁଷ୍ଠିତହୋଇ ଯାଇଛି। ବୈଠକରେ ବିଶେଷ କରି ଗଣମାଧମ ପ୍ରତିନିଧିମାନେ ବିଦ୍ୟାଳୟରେ ଖବର ସଂଗ୍ରହ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଅନେକ ସମୟରେ ସାଧାରଣ ଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସମ୍ବନ୍ଧରେ ସଚେତନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା କରିଥାନ୍ତି। ଛାତ୍ରଛାତ୍ରୀ ମାନେ ଆଗାମୀ ଭବିଷ୍ୟତର ଉନ୍ନତି ପାଇଁ ଗଣମାଧମ ମୁଖ୍ୟ ଭୁମିକା ଗ୍ରହଣ କରିଥାଏ। ଶିକ୍ଷକ ଶିକ୍ଷୟିତ୍ରୀମାନେ ସେହି ବିଦ୍ୟାଳୟର କୌଣସି ଅଘଟଣ କିମ୍ବା ଖରାପ ଘଟଣା ଯେପରି ଗଣମାଧମରେ ପ୍ରକାଶ ନ ପାଇବ ସେଥିପାଇଁ ସତର୍କତା ଅବଲମ୍ବନ କରି ଛାତ୍ରଛାତ୍ରୀ, ଅବିଭାବକ, ବିଭାଗୀୟ ଅଧିକାରୀ, ଗଣମାଧମ ପ୍ରତିନିଧି ଓ ପରିଚାଳନା କମିଟି ସହ ସୁସମ୍ପର୍କ ରଖିଥାନ୍ତି କେଉଁ କାରଣରୁ ଶିକ୍ଷାମନ୍ତ୍ରୀ ଏପରି ନିର୍ଦ୍ଦେଶ ଦେଲେ ତାହାକୁ ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଛି । ଶିକ୍ଷାମନ୍ତ୍ରୀ କାଗଜ କଲମରେ ଶିକ୍ଷାର ଉନ୍ନତି ଚାହାନ୍ତି ନା ବାସ୍ତବରେ ଶିକ୍ଷାର ଉନ୍ନତି ହେଉ, ଶିକ୍ଷାନୀତି ଠିକ୍ ଭାବେ ପାଳନ କରା ଯାଉ ବୋଲି ଚାହାନ୍ତି ନାହିଁ ବୋଲି ଏହି ବୈଠକରେ ମାଲକାନଗିରି ୟୁନିଅନ ଅଫ ଜୋର୍ନାଲ ସଭାପତି ଦେବ ପ୍ରସାଦ ଦାସ, ଓଡିଶା ୟୁନିଅନ ଅଫ ଜୋର୍ନାଲ ସଭାପତି ତ୍ରିଲୋଚନ ଦାସଙ୍କ ସହ ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, ଗୋପିକୃଷ୍ଣ ପଟ୍ଟନାୟକ, ସନ୍ତୋଷ ନାଗ, ଈଶ୍ୱର ପଟ୍ଟନାୟକ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ଦେବବ୍ରତ ସାନା, ଅଶୋକ ମିଶ୍ର, ଜିତେନ୍ଦ୍ର ବେଉରିଆ, ରଞ୍ଜିତ ସାହା,ସୀମାଞ୍ଚଳ ପାଣିଗ୍ରାହୀ, ଶ୍ରୀନିବାସ ପାତ୍ର, ସତ୍ୟନାରାୟଣ ଦାସ, ମନୋଜ ମହାନ୍ତି, ଅପୂର୍ବ୍ୱ ଥଣ୍ଡର, ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆସନ୍ତା କାଲି ମିଳିତ ମଞ୍ଚ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରା ଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ମହକୁମାରେ ଥିବା ୪୦ରୁ ଉର୍ଦ୍ଧ୍ୱ ଗଣମାଧମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

## ଦୁର୍ଘଟଣାରେ ଜଣେ ମୃତ: ୨ଆହତ

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥରେ ରାଜେନ୍ଦ୍ରପୁର ଛକ ଠାରେ ଏକ ମର୍ମନ୍ତୁକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ମୃତ ହୋଇଥିବାବେଳେ ୨ଜଣ ଗୁରୁତରଭାବେ ଆହତ ହୋଇଛନ୍ତି। ସୂଚନା ଥାଉକି ବାରିକପୁର ଛକ ଆଡୁ ଏକ ମେଡ଼ିସିନ୍ ବୋଝେଇ ଟ୍ରକ ପ୍ରଥମେ ଏକ୍ ବାଇକ୍‌କୁ ଧକ୍କାଦେବା ଫଳରେ ବାରିକପୁର ନିକଟସ୍ଥ ଅନନ୍ତପୁର ଗ୍ରାମର ସଞ୍ଜୀବ କୁମାର ମହାପାତ୍ର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପରେ ସେହି ଟ୍ରକ୍‌ଟି ଭାରସ୍ୟାମ ହରାଇ ଏକ ପିକ୍‌ଅପ୍‌କୁ ମଧ୍ୟ ଧକ୍କାଦେଇ ପରେ ଏକ ଦୋକନକୁ ମାଡ଼ିଯାଇଥିଲା। ଏଥିରେ ମୋଟ ୩ଜଣ ଗୁରୁତର ଆହତ ହୋଇଥିବାବେଳେ ସଂଜୀବର ମୃତ୍ୟୁ ଘଟିଥିଲା। ଧାମନଗର ପୋଲିସ ଗାଡ଼ିଟିକୁ ଜବତ କରିବା ସହ ଏ ସମ୍ପର୍କରେ ଥାନା କେସନଂ ୨୮୧/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି।

## ବିପଦସଙ୍କୁଳ ହମ୍ପସ୍ ପାଇଁ ଭାଙ୍ଗିଲା ରଥଯାତ୍ରା ପରମ୍ପରା



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ପାଞ୍ଚପିଢ଼ ଉପଖଣ୍ଡ ର ସଦର ମହକୁମା କରଞ୍ଜିଆ ବିଗତ ୨ ବର୍ଷ କୋଭିଡ୍ କଟକଣା ପାଇଁ ରଥ ଯାତ୍ରା କୁ ବନ୍ଦ ରଖାଯାଇଥିଲା । ଚଳିତ ବର୍ଷ ଅନୁମତି ମିଳିବା ପରେ ରଥ ଯାତ୍ରାରେ ବିଗତ ବର୍ଷ ଅପେକ୍ଷା ଭକ୍ତଙ୍କ ଭିଡ଼ ଅଧିକ ରହିଥିଲା । ରଥ ଯାତ୍ରା ପ୍ରାରମ୍ଭ ଦିନ ମହାନ୍ତି ସାହି ନିକଟରେ ଥିବା ହମ୍ପ ପାଇଁ ରଥ କ୍ଷତିଗ୍ରସ୍ତ ହୋଇ ଅଟକିବା ପରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ପରେ ମହିଳା ମାନେ ରଥ କୁ ମାଉସୀ ମା' ମନ୍ଦିର ନିକଟକୁ ପହଞ୍ଚାଇଥିଲେ । ବାହୁଡ଼ା ଯାତ୍ରା ର ପ୍ରଥମ ଦିନରେ ପୁଣି ଏହି ବିପଦ ସଙ୍କୁଳ ହମ୍ପସ୍ ପାଇଁ ଧାର୍ଯ୍ୟ ସ୍ଥାନ ପୂର୍ବରୁ ରଥ ଅଟକିଥିବା ଦେଖିବାକୁ ମିଳିଥିଲା । ଯାତ୍ରା ପୂର୍ବରୁ ଏହି ରାସ୍ତାର ମରାମତି ଓ ଦୁର୍ଘଟଣା ପ୍ରବଣ ବେଆଇନ ହମ୍ପସ୍‌ଗୁଡ଼ିକୁ ହଟାଇବା ନିମନ୍ତେ ଦାବି ହେଇଥିଲେ ମଧ୍ୟ ଏଥି ପ୍ରତି ପ୍ରଶାସନ ଦୃଷ୍ଟି ନଦେବାରୁ ଭକ୍ତମାନେ କ୍ଷୋଭ ପ୍ରକାଶ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ରଥ ଯାତ୍ରା ପାଇଁ ବଡ଼ଦାଣ୍ଡ ରାସ୍ତା ମରାମତି ସାଙ୍ଗକୁ ସୁସଜ୍ଜିତ କରାଯାଉଥିବା ବେଳେ କରଞ୍ଜିଆ ସହରରେ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇନଥିବା ଦେଖିବାକୁ ମିଳିଛି । ଆବହାମାନ କାଳରୁ ଚାଲି ଆସିଥିବା କରଞ୍ଜିଆ ରଥଯାତ୍ରାରେ ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ଭିଡ ଦେଖିବାକୁ ମିଳୁଥିଲା। ଏବେ କିନ୍ତୁ ପ୍ରଶାସନର ଉଦାସୀନତା ମନୋଭାବ ଓ ଅବହେଳା ପାଇଁ ବଡ ଦାଣ୍ଡ ଅବସ୍ଥା ଶୋଚନୀୟ ହେବାରୁ ରଥ ଯାତ୍ରା ଫିକା ପଡୁଛି । ବିଭିନ୍ନ ପର୍ବ ପର୍ବାଣୀ, ଉତ୍ସବ,ଐତିହ୍ୟ ଆଦି ପାଇଁ କିଛି ସ୍ଥାନ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ସେହିପରି ଦୋଳ ଯାତ୍ରା ପାଇଁ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ରହିଛି କରଞ୍ଜିଆ ସହରର। ଏହାସହିତ ଆବାହମାନ କାଳରୁ ଚାଲି ଆସିଥିବା ରଥ ଯାତ୍ରା ପାଇଁ ମଧ୍ୟ କରଞ୍ଜିଆ ସହରର ପରିଚୟ ସ୍ୱତନ୍ତ୍ର। ଚଳିତ ବର୍ଷ ବାହୁଡ଼ା ଯାତ୍ରାରେ ପ୍ରଥମ ଦିନରେ ହମ୍ପସ ପାଇଁ ରଥଟି ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଆୟୋଜକ ତଥା ମୁଖ୍ୟ ପୂଜକ ସନ୍ତୋଷ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଦିନ ରଥ ଟଣା ବନ୍ଦ ରହିବାରୁ ଦୂର ଦୂରାନ୍ତରୁ ଆସିଥିବା ମହିଳା ଭକ୍ତମାନେ ନିରାଶ ହେଇ ଫେରିଥିଲେ । ବରିଷ୍ଠ ନାଗରିକ ସଂଘ ର ସମ୍ପାଦକ ସର୍ବେଶ୍ୱର ମିଶ୍ର ଓ କୋଷାଧ୍ୟକ୍ଷ ଅଭିମନ୍ୟୁ ତ୍ରିପାଠୀ ପରମ୍ପରା ଭାଙ୍ଗିବାରୁ କ୍ଷୋଭ ପ୍ରକାଶ କରିବାସହିତ ରାଜନୈତିକ ଓ ପ୍ରଶାସନିକ ଉଦାସୀନତା ପାଇଁ ରାଜ୍ୟ ପ୍ରସିଦ୍ଧ ଦୋଳ ଯାତ୍ରା ପରେ ଏବେ ରଥ ଯାତ୍ରା ମଧ୍ୟ ଲୁକାୟିତ ହେବାକୁ ବସିଲାଣି । ଯାହା ଆମେ ପୂର୍ବରୁ କେବେ ଦେଖିନଥିଲୁ ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ ବରିଷ୍ଠ ନାଗରିକଗଣ । ୨୦୧୫ ନବକଳେବର ପର୍ଯ୍ୟନ୍ତ ରଥଯାତ୍ରା କୁ ଶ୍ରୀ ଶ୍ରୀ ଜଗନ୍ନାଥ କମିଟି ପଟାକାଠ ଛୋକ ସବୁ କାର୍ଯ୍ୟ ସମାପନ କରୁଥିଲା । ପରବର୍ତ୍ତୀ ସମୟରେ କମିଟିକୁ ଦାୟିତ୍ୱ ନଦେଇ ପୂଜକ ସନ୍ତୋଷ ମିଶ୍ର ନିଜ ତତ୍ତ୍ୱାବଧାନରେ ରଥର ସବୁ କାର୍ଯ୍ୟ ସମାପନ କରୁଛନ୍ତି।



କାଲିମେଲା,(ଭାସ୍କର ନ୍ୟୁଜ୍): ଆଜି ପୃଥିବୀ ରେ ବଢୁଥିବା ତାପମାତ୍ରା ଏବଂ ପ୍ରତିକୂଳ ପରିବେଶ ପାଇଁ ଚାରାରୋପଣ ହିଁ ଏକମାତ୍ର ବିକଳ୍ପ, ଯାହା ଜୀବ ଜଗତ ପାଇଁ ମଙ୍ଗଳକାରୀ ଅଟେ । ତେଣୁ ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ ଗ୍ରାମରେ ଅବସ୍ଥାପିତ ଡ଼ ଶ୍ୟାମା ପ୍ରସାଦ କନିଷ୍ଠ ମହାବିଦ୍ୟାଳୟରେ ଗତକାଲି ରବିବାର ଦିନ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବନବିଭାଗ ବନପାଳ ରଶ୍ମିରଞ୍ଜନ ସ୍ୱାଇଁ ଅଧକ୍ଷତାରେ ଆୟୋଜିତ ଏହି ବନ ମହୋତ୍ସବରେ ଉପସ୍ଥିତ ରହି ଚାରାରୋପଣର ଉପକାରିତା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ବୃକ୍ଷ ହିଁ ଆମର ରକ୍ଷା କବଚ । ଏହା ଆମକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ଦେଇଥାଏ । ଏହା ସୁସ୍ଥ ପରିବେଶ ସହ ସୁସ୍ଥ ମନଗଢ଼ିବା ସହାୟକ ହୋଇଥାଏ । ତେଣୁ ଆମେ ସମସ୍ତେ ଜଙ୍ଗଲ ସୃଷ୍ଟି କରିବା ସହ ସବୁ ସ୍ଥାନରେ ଚାରାରୋପଣ କରିବା ଆବଶ୍ୟକ ବୋଲି କହିବା ସହ ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଥିଲେ ।

### ଗର୍ଭବତୀ ସାଇକେଲରେ ଯିବା ଘଟଣା

## ରାସ୍ତାରେ ଧାନ ରୋଇ ଅଭିନବ ପ୍ରତିବାଦ





ଝରିଗାଁ,(ଭାସ୍କର ନ୍ୟୁଜ୍): କାଦ ପଚ ପଚ ରାସ୍ତା ଲାଗି ଗାଁକୁ ଯାଇପାରିଲା ନାହିଁ ଆମ୍ବୁଲାନ୍ସ, ଆଜି ଆଉ ଜଣେ ଗର୍ଭବତୀ ମା'ଙ୍କୁ ସାଇକେଲରେ ବୁହା ହେଲା, ଝରିଗାଁ ବ୍ଲକ ପାଲିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଲଝରୀ ଗ୍ରାମର ପଡାଗ୍ରାମ ଦିଉଡୁଗୁଡା ଗାଁ ଗାଁରେ ମୋଟ ୩୦ ଘର ବସବାସ କରନ୍ତି । ଏହି ଗାଁର ଚୈତନ୍ୟ ସାନ୍ତାଙ୍କ ସ୍ତ୍ରୀ ରଇଲା ସାନ୍ତା ତାଙ୍କର ବୟସ ହେଉଛି ୨୩ ବର୍ଷ, ତାଙ୍କୁ ପାହାନ୍ତିଆ ୪ଘଣ୍ଟ ବେଳେ ଆରମ୍ଭ ହୋଇଥିଲା ପସବବେଦନା, ପରିବାର ଲୋକେ ସକାଳୁ ଆଶାଙ୍କୁ ଖବର ଦେଇ ଥିଲେ, ଆଶାଦିଦି ତୁରନ୍ତ ଘରକୁ ଅସି ସକାଳ ୬ଘଣ୍ଟ ବେଳେ ୧୦୨ ଆମ୍ବୁଲାନ୍ସକୁ ଫୋନ କରିଥିଲେ, ହେଲେ ୧୦୨ଆମ୍ବୁଲାନ୍ସ ଗାଁରେ ୧୦ଘଣ୍ଟ ବେଳେ ପହଞ୍ଚିଥିଲା ସତ, କିନ୍ତୁ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇପଡିଥିବାରୁ ଗାଁରେ ପହଞ୍ଚି ପାରି ନଥିଲା ଆମ୍ବୁଲାନ୍ସ, ଯେଉଁଥି ପାଇଁ ଦୁଇଟି ସାଇକଲକୁ ଯୋଡି ରଥ ଭଳି ତିଆରି କରି ଗର୍ଭବତୀଙ୍କୁ ପ୍ରାୟ ଦେଢ଼ କିମି ରାସ୍ତା ବୋହି ଆଣିଥିଲେ । ଗ୍ରାମବାସୀ ନିଜର ଜୀବନ ଜୀବିକା ଲାଗି ଏହି ରାସ୍ତା ଉପରେ ନିର୍ଭର କରି ଚଳୁଥିବା ବେଳେ ରାସ୍ତା ନିର୍ମାଣ ଲାଗି ଅନେକ ଗୁହାରି ଜଣେଇ ଥକି ପଡିଛନ୍ତି, ବାଧ ହୋଇ ନିଜର କର୍ମକୁ ଆଦରିବା ଛଡା ଏମାନଙ୍କ ଆଉ କୌଣସି ଉପାୟ ନାହିଁ ହେଲେ ବର୍ତ୍ତମାନ ଗର୍ଭବତୀଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଛି ।

## ରାସ୍ତା ଓ ଡ୍ରେନ ନିର୍ମାଣ ଦାବିରେ ରାସ୍ତାରୋକ



ଖଡ଼ିଆଳ,(ଭାସ୍କର ନ୍ୟୁଜ୍): ଖଡ଼ିଆଳ ଏନଏସିର ୧୧ନମ୍ବର ୱାର୍ଡ ପୁଟୁପଡ଼ାର ଲୋକେ ବହୁ ଦିନରୁ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ବିଭାଗୀୟ ପ୍ରଶାସନକୁ ଦାବି ଜଣାଇ ଆସୁଥିଲେ ମଧ୍ୟ ଦୃଷ୍ଟି ଦେଇନଥିବା ଯୋଗୁଁ ଗତକାଲି ୧୦ତାରିଖ ଦିନ ପୁଟୁପଡ଼ାର ମୁଖ୍ୟ ରାସ୍ତା ଜାମ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ପୁଟୁପଡା ରାସ୍ତା ଦେଇ ମୋଡେଲ ଡିଗ୍ରୀ କଲେଜ, ପୁଟୁପଡା ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଚାଉଳ ଗୋଦାମକୁ ଯିବାକୁ ନିର୍ଭରଶିଳ ରାସ୍ତା ଅଟେ । ହେଲେ ଏହି ରାସ୍ତା ଗାତ ଉପରେ ଗାତ ଟିକିଏ ବର୍ଷାରେ ପାଣି ଜମିବା ସହ କାଦୁଅ ହୋଇ ଯାଉଛି ଲୋକେ ଯିବା ଆସିବାରେ ବହୁତ ଅସୁବିଧା ହେଉଛି । ଏବିଷୟକୁ ନେଇ ତିନି ମାସ ପୂର୍ବେ ଏଭଳି ରାସ୍ତା ଜାମ କରି ଦାବି କରିଥିଲେ ସେତେବେଳେ ଏନ୍‌ଏସି ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଓ ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ସେହି ସ୍ଥାନରେ ପହଞ୍ଚି ପୁଟୁପଡା ବାସୀଙ୍କୁ ରାସ୍ତା ଓ ଡ୍ରେନ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରତ୍ୟାହୃତ କରାଇଥିଲେ । ହେଲେ ଏ ପର୍ଯ୍ୟନ୍ତ କୌଣସି ଦୃଷ୍ଟି ନାହିଁ କି ପଦକ୍ଷେପ ନାହିଁ । ଏଣୁ ଗତକାଲି ପୁଣି ପୁଟୁପଡାବାସୀ ରାସ୍ତା ଜାମ କରି ଆନ୍ଦୋଳନ କରିଛନ୍ତି । ତାଙ୍କ ଦାବି ହେଉଛି ପୁଟୁପଡା ବସ୍ତି ମୁଖ୍ୟରାସ୍ତା ଯାହାକି ଟିକିଏ ବର୍ଷା ହେଲେ ପାଣି ଜମାହୋଇ କାଦୁଅରେ ସରସର ହେଇଯାଉଛି ଲୋକେ ଯିବା ଆସିବାରେ ବାଧା ସୃଷ୍ଟି କରୁଛି ତାହା ନିର୍ମାଣ ସହ ଡ୍ରେନ ନିର୍ମାଣ କରାଯାଉ, ପୋଖରୀକୁ ଯିବା ରାସ୍ତା ମରାମତି କରାଯାଉ, ଷ୍ଟ୍ରିଟ ଲାଇଟ ଗୁଡିକ ଜଳୁନାହିଁ ତାହା ମରାମତି ହେଉ, ଚାଉଳ ଗୋଦାମକୁ ବୋଝେଇ ଗାଡ଼ିମାନେ ଯାଉଛି ଓ ରାସ୍ତାକୁ ଆହୁରି ଖରାପ କରୁଛି ଏଣୁ ସେଥିପାଇଁ ଚାଉଳ ଗୋଦାମର ରାସ୍ତାକୁ ଅନ୍ୟପଟରୁ ନିର୍ମାଣ କରାଯାଉଏହିପରି ଅନେକ ସମସ୍ୟାକୁ ନେଇ ଆନ୍ଦୋଳନ କରିଥିଲେ । ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଇବାରୁ ସେ ବର୍ତ୍ତମାନ ସମସ୍ୟାର ସମାଧାନ କରିଦିଆଯିବ ଏବଂ ଆଗାମୀ ଦିନରେ ପୂର୍ଣ୍ଣ ବିଭାଗ ସ୍ଥାୟୀ ରାସ୍ତା ଓ ଡ୍ରେନ ନିର୍ମାଣ ହେବ ତାହା ଜିଲ୍ଲା ସ୍ତରୀୟ ପ୍ରକ୍ରିୟାରେ ସରିଯାଇଛି ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ପୁଟୁପଡାବାସୀ ବିଭାଗୀୟ ଅଧିକାରୀଗତ ତିନି ମାସ ପୂର୍ବେ ଏଭଳି ଆନ୍ଦୋଳନରେ ଆସି ତିନିମାସ ଭିତରେ ଏହି ଦାବିକୁ ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ ହେଲେ ତିନି ମାସରୁ ଊର୍ଦ୍ଧ୍ୱ ହେଲାଣି ପ୍ରଶାସନ ପଦକ୍ଷେପ ନ ନେବାରୁ ଗ୍ରାମବାସୀ ରାସ୍ତା ଜାମକରି ବିରକ୍ତିଭାବ ନେଇ ରାସ୍ତା ଖୋଳି ଦେଇ ପ୍ରତିବାଦ କରିବାସହ ହରାସ୍ତାରେ ଗୋଟିଏ ଫଟା ଚୌକିରେ ଚପଲର ମାଳା ରଖିଥିଲେ ବିଭାଗୀୟ ଅଧିକାରୀଙ୍କୁ ପିନ୍ଧାଇବେ ବୋଲି ବସିଥିଲେ । ଯଦି ଆସନ୍ତାଦିନରେ ବିଭାଗୀୟ ପ୍ରଶାସନ ଶୀଘ୍ର ଏଥିର ବିଚାର ନ କରେ ତେବେ ଆହୁରି ଆନ୍ଦୋଳନ ହେବ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତ ।

## ଗାଁ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ବାଲିମେଲା,(ଭାସ୍କର ନ୍ୟୁଜ୍): ଶୁଣିଲାନି ପ୍ରଶାସନ, ନିଜ ଗ୍ରାମର ଅଧପନ୍ତରିଆ ରାସ୍ତାକୁ ନିର୍ମାଣ କଲେ ଗ୍ରାମବାସୀ । ତେବେ ଆଜି ଏପରି ଏକ ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି-୩ ପଞ୍ଚାୟତର ନୂଆଗୁଡା-ବି ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଆଜିକୁ ଦୀର୍ଘ ୨୦ ବର୍ଷ ତଳେ ବାଲିମେଲା ସହରର ପ୍ରଭାକର ଛକଠାରୁ ନୂଆଗୁଡା-ବିକୁ ସଂଯୋଗ କରୁଥିବା ରାସ୍ତାଟି ଖାଲ ଖମାରେ ପରିପୂର୍ଣ୍ଣ ହୋଇ ମରଣାନ୍ତକ ରାସ୍ତା ପାଲଟିଛି । ତେବେ ଏନେଇ ଗ୍ରାମବାସୀ ନିଜ ୱାର୍ଡ ମେମ୍ବରଙ୍କ ଠାରୁ ଆରମ୍ଭ କରି ସରପଞ୍ଚ ଏବଂ ବ୍ଲକ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିନଥିଲା । ତେବେ ଏହି ଗ୍ରାମର ୫୦ ପରିବାର ନିଜ ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ବାଲିମେଲା ସହରକୁ ଆସିଥାନ୍ତି । ଏହି ଗ୍ରାମର ପିଲାମାନେ ମଧ୍ୟ ସ୍କୁଲ କଲେଜ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏଥି ମଧ୍ୟରେ ବହୁ ବର୍ଷା ଋତୁ ଆସି ଚାଲି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିଲାନି ରାସ୍ତା, ତେଣୁ ଶେଷରେ ଆଜି ବାଧହୋଇ ଗ୍ରାମବାସୀ ନିଜ ନିଜ ଠାରୁ ଚାନ୍ଦା ଆଦାୟ କରି ଟ୍ରାକ୍ଟର ଯୋଗେ ମେଟାଲ ଆଣିବା ସହ ମୁରୁମ ମାଟି ପକାଇ ନିଜେ ଶ୍ରମିକ ହୋଇ ଆଜି ନିଜର ରାସ୍ତା ନିର୍ମାଣ କରିଥିଲେ । ସୂଚନା ଥାଉ କି ବହୁ ଅଭିଯୋଗ ସତ୍ତ୍ୱେ ମଧ୍ୟ ପ୍ରଶାସନ କର୍ଣ୍ଣପାତ ନ କରିବାରୁ ଗ୍ରାମବାସୀ ଏବଂ ସେମାନଙ୍କ ଛୁଆ ବର୍ଷା ଦିନେ ନିତି ଏହି ମରଣାନ୍ତକ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପଚ ପଚ କାଦୁଅରେ ନିତି ଦିନିଆ ଯା ଆସ କରିବାରୁ ଗ୍ରାମବାସୀ ଏପରି ପଦକ୍ଷେପ ନେଇଥିବା କହିଛନ୍ତି । ତେବେ ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟିନିକ୍ଷେପ କରି ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଜାତୀୟ ମତ୍ସ୍ୟଚାଷୀ ଦିବସ

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ରୁ ଊର୍ଦ୍ଧ୍ୱ ମାଛଚାଷୀ,ମତ୍ସ୍ୟଜୀବୀ,ମାଛ ଚାଷ କରିଥିବା ଏସ୍‌ଏଚ୍‌ଜି ସଦସ୍ୟ ଏବଂ ମତ୍ସ୍ୟ ଉଦ୍ୟୋଗୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥୀ ଭାବେ ସ୍ଥାନୀୟ ମିଶନ ଶକ୍ତିର ହର୍ଷବର୍ଦ୍ଧନ ପ୍ରଧାନ ଓ ଡାବୁଗାଁ ବ୍ଲକର ସିଡିପିଓ ଗୀତାରାଣୀ ମହାରଣା ଯୋଗଦେଇ ମତ୍ସ୍ୟଚାଷ ଜରିଆରେ ମହିଳା ସଶକ୍ତୀକରଣ କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।ଜିଲ୍ଲା ମତ୍ସ୍ୟ ଅଧିକାରୀ ଜି.ଜଗଦୀଶ ରାଓ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ମତ୍ସ୍ୟଚାଷ ଜନିତ ସମସ୍ତ ଯୋଜନା ବିଷୟରେ ବୁଝାଇଥିଲେ ।ମାଛ ଯାଆଁଳ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଷାଗୁମୁଡା ବ୍ଲକ କର୍ଚ୍ଚାମାଳ ଗ୍ରାମର କ୍ଷୀରୋଦ ନାୟକଙ୍କୁ ଏଠାରେ ସମ୍ମାନୀତ କରାଯାଇଥିଲା । ବିଭାଗୀୟ ମତ୍ସ୍ୟଚାଷ ସମ୍ପର୍କିତ ଯୋଜନା ଗୁଡିକୁ ଉଲ୍ଲେଖନୀୟ ଭାବେ କାର୍ଯ୍ୟକାରୀ କରୁଥିବା ହେତୁ ରାଇଘର ବ୍ଲକର ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଅଶ୍ୱିନୀ କୁମାର ଜେନାଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା ।କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ରଞ୍ଜିତା ବେହେରା,ଅତିରିକ୍ତ ମତ୍ସ୍ୟ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ,ବିକାଶ କୁମାର ପଟେଲ,ବିଜୟ କୁମାର ମାଝି,ସହକାରୀ ମତ୍ସ୍ୟ ଅଧିକାରୀ,କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇଏଏସ୍ ହେବା ମୋ ଲକ୍ଷ୍ୟ



**ବ୍ଲକ୍ ଟପ୍ପର ହେଲେ ଅମିତା**

ଡାବୁଗାଁ,(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଅମିତା ଭତରା ଚଳିତ ବର୍ଷ ଦଶମ ବାର୍ଷିକ ବୋର୍ଡ ପରୀକ୍ଷାରେ ଏ ୧ ଗ୍ରେଡରେ ୫୪୫ ନମ୍ବର ରଖି ଡାବୁଗାଁ ବ୍ଲକ ଟପ୍ପର ହୋଇଛନ୍ତି । ଜଣେ ଆଦିବାସୀ ପରିବାରରୁ ଆସିଥିବା ଅମିତା ଭତରା ନିଜ ସଫଳତା ପଛରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ତଥା ପରିବାର ଲୋକଙ୍କୁ ଶ୍ରେୟ ଦେଇଛନ୍ତି । ସମସ୍ତଙ୍କ ପ୍ରେରଣା ଓ ଉତ୍ସାହ ବଳରେ ଆଜି ସେ ଏ ସଫଳତା ପାଇଥିବା କହିଛନ୍ତି । ୯୦% ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଏହି ଆଦିବାସୀ ଛାତ୍ରୀଙ୍କ ବାପା ଶୋଭା ସିଂ ଭତରା ଜଣେ ଚାଷୀ ଅଟନ୍ତି । ଦଶମ ବୋର୍ଡ ବାର୍ଷିକ ପରୀକ୍ଷା ପୂର୍ବରୁ ସ୍କୁଲ ସମୟ ବ୍ୟତୀତ ଦିନକୁ ଅଧିକ ୧୦ ଘଣ୍ଟା ଅଧିକ ପରିଶ୍ରମ କରୁଥିଲେ ବୋଲି ପ୍ରକାଶ କରିଛନ୍ତି ଅମିତା ଭତରା । ଆଗକୁ ଜଣେ ଆଇଏଏସ୍ ହେବାକୁ ଲକ୍ଷ ରଖିଛନ୍ତି ଏହି ଆଦିବାସୀ ଝିଅ । ସୂଚନା ଥାଉ କି ଗତ ଏପ୍ରିଲ ମାସରେ ଓଡ଼ିଶା ଦିବସ ଉପଲକ୍ଷେ ଅମିତା ଭତରା ରାଜ୍ୟ ସ୍ତର ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗିତାରେ ଅମିତା ଭତରା ମାନପତ୍ର, ସିଲ୍ଡ ସହ ୫୦୦୦ ଟଙ୍କାର ପୁରସ୍କାର ରାଶି ପାଇ କେବଳ ଡାବୁଗାଁ ନୁହେଁ ନବରଙ୍ଗପୁର ଜିଲ୍ଲା ପାଇଁ ଗର୍ବ ଆଣିଥିଲେ । ଏହି ଆଦିବାସୀ ଛାତ୍ରୀର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ଡାବୁଗାଁ ମଙ୍ଗଳ ବିଭାଗ ଅଧିକାରୀ ପ୍ରୀୟଚାନ୍ଦ୍ ମଲ୍ଲିକ, ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ।

## ନାଳରେ ପଡ଼ି ଯୁବକ ମୃତ



ଡାବୁଗାଁ,(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ଥାନା ଅନ୍ତର୍ଗତ ପୂଜାରୀ ଗୁଡ଼ା ଗ୍ରାମର ଜଣେ ବ୍ୟକ୍ତି ଗାଧୋଇବାକୁ ଯାଇ ଏକ ନାଳରେ ପଡି ମୃତ୍ୟୁ ବରଣ କରିଛି । ମୃତ ବ୍ୟକ୍ତି ଜଣକ ପୁଜାରିଗୁଡ଼ା ଗ୍ରାମର ରୁପସିଂ ପୂଜାରୀ (ଖେଜା) ୪୮ ବୋଲି ଜଣା ପଡିଛି । ଏ ନେଇ ରୁପ ସିଂର ଭାଇ ଅଭି ପୂଜାରୀ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୋଲିସ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି । ସୂଚନା ଅନୁଯାୟୀ ଡାବୁଗାଁ ଥାନା ମେଦନା ପଞ୍ଚାୟତ ଅନ୍ତର୍ଗତ ପୁଜାରିଗୁଡ଼ା ଗ୍ରାମର ରୁପ ସିଂ ପୂଜାରୀ (ଖେଜା) ବୁଧବାର ସକାଳୁ ନିଜ ଗାଁ ପାଖ ଜମିରେ କାର୍ଯ୍ୟ କରିବାକୁ ଯାଇଥିଲା । ଦିନ ୧୦ ଘଣ୍ଟା ସମୟରେ କାର୍ଯ୍ୟ ସରିବା ପରେ ଗାଁରୁ ୩୦୦ ମିଟର ଦୂରରେ ଥିବା ଏକ ଚେକ୍ ଡେମ (ନାଳ)ରେ ଗାଧୋଇବାକୁ ଯାଇଥିଲା । ତେବେ ଅସାବଧାନତା ବସତଃ ଖେଜା ପୂଜାରୀ ପାଣିରେ ମୁହଁ ମାଡ଼ି ପଡ଼ିଯିବାରୁ ସେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ । ନିକଟ ଜମିରେ କାର୍ଯ୍ୟକରୁ ଥିବା ଗ୍ରାମବାସୀ ସେହି ରାସ୍ତାରେ ଯିବା ସମୟରେ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ତେବେ ପରିବାର ଲୋକେ ନାଳ ନିକଟରେ ଆସି ଦେଖିବା ବେଳକୁ ଖେଜାର ମୃତ୍ୟୁ ଘଟିଥିଲା । ଏ ନେଇ ମୃତ ଖେଜାର ଭାଇ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୋଲିସ ଶବ ଜବତ କରିବା ସହ କେସ ନ ୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ ଏଏସ୍‌ଆଇ ଶିଶିର କାନ୍ତି ଘୋଷ ପ୍ରକାଶ କରିଛନ୍ତି ।

## ପତ୍ରିକା ଚନ୍ଦରଉଦିଆଁର ଲୋକାର୍ପଣ



ସୋହେଲା, (ଭାସ୍କର ନ୍ୟୁଜ୍):ସୋହେଲା ଶିଶୁ ବିକାଶ ପ୍ରକାଶନ ତରଫରୁ ଶିଶୁ କିଶୋର ପତ୍ରିକା ଚନ୍ଦରଉଦିଆଁର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଶ୍ରୀରାମ କଲେଜ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ମା' ଭାରତୀଙ୍କ ଫଟୋ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି ପତ୍ରିକାର ଜୁଲାଇ ସଂଖ୍ୟାକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଟେକଚାନ୍ଦ ଦୁଆନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଶିଶିର କୁମାର ସାହୁ, ମୁଖ୍ୟବକ୍ତା ଭାବରେ ନାଟ୍ୟକାର ତେଜୁରୁ ବାରିକ ଏବଂ ସମ୍ମାନିତ ଅତିଥି ଭାବେ ଡ ସୁବାସ ମେହେର, ଅଧ୍ୟାପକ ସୁକୁମାର ଭୋଇ, ନରେନ୍ଦ୍ର ମହାନ୍ତି, ପ୍ରଦୀପ୍ତ ଭାନୁ ମହାନ୍ତି, ମଞ୍ଜୁ ଦେବୀ, ଗୌରଚରଣ ପଧାନ, ରାଜେଶ କାରିଆ, ଶେଖ୍ ଜଲିଲ୍, ଉମେଶ ପଧାନ, ଗିର୍ଜେଶ ଖାଡଙ୍ଗା ଯୋଗ ଦେଇ ଶିଶୁ ସାହିତ୍ୟ ଉପରେ ନିଜର ମତ ଉପସ୍ଥାପନ କରିଥିଲେ । କେଦାରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସଂପାଦକ ବିକାଶ ଚନ୍ଦ୍ର ସାହୁ ଅତିଥି ପରିଚୟ ତଥା ସ୍ୱାଗତ କରିଥିବା ବେଳେ କବି ରୋହିତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଜିଉଙ୍କ ସୁନାବେଶ ଓ ଅଧରପଣା ନୀତି



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ସହରର ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ବଡ ଏକାଦେଶୀ ଅବସରରେ ଶ୍ରୀଜିଉଙ୍କ ସୁନାବେଶ ଓ ଅଧରପଣା ନୀତି ବହୁ ଆଡମ୍ବରରେ ସମ୍ପନ୍ନ ହୋଇଛି । ୨ବର୍ଷ ପରେ ଚଳିତ ବର୍ଷ ବଡଦାଣ୍ଡରେ ସମସ୍ତ ଭକ୍ତଙ୍କୁ ଶ୍ରୀଜିଉ ସୁନାବେଶରେ ଦର୍ଶନ ଦେଇଥିଲେ । ସକାଳୁ ସମସ୍ତ ନୀତି ସମ୍ପନ୍ନ ହେବାପରେ ସକାଳ ସାଢେ ୬ଟାରୁ ଅପରାହ୍ନ ସାଢେ ଦୁଇଟା ପର୍ଯ୍ୟନ୍ତ ରଥ ଉପରେ ସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଅପରାହ୍ନ ସାଢେ ୩ଟାରେ ସୁନାବେଶ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସାଢେ ୬ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁନାବେଶରେ ଦର୍ଶନ ଦେଇଥିଲେ ଶ୍ରୀ ଜିଉ । ଏହାକୁ ଶ୍ରଦ୍ଧାଳୁମାନେ ଦେଖିଥିଲେ । ନବରଙ୍ଗପୁର ରାଜପୁରୋହିତ ତଥା ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ମା' ଭଣ୍ଡାରଘରଣି କର୍ମକାଣ୍ଡ ପ୍ରଶିକ୍ଷଣ କେନ୍ଦ୍ର ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ସୁନାବେଶ ନୀତିରେ ଅନ୍ୟମାନଙ୍କ ମଧ୍ୟରେ ଦେବୋତର ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ରାଉତ, ନବରଙ୍ଗପୁର ଦେବୋତର ସଭାପତି ସୁବାସ ଚନ୍ଦ୍ର ସୁର, ପଣ୍ଡିତ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ମନ୍ଦିର ପୂଜକ ଶେଷଦେବ ବ୍ରହ୍ମା, ଜଗନ୍ନାଥ ବ୍ରହ୍ମା, ଦେବୀ ନାୟକ, ରବିନ୍ଦ୍ର ନାଥ ଶତପଥୀ, ସନ୍ତୋଷ କୁମାର ସାହୁ,ସୁଧାକର ପାଢୀ, ସୁମିତ ହଡପ,ବାବୁଲା ତ୍ରିପାଠୀ, ତ୍ରୟନାଥ ତ୍ରିପାଠୀ, ଗେଲ୍ଲେଇ ତ୍ରିପାଠୀ, ଚିନୁ ଦାସ, ବିଭୁତି ପାତ୍ର, ବଦ୍ରି ତ୍ରିପାଠୀ, ସ୍ୱରିତ ପାଣିଗ୍ରାହୀ, ଦୀପୁ ତ୍ରିପାଠୀ, ପପୁ ତ୍ରିପାଠୀ, ମନ୍ଦିର ପରିଚାଳନା କମିଟି ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡଙ୍ଗୀ, ତ୍ରିପତି ସ୍ୱାଇଁ,ଗଗନ ସୌରା,ସାଗର ଖୁଣ୍ଟିଆ, ସନ୍ତୋଷ ମହାଙ୍କୁଡ, ଗଣପତି ଗୌଡ, ନରସିଂହ ଗୌଡ, ଚୈତନ୍ୟ ନାୟକ, ଭାଗୀରଥି ନାୟକ, ମୀନ ନାୟକ, ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀ, ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପସଭାପତି ଭବାନୀ ଶତପଥୀ, ସମ୍ପାଦକ କୁନା ପାତ୍ର, ଦୁର୍ଗା ତ୍ରିପାଠୀ, ପ୍ରମିସ ତ୍ରିପାଠୀଙ୍କ ସମେତ ନିଯୋଗର ସମସ୍ତ ସଦସ୍ୟଙ୍କ ସମେତ ବହୁ ପୋଲିସ କର୍ମଚାରୀ ଓ ତହସିଲ କର୍ମଚାରୀ ଉପସ୍ଥିତ ରହି ସହ ଯୋଗ କରିଥିଲେ । ଡ. ବିଜୟ ମିଶ୍ର, ଶଶାଙ୍କ ଶେକର ତ୍ରିପାଠୀ, ଜେମାମଣି ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଧାଂଶୁ ତ୍ରିପାଠୀ, ସଦାଶିବ ସାହୁ ପ୍ରମୁଖ ରଥଯାତ୍ରା, ବାହୁଡାଯାତ୍ରା ଓ ସୁନାବେଶର ଦାରାବିବରଣୀ ପ୍ରଦାନ କରିଥିଲେ।

## ପିଏ ଆଇଟିଡିଏଙ୍କୁ ନବୋଦୟ ଗ୍ରୁପ୍ ତରଫରୁ ସମ୍ବର୍ଦ୍ଧନା




ମାଲକାନଗିରି, (ଭାସ୍କର ନ୍ୟୁଜ୍):ମାଲକାନଗିରି ସ୍ଥିତ ଗୋନ୍ଦିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲା ସମ୍ମାନ୍ନୀତ ଆଦିବାସୀ ବିକାଶ ସମ୍ବସ୍ଥାର ନୂତନ ପ୍ରକଳ୍ପ ପ୍ରଶାସକ ଭାବେ ଯୋଗ ଦେଇଥିବା ତ୍ରିନାଥ ମାଝୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସେ ଜବାହର ନବୋଦୟ ବିଦ୍ୟାଳୟର ୧୯୯୯ ବ୍ୟାଚର ମେଧାବୀ ଛାତ୍ର, ନିଜର ଅକ୍ଲାନ୍ତ ପରିଶ୍ରମ ଓ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତୀ ପାଇଁ ଆଜି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଜଣେ ପ୍ରକଳ୍ପ ପ୍ରଶାସକ ହିସାବରେ ନିଯୁକ୍ତ ପାଇଥିବାରୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି । ଆଜି ଏକ ବିଶେଷ କାର୍ଯ୍ୟକ୍ରମରେ ଗୋନ୍ଦିପାଲି ଆଦର୍ଶ ବିଦ୍ୟାଳୟର ପ୍ରିନ୍ସପାଲ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ପୋଲିଟେକନିକ ମହାବିଦ୍ୟାଳୟର ପ୍ରିନ୍ସପାଲ ଜୀବନ ଜ୍ୟୋତି, ନବୋଦୟର ପୁରାତନ ଛାତ୍ର ଭାଗୀରଥି ବେହେରା, ଟଙ୍କଧର ଜାନୀ, ଯୁବ ରାଜନେତା ଆଡମା ରାବା, ସୁଧୀର ସିକଦାର, ଲକ୍ଷ୍ମୀଧର ମାଝୀ, କେନାରାମ ସରକାର, ବିଜୟଲକ୍ଷ୍ମୀ ଚୈାଧୁରୀ, ସମ୍ବଜୁକ୍ତା ହନ୍ତାଳ,ତାପସୀ ଲସ୍କର ଓ ଅନ୍ୟ ପୁରାତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ଶ୍ରୀ ମାଝୀଙ୍କୁ ଫୁଲତୋଡା ଓ ଉତ୍ତରୀୟ ପିନ୍ଧାଇ ସମ୍ବର୍ଦ୍ଧିତ କରିବା ସହ ବିଦ୍ୟାଳୟରେ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ହୋଇଯାଇଛି । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ମାଝୀ ସମସ୍ତଙ୍କ ସହଯୋଗ କାମନା କରି କହିଛନ୍ତି ଯେ ମାଲକାନଗିରି ଜିଲ୍ଲାର ସମସ୍ତ ଆଦିବାସୀମାନଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାକୁ ସୁଦୃଢ଼ ସହ ଅଞ୍ଚଳର ବିକାଶକୁ ପ୍ରାଥମିକତା ଦେବେ । ଏଥିସହ ଆଜିର କାର୍ଯ୍ୟକ୍ରମକୁ ଆୟୋଜିତ କରିଥିବା ନବୋଦୟ ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ଗଞ୍ଜେଇ ଜବତ, ୧ ଗିରଫ




କୋରାପୁଟ,(ଭାସ୍କର ନ୍ୟୁଜ୍): ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସମୟରେ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ପୋଲିସ ଜଣଙ୍କୁ ଗିରଫ କରିଛି । ଏଥିସହ ପୋଲିସ ୫୭ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଓ ଗୋଟିଏ ଫୋର୍ଡ କାର ଜବତ କରିଛି । ସୂଚନା ଅନୁଯାୟୀ, ସେମିଳିଗୁଡ଼ା ଥାନା ଏସ୍‌ଆଇ ହରପ୍ରିୟା ଶବର ପୋଲିସ ଟିମ୍ ସହିତ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ପଟ୍ଟାଙ୍ଗି ପଟୁ ଏକ ଫୋର୍ଡ କାର (ଏପି ୩୧ ଏଟି ୭୫୦୦)ରେ ଗଞ୍ଜେଇ ନେଇ ଯାଉଥିବା ତିନିଜଣ ଚୋରା ଚାଲାଣ କାରି ପୋଲିସ ଗାଡି ଦେଖି କୁତୁଗାଁ ଛକ ନିକଟରେ ଗାଡି ଛାଡି ଫେରାର ହେବାକୁ ଚେଷ୍ଟା କରିଥିଲେ ମଧ୍ୟ ଜଣକୁ ପୋଲିସ କାବୁ କରିବାକୁ ସକ୍ଷମ ହୋଇଥିଲା ଯାଞ୍ଚପରେ ଗାଡ଼ି ଭିତରେ ବସ୍ତାରେ ଗଞ୍ଜେଇ ଥିବା ଜଣା ପଡ଼ିଥିଲା । ପୋଲିସ ଗାଡି ଓ ଗଞ୍ଜେଇ ଜବତ କରିବା ସହିତ ଗାଡ଼ି ଥାନାକୁ ନେଇଥିଲା । ଜବତ ଗଞ୍ଜେଇ ଓଜନ କରାଯିବା ପରେ ଏହା ୫୭ କିଲୋ ୨୦୦ ଗ୍ରାମ ବୋଲି ଜଣା ପଡ଼ିଥିଲା । ଏନେଇ ଥାନା କେଶ୍ ନଂ ୧୦୬/୨୨ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଦୁଇ ଗଞ୍ଜେଇ ଚାଲାଣ ଅଭିଯୋଗରେ ପଟାଙ୍ଗୀ ଥାନା ଅନ୍ତର୍ଗତ ମାଳିମାର୍ଲା ଗ୍ରାମର ରିଙ୍କୁ ଚୌଧୁରୀ (୨୧)ଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସୁନାବେଡ଼ା ଏସ୍‌ଡିପିଓ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି । ଏଥିସହ ଗଞ୍ଜେଇ ଚାଲାଣକାରୀଙ୍କ ଠାରୁ ୨ଟି ମୋବାଇଲ ଜବତ କରାଯାଇଛି । ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଶ୍ରୀ ବେହେରା କହିଛନ୍ତି ।

## ବିଦ୍ୟାର୍ଥୀଙ୍କ ଦ୍ୱାରା ଚାରାରୋପଣ

ଗୁଣପୁର,(ଭାସ୍କର ନ୍ୟୁଜ୍): ବୃକ୍ଷ ପରିବେଶ ସୁରକ୍ଷା ଓ ଅମ୍ଳଜାନ ପ୍ରଦାନର ମୁଖ୍ୟ ସ୍ରୋତ ହୋଇଥିବାରୁ ସମଗ୍ର ରାଜ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଏକ ଅଭିଯାନ ପୁର୍ବକ ଜଣେ ବିଦ୍ୟାର୍ଥୀ ପାଞ୍ଚଗୋଟି ଚାରା ଲଗାଇ ତାହାର ସୁରକ୍ଷା କରିବା ନିମନ୍ତେ ଅନଲାଇନ ପ୍ରକୃତି ମିତ୍ର ନାମରେ ପଞ୍ଜୀକରଣ କରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଦ୍ୟାର୍ଥୀଙ୍କୁ ସାମିଲ କରାଯାଇଥିଲା । ଏହି କ୍ରମରେ ଗୁଣପୁର ଶାଖା ବିଦ୍ୟାର୍ଥୀ ପରିଷଦର ବିଦ୍ୟାର୍ଥୀ ମାନେ ସଂଗଠନର ପ୍ରତିଷ୍ଠା ଦିବସରେ ସଂକଳ୍ପ କରି ଆଜି ସ୍ଥାନୀୟ ମୁତ୍ୟାଲୁ ମା' ମନ୍ଦିର ନିକଟ ରାସ୍ତା କଡରେ ବିଭିନ୍ନ କିସମର ଚାରା ରୋପଣ କରି ତାହାରି ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ଗୁଣପୁର ବନଖଣ୍ଡର ବନଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଏବିଭିପିର ନଗର ସଭାପତି ପ୍ରଫୁଲ୍ଲ ଲିମା, ବିଭାଗ ପ୍ରମୁଖ ଉମାଶଙ୍କର ଦାଶ, ନଗର ସମ୍ପାଦକ ସାଇ ପାଣିଗ୍ରାହୀ, ସଂଯୋଜକ ବି ସତୀଶ କୁମାର, ବି କିରଣ, ଲକ୍ଷ୍ମୀ ମହାଙ୍କୁଡ଼, ଶିବ୍ ଡ଼ାକୁଆ ପ୍ରମୁଖଙ୍କ ମିଳିତ ପ୍ରୟାସରେ ଚାରା ରାପଣ କରାଯାଇଥିଲା ।



"ଆମେ କେବଳ ନିଜ ପାଇଁ ନୁହେଁ ସମଗ୍ର ବିଶ୍ୱର ଲୋକଙ୍କ ପାଇଁ ଶାନ୍ତି ଏବଂ ଶାନ୍ତିପୂର୍ଣ୍ଣ ବିକାଶରେ ବିଶ୍ୱାସ କରୁ।"

-ଲାଲ୍ ବାହାଦୁର ଶାସ୍ତ୍ରୀ



"ସୌନ୍ଦର୍ଯ୍ୟ ପାଇଁ ଅଳଙ୍କାରର ଆବଶ୍ୟକତା ନାହିଁ। କୋମଳତା ଅଳଙ୍କାରର ଭାର ବହନ କରିପାରିବ ନାହିଁ।"

-ମୁନ୍ସୀ ପ୍ରେମଚାନ୍ଦ



# ଜନ ଅଶାନ୍ତିର ବିସ୍ଫୋରକ ରୂପ
# ଶ୍ରୀଲଙ୍କାରେ ଅସ୍ୱସ୍ଥ ସ୍ଥିତି

ଅତ୍ୟଧିକ ମୂଲ୍ୟବୃଦ୍ଧି, ଖାଦ୍ୟାଭାବ, ବେକାରୀ ଓ ଉତ୍କଟ ଦାରିଦ୍ର୍ୟ ଯୋଗୁଁ ଆମର ଅନ୍ୟତମ ପଡ଼ୋଶୀ ଦେଶ ଶ୍ରୀଲଙ୍କାରେ ଗତ କିଛି ଦିନ ହେଲା ଯେଉଁ ଜନ ଅସନ୍ତୋଷ ଦେଖାଦେଇଥିଲା ଶେଷରେ ତାହା ବିସ୍ଫୋରକ ରୂପ ନେଉଛି। ଦୁଇ ଦିନ ତଳୁ ଦେଶରେ ଏକରକମ 'ଜନ ବିଦ୍ରୋହ' ମୁଣ୍ଡ ଟେକିଛି କହିଲେ ଭୁଲ ହେବ ନାହିଁ। ଏହି ବିଦ୍ରୋହକୁ ନିୟନ୍ତ୍ରଣ କରିବାରେ ସୁରକ୍ଷା ବାହିନୀ ବିଫଳ ହୋଇଥିବାବେଳେ ଜନ ଆକ୍ରୋଶରୁ ବର୍ତ୍ତିବା ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେ ରାଜଧାନୀ କଲମ୍ବୋ ଛାଡ଼ି ପଳାଇ ଯିବା ପରେ ଏବେ ଫେରିଥିବାର ଜଣାପଡ଼ିଛି। ସେହିପରି ଜନସାଧାରଣଙ୍କ କ୍ରୋଧର ଶିକାର ହୋଇଥିବା ପ୍ରଧାନମନ୍ତ୍ରୀ ରନିଲ ବିକ୍ରମସିଂଘେ ପଦବୀରୁ ଇସ୍ତଫା ଦେଇଛନ୍ତି ଏବଂ ତାଙ୍କର ଘରୋଇ ବାସଭବନକୁ କ୍ଷୁବ୍ଧ ଜନତା ଜାଳିପୋଡ଼ି ପାଉଁଶ କରିଦେଇଛନ୍ତି। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ସାଙ୍ଗକୁ ରାଜନୈତିକ ସ୍ଥିତି ଏବେ ଆହୁରି ଜଟିଳ ହୋଇଛି। ମାସ ମାସ ଧରି ଆର୍ଥିକ ଦୁର୍ଗତିକୁ ନେଇ ସାରା ଦେଶରେ ହାହାକାର ପଡ଼ିଥିବା ସମୟରେ ଦେଶବାସୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିଛି, ଯାହା ଶନିବାର ଜନବିଦ୍ରୋହରେ ପ୍ରତିଫଳିତ ହୋଇଛି। ରାଜଧାନୀ କଲମ୍ବୋ ସେଦିନ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଦେଶର ସାଂପ୍ରତିକ ସ୍ଥିତି ପାଇଁ ରାଜପକ୍ଷେ ସରକାରକୁ ଦାୟୀ କରି ହଜାର ହଜାର ଲୋକ ରାଷ୍ଟ୍ରପତି ଭବନକୁ ଚାରିପଟୁ ଘେରି ଯାଇଥିଲେ। ପୁଲିସ ଓ ସେନାବାହିନୀର ପ୍ରତିରୋଧ ସତ୍ତ୍ୱେ ଲୋକମାନେ ରାଷ୍ଟ୍ରପତି ଭବନ ଭିତରକୁ ପଶି ଯାଇଥିଲେ। ରାଷ୍ଟ୍ରପତି ଭବନ ନିଜ ଦଖଲକୁ ନେବା ପରେ ଆନ୍ଦୋଳନକାରୀ ବିପୁଳ ପରିମାଣର ନଗଦ ଟଙ୍କା ସେଠାରୁ ମିଳିଥିବାର ଦାବି କରିଛନ୍ତି। ସେମାନେ ଟଙ୍କା ଗଣୁଥିବାର ଭିଡିଓ ଭାଇରାଲ୍ ହୋଇଛି। ରାଷ୍ଟ୍ରପତି ଭବନରୁ ୧୮ ନିୟୁତ ନଗଦ ରାଶି ଜବତ ହୋଇଥିବାର ସୂଚନା ମିଳିଛି। ସେଠାରେ ଏକ ଗୁପ୍ତ ବଙ୍କରର ମଧ୍ୟ ସନ୍ଧାନ ମିଳିଛି। ଶ୍ରୀଲଙ୍କା ସ୍ୱାଧୀନ ହେବାର ସାତ ଦଶନ୍ଧି ବିତିଯାଇଥିବାବେଳେ ବର୍ତ୍ତମାନ ଭଳି ଆର୍ଥିକ ସଙ୍କଟ କେବେ ଦେଖାଦେଇନଥିଲା। ବିଦେଶୀ ମୁଦ୍ରାର ଘୋର ସଙ୍କଟ କାରଣରୁ ଦେଶରେ ପେଟ୍ରୋଲ, ଡିଜେଲ, ଖାଦ୍ୟସାମଗ୍ରୀ ଏବଂ ଔଷଧପତ୍ର ଆଦି ମିଳୁନାହିଁ। ଲୋକଙ୍କ କ୍ରୋଧ ଚରମରେ ପହଞ୍ଚିଥିବାରୁ ଶାନ୍ତି ବଜାୟ ରଖିବା ପାଇଁ ସେନାମୁଖ୍ୟ ନିବେଦନ କରିଛନ୍ତି। ଦେଶରେ ମିଳିତ ସରକାର ଗଠନ ପାଇଁ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ସହମତିର ଅଭାବ ଯୋଗୁଁ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁ ନାହିଁ। ଏହି ସଙ୍କଟଜନକ ସ୍ଥିତିରେ ଭାରତ ସବୁ ସମୟରେ ସହାୟତାର ହାତ ବଢ଼ାଇଥିବାବେଳେ ଏବେ ମଧ୍ୟ ସାହାଯ୍ୟ କରିବାକୁ ପ୍ରସ୍ତୁତ ରହିଛି ବୋଲି ସ୍ପଷ୍ଟ କରିଛି। ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେ ଆସନ୍ତା ବୁଧବାର ନିଜ ପଦରୁ ଇସ୍ତଫା ଦେବେ ବୋଲି ସୂଚନା ମିଳିଛି। ଏହାପରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇ ନୂତନ ସରକାର ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ବିଗତ ଦୁଇ ମାସ ମଧ୍ୟରେ ଦେଶରେ ଏହା ତୃତୀୟ ସରକାର ହେବ। ମୋଟାମୋଟି ଭାବରେ ପଡ଼ୋଶୀ ଶ୍ରୀଲଙ୍କାରେ ଆଜି ଯେଉଁ ଆର୍ଥିକ ଓ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି, ସେଥିପାଇଁ ଶାସନ କ୍ଷମତାରେ ରହିଥିବା ଦୁର୍ନୀତିଗ୍ରସ୍ତ ଓ ଅପରାଗତା ରାଜନେତାମାନଙ୍କ କୁଶାସନ ହିଁ ମୁଖ୍ୟତଃ ଦାୟୀ। ଏହି ଜନବିଦ୍ରୋହ ଓ ବିସ୍ଫୋରଣ ଅନ୍ୟ ସମସ୍ତ ଗଣତାନ୍ତ୍ରିକ ଦେଶ ପାଇଁ ଏକ ସତର୍କବାଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ।

# ଓଡ଼ିଶା ବଜେଟ୍ : ୨୦୨୨-୨୩



ସନ୍ତୋଷ ଦାସ
ମୋ ନଂ:-୯୪୩୭୦୨୪୪୮୪

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କ ୨୦୨୨ ପାଇଁ ଅଭିବୃଦ୍ଧିର ହାର ଶତକଡ଼ା ୧.୯ ଭାଗରେ ସୀମିତ ରହିବ ବୋଲି ସେମାନଙ୍କ ସଂଶୋଧିତ ଆକଳନରେ ଘୋଷଣା କଲେଣି। ରେଟିଂ ଏଜେନ୍ସିମାନେ ବିଶ୍ୱ ଏକ ମନ୍ଦି ଅବସ୍ଥା ମଧ୍ୟରେ ପ୍ରବେଶ କରିବାକୁ ଯାଉଛି ବୋଲି ଭବିଷ୍ୟବାଣୀ କରି ସାରିଲେଣି। ୨୦୨୨ ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ତ୍ରୟୋମାସିକରେ ଯୁକ୍ତରାଷ୍ଟ୍ର ଆମେରିକାର ଅର୍ଥନୀତି ପୂର୍ବ ବର୍ଷର ସେହି ସମୟ ତୁଳନାରେ ୧.୬ ଭାଗ ପଛକୁ ଖସିଛି। ଆସନ୍ନ ମନ୍ଦି ଅବସ୍ଥାକୁ ନେଇ ସୃଷ୍ଟି ହୋଇଥିବା ବିଶ୍ୱ ଆତଙ୍କର ପୃଷ୍ଠଭୂମିରେ ଓଡ଼ିଶା ବିଧାନସଭାରେ ୨୦୨୨ ଜୁଲାଇ ୨ ତାରିଖରେ ଆଗତ ହୋଇଛି ୨୦୨୨-୨୩ର ବାର୍ଷିକ ବଜେଟ୍। ଏହି ଆର୍ଥିକ ବର୍ଷରେ ଅଭିବୃଦ୍ଧିର ହାର ଶତକଡ଼ା ୮ ଭାଗରୁ ୮.୫ ଭାଗ ହେବ ବୋଲି ଉଚ୍ଚ ଅଭିଳାଷ ପୋଷଣ କରାଯାଇଛି।

ମାତ୍ର ଏହି ଅଭିଳାଷ ଯେ ବାସ୍ତବରେ ପରିଣତ ହେବ, ତାହା ଏକ ବିରାଟ ପ୍ରଶ୍ନବାଚୀ। ଉତ୍ପାଦନ ସେତିକିବେଳେ ବଢ଼େ, ଯେତିକିବେଳେ ଉତ୍ପାଦିତ ଜିନିଷକୁ ବଜାରରେ ଖାଉଟିମାନେ କ୍ଷୀପ୍ରତାର ସହ କଣି ଥାଆନ୍ତି। ଅର୍ଥାତ୍ ବାଜରରେ ଏକ ଚାହିଦା ଥାଏ। ମାତ୍ର ଆମ ଓଡ଼ିଶାର ହାଲ୍ କ'ଣ? ଏଠି କର୍ମନିଯୁକ୍ତିର ସୁଯୋଗ ଖୁବ୍ ସୀମିତ। ଓଡ଼ିଆ ଲୋକେ ପ୍ରବାସୀ ଶ୍ରମିକ ହୋଇ ବାହାର ରାଜ୍ୟକୁ, ଏପରିକି ଦେଶ ବାହାରକୁ ଯାଉଛନ୍ତି। କିଏ ଦାରିଦ୍ର୍ୟର ଜ୍ୱାଳା ସହି ନ ପାରି ଯାଉଛି, ଅବା କିଏ ଉନ୍ନତ ସୁଯୋଗ ଆଶାରେ ଯାଉଛି। ଏମାନଙ୍କ ସଂଖ୍ୟା କେତେ ଲକ୍ଷ ତା'ର କୌଣସି ସଠିକ୍ ତଥ୍ୟ ସରକାରଙ୍କ ପାଖରେ ନାହିଁ। କରୋନା ମହାମାରୀ ସମୟରେ ଏହି ଶ୍ରମିକମାନେ ଯେଉଁ ସଂଖ୍ୟାରେ ଓଡ଼ିଶାକୁ ବାହୁଡ଼ି ଆସିଲେ, ଆମେ ସେଥିରୁ ସେମାନଙ୍କ ସଂଖ୍ୟା ଉପରେ କିଛି ଅନୁମାନ କରିପାରିବା।

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ମାର୍ଚ୍ଚ ମାସରେ ବିଧାନସଭାରେ ଯେଉଁ ଅର୍ଥନୈତିକ ସର୍ଭେ (୨୦୨୨) ଆଗତ କରାଯାଇଛି, ସେଥିରେ ସ୍ୱୀକାର କରାଯାଇଛି ଯେ, ରାଜ୍ୟରେ ବେକାରୀ ହାର ହେଉଛି ଶତକଡ଼ା ୬.୨। ଏହା ପୁଣି ଜାତୀୟ ହାର (୪.୮) ଠାରୁ ଢ଼େର ଅଧିକ। ଏହି ଭୟଙ୍କର ବେକାର ସମସ୍ୟାକୁ ଅଧିକ ଉତ୍କଟ ରୂପ ଦେଉଛି, ବର୍ତ୍ତମାନ ଖଣିଖାଦାନ ଅଞ୍ଚଳରେ ଚାଲିଥିବା ଯାନ୍ତ୍ରିକରଣ ଯୋଗୁଁ ଶ୍ରମିକ ଛଟେଇ।

ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନାର ଉପାଦେୟତାକୁ ସ୍ୱୀକାର କରିଛନ୍ତି। ମାତ୍ର ଏ କ୍ଷେତ୍ରରେ ଯେଉଁ ସଫଳତାର ଚିତ୍ର ସେ ତାଙ୍କ ବଜେଟ୍ ଭାଷଣରେ ଟେକି ଧରିଛନ୍ତି ତାହା ଯେ ଅର୍ଦ୍ଧସତ୍ୟ, ଏକଥା ମନ୍ତ୍ରୀ ମହୋଦୟ ମଧ୍ୟ ଭଲ ଭାବରେ ଜାଣନ୍ତି। କାରଣ ଲୋକଙ୍କୁ କାମରେ ନ ଲଗାଇ, ମେସିନରେ କାମ କରାଇ, ଜବ୍ କାର୍ଡରେ ଜାଲିଆତି କରି ଶ୍ରମିକର ରୋଜଗାର ପାଇଁ ଉଦ୍ଦିଷ୍ଟ ଅର୍ଥକୁ ପଞ୍ଚାୟତରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି, ଅମଲାତନ୍ତ୍ର ଓ ଠିକାଦାରମାନେ ଯେ ଆତ୍ମସାତ କରୁଛନ୍ତି, ତାହା କ'ଣ କାହାକୁ ଅଛପା ଅଛି? ଏହା ନିଶ୍ଚିତ ଭାବେ ଦୁର୍ନୀତି। ମାତ୍ର ଦୁର୍ନୀତିର ପରିଣାମ ସ୍ୱରୂପ ଯାହା ଘଟୁଛି, ତାହା ହେଲା ଗାଁ ଗଣ୍ଡାରେ ଶ୍ରମିକ, ଦଳିତ ଓ ଆଦିବାସୀଙ୍କ ପାଖରୁ ରୋଜଗାର ଛଡ଼ାଇ ନେବା। ଏହାର ଅର୍ଥନୈତିକ ପ୍ରଭାବ କଦାପି ଅଭିବୃଦ୍ଧିକୁ ସୁନିଶ୍ଚିତ କରିପାରିବ ନାହିଁ। କାରଣ ଏହା ଶ୍ରମଜୀବୀ ମଣିଷର କ୍ରୟଶକ୍ତିକୁ ଦୁର୍ବଳ କରି ପକାଉଛି।

୨୦୧୩-୧୪ରୁ ଏକ ସ୍ୱତନ୍ତ୍ର "କୃଷି ବଜେଟ୍" ଆଗତ ହୋଇ ଆସୁଛି ବୋଲି ରାଜ୍ୟ ବି.ଜେ.ଡ଼ି. ସରକାର ଗର୍ବବୋଧ କରୁଛି। ଏପରିକି ଓଡ଼ିଶାରେ କୃଷକମାନଙ୍କ ଆୟ ଦ୍ୱିଗୁଣିତ ହୋଇସାରିଛି ବୋଲି ଦାବି କରାଯାଉଛି। ଓଡ଼ିଶା ବିଧାନସଭା ୨୦୧୭ ମାର୍ଚ୍ଚରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କା ଦାବି କରି ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିଥିଲା। ବି.ଜେ.ଡ଼ି, ବି.ଜେ.ପି., କଂଗ୍ରେସ ଓ ସି.ପି.ଆଇ.(ଏମ୍) ସମେତ ନିର୍ଦ୍ଦଳୀୟ ସଭ୍ୟମାନେ ଏହି ପ୍ରସ୍ତାବ ସହ ଏକମତ ହୋଇଥିଲେ। ୨୦୧୮-୧୯ରେ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ତତ୍କାଳୀନ କୃଷି ମନ୍ତ୍ରୀ କହିଥିଲେ ଯେ, ଧାନର ଉତ୍ପାଦନ ଖର୍ଚ୍ଚ ହେଉଛି କ୍ୱିଣ୍ଟାଲ ପ୍ରତି ୨୪୦୩ ଟଙ୍କା। ତିନି ବର୍ଷ ପରେ ଏହି ଉତ୍ପାଦନ ଖର୍ଚ୍ଚ ଆହୁରି ବଢ଼ିଛି। ଏପରି ପରିସ୍ଥିତିରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଅନୁଯାୟୀ ଚାଷୀଙ୍କୁ ମିଳିବ କ୍ୱିଣ୍ଟାଲ ପ୍ରତି ମାତ୍ର ୨୦୪୦ ଟଙ୍କା। ଧାନ ଫସଲର ଅଭାବୀ ବିକ୍ରି ପାଇଁ କରାଯାଇଥିବା ଏହି ସରକାରୀ ବ୍ୟବସ୍ଥା କିପରି ଚାଷୀଙ୍କୁ ଲାଭ ଯୋଗାଇବ ଓ ସେମାନଙ୍କ ଆୟ କିପରି ଦ୍ୱିଗୁଣିତ ହେବ? ଓଡ଼ିଶା ସରକାର ଯଦି ଚାଷୀ ସ୍ୱାର୍ଥ ପ୍ରତି ପ୍ରତିଶ୍ରୁତିବଦ୍ଧ ଥାଆନ୍ତେ, ତେବେ ଦୁଇଟି ବ୍ୟବସ୍ଥା କୃଷି ବଜେଟ୍‌ରେ କରିଥାଆନ୍ତେ। ପ୍ରଥମଟି ହେଲା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅନ୍ୟୁନ ଏକ ହଜାର ଟଙ୍କା ବୋନସ୍ ପ୍ରଦାନ ଏବଂ ଦ୍ୱିତୀୟଟି ହେଉଛି କୃଷି ଋଣ ଛାଡ଼। ରାଜ୍ୟର ୭୦ ଭାଗ ଲୋକ ଯେଉଁମାନେ କୃଷି ଉପରେ ନିର୍ଭରଶୀଳ, ସେମାନେ ଏହି ଦୁଇଟି ପଦକ୍ଷେପ ଦ୍ୱାରା ଉପକୃତ ହୋଇଥାଆନ୍ତେ। ଏକ ପକ୍ଷରେ ଋଣ ମୁକ୍ତି ଓ ଅନ୍ୟ ପକ୍ଷରେ କୃଷି ଲାଭ ଦାୟକ ହେବା କାରଣରୁ ଓଡ଼ିଶାର ବଜାରରେ ବିକ୍ରିବଟା ବଢ଼ିଥାଆନ୍ତା। ଅର୍ଥନୀତି ସଚଳ ହୋଇଥାଆନ୍ତା ଓ ତାହା ଅଭିବୃଦ୍ଧିର ହାର ବଢ଼ିବାରେ ସହାୟକ ହୋଇଥାଆନ୍ତ। ମାତ୍ର ୨୦୨୨-୨୩ର ରାଜ୍ୟ ବଜେଟ୍ ଚାଷୀକୁଳର ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପ୍ରତି ଆଖିବୁଜି ଦେଇଛି।

ଉପଯୁକ୍ତ ଆୟରୁ ବଞ୍ଚିତ ସମାଜର ଅନ୍ୟ ଏକ ଅଂଶ ହେଲେ ଭତ୍ତା ନିର୍ଭର ଅସ୍ୱଚ୍ଛଳ ଜନତା। ଏହି ବୁଢ଼ା-ବୁଢ଼ୀ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ମିଳେ ମାସିକ ମାତ୍ର ୫୦୦ ଟଙ୍କାର ଭତ୍ତା। ଭାରତରେ ଏହି ଭତ୍ତା ଦେବା କାର୍ଯ୍ୟକ୍ରମ ପ୍ରଥମେ ଆରମ୍ଭ ହୋଇଥିଲା ଓଡ଼ିଶାରେ, ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ। ଅନ୍ୟ ରାଜ୍ୟମାନେ ଆମକୁ ଅନୁକରଣ କରି ଭତ୍ତା ପ୍ରଚଳନ କଲେ। ପଡୋଶୀ ଆନ୍ଧ୍ରପ୍ରଦେଶରେ ଏହି ଭତ୍ତାର ପରିମାଣ ସଂପ୍ରତି ମାସିକ ୨୫୦୦ ଟଙ୍କା (ଭିନ୍ନକ୍ଷମଙ୍କ ପାଇଁ ୩୦୦୦ଟଙ୍କା)। ଓଡ଼ିଶାରେ ଯଦି ଭତ୍ତାର ପରିମାଣକୁ ଏହି ସ୍ତରକୁ ନିଆଯାଇଥାଆନ୍ତା, ତେବେ ଲୋକଙ୍କ ସ୍ୱଚ୍ଛଳତା ନିଶ୍ଚିତ ବଢ଼ିଥାଆନ୍ତା। ଭତ୍ତା ନିର୍ଭର ଲୋକଙ୍କ କ୍ରୟ କ୍ଷମତା ବଢ଼ିଲେ ତାହା ମଧ୍ୟ ଅଭିବୃଦ୍ଧିର ହାରକୁ ଊର୍ଦ୍ଧ୍ୱକୁ ନେଇପାରନ୍ତା। ମାତ୍ର ୨୦୨୨-୨୩ର ରାଜ୍ୟ ବଜେଟ୍ ଏହି ପ୍ରସଙ୍ଗ ପ୍ରତି ସଂପୂର୍ଣ୍ଣ ଅଣଦେଖା କରିଛି।

ବେକାର ଯୁବକ ଓ ଛଟେଇ ଶ୍ରମିକର କର୍ମନିଯୁକ୍ତି ବ୍ୟବସ୍ଥା ନ କରି, ଚାଷୀର ଫସଲ ପାଇଁ ଲାଭଜନକ ଦରକୁ ସୁନିଶ୍ଚିତ ନ କରି ଓ ଅସହାୟ ଲୋକଙ୍କ ଭତ୍ତା ନ ବଢ଼ାଇ ଅଭିବୃଦ୍ଧିର ହାର ଶତକଡ଼ା ୮ରୁ ୮.୫ ଭାଗ ହେବ ବୋଲି ଉଚ୍ଚାଭିଳାଷ ପୋଷଣ କରିବା ଭିତ୍ତିହୀନ ପରିକଳ୍ପନା ଅଟେ। ଯଦି ସରକାର ଭାବୁଥିବେ ଯେ ଖଣିଜ ସଂପଦ ବିଦେଶକୁ ଚାଲାଣ କରି ଅଭିବୃଦ୍ଧି ହାର ବୃଦ୍ଧି କରାଯାଇପାରିବ, ତେବେ ଭିନ୍ନ କଥା। ମାତ୍ର ତାହା ଆମ ଅର୍ଥନୀତିକୁ ମଜଭୁତ କରିପାରିବ ନାହିଁ। ଏହି କାରଣରୁ ବିଚାର କଲେ ୨୦୨୨-୨୩ର ବଜେଟ୍ ଅଭିବୃଦ୍ଧି ମୁଖୀ ହୋଇପାରେନା।

ଅର୍ଥମନ୍ତ୍ରୀଙ୍କ ବଜେଟ୍ ଭାଷଣରେ ଦାବି କରାଯାଇଛି ଯେ, ଲଗାତର ଭାବେ ୧୭ ବର୍ଷ ଧରି ଓଡ଼ିଶା ବଳକା ରାଜସ୍ୱର ରାଜ୍ୟରେ ପରିଣତ ହୋଇଛି। ପ୍ରଶ୍ନ ଉଠେ, ଏହା କିପରି ହାସଲ କରାଯାଇଛି? ପ୍ରଥମତଃ ଉଭୟ ଟିକସ ଓ ଅଣ ଟିକସ ସୂତ୍ରରୁ ରାଜ୍ୟର ଆୟ ବଢ଼ିଛି। ଅନ୍ୟପକ୍ଷରେ ନିଯୁକ୍ତି ବନ୍ଦ, ପଦବୀ ଉଚ୍ଛେଦ ଓ ସ୍ଥାୟୀ ବଦଳରେ ଠିକା ନିଯୁକ୍ତି ଯୋଗୁଁ ରାଜସ୍ୱ ବ୍ୟୟ ଯେଉଁ ମାତ୍ରାରେ ବଢ଼ିବା କଥା ତାହା ବଢ଼ିନାହିଁ। ଏହାର ଉଦାହରଣ ହେଉଛି ପ୍ରଶାସନିକ ବ୍ୟୟର ପରିମାଣ ୨୦୨୧-୨୨ରେ ୮୫ ହଜାର କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୨-୨୩ରେ ତାହା ୮୯,୫୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ବ୍ୟୟ ବୃଦ୍ଧିର ପରିମାଣ ହେଲା ମାତ୍ର ୪୫୦୦ କୋଟି ଟଙ୍କା। ଏହା ହେଉଛି ନିଯୁକ୍ତି ସଂହାରକାରୀ ବ୍ୟବସ୍ଥା। ପୁଣି ଯେଉଁ ନୂତନ ପେନ୍‌ସନ୍ ଯୋଜନା ଲାଗୁ କରାଯାଇଛି, ତାହା ଫଳରେ ଆଗାମୀ ଦିନରେ ରାଜସ୍ୱ ଉପରେ ବୋଝ ଅଧିକ ମାତ୍ରାରେ ଲାଘବ ହେବ। ଜନସ୍ୱାର୍ଥ ବିନିମୟରେ କାର୍ଯ୍ୟକାରୀ ହେଉଥିବା ଏହି ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ହେଲା ଓଡ଼ିଶା ସରକାରଙ୍କ ବଜେଟ୍‌ର ଆତ୍ମା। ସେଇଥିପାଇଁ ଅର୍ଥମନ୍ତ୍ରୀ ତାଙ୍କ ଭାଷଣର ପ୍ରାରମ୍ଭରୁ ହିଁ ଏହି ନୀତି ପ୍ରତି ଅଙ୍ଗୀକାରବଦ୍ଧତା ଘୋଷଣା କରିଛନ୍ତି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ରଶଂସାପତ୍ରକୁ ଉଲ୍ଲେଖ କରି ଏହି ଜନବିରୋଧୀ ନୀତିର ଯୁକ୍ତିଯୁକ୍ତତାକୁ ସାବ୍ୟସ୍ତ କରିଛନ୍ତି। ଏହି ଦୁଇଟି ସଂସ୍ଥା ହେଲେ ନବ୍ୟ-ଉଦାରବାଦର ବାହକ। ସେମାନେ ଓଡ଼ିଶାର ବଜେଟ୍ ବ୍ୟବସ୍ଥାକୁ ଓ ଅର୍ଥନୀତିକୁ ତାରିଫ ନ କରନ୍ତେ ବା କିପରି?

ଜନମଙ୍ଗଳ କାର୍ଯ୍ୟକ୍ରମର ଏକ ପ୍ରମୁଖ କ୍ଷେତ୍ର ହେଲା ବାସଗୃହ ବ୍ୟବସ୍ଥା। ଯେଉଁ ଭୂମିହୀନ ଲୋକଙ୍କର ଘରଡ଼ିହ ନାହିଁ, ସେମାନଙ୍କୁ ଅନ୍ୟୁନ ଛଅ ମାସ ମଧ୍ୟରେ ଘରଡ଼ିହ ଯୋଗାଇବାର ଆବଶ୍ୟକତା ଅଛି। ଯେଉଁ ୫-ଟି କାର୍ଯ୍ୟକ୍ରମକୁ ନେଇ ଏତେ ଡିଣ୍ଡିମ ପିଟା ହେଉଛି, ଘରଡ଼ିହ ଯୋଗାଣକୁ ତା'ର ପରିସରଭୁକ୍ତ କାହିଁକି କରାଯାଉନାହିଁ? ବାସଗୃହ ଯୋଜନାରେ ପ୍ରତିଟି ଘର ପାଇଁ ରହିଥିବା ଅର୍ଥ ବ୍ୟବସ୍ଥା ଆଦୌ ଯଥେଷ୍ଟ ନୁହେଁ। ପ୍ରତ୍ୟେକ ବାସଗୃହ ପିଛା ଅର୍ଥ ବ୍ୟବସ୍ଥାକୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ଆବଶ୍ୟକ।

ସେହିପରି ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିର ବ୍ୟୟ ବରାଦ ୩୨୧୦ କୋଟି ଟଙ୍କାକୁ ଦ୍ୱିଗୁଣିତ କରାଯିବାର ଆବଶ୍ୟକତା ରହିଛି। କେନ୍ଦ୍ରୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ସାହାଯ୍ୟ ହ୍ରାସ ଯୋଗୁଁ ଏହି ପାଣ୍ଠିର ପରିମାଣ ଏପରି କମ୍ ରହିଛି। ତଥାପି ରାଜ୍ୟ ବଜେଟ୍‌ରେ ଅଧିକ ବ୍ୟୟ ବରାଦ କରାଯିବାର ଆବଶ୍ୟକତା ଥିଲା।

ଅବଶ୍ୟ ଗତାନୁଗତିକ ଢ଼ାଞ୍ଚାରେ ବ୍ୟୟବରାଦ ସହ କେତୋଟି ସ୍ୱାଗତଯୋଗ୍ୟ ବ୍ୟବସ୍ଥା କରାଯାଇଛି। ଉଦାହରଣ ଭାବେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନାରେ ଠିକ୍ ସମୟରେ ମଜୁରୀ ପ୍ରଦାନ ପାଇଁ ହଜାର କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ। ସେହପରି ବଜେଟ୍‌ର ସ୍ଥିତାବସ୍ଥା ରକ୍ଷା ପାଇଁ (Budget stabilization Fund) ୧୦ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ମଧ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ବଜେଟ୍‌ର ଆକାର ଯାହା ବଢ଼ିଛି, ତାହା ଆହୁରି ବଢ଼ି ପାରିଥାଆନ୍ତା। ୨୦୧୬-୧୭ରେ କେନ୍ଦ୍ରୀୟ ଟିକସ ଓ ଅନୁଦାନ ପରିମାଣ ରାଜ୍ୟର ମୋଟ ରାଜସ୍ୱର ୫୮.୪୨% ଥିଲାବେଳେ ୨୦୨୨-୨୩ରେ ତାହା ହେବ ୪୨.୫୫%। ଏହାର କାରଣ ହେଉଛି ୨୦୧୬-୧୭ରେ ଯେଉଁ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ୩୮.୧୨ ଶତାଂଶ ଥିଲା, ତାହା ୨୦୨୨-୨୩ ବେଳକୁ ୨୩.୮୩ ଶତାଂଶକୁ ହ୍ରାସ ପାଇଛି।

ବଜେଟ୍‌ର ଆକାର ବୃଦ୍ଧି ଓ ବିଭିନ୍ନ ବିଭାଗରେ ବ୍ୟୟବରାଦ ବୃଦ୍ଧି ସତ୍ତ୍ୱେ ଧ୍ୱଂସମୁଖୀ ଆର୍ଥିକ ସଂସ୍କାର ପ୍ରତି ଆନୁଗତ୍ୟ ବହନ କରୁଥିବା ଏବଂ କର୍ମନିଯୁକ୍ତି, ରୋଜଗାର, ଅସହାୟ ଲୋକଙ୍କ ଭତ୍ତା, ବାସଗୃହ ସମସ୍ୟାର ସମାଧାନ ଓ ଚାଷୀଙ୍କୁ ଫସଲର ଲାଭଜନକ ଦର ପ୍ରଦାନରେ ବ୍ୟର୍ଥ ହୋଇଥିବା ଦୁଇଲକ୍ଷ କୋଟି ଟଙ୍କିଆ ରାଜ୍ୟ ବଜେଟ୍‌କୁ ଜନଦରଦୀ ବଜେଟ୍ କିମ୍ବା ଅଭିବୃଦ୍ଧି ନିଶ୍ଚିତକାରୀ ବଜେଟ୍‌ର ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ। ରାଜ୍ୟ ସରକାରଙ୍କୁ ଆଉ ଏକ ସତ୍ୟ ଲୋକଲୋଚନକୁ ଆଣିବାକୁ ହେବ। ତାହା ହେଲା ବ୍ୟୟବରାଦ ହେଉଥିବା ଅର୍ଥରୁ ବାସ୍ତବରେ କେତେ ବ୍ୟୟ କରାଯାଉଛି, ଏହି ତଥ୍ୟ ସାର୍ବଜନୀନ କରିବା ପାଇଁ ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ।

# ବିବାଦ ଉପରେ ବିବାଦ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗି କଳିଙ୍ଗନଗର
ମୋ- ୭୨୦୫୧୦୦୮୩୯

ଭାରତ ଏକ ଧର୍ମ ନିରପେକ୍ଷ ଦେଶ । ଏହି ଦେଶରେ ବିଭିନ୍ନ ଧର୍ମର ଲୋକମାନେ ମିଳିମିଶି ରହିଥାନ୍ତି । ଦେଶରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ ସହନଶୀଳତା ଦରକାର । ଧର୍ମ ଆମକୁ ଭଲମଣିଷ କରିବାପାଇଁ ସହାୟତା କରିଥାଏ । ଯେତେବେଳେ ଧର୍ମର ନା ନେଇ ଆମେ ଅମଣିଷ ହୋଇଯାଉଛେ ସେତେବେଳେ ଆମକୁ ବୁଝିବାକୁ ହେବ ଯେ ଆମେ ଆମ ଧର୍ମକୁ ଠିକ ଭାବରେ ବୁଝିପାରିନାହୁ। କୌଣସି ଧର୍ମକୁ ଆକ୍ଷେପ କରିବା ଭୁଲ ଅଟେ । ବର୍ତ୍ତମାନ କାନାଡାର ଟୋରୋଣ୍ଟୋରେ ନିର୍ଦ୍ଦେଶିକା ଲିନା ମାଣିମେକଲାଇ "କାଳୀ" ନାମରେ ଡକ୍ୟୁମେଣ୍ଟ୍ରି ତିଆରି କରିଛନ୍ତି ସେହି ଡକ୍ୟୁମେଣ୍ଟ୍ରିର ପବ୍ଲିସିଟି ପାଇଁ ଜଣେ ମହିଳାଙ୍କୁ କାଳୀଙ୍କ ରୂପରେ ବେଶ କରାଯାଇଥିଲା ଏବଂ ସେହି ମହିଳା ସିଗାରେଟ ପିଇବା ଧୂଆଁ ଛାଡିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟ ଦେଶ ଓ ବିଦେଶରେ ରହୁଥିବା କାଳୀଙ୍କ ଭକ୍ତଙ୍କୁ ନିଶ୍ଚିତ ଭାବରେ ଆଘାତ ପହଞ୍ଚାଇଛି। ଏହି ଦୃଶ୍ୟ ମା' କାଳୀଙ୍କୁ ଜଣେ ସାଧାରଣ ମହିଳାଙ୍କ ସ୍ଥାନରୁ ତଳକୁ ଖସେଇ ଦେଇଛି । ଦେବଦେବୀଙ୍କ ସ୍ଥାନ ସାଧାରଣ ମଣିଷଙ୍କ ସ୍ଥାନରୁ ଉଚ୍ଚରେ। ମଣିଷ ନିଜ ପାଞ୍ଚ ଇନ୍ଦ୍ରିୟର ଗୋଲାମ ହୋଇରହିଛି । ଆମର କଥା କଥିତ ଦେବା ଦେବୀମାନେ ଇନ୍ଦ୍ରିୟର ଗୋଲାମ ନୁହନ୍ତି ବରଂ ଇନ୍ଦ୍ରିୟ ସେମାନଙ୍କ ଗୋଲାମ ସେଥିପାଇଁ ସେମାନେ ଚିରପୂଜ୍ୟ। ମଣିଷ ଯେତେବେଳେ ଆଧ୍ୟାତ୍ମିକ ସାଧନା ଆରମ୍ଭ କରିଥାଏ ସେତେବେଳେ ସିଏ ପ୍ରଥମେ ନିଜ ଇନ୍ଦ୍ରିୟକୁ ସଞ୍ଜମ କରିବାକୁ ଚେଷ୍ଟା କରିଥାଏ ମନକୁ ସଞ୍ଜମ କରିଥାଏ ଏବଂ କ୍ରୋଧକୁ ଭି ସଞ୍ଜମ କରିବାପାଇଁ ଚେଷ୍ଟା କରିଥାଏ । ଆମେ ପ୍ରତିଦିନର ଜୀବନରେ ଯେତେବେଳେ ଗୋଟିଏ ଉପବାସ କରୁ ତାର ମୂଳ ଉଦ୍ଦେଶ୍ୟ ହେଲା ମନକୁ ସଞ୍ଜମ କରିବା । ଆମର ପରିବାରରେ ମା'ର ସ୍ଥାନ ସବୁଠାରୁ ଊର୍ଦ୍ଧ୍ୱରେ ତାର କାରଣ ହେଲା ମା' ନିଜ ତ୍ୟାଗବଳରେ ଆମକୁ ବଡ କରିଥାଏ। ମା'ସେଥିପାଇଁ ଏକ ଆଦର୍ଶ ଚରିତ୍ର । ଲକ୍ଷ୍ମୀ, କାଳୀ ଓ ଦୂର୍ଗା ଏମାନେ ହେଲେ ଜଗତ ଜନନୀ। ଏମାନଙ୍କ ପାଖରେ ଆଦର୍ଶର ବ୍ୟତିକ୍ରମ ଦେଖି ହେବନାହିଁ । ଆମ ଘରର ମହିଳାମାନଙ୍କୁ ଏହି ଦେବୀ ଚରିତ୍ର ମାନେ ଯୁଗ ଯୁଗ ଧରି ପ୍ରଭାବିତ କରିଛନ୍ତି । ଆମେ ଆମ ଘରର ମହିଳାମାନଙ୍କୁ ସିଗାରେଟ ଓ ସିଗାରେଟ ଧୂଆଁ ସହିତ ଦେଖିବାରେ ଅଭ୍ୟସ୍ତ ନୋହୁଁ। ଚଳଚିତ୍ର ଓ କାହାଣୀରେ ଖଳନାଇକା ମାନଙ୍କୁ ଆମେ ଏ ଧରଣର ଅସଞ୍ଜମ ଅବସ୍ଥାରେ ପାଇଥାଉ । "ହିନ୍ଦୁ ଧର୍ମ" କେବଳ ଧର୍ମ ନୁହେଁ ଏହା ଜୀବନ ଯାପନର ଓ ବଞ୍ଚିବାର ମାର୍ଗ । ବର୍ଷ ବର୍ଷ ଧରି ମଣିଷ ଉର୍ଣ୍ଣତ ଜୀବନ ଯାପନକୁ ନିଜର କରିଛି । ହିନ୍ଦୁମାନଙ୍କର କୌଣସି ଧର୍ମ ଗୁରୁ ନାହାନ୍ତି । ବର୍ତ୍ତମାନ ଲିନା ମାଣେମେକାଲୟୀଙ୍କ ଦ୍ୱାରା ମା' କାଳୀଙ୍କ ଚରିତ୍ରକୁ ଯେପରି ଭାବରେ ପ୍ରଦର୍ଶନ କରାଯାଇଛି ତାହା ନିଶ୍ଚିତ ଚିନ୍ତାର ବିଷୟ। ଦେଶରେ ବିଭିର୍ନ୍ନ ମହଲରେ ଏହାକୁ ବିରୋଧ କରାଯାଇଛି କିନ୍ତୁ ଟିଏମସି ସାଂସଦ ମହୁଆ ମିତ୍ରା ମା' କାଳୀଙ୍କ ମୁହଁରୁ ବାହାରୁଥିବା ସିଗେରେଟ ଧୂଆଁକୁ ଖରାପ ଭାବନ୍ତି ନାହିଁ ବରଂ ମା' କାଳୀ ମଦ ଏବଂ ମାଂସାହାର କରନ୍ତି ବୋଲି ନିଜ ମନ୍ତବ୍ୟ ଦେଇଛନ୍ତି । ଟିଏମ୍‌ସିର ଏହି ସାଂସଦଙ୍କୁ ମଧ୍ୟ ବିରୋଧ କରାଯାଇଛି । ଦେଶ ବ୍ୟାପୀ ପ୍ରତିବାଦ କରଯାଇଛି କିନ୍ତୁ ଟିଏମ୍‌ସି ତରଫରୁ ଏହି ସାଂସଦଙ୍କ ବିରୋଧରେ କୌଣସି କାର୍ଯ୍ୟନୁଷ୍ଠାନ ଏବଂ ଏଯାଏଁ ନିଆଯାଇନାହିଁ । ଦେଶରେ ଏହିପରି ବିବାଦ ଚାଲିଥିବା ବେଳେ ଲିନାଙ୍କ ନୂଆଁ ସୋସିଏଲ ମିଡିଆ ପୋଷ୍ଟ ଦେଖିବାକୁ ମିଳିଛି ଯେଉଁଥିରେ ଶିବ ଏବଂ ପାର୍ବତୀଙ୍କୁ ସିଗେରେଟ ସହ ଦେଖାଯାଇଛି । ଏହା ଲିନାଙ୍କ ଦୃଷ୍ଟତା ଛଡା ଆଉ କିଛି ନାହି। ଲିନାଙ୍କୁ ଦିଲ୍ଲୀ ପୋଲିସ ଏହି ବିବାଦୀୟ ପୋଷ୍ଟର ପାଇଁ ବୁକ କରିଛି । ଭାରତୀୟ ପେନାଲ କୋଡ ସେକ୍ସନ ୧୫୩ (ଇ), ୨୯୫ (ଇ) ଧାରା ଅନୁସାରେ ମାମଲା ରୁଜୁ କରାଯାଇଛି । ଅଳ୍ପ ଦିନ ତଳେ ବିଜେପିର ପୂର୍ବତନ ମୁଖପାତ୍ର ନୁପୁର ଶର୍ମାଙ୍କ ବିବାଦୀୟ ବୟାନକୁ ନେଇ ଦେଶରେ ଗଣ୍ଡଗୋଳ ପରିସ୍ଥିତି ଦେଖିବାକୁ ମିଳିଛି। ବିଜେପି ନୁପୁର ଶର୍ମାଙ୍କୁ ନିଜ ଦଳରୁ ବହିସ୍କାର କରିଛି କିନ୍ତୁ କଟ୍ଟରପନ୍ଥୀ ବିଚାର ରଖିଥିବା କିଛି ଲୋକ ନୁପୁର ଶର୍ମାଙ୍କ ମନ୍ତବ୍ୟକୁ ପସନ୍ଦ କରିଥିବା ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରିଛନ୍ତି ଏହା ଆମ ଦେଶ ପାଇଁ ଦୁର୍ଭାଗ୍ୟଜନକ।

# ପ୍ଲାଷ୍ଟିକର ବିଷ ବଳୟରେ ବିଶ୍ୱ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ମଣିଷ ଏକ ସାମାଜିକ ପ୍ରାଣୀ। ମଣିଷ ବଞ୍ଚିରହିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରି ସ୍ୱଚ୍ଛ ଏବଂ ସୁସ୍ଥ ପରବେଶ ଆବଶ୍ୟକ କରିଥାଏ । ପରିବେଶ ମଣିଷ ଜୀବନକୁ ସରସ ସୁନ୍ଦର ଆଉ ନୀରୋଗ କରି ଗଢିତୋଳିଥାଏ। ମାତ୍ର ସହରୀସଭ୍ୟତା, ସୂକ୍ଷ୍ମ ଜୀବନଯାପନ ପ୍ରଣାଳୀ ପରିବେଶକୁ କଳା ପ୍ରଦୂଷିତ । ଗାଁଠାରୁ ସହର ପର୍ଯ୍ୟନ୍ତ କୁଢ଼ କୁଢ଼ ପ୍ଲାଷ୍ଟିକ ଆବଜର୍ନା ଅସ୍ୱାସ୍ଥ୍ୟକର ପରବିେଶ ସୃଷ୍ଟି କରୁଅଛି। ପ୍ଲାଷ୍ଟିକ ପ୍ରଦୂଷଣ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହେଲାଣି । ଜଳ, ସ୍ଥଳ,ଆକାଶ ସବୁଠି ପ୍ଲାଷ୍ଟିକ ପ୍ରଦୂଷଣର ଭୟାବହତା। ଯୁଆଡ଼େ ଚାହିଁଲେ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଆବଜର୍ନା । ପ୍ଲାଷ୍ଟିକ ବ୍ୟବହାର କମାଇବା ପାଇଁ ଏବେ ଦେଶବ୍ୟାପୀ ଆରମ୍ଭ ହୋଇଛି ଅଭିଯାନ। ଜୁଲାଇ ପହିଲାରୁ ଭାରତ ସରକାର ଏକକ ବ୍ୟବହାର ପ୍ଲାଷ୍ଟିକର ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାର ଉପେର ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ବୃଦ୍ଧି ପାଉଥିବା ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବାରେ ଏହା ସହାୟକ ହେବ। ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ଅନୁଯାୟୀ ୧୯୫୦ରେ ପ୍ଲାଷ୍ଟିକ ପ୍ରଦୂଷଣର ପରିମାଣ ୨୦ ଲକ୍ଷ ଟନ୍ ଥିବାବେଳ ୨୦୧୭ରେ ଏହା ବୃଦ୍ଧି ପାଇ ୩୫ କୋଟି ଟନ୍‌ରେ ପହଞ୍ଚିଥିଲା। ଆଗାମୀ ଦୁଇ ଦଶନ୍ଧିରେ ଏହା ଦ୍ୱିଗୁଣିତ ହେବାର ସମ୍ଭାବନା ରହିଛି। ଯେଉଁ ପ୍ଲାଷ୍ଟିକ ମାନବ ଜୀବନକୁ ସହଜ କରିବା ପାଇଁ ଉଦ୍ଭାବିତ ହୋଇଥିଲା, ତାହା ଆଜି ପୃଥିବୀ ତଥା ମନୁଷ୍ୟଙ୍କ ସମେତ ସମସ୍ତ ଜୀବଜନ୍ତୁ ଏବଂ ଉଦ୍ଭିଦଙ୍କ ପାଇଁ ବିପର୍ଯ୍ୟୟ ଆଣିଦେଇଛି।

ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ ଏକ ନିତ୍ୟ ବ୍ୟବହୃତ ହେଉଥିବା ଜିନଷ । ଦୈନନ୍ଦିନ ଜୀବନରେ ଏହା ବହୁଳ ପରିମାଣରେ ବ୍ୟବହାର କରାଯାଉଛି। ସକାଳ ଟିଫିନ୍, ପରିବା କିଣା ହେଉ ଅବା ରାସନ୍, ମନ୍ଦିର ଭୋଗ ହେଉ କି କୁଣିଆ ଘରକୁ ମିଠା ନେବା ଏପରିକି ଘରର ଅଳିଆକୁ ବି ଆମେ ପ୍ଲାଷ୍ଟିକ ବ୍ୟାଗର ଭରିକରି ବାହାରକୁ ନେଉ। ଏହି କିଛି ବର୍ଷ ହେବ ପ୍ଲାଷ୍ଟିକର ବ୍ୟବହାର ବହୁଳ ମାତ୍ରାରେ ବଢିଯାଇଛି। ଯାହାର ଫଳସ୍ୱରୁପ ସ୍ଥଳଭାଗ ହେଉ ବା ଜଳଭାଗ ସବୁଠି ପ୍ଲାଷ୍ଟିକର ଅଳିଆ । ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଏଭଳି ହୁ ହୁ ହୋଇ ବଢି ଚାଲିଛିଯେ, କେବଳ ସ୍ଥଳଭାଗ ନୁହେଁ ଜଳଭାଗ ଅର୍ଥାତ ସମୁଦ୍ର ମଧ୍ୟରେ ବି ତା'ର କାୟା ବଢିଗଲାଣି। ଅନେକ ସମୟରେ ସାମୁଦ୍ରିକ ଜୀବମାନେ ଏହାକୁ ଖାଦ୍ୟଭାବି ଖାଇବାରୁ ମୃତ୍ୟ ମୁଖରେ ପଡୁଛନ୍ତି। ପ୍ଲାଷ୍ଟିକ ଏଭଳି ଏକ ଜିନଷ ଯାହା ସହଜରେ ନଷ୍ଟ ହୋଇନଥାଏ। ଏହା ନଷ୍ଟ ହେବାକୁ ହଜାର ହଜାର ବର୍ଷ ସମୟ ନେଇଥାଏ। ପ୍ଲାଷ୍ଟିକ ଓ ପଲିଥିନକୁ ନଷ୍ଟ କରିବାପାଇଁ ତାକୁ ପୋଡିଲେ ମଧ୍ୟ ଯେଉଁ ବାୟୁ ପ୍ରଦୂଷଣର ଆଶଙ୍କା ରହିଛି ତାହା ଆହୁରି ସାଂଘାତିକ । ଏହା ପୁଣି ମାଟିରେ ମିଶିବା ସହଜ ନୁହେଁ। ଯଦି ଆକଳନ କରାଯାଏ ତାହେଲେ ବିଶ୍ୱରେ ପ୍ରତ୍ୟେକ ବର୍ଷ ପ୍ରାୟ ୬୫ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ଏହି ଉତ୍ପାଦିତ ସାମଗ୍ରୀର ବ୍ୟବହାର ସରିବା ପରେ ଅତି ନଗଣ୍ୟ ଅଂଶ ପ୍ରକ୍ରିୟାକରଣ ହେଉଛି । ଅବଶିଷ୍ଟ ବର୍ଜ୍ୟବସ୍ତୁ ଆକାରରେ ବିଶ୍ୱ ପରିବେଶ ପାଇଁ ବିରାଟ ବିପଦ ସୃଷ୍ଟିକରିଛି । ପ୍ଲାଷ୍ଟିକ୍ ଏପରି ପ୍ରଦୂଷକ, ଯାହା ଜଳ, ସ୍ଥଳ ଏବଂ ବାୟୁମଣ୍ଡଳର ପ୍ରଦୂଷଣ ପାଇଁ ଦାୟୀ। ଯେହେତୁ ପ୍ଲାଷ୍ଟିକ ନଷ୍ଟ ହୁଏ ନାହିଁ, ତେଣୁ ଥରେ ତିଆରି ହୋଇଗଲେ ଏହା ପୃଥବୀରେ କୌଣସି ନା କୌଣସି ରୂପରେ ଉପସ୍ଥିତ ରହିଥାଏ। ଏହି ପ୍ଲାଷ୍ଟିକ୍ ନଦୀ, ମୃତ୍ତିକା ଏବଂ ମହାସାଗରରେ ମିଶି ଖାଦ୍ୟ ଶୃଙ୍ଖଳ ମାଧ୍ୟମରେ ଆମ ଶରୀର ମଧ୍ୟକୁ ପ୍ରବେଶ କରି ଧୀରେଧୀରେ ଆମକୁ ମୃତ୍ୟୁମୁଖକୁ ଟାଣି ନେଉଛି। ଏହା ମାଟିର ଉର୍ବରତା ଏବଂ ଜଳ ଧାରଣ କ୍ଷମତାକୁ ହ୍ରାସ କରୁଛି। ଯେଉଁଥିପାଇଁ ଖାଦ୍ୟ ଉତ୍ପାଦନ ମଧ୍ୟ ପ୍ରଭାବିତ ହେଉଛି। ପୁଣି ଉତ୍ପାଦିତ ଖାଦ୍ୟକୁ ବିଷାକ୍ତ କରୁଛି। ସମଗ୍ର ପୃଥିବୀରେ ପ୍ରତିବର୍ଷ ପ୍ରାୟ ୧.୪ କୋଟି ଟନ୍ ପ୍ଲାଷ୍ଟିକ୍ ସମୁଦ୍ରରେ ପହଞ୍ଚୁଛି ଯାହାର ଗମ୍ଭୀର ପ୍ରଭାବ ସାମୁଦ୍ରିକ ଜୀବମାନଙ୍କ ଉପରେ ପଡୁଛି । ଏହାଦ୍ୱାରା କେବଳ ବାରିମଣ୍ଡଳ ନୁହେଁ, ଅଶ୍ମମଣ୍ଡଳ ଓ ବାୟୁମଣ୍ଡଳ ମଧ୍ୟ ପ୍ରଭାବିତ। ଏହାର କୁପ୍ରଭାବ ମଣିଷ ସମାଜ ଉପେର ପଡ଼ିଲାଣି। ଗାଁ ଓ ସହରରେ ଥିବା ନାଳ ନର୍ଦ୍ଦମାମାନଙ୍କରେ ପ୍ଲାଷ୍ଟିକ ଜରି, ବୋତଲ ଓ ଡବାପଡି ରହି ଜମାହେବା ଫଳରେ ପାଣି ନଯାଇ ପାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି । ଯାହାଫଳରେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଗାଈଗୋରୁ ମାନେ ଚରିବା ସମୟରେ ପ୍ଲାଷ୍ଟିକ ଜରି ଖାଇ ଅଜଣାତରେ ମୃତ୍ୟୁବରଣ କରୁଛନ୍ତି । ପ୍ଲାଷ୍ଟିକ ବୋତଲରେ ବହୁ ସମୟ ଧରି ପାଣି ରହିବା ଦ୍ୱାରା ରାସାୟନିକ ପ୍ରକ୍ରିୟା ଘଟି ପ୍ଲାଷ୍ଟିକର କିଛି ପରିମାଣ ଜଳ ସହିତ ମିଶିଯାଏ। ତାହା ଶରୀରକୁ ପ୍ରେବଶ କରିବାଦ୍ୱାରା ପେଟଜନିତ ସମସ୍ୟା, ଲିଭର, କିଡ୍‌ନୀ ଏବଂ ରକ୍ତ କଣିକାରେ ମିଶି କର୍କଟ ରୋଗ, ଶାରୀରିକ ଅକ୍ଷମତା, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଇବା ସହ ବିଭିନ୍ନ ମାରାତ୍ମକ ରୋଗ ଶରୀରରେ ସୃଷ୍ଟି କରିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ଉକ୍ତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁଗୁଡ଼ିକ ମାଟି ତଳେ ପୋତିହୋଇ ରହିବାଦ୍ୱାରା ଭୂପୃଷ୍ଠର ଜଳସ୍ତର ସନ୍ତୁଳନରେ ପ୍ରତିବନ୍ଧକ ସାଜିଥାଏ। ଯଦ୍ଦ୍ୱାରା ବିଭିନ୍ନ ଫସଲ ଓ ବୃକ୍ଷ ବୃଦ୍ଧି ପାଇବାରେ ପ୍ରତିବନ୍ଧକ ହୋଇଥାଏ। ପ୍ଲାଷ୍ଟିକ ସାମଗ୍ରୀର ଏସବୁ ଖରାପ ପ୍ରଭାବ ଆମ ପୃଥିବୀର ପ୍ରକୃତି ଓ ପରିବେଶ ସୁରକ୍ଷାରେ ସମସ୍ୟା ସୃଷ୍ଟି କରିଥାଏ। ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଉପଯୋଗୀ ହେଉଥିଲେ ସୁଦ୍ଧା ଏହା ବିଘଟନ ହୋଇପାରି ନ ଥାଏ। ଏହାର ବର୍ଜ୍ୟବସ୍ତୁ ମଣିଷ ସମାଜ ପାଇଁ ଯଥେଷ୍ଟ କ୍ଷତିକାରକ ସାଜିଛି। ପ୍ଲାଷ୍ଟିକର ବିକଳ୍ପ ଭାବେ କେନ୍ଦୁ ଓ ଶାଳପତ୍ରକୁ ବ୍ୟବହାର କରିବା ଉଚିତ। ଯାହାଦ୍ୱାରା ପରିବେଶ ପ୍ରଦୂଷଣକୁ ରୋକାଯିବା ସହିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଗରିବ ଶ୍ରେଣୀର ଲୋକମାନେ ସ୍ୱାବଲମ୍ବୀ ହୋଇପାରିବେ। ପ୍ଲାଷ୍ଟିକରୁ ସୃଷ୍ଟି ହେଉଥିବା ଆବଜର୍ନାର ଭୟାବହତାକୁ ନେଇ ଏବେ ସାରା ବିଶ୍ୱବାସୀ ଚିନ୍ତାରେ ପଡ଼ିଛନ୍ତି। ପ୍ଲାଷ୍ଟିକ ଆବର୍ଜନାରୁ ଦୂରେଇ ରହିବା ପାଇଁ ବିଭିନ୍ନସ୍ତରରେ ସଚେତନତା କରାଯାଉଥିଲେ ବି କିଛି ସୁଫଳ ମିଳୁନି। ଏତେସବୁ ବିପଦ ଜାଣିବି ଯଦି ଜନସାଧାରଣ ସଚେତନ ନ ହେବେ ତେବେ ସମାଜକୁ ସୁରକ୍ଷିତ ରଖିବ କିଏ? ଏବେ ସମୟ ଆସିଛି ଜନସାଧାରଣ ପ୍ଲାଷ୍ଟିକର ଭୟାବହ ସମ୍ପର୍କରେ ଚିନ୍ତା କରିବାର । ବେଳ ଥାଉ ଥାଉ ସାବଧାନ ନହେଲେ ଏ ପ୍ରାଣୀଜଗତ ଧରାପୃଷ୍ଠରୁ ବିଲୁପ୍ତ ହୋଇଯିବ ।ପ୍ଲାଷ୍ଟିକଠାରୁ ଦୂରେଇ ରହି ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ତଥା ସୁସ୍ଥ ବାତାବରଣ ସୃଷ୍ଟି କରିବା ସମଗ୍ର ମଣିଷ ସମାଜ ପାଇଁ ଏକ ଆହ୍ୱାନ। ଯଦ୍ଦ୍ୱାରା ପ୍ରକୃତି, ପରିବେଶ ସନ୍ତୁଳିତ ହେବାସହ ଆମେ ବିଭିନ୍ନ ମାରାତ୍ମକ ରୋଗରୁ ଦୂରେଇ ରହିପାରିବା ଏବଂ ସୁସ୍ଥ ଜୀବନଯାପନ କରିପାରିବା।

# ସଭ୍ୟତାଗତ ଲଢେଇର ଯୋଦ୍ଧା ଓ ଭାରତ ସମର୍ଥକ ସିଞ୍ଜୋ ଆବେ

ଡ.ସମନ୍ୱୟ ନନ୍ଦ

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କର ମୃତ୍ୟୁ ଘଟିଛି । ଜାପାନରେ ଏକ ସଭାରେ ଭାଷଣ ଦେବା ବେଳେ ତାଙ୍କ ଉପରକୁ ଗୁଳି କରାଯାଇଥିଲା । ଏହା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହା ପରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏହି ଖବର ପରେ ସାରା ବିଶ୍ୱ ଏକ ପ୍ରକାର ସ୍ତବ୍ଧ ହୋଇ ଯାଇଛି । ସିଞ୍ଜୋ ଆବେ ଆଜି ଯେତେବେଳେ ନାହାନ୍ତି ସେତିକି ବେଳେ ତାଙ୍କୁ କିପରି ସ୍ମରଣ କରାଯିବ। ସେ ଜଣେ ଭାରତ ସମର୍ଥକ ଥିଲେ । ଭାରତ ସହିତ ବିଶେଷ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ ଥିଲା । ଭାରତ ସହ କୂଟନୈତିକ ସମ୍ପର୍କ କିଭଳି ଅତ୍ୟନ୍ତ ଘନିଷ୍ଠ ହେବ ସେ ନେଇ ସେ ଚିନ୍ତା କରୁଥିଲେ। ତାଙ୍କର ବ୍ୟକ୍ତିତ୍ୱ କିପରି ଥିଲା ସେ ସମ୍ପର୍କରେ ଜାଣିବାକୁ ହେଲେ ଦେଶର ବିଶିଷ୍ଟ ଚିନ୍ତକ ଏସ ଗୁରୁମୂର୍ତ୍ତି ତାଙ୍କ ସହ ଘଟିଥିବା ଯେଉଁ ଘଟଣା ମାନ ସମ୍ପର୍କରେ ଟ୍ୱିଟ କରି ଯେଉଁ ସୂଚନା ମାନ ଦେଇଛନ୍ତି ତା ଉପରେ ଦୃଷ୍ଟି ପକାଇବା ଉଚିତ । ବିବେକାନନ୍ଦ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନର ଚେୟାରମ୍ୟାନ ଭାବେ ଏସ ଗୁରୁମୂର୍ତ୍ତି ଏକ ଛୋଟ ପ୍ରତିନିଧି ଦଳ ସହ ଜାପାନ ଗସ୍ତରେ ଯାଇଥିଲେ । ସେତେବେଳେ ସିଞ୍ଜୋ ଆବେ ଜାପାନର ପ୍ରଧାନମନ୍ତ୍ରୀ ଥିଲେ । ବିବେକାନନ୍ଦ ଇଣ୍ଟରନ୍ୟାସନାଲ ଫାଉଣ୍ଡେସନର ଏହି ପ୍ରତିନିଧି ଦଳ ସିଞ୍ଜୋ ଆବେଙ୍କୁ ଭେଟିଥିଲା । ସିଞ୍ଜୋ ଏହି ପ୍ରତିନିଧିଦଳକୁ ପ୍ରଧାନମନ୍ତ୍ରୀଙ୍କ ଘର ଦେଖିବାକୁ କହିଥିଲେ । ସେତେବେଳେ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଘର ହିଁ ଏଠାରେ ପୁରୁଣା । ଆଖପାଖର ସମସ୍ତ ଘର ନୂଆ । ଆମେ ପ୍ରଧାନମନ୍ତ୍ରୀଙ୍କ ଘରକୁ ଏଭଳି ପୁରୁଣା କରି ରଖିଛୁ ତାର କାରଣ ଏହି ଘରେ ହିଁ ଆମେ ଆମେରିକା ଆଗରେ ଆତ୍ମସମର୍ପଣର ଚୁକ୍ତିକୁ ସ୍ୱାକ୍ଷର କରିଥିଲୁ । ଏହି ଘଟଣା ଆମକୁ ସବୁବେଳେ ମନେ ପକାଉଥିବ, ତେଣୁ ଆମେ ପ୍ରଧାନମନ୍ତ୍ରୀଙ୍କ ଘରକୁ ଏପରି ପୁରୁଣା କରି ରଖିଛୁ । ସେହିପରି ଗୁରୁମୂର୍ତ୍ତି ଆଉ ଏକ କଥାର ଉଲ୍ଲେଖ କରିଛନ୍ତି । ସିଞ୍ଜୋ ଆବେ ଜାପାନର ପ୍ରଧାନମନ୍ତ୍ରୀ ଭାବେ ଜି-୭ ବୈଠକରେ ଭାଗ ନେଉଥିଲେ । ବୈଠକରେ ସମସ୍ତ ପାଶ୍ଚାତ୍ୟ ଦେଶ ମାନଙ୍କର ନେତା ମାନେ ଭାଷଣରେ ସେମାନଙ୍କର ଦେଶରେ ମୂଲ୍ୟବୋଧ ହ୍ରାସ ପାଇବା ଓ କ୍ଷରଣ ହେବା ବିଷୟ ଉଲ୍ଲେଖ କରୁଥିଲେ । ସେତେବେଳେ ଏହି ପାଶ୍ଚାତ୍ୟ ଦେଶ ମାନଙ୍କ ନେତା ମାନଙ୍କୁ ସିଞ୍ଜୋ ଆବେ କହିଥିଲେ ଯେ ଆପଣ ମାନେ କେଉଁ ଜୀବନ ମୂଲ୍ୟବୋଧ ହ୍ରାସ ପାଇବା କଥା କହୁଛନ୍ତି । ପାଶ୍ଚାତ୍ୟ ଦେଶର ନେତା ମାନେ ଏହାର ଉତ୍ତରରେ କହିଲେ ଯେ ସେମାନେ ଖ୍ରୀଷ୍ଟିଆନ ମୂଲ୍ୟବୋଧ କଥା କହୁଛନ୍ତି । ସେତେବେଳେ ସିଞ୍ଜୋ ଆବେ ତାଙ୍କୁ ଉତ୍ତର ଦେଲେ ଯେ ତାହା ଜାପାନର ଜୀବନ ମୂଲ୍ୟବୋଧ ନୁହେଁ । ଏହି ଦୁଇଟି କଥାରୁ ସିଞ୍ଜୋ ଆବେଙ୍କ ବ୍ୟକ୍ତିତ୍ୱ ବିଷୟରେ ଅନୁମାନ କରାଯାଇ ପାରେ । ସେ ଆମେରିକା ଦ୍ୱାରା ଜାପାନ ଉପରେ ଆକ୍ରମଣ କରି ଆତ୍ମସମର୍ପଣ କରାଇଥିବା ଘଟଣାକୁ ଭୁଲିବାକୁ ଚାହୁଁ ନଥିଲେ । ଜାପାନର ପରବର୍ତ୍ତୀ ପୀଢୀ ମାନେ ଏହାକୁ ମନେ ରଖିଥାନ୍ତୁ ଏହା ତାଙ୍କର ସଂକଳ୍ପ ଥିଲା । ଠିକ ସେହିପରି ଜାପାନରେ ଖ୍ରୀଷ୍ଟିଆନକରଣକୁ ନେଇ ସେ ଚିନ୍ତିତ ଥିଲେ । ଧର୍ମାନ୍ତରୀକରଣ କାରଣରୁ ଜାପାନର ନିଜ ଜୀବନ ମୂଲ୍ୟବୋଧ ହ୍ରାସ ପାଇବା ତାଙ୍କୁ କଷ୍ଟ ଦେଉଥିଲା । ସେ ଜାପାନର ମୂଳ ସଭ୍ୟତାଗତ ମୂଲ୍ୟବୋଧର ରକ୍ଷା ପାଇଁ ଲଢେଇର ଯୋଦ୍ଧା ଥିଲେ। ଭାରତରେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଭାରତରେ ଭାରତୀୟତା, ଭାରତୀୟ ମୂଲ୍ୟବୋଧର ହ୍ରାସ ନେଇ ଚିନ୍ତିତ ଅଛନ୍ତି । ତେଣୁ ଉଭୟ ନେତା ମୂଳ ସଭ୍ୟତା ଗୁଡିକର ପୁନଃ ସ୍ଥାପନା ପାଇଁ ମିଳିତ ଉଦ୍ୟମ କରିବା ଦେଖିବାକୁ ମିଳୁଥିଲା । ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀ ଓ ସିଞ୍ଜୋ ଆବେଙ୍କ ଏ ବାବଦରେ ବିଚାର ସମାନ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରଗାଢ ସମ୍ପର୍କ ଥିଲା । ଭଗବାନ ବୁଦ୍ଧଙ୍କ ବଚନ ଜାପାନ ପହଞ୍ଚି ସେଠାକାର ଲୋକ ମାନଙ୍କ ମନରେ ଆଧ୍ୟାତ୍ମିକ ଶୋଷକୁ ମେଣ୍ଟାଇଥିଲା। ହେଲେ ଧୀରେ ଧୀରେ ୟୁରୋପୀୟକରଣ ଓ ଖ୍ରୀଷ୍ଟିଆନାଇଜେସନ କାରଣରୁ ମୂଳ ସଭ୍ୟତା ଓ ମୂଳ ମୌଳିକ ମୂଲ୍ୟବୋଧ କ୍ଷରଣ ହେଉଥିବାରୁ ସେ ଏହାକୁ ନେଇ ସ୍ପଷ୍ଟ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ ସିଞ୍ଜୋ ଆବେ ମିଶି ମିଳିତ ଭାବେ ମିଳିତ ସଭ୍ୟତାଗତ ଏଜେଣ୍ଡାର କାମକୁ ଆଗକୁ ବଢାଉଥିଲେ। ହିନ୍ଦୁ ବୌଦ୍ଧ ବାର୍ତ୍ତାଳାପକୁ ଆଗକୁ ବଢାଇବା ସହ ଭାରତ ଓ ଜାପାନ ମଧ୍ୟରେ ଥିବା ସଂପର୍କକୁ ସେ ଅତ୍ୟନ୍ତ ଦୃଢ କରିବାକୁ ସେ ଲଗାତାର ଚେଷ୍ଟିତ ଥିଲେ । ତାଙ୍କର ଏପରି ହଠାତ ଚାଲି ଯିବା ଦ୍ୱାରା ଭାରତ ଓ ଜାପାନ ମିଳିତ ଭାବେ ମୂଳ ସଭ୍ୟତାକୁ ପୁନଃ ସ୍ଥାପିତ କରିବାକୁ ଯେଉଁ ପ୍ରୟାସ ଚାଲିଥିଲା ତା ଉପରେ ନିଶ୍ଚିତ ଧକ୍କା ଲାଗିବ ।







## ସ୍ନେକ୍ ମ୍ୟାନ୍ ନିରଞ୍ଜନ

# ପେସାରେ ଦୋକାନୀ, ନିଶା ସାପ ଧରିବା



ଜୟପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରେଙ୍ଗାଲପାଲି ଗାଁର ନିରଞ୍ଜନ ଶବର ପେଶାରେ ପାନ ଦୋକାନୀ, ନିଶା ତାଙ୍କର ସାପ ଧରିବା। ସେ ଯେତେ ବଡ ସାପ, ଯେତେ ବିଷଧର ହୋଇଥାଉ ଖବର ପାଇବା ମାତ୍ରେ ସାଙ୍ଗେସାଙ୍ଗେ ଧାଇଁ ଯାଆନ୍ତି ନିରଞ୍ଜନ। ଆଉ ଲୋକଙ୍କ ଘରେ, କିମ୍ବା ବାଡିରେ ପଶିଥିବା ସାପକୁ ଉଦ୍ଧାର କରନ୍ତି। ନା ମନରେ ଡର ଥାଏ, ନା ଭୟ । ବିଷଧର ସାପଙ୍କୁ କାବୁ କରି ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡନ୍ତି। ନିରଞ୍ଜନଙ୍କ ପରିବାର କହିଲେ ବାପା କୁମର ଶବର, ମାଆ ଲଳିତା ଶବର, ସ୍ତ୍ରୀ ପୁନ ଶବର ଏବଂ ତିନି କୋମଳମତି ଝିଅ ଜୁଇ, ପରି ଓ ପୁଅ ଶଙ୍କର। ଦୋକାନରେ କାମ କରିବା ସହ ଜନସେବା ଓ କିଛି ସମୟ ପାଇଲେ ନିଜ ପିଲାମାନଙ୍କ ସହିତ ବେଶ୍ ଖୁସିରେ ଦିନ ବିତାଇଥାନ୍ତି। ଲୋକଙ୍କ ଘରେ ଯେତେବେଳେ ବିଷଧର ସାପ ପଶିଯାଏ ସେତେବେଳେ ଲୋକେ ଭୟରେ ଘରଛାଡି ବାହାରକୁ ବାହାରି ଯାଆନ୍ତି। ଆଉ ସେତିକିବେଳେ ଖୋଜାପଡନ୍ତି ନିରଞ୍ଜନ। ନା ଖରା, ନା ବର୍ଷା, ନା ଦିନ, ନା ରାତି କିଛି ମାନନ୍ତିନି। ପିଲାବେଳୁ ସାପ ସହିତ ତାଙ୍କର ନିବିଡ଼ ସମ୍ପର୍କ ରହିଛି। ସାପ ଧରିବାର କୌଶଳ ସେ ତାଙ୍କ ବାପାଙ୍କଠାରୁ ଶିଖି ଆଜି ସ୍ନେକ ହେଲ୍ପଲାଇନ ଦ୍ୱାରା ପୁରସ୍କୃତ ତାଲିମପ୍ରାପ୍ତ କର୍ମଚାରୀ। ଗୋଖର, ଅହିରାଜ ଓ ତମ୍ପ ସାପ ଭଳି ଅନେକ ଜାତିର ସାପଗୁଡିକୁ ବେସ୍ ଚତୁରତାର ସହ ଧର ନିଅନ୍ତି ଏବଂ ଉଦ୍ଧାର କରିଥିବା ସାପକୁ ପାଖ ଜଙ୍ଗଲରେ ଛାଡିଦେଇ ଆସନ୍ତି। ତାଙ୍କର ଏହି ଦୁଃସାହସିକ କାର୍ଯ୍ୟକୁ ନେଇ ଜୟପାଟଣା ତଥା ଆଖାପାଖ ଅଞ୍ଚଳରେ ସେ ସ୍ନେକ ମ୍ୟାନ ଭାବେ ସେ ବେଶ୍ ପରିଚିତ। ସେ ୨୦ ବର୍ଷ ଭିତରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ବିଷଧର ସାପ ଧରି ଅଞ୍ଚଳରେ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି।



ପରିବାର ସହ ନିରଞ୍ଜନ

### କ'ଣ କୁହନ୍ତି ଏମାନେ



ମୁଁ ୪୦ବର୍ଷ ହେବ ସାପ ଧରି ଆସୁଥିଲି। ଗଛରୁ ପଡି ମୋ ଗୋଟିଏ ହାତ ଅକାମୀ ହୋଇଯିବା ପରେ ମଧ୍ୟ ମୁଁ ଜନସେବା ଜାରି ରଖିଥିଲି। ତେଣୁ ମୋ ପୁଅର ଆଗ୍ରହ ଓ ସାପ ପ୍ରତି ସମ୍ପର୍କକୁ ଦେଖି ତାକୁ ମଧ୍ୟ ସାପ ଧରିବା ଶିଖେଇଛି। ମୋ ଭଳି ସେ ମଧ୍ୟ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ଖ୍ୟାତି ଅର୍ଜନ କରୁ।

**କୁମର ଶବର (ନିରଞ୍ଜନଙ୍କ ବାପା )**



ମୋତେ ବହୁତ୍ ଖୁସି ଲାଗେ ଯେତେବେଳେ ମୋ ପୁଅର ପ୍ରସଂଶା ଶୁଣିଲେ। ତା'ଠୁ ଅଧିକ ଡର ଲାଗେ ଯେତେବେଳେ ମୋ ପୁଅ ବାହାରକୁ ଯାଏ ସାପ ଧରିବାକୁ। ମା' ମନ ତ ବୁଝାଇବା କଷ୍ଟକର। ତଥାପି ମନକୁ ବୁଝାଇ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି। ମୋ ପୁଅ ଯେମିତି ଲୋକଙ୍କୁ ବିପଦରୁ ରକ୍ଷା କରୁଛି ଭଗବାନ ମଧ୍ୟ ତାକୁ ଘଣ୍ଟ ଘୋଡାଇ ରଖିଥାନ୍ତୁ ।

**ଲଳିତା ଶବର (ନିରଞ୍ଜନଙ୍କ ମା)**



ସତରେ ନିରଞ୍ଜନ ବହୁତ ସାହସୀ। ଯେତେବେଳେ ଆମ ଘର ବାଡ଼ିରେ ସାପ ପଶିଯାଏ ନିର୍ଭୟରେ ସେ ବିଷଧର ସାପକୁ ଆୟତ୍ତ କରି ଜଙ୍ଗଲରେ ଛାଡିଥାଏ। ହେଲେ ଆଜି ସେ ଝାଟିମାଟି ଘରେ ରହୁଛି। ତା' ଦୁଃଖ କଷ୍ଟମୟ ଜୀବନ କଥା କାହାର ଦୃଷ୍ଟିଗୋଚର ହେଉନାହିଁ। ମୁଁ ସରକାରଙ୍କ ନିକଟରେ ପ୍ରାର୍ଥନା କରୁଛି, ନିରଞ୍ଜନ ଶବରକୁ ଆବାସ ଘର ଖଣ୍ଡେ ଯୋଗାଇ ଦେବା ସହିତ ସମାଜ ପ୍ରତି ଜୀବନ ଉତ୍ସର୍ଗୀକୃତ କରିଥିବା ଯୋଗୁଁ ସମ୍ମାନିତ କରନ୍ତୁ।

**ପରମେଶ୍ୱର ରାଉତ (ସ୍ଥାନୀୟ ବାସିନ୍ଦା)**



ମୁଁ ମୋର ଜୀବନ ଜନସେବା ପାଇଁ ସମର୍ପଣ କରି ଦେଇଛି। ଏଥିରେ ମୋ ବାପା ମା ଏବଂ ଗୁରୁଜନଙ୍କ ଆଶୀର୍ବାଦରୁ ମୁଁ ଆଜି ଏ କାମ କରି ପାରୁଛି। ମୋତେ ବହୁତ ଖୁସି ଲାଗେ ଉଭୟ ଲୋକମାନଙ୍କୁ ଏବଂ ସାପକୁ ଭୟ ମୁକ୍ତ କରି ସୁରକ୍ଷା ଦେଉଥିବାରୁ। ଯଦି କେହି ଅସୁବିଧା ଭୋଗ କରନ୍ତି ତେବେ ମୋତେ ୯୩୪୮ ୯୭୯୩୧୦ ନଂ ଯୋଗାଯୋଗ କରିପାରିବେ। **ନିରଞ୍ଜନ ଶବର (ସାପ ଧରାଳି)**

# ଭବାନୀପାଟଣାଠାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ସଂପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଡେପୁଟି ଡାଇରେକ୍ଟର ଅଫ୍ ଫିସୋରିଜ୍ ସୁରେନ୍ଦ୍ର ପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ବସନ୍ତ କୁମାର ନାୟକ, ସହକାରୀ ଜିଲ୍ଲା ଭେଟେନାରୀ ଅଧିକାରୀ ଡ. ଦୟାସାଗର ଦୁଆରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରତାପ କୁମାର ସାହୁ, ସ୍ଥାନୀୟ ଇଟିସିର ପ୍ରିନ୍ସିପାଲ ସଞ୍ଜିତ କୁମାର ସ୍ୱାଇଁ ଏବଂ ଇଟିସିର କନ୍ସଲଟାଣ୍ଟ ତପନ ବେହେରା ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ ଟି ବ୍ଲକର ସମସ୍ତ ବ୍ଲକସ୍ତରୀୟ ସହକାରୀ ମତ୍ସ୍ୟ ଅଧିକାରୀ ଏବଂ ବିଭିନ୍ନ ବ୍ଲକର ଅଗ୍ରଣୀ ମତ୍ସ୍ୟ ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀ ଓ ମତ୍ସ୍ୟ ବିଶେଷଜ୍ଞ ମାନଙ୍କ ସହ ଅଗ୍ରଣୀ ମତ୍ସ୍ୟଚାଷୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉନ୍ନତମାନର ମତ୍ସ୍ୟଚାଷ ସମ୍ବନ୍ଧୀୟ ବହୁ ତଥ୍ୟ ସଂପର୍କରେ ମତ୍ସ୍ୟ ଚାଷୀମାନେ ପ୍ରଶ୍ନ କରିଥିଲା ବେଳେ ବିଭାଗୀୟ ଅଧିକାରୀମାନେ ଏହାର ଉତ୍ତର ରଖିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର କଲମପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ ମତ୍ସ୍ୟଚାଷୀ ଅମିତ ପଣ୍ଡା ଯିଏକି ୮ ଏକର ଜମିରେ ପୁଷ୍କରଣୀ ପ୍ରସ୍ତୁତ କରି ସେଥିରେ ମାଛ ଚାଷ କରିଆସୁଛନ୍ତି, ତାଙ୍କୁ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ ଛୁରିଆଗଡର ପ୍ରାଥମିକ ମତ୍ସ୍ୟଚାଷୀ ସମବାୟ ସମିତି ଓ ଭବାନୀପାଟଣା ଦୁଆରସୁନୀ ଗ୍ରାମର ମାଁ ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟ ଚାଷରେ ଉଲ୍ଲେଖନୀୟ ଅବଦାନ ପାଇଁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏଠାରେ ପ୍ରକାଶ ଯୋଗ୍ୟ ଯେ, ସାମଗ୍ରୀକସ୍ତରରେ ମତ୍ସ୍ୟ ବିକାଶ ନିମନ୍ତେ ୨୦୨୦ ମସିହାରେ କଳାହାଣ୍ଡି ଜିଲ୍ଲାରେ ଜାତୀୟ ସ୍ତରରେ ଶ୍ରେଷ୍ଠ ଆଭ୍ୟନ୍ତରୀଣ ଜିଲ୍ଲା ଭାବେ ପୁରସ୍କୃତ କରାଯାଇଥିଲା। ଦେଶର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଅବଦାନକୁ ସ୍ମରଣ କରିବା ତଥା ମତ୍ସ୍ୟ ଚାଷ କ୍ଷେତ୍ରକୁ ନୂତନ ଜ୍ଞାନ କୌଶଳଯୁକ୍ତ ଓ ପରିବେଷକୁ ସମୃଦ୍ଧ କରିବା ଲକ୍ଷ ନେଇ ପ୍ରତି ବର୍ଷ ଜୁଲାଇ ୧୦ ତାରିଖକୁ ଜାତୀୟ ମତ୍ସ୍ୟ ଚାଷୀ ଦିବସ ରୂପେ ପାଳନ କରାଯାଇଥାଏ।




# 'ସୁର ମହକ'ର ଭଜନ ସନ୍ଧ୍ୟା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସହରସ୍ଥିତ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ଅବସରରେ 'ସୁର ମହକ' ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପୌର ପରିଷଦ ବିଭାଗ, ଭବାନୀପାଟଣା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସୁର ମହକ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତିଭା ଅନୁଷ୍ଠାନର ସଭାପତି ପଦ୍ମନାଭ କୁମ୍ଭାର, ମହୁରୀର ମୁଖ୍ୟ ସମ୍ପାଦକ ଭବାନୀ ଶଙ୍କର ନିଆଲ ପ୍ରମୁଖ ଯୋଗଦାନ କରିଥିଲେ। ସୁର ମହକ ମ୍ୟୁଜିକାଲ ଗ୍ରୁପ୍ର ନୀଳାଞ୍ଚଳ ପାନ ଓ ସାଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ନୀଳାଞ୍ଚଳ ପାନ, ଭାଗୀରଥି ନାୟକ, ଶେଖର ଜେନା, ସୁବାସ ପାନ, ମାନଭଞ୍ଜନ ମିଶ୍ର, ନମିତା ମିଶ୍ର, ସଂଗୀତା ରାଉତ, ସାବିତ୍ରୀ ମହାରଣା, ସସ୍ମିତା ମହାନ୍ତି, ନେସନାଲ ମହାନନ୍ଦ ପ୍ରମୁଖ



ଧ୍ୟାନାନନ୍ଦ ପଣ୍ଡା, ସାମ୍ବାଦିକ ଦେବେନ୍ଦ୍ର କୁମାର ବିଶି, ସାମ୍ବାଦିକ ଲଳିତ କାନୁନ୍‌ଗୋ, ସଂଗୀତଜ୍ଞ ମନୋରଞ୍ଜନ ଅବଶ ପାଢ଼ୀ, ସାଇକୃପା ପ୍ରଡକ୍ସନର ସନ୍ତୋଷ ପାତ୍ର, ଚାରବାହାଲ କୃପାସିନ୍ଧୁ ସାଂସ୍କୃତିକ ପରିଷଦର ଆଦିତ୍ୟ ପଣ୍ଡା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ନିଶଙ୍କ, କଳାହାଣ୍ଡି କଳାକାର ସଂଘର ଭଜନ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସୁରେଶ ନାଏକ, ଦିବ୍ୟାନନ୍ଦ କର, ଲୀଲେଶ ସାହୁ, କଜାନନ ନାଏକ, ଶୁଭମ ପ୍ରଧାନ, କିଡିକାନ୍ତ କାଣ୍ଡ, ଆର୍ ନିରଞ୍ଜନ କାହ୍ନା ନାଏକ ପ୍ରମୁଖ ସହଯୋଗ କରିଥିଲେ। ବିରଞ୍ଚି ମୁଣ୍ଡ, ସାବିତ୍ରୀ ମହାରଣା ଓ କାଜଲ ମହାରଣା ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ।

# ହାଇସ୍କୁଲ ସାର୍ଟିଫିକେଟ ଗ୍ରେଡ-୧ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା




ଜୁନାଗଡ଼ (ଭାସ୍କର ନ୍ୟୁଜ): ପ୍ରଫେସର ଭୁବନେଶ୍ୱର ବେହେରା ୟୁଥ ଅର୍ଗାନାଇଜେସନ, ସିଦ୍ଧିବିନାୟକ ଏଜୁକେସନ ଟ୍ରଷ୍ଟ, ସ୍ୱାଗତ ଲାଇବ୍ରେରୀ ଓ ଦଣ୍ଡପାଟ ଯୁବ ସଂଗଠନ ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀଶିଶୁ ବିଦ୍ୟାମନ୍ଦିରଠାରେ ଚଳିତ ମାଟ୍ରିକ ସାର୍ଟିଫିକେଟ ଗ୍ରେଡ ୧ କୃତୀ ଛାତ୍ରଛାତ୍ରୀଙ୍କୁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ସମ୍ବର୍ଦ୍ଧିତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଅଧ୍ୟାପକ ଲିଙ୍ଗରାଜ ମିଶ୍ର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଥିବାବେଳେ ସଂଗଠନର ସଭାପତି ବିରଜା ପଣ୍ଡା, ଚିନ୍ମୟ ବେହେରା, ପ୍ରଧାନ ଶିକ୍ଷକ ଶ୍ରବଣ କୁମାର ସାହୁ, ବସନ୍ତ ନାଏକ, ସୁକାନ୍ତ ପଣ୍ଡା, ହେମନ୍ତ ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ସେମାନଙ୍କ ମଙ୍ଗଳ କାମନା କରିଥିଲେ। ଉଦିତ କୁମାର ବେହେରା ଓ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବୈଜୟନ୍ତୀ ମିଶ୍ର, ଧର୍ମଗଡ଼ ଉପଖଣ୍ଡରରୁ ଜିଏଲଏସ ବିଶ୍ୱଜିତ ଓ ଜୁନାଗଡ଼ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଗ୍ରେଡ ୧ ର ୭ ଜଣ, ମୁଖଗୁଡାର ୪ଜଣ ଜୟପାଟଣାର ୨ ଜଣ ଉଛଳା ଓ ଚପ୍ରିୟା ଉଚ୍ଚବିଦ୍ୟାଳୟର ଜଣେ ଲେଖାଏ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଟ୍ରଫି ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଜୟ କୁମାର ପାଢୀ, ସଂଜୀବ ଦାସ, ଧର୍ମେନ୍ଦ୍ର ନାଗ, ଲଲଟେନ୍ଦୁ ଘି, ପ୍ରଭାତ ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଡିସିବି ବ୍ୟାଙ୍କ, ଲଳିତ ଇଲେକ୍ଟ୍ରୋନିକ୍ସ, କୁବେର ଯୁବ ସଂଗଠନ ପ୍ରାୟୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ।

# ଡ. ଅଜିତ ବେହେରାଙ୍କୁ ଡି.ଲିଟ ଡିଗ୍ରୀ



କର୍ଲାମୁଣ୍ଡା/ନର୍ଲା (ଭାସ୍କର ନ୍ୟୁଜ): ସମ୍ବଲପୁର ବିଶ୍ୱବଦ୍ୟାଳୟରେ ଲୋକ ସଂସ୍କୃତି ଗବେଷକ ଡକ୍ଟର ଅଜିତ କୁମାର ବେହେରା 'କଳାହାଣ୍ଡି ଜିଲ୍ଲାର କନ୍ଧ ସଂସ୍କୃତି : ଏକ ଅଧ୍ୟୟନ' ବିଷୟକୁ ନେଇ ଦୀର୍ଘ ବର୍ଷ ଗବେଷଣା କରିବା ପରେ ତାଙ୍କୁ ଶିକ୍ଷା ଜଗତର ସର୍ବୋଚ୍ଚ ସମ୍ମାନଜନକ ଡି. ଲିଟ୍ ଡିଗ୍ରୀ ପ୍ରଦାନ କରଯାଇଛି। ସେ ବିଶିଷ୍ଟ କବି ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଗୋପୀନାଥ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡକ୍ଟର ବେହେରାଙ୍କ ସନ୍ଦର୍ଭଟି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସମାଲୋଚକ ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ଡକ୍ଟର ମନୋରଞ୍ଜନ ପ୍ରଧାନ, ଗୌହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଜ୍ୟୋତ୍ସ୍ନା ରାଉତ, ନାଟ୍ୟ ସମାଲୋଚକ ବାଣୀବିହାର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡକ୍ଟର ନାରାୟଣ ସାହୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଏହି ସଫଳତା ପାଇବାରେ ବିଶିଷ୍ଟ ସାହିତ୍ୟିକ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ନୃପରାଜ ସାହୁ, ଉପାଧ୍ୟୁତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସଞ୍ଜିତ କୁମାର ସାହୁ, ଲୋକ ସଂସ୍କୃତିବିତ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ, ପ୍ରାଧ୍ୟାପକ ଡକ୍ଟର ମନ୍ମଥ ନାଥ ଘଡ଼େଇ ଓ କନ୍ଧ ଗବେଷକ ମେଦିନୀ ଧର ଜାନୀଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। କବି, ପ୍ରାବନ୍ଧିକ ଓ ଗବେଷକ ବେହେରା ସଂପ୍ରତି କଣ୍ଟପଡା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବରେ କାର୍ଯ୍ୟରତ। ତାଙ୍କର ଅନେକ କବିତା ଓ ଗବେଷଣାମୂଳକ ନିବନ୍ଧ ବହୁ ପତ୍ର ପତ୍ରିକାରେ ପ୍ରକାଶିତ ଓ ଆକାଶବାଣୀରେ ପ୍ରଚାରିତ। ତାଙ୍କ ରଚିତ ପୁସ୍ତକମାନଙ୍କ ମଧ୍ୟରେ 'ତୁମେ' କବିତା ସଂକଳନ ଓ ଗବେଷଣାତ୍ମକ ପୁସ୍ତକ 'କଳାହାଣ୍ଡିର ଲୋକ ବିଶ୍ୱାସ' ଅନ୍ୟତମ। ଇତି ପୂର୍ବରୁ ଡକ୍ଟର ବେହେରା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଠାରୁ ଡକ୍ଟରେଟ୍ ଡିଗ୍ରୀ ଲାଭ କରିଛନ୍ତି। ତାଙ୍କୁ ଭାଷା-ସାହିତ୍ୟ- ସଂସ୍କୃତିକୁ ଉଲ୍ଲେଖନୀୟ ଅବଦାନ ପାଇଁ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମାନ, ଭକ୍ତକବି ଗୋପାଳ କୃଷ୍ଣ ସମ୍ମାନ, ବାଣୀପୁତ୍ର ସମ୍ମାନ, କଳାହାଣ୍ଡି ଲୋକରତ୍ନ ସମ୍ମାନ, ବେଷ୍ଟ ଆଲୁମିନିୟସ ଆୱାର୍ଡ, କଳାସାରଥୀ ସମ୍ମାନ, ଜୟ ମାତାଦୀ ସମ୍ମାନ, ରାଜ୍ୟ ଜନଜାତି ଗବେଷକ ସମ୍ମାନ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ଠାରୁ କଳାହାଣ୍ଡି ଯୁବ ପୁରସ୍କାର, ବୀଣାପାଣି ଶିକ୍ଷାଜ୍ୟୋତି ସମ୍ମାନ, ପ୍ରତିଭା ସମ୍ମାନ ପାଇଛନ୍ତି। ପୁଣି ଓଡ଼ିଶାର ବିଲୁପ୍ତ ପ୍ରାୟ ଆଦିମ ଜନଜାତି ସଂସ୍କୃତିର ପ୍ରାଚୀନ ପରମ୍ପରା ଉପରେ ଗବେଷଣା ପାଇଁ ସେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଜୁନିଅର ରିସର୍ଚ୍ଚ ଫେଲୋସିପ ପାଇଛନ୍ତି।

# କୋପ୍ନେଶ୍ୱର ପାଇଲେ 'ପ୍ରକୃତି ବନ୍ଧୁ' ସମ୍ମାନ

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଚିକିଲି ଗ୍ରାମର କୋପ୍ନେଶ୍ୱର ବେମାଲ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ୭୩ତମ ବନ ମହୋତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି, ଡିଏଫ୍ଓ ଲାଡେ ଗଜାନନ ଦୟାନନ୍ଦ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍କେନ୍ଦ୍ର ସିଂ ଦେଓ, ସିଆରପିଏଫ୍ କମାଣ୍ଡେଣ୍ଟ ବିପ୍ଳବ ସରକାର, ଏସିଏଫ୍ ଅନିଲ ରାୟ, ଅଫିସର ଆତ୍ମାରାମ ମହାନନ୍ଦଙ୍କ ଉପସ୍ଥିତିରେ କୋପ୍ନେଶ୍ୱରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କୋପ୍ନେଶ୍ୱର ଜଣେ ପ୍ରକୃତିସେବୀ, ପ୍ରକୃତିପ୍ରେମୀ ଓ ବିଭିନ୍ନ ସମାଜସେବା କ୍ଷେତ୍ରରେ ସାମିଲ ରହିଛନ୍ତି। ଏହାସହ ପଶୁପକ୍ଷୀଙ୍କ ପ୍ରତି ସର୍ବଦା ସମ୍ବେଦନଶୀଳ ହେବା ସହ ପ୍ରକୃତିର ସୁରକ୍ଷା ପାଇଁ ଅନେକ ସମୟରେ ବୃକ୍ଷରୋପଣ, ରକ୍ତଦାନ ଶିବିରରେ ଭାଗ ନଉଥିଲେ। ପରିବେଶ ପ୍ରତି ତାଙ୍କର ଏଭଳି ନିଷ୍ଠା ଏବଂ ସମାଜସେବା ଯୁବଗୋଷ୍ଠୀଙ୍କୁ ପ୍ରେରଣା ଦେଇଛି। କୋପ୍ନେଶ୍ୱର ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ ହେବାପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।



# ଶ୍ରୀ ଅରବିନ୍ଦ ଆର୍ଟ ଓ କ୍ରାଫ୍ଟ ସ୍କୁଲ ପକ୍ଷରୁ 'ଶିଶୁ ହସ୍ତକଳା ପ୍ରଦର୍ଶନୀ'

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭବାନୀପାଟଣା ଠାରେ ଓଡିଶା ଲଳିତ କଳା ଏକାଡେମୀ ଦ୍ୱାରା ଅନୁବନ୍ଧିତ ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡିଙ୍କ ଦ୍ୱାରା ପରିଚାଳିତ ଶ୍ରୀ ଅରବିନ୍ଦ ଆର୍ଟ ଓ କ୍ରାଫ୍ଟ ସ୍କୁଲ ପକ୍ଷରୁ ଗତ ୧୦ ତାରିଖ ରବିବାର ଦିନ ଏକ "ଶିଶୁ ହସ୍ତକଳା ପ୍ରଦର୍ଶନୀ" ର ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର କୁନି କୁନି ଶିଳ୍ପୀମାନଙ୍କ କଞ୍ଚା ହାତରେ ପ୍ରସ୍ତୁତ ବହୁ ଚିତ୍ରକଳା ଓ ହସ୍ତକର୍ମ ଦେଖିବାକୁ ମିଳିଥିଲା। ଆର୍ଟ ଓ କ୍ରାଫ୍ଟ ସ୍କୁଲ ପ୍ରିନ୍ସିପାଲ ବିଶିଷ୍ଟ ଚିତ୍ରଶିଳ୍ପି ମୁକୁନ୍ଦ ରେଡ୍ଡିଙ୍କ ନିଜସ୍ୱ ତତ୍ତ୍ୱାବଧାନରେ ପରିଚାଳିତ ଏହି ପ୍ରଦର୍ଶନୀ ଉପଲକ୍ଷେ ଏକ ପୁରସ୍କାର ବିତରଣୀ ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ମୁଖ୍ୟ ଗଣେଶ ପ୍ରସାଦଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଡ. ଜୟଦେବ ସାହୁ ଉପସ୍ଥିତ ଥିଲା ବେଳେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋ, ଆର୍ଟ ଓ କ୍ରାଫ୍ଟ ସ୍କୁଲର ପ୍ରିନ୍ସିପାଲ ବିଶିଷ୍ଟ ଚିତ୍ରଶିଳ୍ପି ମୁକୁନ୍ଦ ରେଡ୍ଡି, ବିଦ୍ୟାଳୟର ଶିକ୍ଷକ ସତ୍ୟବାନ ପ୍ରଧାନୀ ଓ ବିରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ କୁନି କୁନି ଶିଳ୍ପୀମାନଙ୍କର ହସ୍ତକଳାର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିଲେଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବହୁ ଅଭିଭାବକ ଉପସ୍ଥିତ ଥିଲେ।




# ରାଶିଫଳ

**ମଙ୍ଗଳବାର, ୧୨ ଜୁଲାଇ ୨୦୨୨**



**ମେଷ** - ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ । ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ। ପାରିବାରିକ କଳହ ଦୂରିଭୁତ ହେବ।



**ବୃଷ** - ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ ।ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ।



**ମିଥୁନ** - ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ**- ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ସିଂହ** - କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ , ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।



**କନ୍ୟା** - ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ ।



**ତୁଳା** - ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



**ବିଛା** - ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।



**ଧନୁ** - ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**ମକର** - ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



**କୁମ୍ଭ** - ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।



**ମୀନ** - ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



ଶ୍ରୀପତିଙ୍କ ଗ୍ରହ


**ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ**
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କାକଟପୁର,(ଭାସ୍କର ନ୍ୟୁଜ): ଗତକାଲି କାକଟପୁର ବ୍ଲକ ଅଧିନସ୍ଥ ଲତାହରଣ ଗ୍ରାମର ଗ୍ରାମେଶ୍ୱର ମନ୍ଦିର ପୂଜକ ତଥା ଇଷ୍ଟଇଣ୍ଡିଆ ଫାର୍ମାସିଷ୍ଟିକାଲ କମ୍ପାନୀର ପୂର୍ବତନ କିରାଣୀ ମନମୋହନ ପଣ୍ଡା (୭୫)ଙ୍କର କଟକ ବଡ଼ ମେଡିକାଲରେ ହୃଦଘାତରେ ପରଲୋକ ହୋଇଯାଇଛି। ବାସ ଭବନରେ ଥିବା ବେଳେ ହଠାତ ତାଙ୍କ ଛାତିରେ ଯନ୍ତଣା ହେବାରୁ ପୁଅବୋହୂ ତାଙ୍କୁ ତୁରନ୍ତ କଟକ ବଡ଼ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କାକଟପୁର ଠାରୁ ଲତାହରଣ ପର୍ଯ୍ୟନ୍ତ ଶୋକର ଛାୟା ଖେଳିଯାଇଥିଲା, ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସ୍ନେହୀଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ । ତାଙ୍କର ମରଶରୀର ନିଜ ଭଗ୍ରାମ ଲତାହରଣରେ ପହଞ୍ଚିବା ପରେ ପରିବାର, ବନ୍ଧୁବର୍ଗ ଓ ଶୁଭେଚ୍ଛୁମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କର ମର ଶରୀରକୁ ଏକ ଶୋଭା ଯାତ୍ରା ରେ ନିଆ ଯାଇ ନିଜ ଗାଁ ଶ୍ମଶାନରେ ଦାହ କରାଯାଇଥିଲା, ତାଙ୍କର ଦୁଇ ପୁତ୍ର ଓ ଏକ ମାତ୍ର ଝିଅ ମାନସୀ ଥିଲା ବେଳେ ବଡ଼ ପୁତ୍ର ମାନସ ଏବଂ ସାନ ପୁତ୍ର ମଳୟ ମୁଖାଗ୍ନି ଦେଇଥିଲେ। ଲତାହାରଣ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



# ଶାରଳା ସୂତାକଳକୁ ଅକ୍ତିଆର କଲା ଏସ୍‌ବିଆଇ



ଜଗତସିଂହପୁର,(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସିରା ଠାରେ ଥିବା ଶାରଳା ସୁତାକଳକୁ ଆଜି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଭୁବନେଶ୍ୱର ଇଣ୍ଡଷ୍ଟ୍ରିଆଲ ଶାଖା ପକ୍ଷରୁ ସିଲ କରାଯିବା ସହ ୧୫ଏକର୧୨ଡ଼ିସିମିଲ ଜାଗା ସହିତ ଏହା ମଧ୍ୟରେ ଥିବା ସମସ୍ତ ସୌଧକୁ ଜବତ କରାଯାଇ ସିଲ କରି ଦିଆଯାଇଛି । ଏପରିକି ସୁତାକଳ ଭିତରେ ଥିବା ସମସ୍ତ ଯନ୍ତ୍ରାଂଶ, ସହିତ ମିଲ ପରିସରରେ ଥିବା ବଙ୍ଗଳାକୁ ମଧ୍ୟ ସିଲ କରି ଦିଆଯାଇଛି। ପ୍ରକାଶ ଥାଉକି, ଗତ ଜୁନ ୨୨ ତାରିଖରେ ଷ୍ଟେଟବ୍ୟାଙ୍କ ପକ୍ଷରୁ ଶାରଳା ସୂତାକଳ ସମ୍ମୁଖରେ ନୋଟିସ ମରାଯିବା ସହିତ ସୁତାକଳକୁ ଜବତ କରିବା ପାଇଁ ଜଣାଇ ଦିଆ ଯାଇଥିଲା। ତେବେ ଆଜି ବ୍ୟାଙ୍କ କର୍ତ୍ତୃପକ୍ଷ ମିଲ ନିକଟରେ ପହଞ୍ଚି ମିଲକୁ ସିଜ୍ କରିବା ସହିତ ନିଜ ଅକ୍ତିଆରକୁ ନେଇଛି। ସୂଚନାଯୋଗ୍ୟ ଯେ ସାରଳା ସୂତାମିଲକୁ ପୁନରୁଦ୍ଧାର ପାଇଁ ୧୯୯୯ ମସିହାରେ ତତ୍କାଳୀନ ସରକାର ଷ୍ଟେଟବ୍ୟାଙ୍କ ଋଣରୁ ଆଣିଥିଲେ। ତେବେ ବର୍ତ୍ତମାନ ଋଣ ଭାର ୪ କୋଟି ୭୪ ଲକ୍ଷ ୮୬୫ ଟଙ୍କା ରହିଛି । ଏହା ପରିଶୋଧ ନ ହେବାରୁ ବ୍ୟାଙ୍କ ସୂତା ମିଲକୁ ନିଜ ଅକ୍ତିଆରକୁ ନେଇଥିବା ଜଣା ପଡ଼ିଛି।

# ବିଦ୍ୟାଳୟର ଦୂରବସ୍ଥା: ଛାତରୁ ଗଳୁଛିପାଣି, ଦୁଇଟି କୋଠରିରେ ୫ଟି କ୍ଲାସ୍



ରାଜନଗର, (ଭାସ୍କର ନ୍ୟୁଜ୍):ଶିକ୍ଷାକ୍ଷେତ୍ରରେ ସ୍ୱଚ୍ଛତା ଆଣିବା ଏବଂ ଗୁଣମାନର ଶିକ୍ଷାଦାନ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ତଥା ପାରିପାର୍ଶ୍ୱିକ ଅବସ୍ଥାର ଆବଶ୍ୟକ ସରଞ୍ଜାମ ସରକାର ଯୋଗାଇ ଦେବା ପଛରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଗଣମାଧ୍ୟମ ନଥିଲେ ସରକାରଙ୍କର ସର୍ବଗିଳା(ଏଜେଣ୍ଟ) ଶିକ୍ଷାଅଧିକାରୀ ହୁଅନ୍ତୁ କି ପୋକ ଡାଲି ଭାତ ଦେଇ ସ୍କୁଲକୁ ମାସମାସ ଧରି ଆସୁନଥିବା ଶିକ୍ଷକ ହୁଅନ୍ତୁ ସେମାନେ ମାସିକିଆ ଦେଇ ଶିକ୍ଷାବିଭାଗକୁ ହାତେଇ ଚାଲିଛନ୍ତି। ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ ମାଇଲ୍ ଖୁଣ୍ଟ। ଯେତେବେଳେ ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ମଧ୍ୟରୁ ତିନୋଟି ସ୍ତମ୍ଭ ଶୋଇପଡେ ସେତେବେଳେ ୪ର୍ଥ ସ୍ତମ୍ଭ ଗଣମାଧ୍ୟମ ସତେଜହୋଇ ସରକାରୀ କଳକୁ ସଶକ୍ତ କରିଥାଏ। ଜ୍ଞାନ ଥିବା ଲୋକ ଆମ ରାଜ୍ୟରେ ଶିକ୍ଷାମନ୍ତ୍ରୀ ହୋଇଛନ୍ତି, ହେଲେ ଶିକ୍ଷାବିଭାଗରେ ଦୁର୍ନୀତି ଯୋଗୁଁ ପିଲାଙ୍କ ପାଠପଢାରେ ଅବନତି ଘଟୁଥିବା ବିଭାଗୀୟ ମନ୍ତ୍ରୀଙ୍କୁ ସବୁ ଜଣା ହେଲେ ପରିସ୍ଥିତି ପାଇଁ ପାଟି ଖୋଲୁନଥିବା ବେଳେ ଗଣମାଧ୍ୟମକୁ ଅଙ୍କୁଶ ଲଗାଇ ନା ନେବାପରି ଅପଚେଷ୍ଟାକୁ ରାଜନଗର ସାମ୍ବାଦିକ ଦୃଢନିନ୍ଦାକରିଛନ୍ତି। ମନ୍ତ୍ରୀଙ୍କ ପାରିବା ପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରି ସୂଚାଇ ଦିଆଯାଉଛି ଯେ, କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦରମହକୁମାଠାରୁ ମାତ୍ର ୩କିଲୋମିଟର ଦୂର ବାଘୁଆ କହୁଆ ପ୍ରାଥମିକ ବିଦ୍ୟାଳୟ ଅବସ୍ଥିତ। ଏହାର ସମ୍ମୁଖ ୩/୪ ମିଟର ଦୂରରେ ବିପଦପୂର୍ଣ୍ଣ ପୋଖରୀ ରହିଛି ଏବଂ ଏଥିରେ ବହୁବାର ପିଲାଙ୍କ ଗୋଡ ମଧ୍ୟ ପୋଖରୀରେ ଖସିଛି। ଏହି ବିଦ୍ୟାଳୟରେ, ଦୁଇଟି କୋଠରି ମଧ୍ୟରେ ପାଞ୍ଚଟି କ୍ଲାସ ସାଙ୍ଗକୁ ୮୩ପିଲାଙ୍କୁ ୩ଜଣ ଶିକ୍ଷକ ପାଠ ପଢାଉଛନ୍ତି ବାରଣ୍ଡାରେ, ହେଲେ ବର୍ଷାରେ ଶ୍ରେଣୀ ଗୃହ ଦୁଇଟିରେ ପାଣିଗଳୁଥିବାରୁ ପିଲାମାନେ ବାରଣ୍ଡାରେ ପାଠପଢୁଛନ୍ତି । ସେଥିପାଇଁ ବର୍ଷା ଦିନେ ଅଧିକାଂଶ ଶିକ୍ଷକ ଅନୁପସ୍ଥିତ ରହି ଗଣମାଧ୍ୟମ ଖବରର ନାୟକ ପାଲଟି କାର୍ଯ୍ୟାନୁଷ୍ଠାନର ଶିକାର ହେଉଥଲେ। ଏବେ ସାମ୍ବାଦିକମାନଙ୍କୁ ବିଦ୍ୟାଳୟବନ୍ଦ ହୀନମନ୍ତବ୍ୟ ଓ ଆଦେଶକୁ କେତେକ ଦୁର୍ନୀତି ଖୋର ଅନିୟମିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଖୁସିମନାଇ ମନ୍ତ୍ରୀଙ୍କୁ ବଧାଇ ଜଣାଇବା ସ୍ୱାଭାବିକ ହୋଇଛି। ସାମ୍ବାଦିକମାନଙ୍କୁ ବିଓଙ୍କ ଚିଠି ପ୍ରକାରେ ବିଦ୍ୟାଳୟ ପାଇଁ ଅଙ୍କୁଶ ଲାଗିବାରୁ ଏହି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ କଣ୍ଟା ହଟିଲା ବୋଲି ଖୁସି ପ୍ରକଟ କରିଛନ୍ତି। ବାଘୁଆ କହୁଆ ପ୍ରାଥମିକ ବିଦ୍ୟାଳୟର ଦୁରବସ୍ଥା ସେହିପରି ପଡିରହିଯିବ ବୋଲି ଗ୍ରାମର ଅଧିବାସୀ ଅସନ୍ତୋଷ ପ୍ରକାଶ କରି ଡିଇଓଙ୍କୁ ଦୋଷାରୋପ କରିଛନ୍ତି, ଶିକ୍ଷାଦାନ ଅଭାବରୁ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ଦୁର୍ନୀତିର ଫର୍ଦ୍ଦାଫାସ କିଏ କରିବେ ବୋଲି ଛାତ୍ରଛାତ୍ରୀ ମତଦେଇଛନ୍ତି। କି ସ୍ୱାର୍ଥରେ ଡିଇଓ ଗଣମାଧ୍ୟମକୁ ବିଦ୍ୟାଳୟକୁ ଯିବାକୁ ମନା କରାଗଲା ସେଥିନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

# ଜିଲ୍ଲା ପରିଷଦ ସଭ୍ୟାଙ୍କ ଅଭିନବ ପ୍ରୟାସ: ଆମ ଗାଁ ଆମେ ଗଢିବା



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୭ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ତାଙ୍କ ଜୋନ ଅନ୍ତର୍ଗତ ଗ୍ରାମଗୁଡିକର ସର୍ବାଙ୍ଗ ଉନ୍ନତି ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ତାହା ହେଉଛି 'ଆମ ଗାଁ ଆମେ ଗଢିବା'। ଏ ନେଇ ସେ ଓ କେନ୍ଦ୍ରାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି ଗାଁକୁ ଗାଁ ବୁଲି ଲୋକମାନଙ୍କ ପରିସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି। ଲୋକମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି କି ନାହିଁ। ଯଦି ସେଥିରୁ ବାଦ ପଡିଛନ୍ତି ତାହେଲେ ସଙ୍ଗେ ସଙ୍ଗେ ସେମାନଙ୍କ ଠାରୁ ଦରଖାସ୍ତ ଗ୍ରହଣ କରାଯାଇ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଉଛି। ସେହିଠାରେ ଲୋକଙ୍କ ସମସ୍ୟାର ସମାଧାନ କରାଯାଉଛି। ଠିକ ସେହିପରି କେଉଁ ଗାଁରେ ପାନୀୟ ଜଳ ସମସ୍ୟା ରହିଛି କି, ମହିଳା ସଶକ୍ତିକରଣ ଯୋଜନାରୁ କେହି ବାଦ ପଡିଛନ୍ତି କି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟଷ୍ମାନ ଭାରତ ଯୋଜନାର କାର୍ଡ ପ୍ରକୃତ ହିତାଧିକାରୀଙ୍କ ପାଖରେ ଅଛି କି ନାହିଁ କୃଷି ଓ ପଶୁ ପାଳନ ଯୋଜନାରେ ପ୍ରକୃତ ହିତାଧିକାରୀ ସାମିଲ ହୋଇଛନ୍ତି କି ନାହିଁ, ଗ୍ରାମାଞ୍ଚଳର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଲୋକଙ୍କ ଠାରୁ ଉଭୟ ପଚାରି ବୁଝୁଛନ୍ତି। ଲୋକଙ୍କ ସମସ୍ୟା ଶୁଣିବା ପରେ ତାହାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଞ୍ଚାଇ ସେହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଫଳରେ ବିଭାଗୀୟ ଅଧିକାରୀ ପ୍ରକୃତ ତଥ୍ୟ ପାଇ ପାରୁଛନ୍ତି। ଏହି କାର୍ଯ୍ୟ ରଥଯାତ୍ରା ଦିନ ଆରମ୍ଭ ହୋଇଛି। ଏହି ଜୋନ ଅଧିନରେ ଥିବା ବାରୋ, ଗାଙ୍ଗପଡ଼ା, ପଳସିଂହା, ସାନମାଣତିଆ, ଚନ୍ଦନପୁର ଓ କେଶପୁର ଗ୍ରାମପଞ୍ଚାୟତରେ ଥିବା ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ୱାର୍ଡରେ ଏଭଳି କାର୍ଯ୍ୟ କରାଯିବ ବୋଲି ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ସୂଚନା ଦେଇଛନ୍ତି।

## ବନ ମହୋତ୍ସବ ପାଳିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍):ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସାଗରଗୁଆଁ କ୍ଲଷ୍ଟର ଅଧୀନସ୍ଥ ହଳଦୀପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହଙ୍କ ଆବାହକତ୍ୱରେ ଓ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ଶାଗୁଆନ, ନଡ଼ିଆ, କୃଷ୍ଣଚୂଡା ଆଦି ଚାରା ରୋପଣ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ପ୍ରଧାନ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିବା ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା ପାଇଁ ନୂତନ ଚାରାରୋପଣ କରିଥିଲେ। ବୃକ୍ଷ ହିଁ ମାନବର ବନ୍ଧୁ ହୋଇଥିବାରୁ ସମସ୍ତ ଛାତ୍ରଛାତ୍ରୀମାନେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ। ବିଦ୍ୟାଳୟ ପରିସରକୁ ବିଭିନ୍ନ ଗଛ ଲଗାଇ ସବୁଜ ସୁନ୍ଦର କରିବାକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ଆଜୀବନ କଏଦୀଙ୍କୁ ପରିବା ବିକାଇଲେ ଜେଲ ଅଧକ୍ଷ



କରଞ୍ଜିଆ,(ଭାସ୍କର ନ୍ୟୁଜ୍): କରଞ୍ଜିଆ ଉପ କାରାଗାର କର୍ତ୍ତୃପକ୍ଷଙ୍କ ଅଜବ ନୀତି, ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀକୁ ପରିବା ବିକ୍ରି କାର୍ଯ୍ୟରେ ଲଗାଉଛନ୍ତି । ଏପରି ଘଟଣା ସାମ୍ନାକୁ ଆସିଛି ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପ କାରାଗାରରୁ । ଏଠାରେ ଆଜୀବନ କାରାଦଣ୍ଡ ଭୋଗୁଥିବା କିଛି କଏଦୀଙ୍କୁ ଜେଲଅଧକ୍ଷ ପରିବା ବିକ୍ରି କାର୍ଯ୍ୟରେ ଲଗାଇବା କେତେ ସୁରକ୍ଷିତ ? ଗତ ଦୁଇ ବର୍ଷ ପୂର୍ବେ ଏପରି ଏକ ଘଟଣା ସାମ୍ନାକୁ ଆସିଥିଲା ଯେତେବେଳେ ଜଣେ ଜେଲରେ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ଜୈନେକ କଏଦୀକୁ ଲଗାଇବା ସମୟରେ କଏଦୀ ଜଣଙ୍କ ସୁଯୋଗଦେଖି ଚମ୍ପଟ ମାରିଥିଲା। ଏଇ ଘଟଣା ପରେ ଜେଲ କର୍ତ୍ତୃପକ୍ଷ ଦୁଇଜଣ ଜେଲ କର୍ମଚାରୀଙ୍କୁ ନିଲମ୍ବନ କରିବା ସହିତ ତୁରନ୍ତ କୋଇଦି ଜଣଙ୍କୁ ଖୋଜି ଆଣିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ । ହେଲେ ଏଥିରେ ଜୈନେକ ଜେଲ କର୍ମଚାରୀ ଅଧିକ ଚାପଗ୍ରସ୍ତ ହଇ ଆତ୍ମହତ୍ୟା କରି ଦେଇଥିଲେ । ଯାହା ସେତେବେଳେ ଜିଲ୍ଲାରେ ଚହଳ ପକାଇଥିଲା। ହେଲେ ଏଇ ଘଟଣା ମନରୁ ନ ଲିଭୁଣୁ ପୁଣି ଏପରି ଘଟଣା ପୁନରାବୃତ୍ତି ହେବାକୁ ଯାଉଛି । କାରଣ ଜେଲ କର୍ତ୍ତୃପକ୍ଷ ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀଙ୍କୁ ଏକାଏକି ପରିବା ବିକ୍ରି କରିବା ପାଇଁ ଛାଡି ଦେଉଥିବାରୁ କିଛି ହାର୍ଡକୋର କଏଦୀ ଏହାର ସୁଯୋଗରେ ଖସି ଯିବେ ନି ତ ? ହେଲେ ଜେଲ କର୍ତ୍ତୃପକ୍ଷ ଏପରି ଦାୟୀତ୍ୱ ହୀନ କାର୍ଯ୍ୟ କରାଉଥିଲେ ବି ତାଙ୍କ ବିରୁଦ୍ଧରେ କାହିଁକି ଜେଲ ଉଚ୍ଚ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି ? ନା ଆଉ କାହାର ମୁଣ୍ଡ ନେବା ପର୍ଯ୍ୟନ୍ତ ଅପେକ୍ଷା କରିଛି ବିଭାଗ । ତେବେ ଏ ସଂପର୍କରେ ଜେଲ ଅଧକ୍ଷ ପିକେ ମହାଳିକ କୁହନ୍ତି ଯେ ସେମାନେ ବାହାରକୁ ଆସୁଥିବା ସମୟରେ ତାଙ୍କୁ ଜଗିବା ପାଇଁ ଲୋକ ଦିଆଯାଇଛି ହେଲେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ କୋଇଦିମାନେ ନିଜ ଇଚ୍ଛାରେ ବଜାରବୁଲିବାଠୁ ଆରମ୍ଭକରି ଏପଟ ସେପଟ ଯିବାଆସିବା କରୁଥିବା ନଜରକୁ ଆସିଥିଲେବି ଜେଲକର୍ତ୍ତୃପକ୍ଷଙ୍କ ଏପରିବୟାନ ଆଗକୁ ଆଉଏକ ଘଟଣାକୁ ଅମାତ୍ରଣ କରୁଛି। ତେବେ ଏପରି ଦାୟୀତ୍ୱ ହୀନ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଦେଖିବା ପାଇଁ ବାକି ରହିଲା ।

# ଆଶାକର୍ମୀଙ୍କ ତାଲିମ ଉଦ୍‌ଯାପିତ



ଆସିକା, (ଭାସ୍କର ନ୍ୟୁଜ୍): ୱାର୍ଡ ସ୍ତରରେ ସ୍ୱାସ୍ଥ୍ୟ ସେବାକୁ ଘରେ ଘରେ ପହଞ୍ଚାଇବା ସହ ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ରୋକିବା ପାଇଁ ଆଶା ଦିଦିମାନଙ୍କୁ ପାଞ୍ଚ ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି ଓ ସଂକ୍ରମଣ ଓ ଅଣ ସଂକ୍ରମଣ ରୋଗର ପ୍ରତିକାର କରିବା ସହ ନବଜାତ ଶିଶୁର ଘରୋଇ ଯତ୍ନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଓ ଆସ୍କା ଉପଖଣ୍ଡ ଚିକିତ୍ସାଳୟଠାରେ ଆୟୋଜିତ ତାଲିମ ଶିବିରରେ ଗଞ୍ଜାମ ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଆୟୋଜିତ ଏହି ତାଲିମରେ ଜିଲ୍ଲା ଆଶା ପରିଚାଳକ ଆଶିଷ କୁମାର ମିଶ୍ର, ଜିଲ୍ଲା ତାଲିମ ଦାତା ରୂପେ ସୁଜାତା ପଟ୍ଟନାୟକ, ହରିହର ପାଢ଼ୀ, ଉପଖଣ୍ଡ ଚିକିତ୍ସାଳୟ ଏଡିଇଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସରୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ଓ ଆସିକା ଏନଏସିର କାର୍ଯ୍ୟରତ ୧୫ଜଣ ଆଶା କର୍ମୀ, ଆସିକା ବ୍ଲକର ୭ ଜଣ, ଧରାକୋଟ ବ୍ଲକର ୨ ଜଣ ଓ ଶେରଗଡ଼ ବ୍ଲକର ଜଣେ ଉପସ୍ଥିତ ରହିଥିଲେ ଓତାଲିମ ଦାତା ଦ୍ୱୟ ମହିଳାଙ୍କୁ ଗର୍ଭ ଅବସ୍ଥା, ଶୈଶବ ଅବସ୍ଥା ବା ନବଜାତ ଶିଶୁ ଅବସ୍ଥା, କୈଶୋର ଅବସ୍ଥା, ଯୁବା ଅବସ୍ଥା, ବୃଦ୍ଧା ଅବସ୍ଥାରେ ହେଉଥିବା ହିଂସାକୁ ଗୋଷ୍ଠୀ ସ୍ତରରେ ଆଶା ଦିଦି କିଭଳି ରୋକିବା ଏହା ଉପରେ ତାଲିମ ପ୍ରଦାନ କରିଥିଲେ। ତତ ସହିତ ଲିଙ୍ଗ ନିରୂପଣ କଲେ ପ୍ରାକ ଗର୍ଭ ଧାରଣ ଓ ପ୍ରାକ ପ୍ରସୂତି ନିଦାନ କୌଶଳ ଆଇନର ଦିଗ, ମହିଳାଙ୍କ ପରିବାର ହିଂସାରୁ ସୁରକ୍ଷା ତଥା (ଶାରୀରିକ, ଯୌନଗତ, ମାନସିକ, ଅର୍ଥନୈତିକ) ଯୌତୁକ ଆଇନ, ଅନୈତିକ ଚାଳନ, ମାତୃତ୍ୱ ଅନୁଗ୍ରହ ଅଧିନିୟମ, ଦୁର୍ବଳ ଶ୍ରେଣୀକୁ ଶିକ୍ଷା ଓ ସାମାଜିକ ନ୍ୟାୟ ସକାଶେ ଥିବା ଆଇନ, ନିଯୁକ୍ତିରେ ମହିଳାଙ୍କୁ ଅଣଦେଖା କଲେ, ଯୌତୁକ ନିରୋଧ ଆଇନ, ବାଲ୍ୟବିବାହ ନିରୋଧ, କନ୍ୟାକୁ ଶିଶୁ ଶ୍ରମିକରେ ନିୟୋଜିତ କରିବା, ଶିଶୁ ଚାଲାଣ, ଶିଶୁକୁ ଯୌନ ନିର୍ଯାତନା, ସ୍ୱାସ୍ଥ୍ୟ ଯତ୍ନରେ ମହିଳାଙ୍କୁ ଅବହେଳା ହୋଇ ମୃତ୍ୟୁ ହେଲେ କ୍ଷତିପୂରଣ ମିଳିବା, ନଗ୍ନ ଚିତ୍ର ଦେଖାଇ ଯୌନ ସମ୍ପର୍କ ରଖିବାକୁ ବାଧ କରିବା, ସାମାଜିକ ଗଣମାଧ୍ୟମରେ ମହିଳାଙ୍କ ଅଶ୍ଲୀଳ ଫୋଟୋ ପଠାଇବା, ଜାତି, ଧର୍ମକୁ ନେଇ ମହିଳାଙ୍କୁ ଅଣଦେଖା କରିବା, ହିନ୍ଦୁ ମହିଳାଙ୍କ ସମ୍ପତ୍ତିରେ ଅଧିକାର, ଶିଶୁ ଅଧିକାର କ୍ଷୁର୍ଣ୍ଣ, ମହିଳାଙ୍କ ଭରଣ ପୋଷଣ ଅଧିନିୟମ, ସହ କର୍ମ ସଂସ୍ଥାରେ ମହିଳାଙ୍କୁ ସୁରକ୍ଷା ଉପରେ ଅବଗତ କରାଯିବା ସହ ଆଇନର ଦିଗ, ଦଣ୍ଡ ବିଧାନ, ଉପରେ ଅବଗତ କରାଗଲା। ଏଥିସହିତ ମହିଳା ହିଂସାରେ ପୀଡିତାଙ୍କ ପାଇଁ ସରକାରଙ୍କ ରହିଥିବା ବିଭିନ୍ନ ସୁରକ୍ଷା, ଆଇନ ସହାୟତା, ପରାମର୍ଶ ପ୍ରଦାନ, ଆଶ୍ରୟ ବ୍ୟବସ୍ଥା, ମ୍ୟାଲେରିଆ, ଟିବି ରୋଗର ପ୍ରତିରୋଧ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

# ଉପଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଭଞ୍ଜନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଉପସ୍ଥିତ ରହି ସର୍ବ ପ୍ରଥମେ ଭିନ୍ନକ୍ଷମମାନଙ୍କ ଅଭିଯୋଗ ଏବଂ ପରେ ସାଧାରଣ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ସମୁଦାୟ ୧୬ଟି ପତ୍ର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଗ୍ରହଣ କରିଥିଲେ। ଦିବ୍ୟାଙ୍ଗମାନଙ୍କ ନିକଟରୁ ୨ଟି ଅଭିଯୋଗ ପତ୍ର ଆସିଥିଲା ବେଳେ ୧୪ଟି ସାଧାରଣ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଏହି ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ସହାୟକ ଜିଲ୍ଲାପାଳ ଅଞ୍ଜଳି ମାଝୀ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ୍ ମହାନ୍ତି, ଏଷ୍ଟାବ୍ଲିଶମେଣ୍ଟ ଅଫିସର ଅନିଲ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଅତିରିକ୍ତ ତହସିଲଦାର ନିହାର ରଞ୍ଜନ ବେହେରା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଜନସ୍ୱାସ୍ଥ୍ୟ ବିଭାଗ ନିତ୍ୟାନନ୍ଦ ବେହେରା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଜଳସେଚନ ବିଭାଗ ରଶ୍ମି ରଞ୍ଜନ ରଥ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ଅଫିସର କର୍ମଚାରୀ ସୁରଭି ପ୍ରଧାନ, ବିବେକାନନ୍ଦ ମିଶ୍ର, ବଳରାମ ଯାନୀ ପ୍ରଭୃତି ସହଯୋଗ କରିଥିଲେ।

# ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଭେଟିଲେ ସମବାୟ ସମିତି ସଭାପତି



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ): ଓଡ଼ିଶା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକଙ୍କୁ ଭୁବନେଶ୍ୱରରେ ଭେଟି ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ନାରାୟଣ ପ୍ରସାଦ ପାତ୍ର ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସଭାପତି ଶ୍ରୀ ପାତ୍ରଙ୍କ ସହିତ କୁଶିଆପାଳ ସରପଞ୍ଚ ଦୟାନିଧି ଦାସ, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲ ରାଜ୍ୟ ସମ୍ପାଦକ ସେକ ଅବଦୁଲା, ବିଜେଡି ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିଟି କୁଶିଆପାଳ, ଗୁଆଲସିଂ, କୁରୁଜଙ୍ଗା ଓ ବାରିମୂଳ ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାୟକ ମଧ୍ୟ ନବ ନିର୍ବାଚିତ କୁଶିଆପାଳ ସମବାୟ ସମିତିର ସଭାପତି ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଚାଷୀଙ୍କ ପାଇଁ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# କୃତୀ ବିଦ୍ୟାର୍ଥୀ ପୁରସ୍କୃତ

ବୁଦ୍ଧଲାଲ ଫାଉଣ୍ଡେସନ ତରଫରୁ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଗତ ମେଟ୍ରିକ ପରୀକ୍ଷାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଶ୍ରେଷ୍ଠ ତିନିଜଣ କୃତୀ ବିଦ୍ୟାର୍ଥୀ ଯେଉଁମାନେ ଶତକଡା ୯୦ରୁ ଅଧିକ ନମ୍ବର ରଖିଛନ୍ତି ସେମାନଙ୍କୁ ପୁରସ୍କୃତ କରାଯାଇଛି । ଛାତ୍ରୀ କୌଶଲ୍ୟା ସିଂ ଓ ସୁନନ୍ଦା ସିଂ ଏବଂ ଛାତ୍ରୀ ଦେବୀପ୍ରସାଦ ବେହେରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ନିକଟରୁ ଏକ ହଜାର ଟଙ୍କା ବ୍ୟକ୍ତିଗତ ଭାବେ ପୁରସ୍କାର ରାଶି ଗ୍ରହଣ କରିଥିଲେ । ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଅମୁଲ୍ୟ କୁମ୍ଭକାର, ମନୋଜ ପରିଡା, ପ୍ରଦୀପ ଦଣ୍ଡପାଟ, ଉପେନ୍ଦ୍ର ବେହେରା ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଫାଉଣ୍ଡେସନର ସଭାପତି ବୁଦ୍ଧିରାମ ସିଂ ଧନ୍ୟବାଦ ଜ୍ଞାପନ କରିଥିଲେ । ଫାଉଣ୍ଡେସନର ଏହି ମହନୀୟ ଉଦ୍ୟମ ପାଇଁ ବିଦ୍ୟାଳୟ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗାମୀ ଦିନରେ ବିଦ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରୋତ୍ସାହନ ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାପତି ବୁଦ୍ଧିରାମ ସିଂ ପ୍ରକାଶ କରିଛନ୍ତି ।

# ରାଶିଫଳ

ମଙ୍ଗଳବାର, ୧୨ ଜୁଲାଇ ୨୦୨୨



**ମେଷ** – ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ । ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ। ପାରିବାରିକ କଳହ ଦୂରିଭୁତ ହେବ।



**ବୃଷ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ ।ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ।



**ମିଥୁନ** – ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ**– ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ସିଂହ** – କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ , ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।



**କନ୍ୟା** – ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ ।



**ତୁଳା** – ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



**ବିଛା** – ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।



**ଧନୁ** – ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍। ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**ମକର** – ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



**କୁମ୍ଭ** – ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।



**ମୀନ** – ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ଗୋପବନ୍ଧୁ ଉନୟନ ସଂସ୍ଥା ବୈଠକ ଗୃହଠାରେ ନୂତନ କରି ଚୟନ ହୋଇଥିବା ଗ୍ରାମ୍ୟ ସାଧନ କର୍ମୀ ମାନଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ମାଲକାନଗିରି, ମାଥିଲି ବ୍ଲକର ଗ୍ରାମ୍ୟ ସାଧନ କର୍ମୀ ମାନେ ପ୍ରଶିକ୍ଷଣ ନେଇଥିଲେ । ଏହି ଶିବିରକୁ ମାଲକାନଗିରି ଜିଲ୍ଲାର ଜିଲ୍ଲା ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ ଉଦଘାଟନ କରିଥିବା ବେଳେ ଖଇରପୁଟ ବ୍ଲକ ସାମାଜିକ ସମୀକ୍ଷକ ସଂଗ୍ରାମ ମହାଲିକ, କରୁକୋଣ୍ଡା ବ୍ଲକ ସାମାଜିକ ସମୀକ୍ଷକ ରାକେଶ ଦାସ, ପଡିଆ ବ୍ଲକ ସାମାଜିକ ସମୀକ୍ଷକ ଟି.ମୁରଲୀ କ୍ରିଷ୍ଣା ତାଲିମ ଦେଇଥିଲେ । ଏହି ଶିବିରରେ ନରେଗା, ବାର୍ଦ୍ଧକ୍ୟ ଭତ୍ତା, ପିଡ଼ିଏସ ଭଳି ଅନେକ ଯୋଜନା ଉପରେ ପ୍ରଶିକ୍ଷଣ ଦିଆ ଯାଇଥିଲା ।

# ସିଂହଦ୍ୱାରରେ ଲାଗିଲା ବ୍ରହ୍ମତାଳଧ୍ୱଜ ରଥ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ମାଉସୀ ମା'ଙ୍କ ଘରୁ ସିଂହଦ୍ୱାରକୁ ବାହୁଡିଥିବା ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଅଧା ବାଟରେ ଫୁଟପାଥକୁ ମାଡି ଯାଇ ଅଟକି ରହିଥିଲା। ସୋମବାର ଅପରାହ୍ନ ୨ଟା ୨୦ରେ ରଥ ଟଣା ଆରମ୍ଭ ହୋଇଥିଲା। ସିଂହଦ୍ୱାର ସମ୍ମୁଖରେ ରଥ ପହଞ୍ଚିବା ବେଳକୁ ଅପରାହ୍ନ ୪ଟା ୨୫ମିନିଟ ହୋଇ ଗଲା। ତେବେ ରବିବାର ରଥଟଣା ବେଳେ ଯେଉଁ ବିଭ୍ରାଟ ହୋଇଥିଲା ସୋମବାର ତାହାର ପୁନରାବୃତ୍ତି ହୋଇ ନ ଥିଲା। କାରଣ ରବିବାର ରଥ ସିଂହଦ୍ୱାରକୁ ଫେରିବା ବାଟରେ ୨୦୦ ମିଟର ଗଡି ବାମ ପାର୍ଶ୍ୱକୁ ମାଡି ଯାଇଥିଲା। ରଥକୁ ସଠିକ ଦିଗକୁ ଆଣିବା ପାଇଁ ସମୟ ଲାଗିଥିଲା। ରଥ ସଠିକ ଦିଗକୁ ଆସିବା ବେଳେ ସୂର୍ଯ୍ୟାସ୍ତ ହୋଇ ଯାଇଥିଲା। ତେଣୁ ରଥ ଆଉ ଗଡି ନ ଥିଲା। ତେଣୁ ସୋମବାର ରଥ ଟଣାଯାଇ ଚକଡ଼ାରେ ଲାଗିଛି। ସୋମବାର ସକାଳୁ ରଥ ଟାଣିବା ପାଇଁ ହଜାର ହଜାର ଭକ୍ତ ରଥ ଦାଣ୍ଡରେ ସମବେତ ହୋଇଥିଲେ। ସେହିପରି ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ରଥଦାଣ୍ଡରେ ପହଞ୍ଚି ଥିଲେ। ଘଣ୍ଟ, ଘଣ୍ଟା, କାହାଳୀ ଶବ୍ଦରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତ ଓ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ରଥ ଟାଣିଥିଲେ। ରଥ କିଛି ବାଟ ଯିବା ପରେ ରହିଥିଲା। ଫଳରେ ଭକ୍ତମାନେ ରଥାରୂଢ ଠାକୁରଙ୍କୁ ରଥଦାଣ୍ଡରେ ଦର୍ଶନ କରିଥିଲେ। ପୂର୍ବଦିନ ରଥ ବୋଲ ମାନି ନ ଥିବାରୁ ରଥ ଚାଳକ ରଥକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ଫଳରେ ରଥଟି ବାମ ପାର୍ଶ୍ୱକୁ ମାଡି ଯାଇଥିଲା। ରଥକୁ ସଠିକ ମାର୍ଗକୁ ଆଣିବା ପାଇଁ ରେଳ ବିଭାଗର ହାଇଡ୍ରୋଲିକ ଜଗ ବ୍ୟବହାର କରାଯାଇଥିଲା। ସୋମବାର ବିନା କୌଣସି ପ୍ରତିବନ୍ଧକରେ ରଥ ସିଂହଦ୍ୱାର ଚକଡ଼ାରେ ଲାଗିଥିଲା। ଫଳରେ ହଜାର ହଜାର ଭକ୍ତ ସୋମବାର ରଥାରୂଢ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଛନ୍ତି। ଗୁଣ୍ଡିଚା ସମୟରେ ଯେପରି ରଥ ବାମ ପାର୍ଶ୍ୱକୁ ମାଡି ଯାଇଥିଲା ବାହୁଡା ସମୟରେ ମଧ ତାହାର ପୁନରାବୃତ୍ତି ହୋଇଥିଲା। ତେଣୁ ରଥ କାହିଁକି ସଠିକ ଭାବେ ଗଡି ପାରୁନାହିଁ ତାହାର ସମୀକ୍ଷା କରାଯାଉ ବୋଲି ବଳଦେବ ସେନାର ଆବାହକ ତଥା ଗବେଷକ ନିରଞ୍ଜନ ମେକାପ ଏବଂ ବରିଷ୍ଠ ଆଇନଜୀବୀ ବିଭୁଭୂଷଣ ମହାପାତ୍ର ଦାବି କରିଛନ୍ତି। ସେମାନେ କହିଛନ୍ତି ପ୍ରଶାସନ ଯେତେବେଳେ ପ୍ରସ୍ତୁତି ବୈଠକ ଡକାଉଛି ସେତେବେଳେ ଅଭିଜ୍ଞ ଲୋକଙ୍କୁ ବୈଠକକୁ ଡକାଯାଉନାହିଁ। ଯେଉଁମାନଙ୍କର ରଥ ସଂକ୍ରାନ୍ତରେ ଅଭିଜ୍ଞତା ରହିଛି ସେମାନଙ୍କୁ ବୈଠକରୁ ଦୂରେଇ ରଖାଯାଉଛି। ଯାହାର ଫଳ ସ୍ୱରୂପ ଗୁଣ୍ଡିଚା ଓ ବାହୁଡାରେ ରଥ ଟଣାରେ ବିଭ୍ରାଟ ଘଟିଲା। ତେଣୁ ପ୍ରଶାସନ ଏନେଇ ସଚେତନ ରହିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଛନ୍ତି ରଥ ଗଡିବା ବେଳେ ଯେଉଁ ବିଭ୍ରାଟ ହେଲା ତାହାର ବୈଷୟିକ ତଦନ୍ତ କରାଯାଉ। ସେହିପରି ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

# କୃତୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କଖଡିରେ ଥିବା ନୋଡାଲ ହାଇସ୍କୁଲରେ ଅଧ୍ୟୟନ କରୁଥିବା ମେଧାବି ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ସ୍କୁଲ ପରିସରରେ ଆୟୋଜନ କରାଯାଇଥିଲା। ରାଜ୍ୟର କୃଷି, ପଶୁ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତରଫରୁ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧିତ ପ୍ରତିଭା ମଧ୍ୟରେ ପ୍ରିୟା ମହାନ୍ତି, ନିରାକର ପ୍ରଧାନ, ସ୍ମିତି ପ୍ରଜ୍ଞା ନାୟକ, ଶ୍ରାବଣୀ ବେହେରା, ପ୍ରଜ୍ଞା ଅର୍ଚ୍ଚିତା ଛତାର, ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଦୁଲି, ଜ୍ୟୋତି ମୟୀ ଦଳାଇ ଏ ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ପତି ଅଧକ୍ଷତା କରିଥିଲେ। କୃଷି ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ସେକ୍ ସାହାଜାହାନ, ସରପଞ୍ଚ କଳ୍ପନା ଛତାର, ରଞ୍ଜିତ ରାଉତ, ରଞ୍ଜନ ମୁଦୁଲି, ଦିନେଶ ଖଂଟିଆ, ବିଶ୍ୱଜିତ ରାଉତ ପରିଚାଳନା କମିଟି ସଦସ୍ୟ ରୀନା ସେଠୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ସୁକାନ୍ତ ନାୟକ, ହେମନ୍ତ ସାହୁ, ଜ୍ଞାନ ରଂଜନ କର, ଶ୍ରୀବତ୍ସ ପାଣି ଓ ପୁରାତନ ଛାତ୍ର ସୌମ୍ୟ ବାରିକ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ।

# ସୁନାବେଶରେ ଦର୍ଶନ ଦେଲେ ମହାବାହୁ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଜଗତର ନାଥ ଶ୍ରୀ ଜଗନ୍ନାଥ ମହାପ୍ରଭୁ ରଥ ଉପରେ ଆଜି ହରିଶୟନ ଏକାଦଶୀ ବ୍ରତ ପାଳନ କରିବା ସହ ସନ୍ଧ୍ୟାରେ ସୁନା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏକାଦଶୀ ବ୍ରତ ଯୋଗୁ ଆଜି ପ୍ରାତଃ ସମୟରୁ ସାରାଦିନ ରଥଠାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା । ସକାଳେ ପ୍ରବଳ ବର୍ଷା ସତ୍ତ୍ୱେ ପ୍ରାୟ ଅଧାକିଲୋମିଟର ପର୍ଯ୍ୟନ୍ତ ଧାଡିରେ ଠିଆ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସୁନାବେଶ ଦର୍ଶନ ପାଇଁ ସଂଧ୍ୟାରୁ ପ୍ରବଳ ଜନସମାଗମ ହୋଇଥିଲା। ମହାବାହୁଙ୍କର ଏହି ସୁନାବେଶ ଦର୍ଶନ କାର୍ଯ୍ୟକ୍ରମ ରାତି ସାଢେ ୧୦ ଟା ପର୍ଯ୍ୟନ୍ତ ଚାଲିଥିଲା। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିରକୁ ଫେରିବା ପାଇଁ ଗତକାଲି ଆଡପଣ୍ଡପ ତଥା ମାଉସୀ ମା ଗୁଣ୍ଡିଚା ମନ୍ଦିରରୁ ବାହୁଡା ଯାତ୍ରାରେ ଆସି ସ୍ଥାନୀୟ ରଥଗଡା ଠାରେ ରଥ ଉପରେ ରାତ୍ରୀଯାପନ କରିଥିଲେ। ପାରମ୍ପରିକ ରୀତିରେ ରଥ ଉପରେ ମହାପ୍ରଭୁଙ୍କର ହରିଶୟନ ଏକାଦଶୀ ବ୍ରତ ପାଳନ କରାଯାଇଥିଲା। ଏହି ଅବସରରେ ଯଥାବିଧି ପୂଜାର୍ଚ୍ଚନା ସହ ଫଳ ଏବଂ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଦିନସାରା ଭକ୍ତମାନେ ଭିଡ ଲାଗାଇଥିଲେ। ସଂଧ୍ୟା ୬ ଘଂଟାରେ ପୂଜକ ଭାଗିରଥୀ ପଣ୍ଡାଙ୍କ ଦ୍ୱାରା ସଂଧ୍ୟା ଆଳତୀ କରାଯିବା ପରେ ଠାକୁରଙ୍କୁ ସୁନାର ମକୁଟ, କମରପଟି, ଶ୍ରୀହସ୍ତ, ଶ୍ରୀପୟର ଏବଂ ପାଟପିତାମ୍ବରୀ ପ୍ରାୟ ୪କେଜିର ସୁନା ଏବଂ ୮କେଜିର ରୂପା ଅଳଙ୍କାର ପିନ୍ଧାଯାଇ ରାଜ ରାଜେଶ୍ୱରୀ ବେଶ କରାଯାଇଥିଲା। ସେହିପରି ରଥରେ ଆସିଥିବା ବଳରାମ ମହାପ୍ରଭୁଙ୍କ ପ୍ରତିକାତ୍ମକ ବିଗ୍ରହକୁ ମଧ ସୁନା ମୁକୁଟ ଲାଗି ହୋଇଥିଲା। ରାଜପୁରୋଧା ପଞ୍ଚାନନ ମିଶ୍ର ଏବଂ ତାଙ୍କ ପୁଅ ଶଶୀଭୂଷଣ ମିଶ୍ର ଓ ସେବାସୀମାନଙ୍କ ଉପସ୍ଥିତରେ ରାଣୀ ସାବିତ୍ରୀ ଦେବୀ, ଯୁବରାଜ ଅମରଜ୍ୟୋତି ସିଂହଦେଓ ସଂଧ୍ୟା ଆଳତୀ ଓ ବନ୍ଦାପନା କରିଥିଲେ। ସଂଧ୍ୟା ୭ ଘଂଟା ସମୟରୁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ସାହାଣମେଳା ହୋଇଥିଲା। ଆକର୍ଷଣୀୟ ସ୍ୱର୍ଣ୍ଣ ଅଳଙ୍କାର ବେଶରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଝିପିଝିପି ବର୍ଷା ସହ ପ୍ରତିକୂଳ ପାଗରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ ରାତ୍ର ସାଢେ ୧୦ ଘଂଟା ପର୍ଯ୍ୟନ୍ତ ଲାଗିରହିଥିଲା। ଆଇନ୍ ଶୃଙ୍ଖଳା ପରିସ୍ଥିତି ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ଜିଏନ୍ଏମଙ୍କୁ ଆକ୍ରମଣ, ପ୍ରତିବାଦରେ ଧାରଣା

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆମ୍ବୁଲାନ୍ସ ଆସିବା ବିଳମ୍ବକୁ ନେଇ ରୋଗୀଙ୍କ ସଂପର୍କୀୟମାନେ ଜିଏନ୍ଏମ୍ ଛାତ୍ରଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ସେଠାରେ ସିକ୍ୟୁରିଟି ଥିଲେ ମଧ ଜିଏନଏମ ଛାତ୍ରମାନଙ୍କୁ ସହାୟତା ପ୍ରଦାନ କରିନଥିଲେ। ଏହାକୁ ପ୍ରତିବାଦ କରି ଷ୍ଟାଫ୍‌ନର୍ସ ଏବଂ ଛାତ୍ରଛାତ୍ରୀମାନେ ଚିକିତ୍ସାଳୟ ଆଉଟ୍‌ଡୋର୍‌କୁ ତାଲା ପକାଇ ବାହାରେ ଧାରଣାରେ ବସି ରହିଥିଲେ। ଖବର ପାଇ ଟାଉନ୍ ଥାନା ପୁଲିସ, ଏଡିଏମ୍ଓ ପହଞ୍ଚି କର୍ମଚାରୀମାନଙ୍କୁ ବୁଝାସୁଝା କରି ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ପ୍ରତିଶୃତି ଦେବା ପରେ ଜିଏନଏମ ଛାତ୍ର ଓ କର୍ମଚାରୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ସହରର ଖମାର ସାହି ଅଞ୍ଚଳର ସିମାଦ୍ରୀ ସେଠୀ(୮୦) ଆଜି ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ଆଡ୍‌ମିସନ କରି ପ୍ରାଥମିକ ଚିକିତ୍ସା ଆରମ୍ଭ କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ରୋଗୀର ସଂପର୍କୀୟ ଚିକିତ୍ସାଳୟରୁ ବେଡ୍‌ସିଟ୍ ନେଇ ପଳାଉଥିବା ବେଳେ ନର୍ସ କର୍ମଚାରୀ ତାଙ୍କୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଜିଏନ୍ଏମ୍ ଷ୍ଟାଫ୍‌ଙ୍କୁ ମାଡ ମାରିଥିଲେ। ଆମ୍ବୁଲାନ୍ସ ଏବେ ଯାଏ କାହିଁକି ଆସିନାହିଁ ବୋଲି କହି ରୋଗୀଙ୍କ ସଂପର୍କୀୟମାନେ କର୍ମଚାରୀଙ୍କୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେଠାରେ ଉପସ୍ଥିତ ସିକ୍ୟୁରିଟି କର୍ମଚାରୀମାନେ ଏହିଦୃଶ୍ୟ ଦେଖୁଥିଲେ ମଧ ପ୍ରତିବାଦ କରିନଥିଲେ କିମ୍ବା ସେମାନଙ୍କୁ ସୁରକ୍ଷା ଦେଇନଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଜିଏନ୍ଏମ୍ ଛାତ୍ରଛାତ୍ରୀ ଏବଂ ଷ୍ଟାଫ୍ ନର୍ସମାନେ ଆଉଟ୍‌ଡୋର୍‌କୁ ବାହାରୁ ତାଲା ପକାଇ ସୁରକ୍ଷା ଦାବିରେ ଧାରଣାରେ ବସିଥିଲେ। ଖବର ପାଇ ଟାଉନ୍ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ପୁଲିସ୍ କର୍ମଚାରୀ, ଏଡିଏମ୍ଓ ଜୟକୃଷ୍ଣ ନାୟକ, ଡ଼ ଜ୍ୟୋତିଷଚନ୍ଦ୍ର ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ବୁଝାସୁଝା କରିଥିଲେ। କର୍ମଚାରୀଙ୍କୁ ସୁରକ୍ଷା ପ୍ରଦାନ ସହ ମାଡମାରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଆନ୍ଦୋଳନକାରୀମାନେ ଧାରଣାରୁ ହଟିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମା'ଙ୍କୁ ଉଠାଇନେଲା...

ଧାରଣା ଦେଇଥିଲେ ରୁଚିକାଙ୍କ ମା। ସୋମବାର ଥିଲା ରୁଚିକାଙ୍କ ଦଶାହ। ପୂର୍ବରୁ ତାଙ୍କ ଦଶାହ କଲେଜ ଆଗରେ କରାଯିବ ବୋଲି ମା ଘୋଷଣା କରିଥିଲେ। ତେବେ ଏଥିପୂର୍ବରୁ ସୋମବାର ସକାଳେ ପୋଲିସ ଧାରଣାସ୍ଥଳରେ ପହଞ୍ଚି ରୁଚିକାଙ୍କ ମା ବସିଥିବା ଟେଣ୍ଟକୁ ଭାଙ୍ଗି ଦେଇଥିଲା ଓ ପରେ ମହିଳା ପୋଲିସ ଲଗାଇ ସମସ୍ତଙ୍କୁ ଉଠାଇ ନେଇଥିଲା।

## ଭିଡ଼ ହେଲେ...

ନାହିଁ। ମାତ୍ର ଲକ୍ଷଣ ଥିଲେ ପରୀକ୍ଷା କରି ସଙ୍ଗରୋଧରେ ରହିବା ପାଇଁ ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୭୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ସଙ୍ଗରୋଧରୁ ୩୩୬ ଜଣ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣ ସଂଖ୍ୟା ୨୩୬। ସେଥିମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୨୧୯ ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୬୮ ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ୍ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩୩୬୦ରେ ପହଞ୍ଚିଛି।

## ଗୁଜରାଟ ସ୍ଥିତି...

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମୁମ୍ବାଇରେ ମଧ ଏନେଇ ସର୍ତକ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ସହର ମଧ ଜଳବନ୍ଦୀ ହୋଇପଡ଼ିଥିବା ସୂଚନା ଦିଆଯାଇଛି।

## ଭିଜିଲାନ୍ସ ଜାଲରେ...

ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ରବିବାର ଶ୍ରୀ ପ୍ରଧାନଙ୍କର ପଦୋନ୍ନତି ହେବା ନେଇ ଚିଠି ଆସିଥିଲା। ସେ ଖଡିଗୁଡ଼ା ଥାନାରେ ଆଇଆଇସି ଭାବେ ଯୋଗ ଦେଇଥାନ୍ତେ। ମାତ୍ର ତା ପୂର୍ବରୁ ଏକ ଘରୋଇ ବିବାଦର ଫଇସଲା କରିବା ପାଇଁ ଶ୍ରୀ ପ୍ରଧାନ ନଳିନୀକାନ୍ତ ନାୟକଙ୍କ ନାମକ ଜଣେ ଯୁବକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଛନ୍ତି। ଏହି ବିବାଦର ସମାଧାନ ପାଇଁ ବାବୁ ଜଣକ ୨୦ ହଜାର ଟଙ୍କା ଦାବି କରିବା ପରେ ନଳିନୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ତାଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇ ୨୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ତାଙ୍କୁ ନବରଙ୍ଗପୁର ନିଆଯାଇ ପଚରାଉଚରା କରାଯାଉଛି।

## ଜାମିନରେ ଆସିବା ପରେ...

ଜାମିନ ପାଇବା ପରେ ଗତ ୯ ତାରିଖରେ ସେ କଣ୍ଟାବାଞ୍ଜି ଜେଲ୍‌ରୁ ମୁକୁଳି ଥିଲା। ହାଇକୋର୍ଟ ତାକୁ ୮ଟି ସର୍ତ୍ତ ସହ ୫୦ ହଜାରର ୨ଟି ବଣ୍ଡ ବଦଳରେ ଜାମିନ ମଞ୍ଜୁର କରିଥିଲେ। ସର୍ତ୍ତାନୁଯାୟୀ, ଗୋବିନ୍ଦ ବିନା ଅନୁମତିରେ ନିଜ ଅଞ୍ଚଳ ଛାଡ଼ିପାରିବେ ନାହିଁ। ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ କିମ୍ବା ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିବେ ନାହିଁ। ପ୍ରତିଦିନ ସନ୍ଧ୍ୟାରେ ସେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ସ୍କୁଲ୍ ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଗୋବିନ୍ଦ ନିର୍ମମ ଭାବେ ହତ୍ୟା କରିବା ପରେ ଏକ ଗାତରେ ପକାଇ ନିଆଁ ଲଗାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ତାକୁ ଗିରଫ କରାଯାଇଥିଲା। ତେବେ ଗୋବିନ୍ଦ ସହିତ ତତ୍କାଳୀନ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପର୍କ ଥିବା ସାମ୍ନାକୁ ଆସିବା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇ ଉଠିଥିଲା।

## ହ୍ରାସ ପାଇଲେଣି...

୭୯୧ ଜଣ କର୍ମଚାରୀ କାମରୁ ଅବସର ନେଇଛନ୍ତି ଅବା ଚାକିରି ଛାଡ଼ିଛନ୍ତି। ତାଙ୍କ ସ୍ଥାନରେ ନୂତନ ନିଯୁକ୍ତି କରାଯାଇ ନାହିଁ। ସେହିପରି ୨୦୧୮ରେ କାନାରା ବ୍ୟାଙ୍କରେ ୮୮ ହଜାର ୨୧୩ ଜଣ କର୍ମଚାରୀ ଥିବାବେଳେ ୨୦୨୨ରେ ଏହି ବ୍ୟାଙ୍କର କର୍ମଚାରୀ ସଂଖ୍ୟା ୮୬ ହଜାର ୯୧୯କୁ ହ୍ରାସ ପାଇଛି। ଅର୍ଥାତ୍ ୫ ବର୍ଷରେ କାନାରା ବ୍ୟାଙ୍କ୍‌ରୁ ୧ ହଜାର ୨୯୪ ଜଣ କର୍ମଚାରୀ କାମ ହରାଇଛନ୍ତି। ୨୦୧୮ରେ ବ୍ୟାଙ୍କ୍ ଅଫ ବରୋଦାରେ ୮୨ ହଜାର ୮୮୬ ଜଣ କର୍ମଚାରୀ ଥିବାବେଳେ ୨୦୨୨ରେ ୩,୦୮୦ ଜଣ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଛି। ଏବେ ବ୍ୟାଙ୍କ ଅଫ୍ ବରୋଦାରେ ୭୯ ହଜାର ୮୦୬ ଜଣ କର୍ମଚାରୀ ରହିଛନ୍ତି। ସେହିପରି ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୨୦୧୮ରେ ୭୮ ହଜାର ୨୦୨ ଜଣ କର୍ମଚାରୀ ଥିଲେ। ୫ ବର୍ଷରେ ଏହି ବ୍ୟାଙ୍କରେ ୩,୦୦୧ କର୍ମଚାରୀ ହ୍ରାସ ହୋଇଛନ୍ତି। ଏବେ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ୭୫, ୨୦୧ ଜଣ କର୍ମଚାରୀ ରହିଛନ୍ତି। ପ୍ରମୁଖ ଜାତୀୟକରଣ ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟରେ କେବଳ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ବିଗତ ୫ ବର୍ଷରେ କର୍ମଚାରୀଙ୍କ ସଂଖ୍ୟା ବଢ଼ିଛି। ୨୦୧୮ରେ ଏହି ବ୍ୟାଙ୍କର କର୍ମଚାରୀ ସଂଖ୍ୟା ୧ ଲକ୍ଷ ୧ ହଜାର ୮୦୨ ରହିଥିବାବେଳେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୧ ଲକ୍ଷ ୩ ହଜାର ୧୪୪ରେ ପହଞ୍ଚିଛି। ଅର୍ଥାତ ୧ ହଜାର ୩୪୨ ଜଣ କର୍ମଚାରୀରେ ବୃଦ୍ଧି ଘଟିଛି।

## ଆଜି ନିଳାଦ୍ରୀ ବିଜେ...

ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହୋଇଥିବା ସ୍ଥାନରେ ମହାପ୍ରଭୁମାନଙ୍କ ଶ୍ରୀଅଧର ଉଚ୍ଚ ଥିବା ତୁମ୍ବାକୃତି ଭଳି ମାଟିର ୩ଟି ହାଣ୍ଡିରେ ରଖାଯାଇଥିଲା। ତେବେ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇନଥାଏ ବୋଲି ସେବାୟତମାନେ କହିଛନ୍ତି। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢ଼ି ରଥ ଉପରକୁ ବୋହି ନେବା ପରେ ବଡ଼ ହାଣ୍ଡିମାନଙ୍କରେ ରଖିଥିଲେ ଯାହାକୁ କି ପରେ ଭଙ୍ଗାଯାଇଥିଲା। ପୂର୍ବରୁ ଅଧର ପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭ ମଠ କୂପରୁ ଆସୁଥିଲା। ଜଳବୁହା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇ ଥାନ୍ତି ଯେପରି ଏହାକୁ କେହି ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ପୂର୍ବରୁ ମହାସୁଆରମାନେ ଖାଇ ଭିତରଛ, ତଳୁଛ ଓ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେକି ଧରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ବାହୁଡ଼ା ଦଶମୀ ଦିନ ରଥ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଅଧରପଣା ଭୋଗ ହେବା କଥା। କିନ୍ତୁ ସମୟ ଅଭାବରୁ ଏହା ଏକାଦଶୀଦିନ ଅନୁଷ୍ଠିତ ହୋଇଥାଏ। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଏହି ନୀତି ଏବେ ଦ୍ୱାଦଶୀ ତିଥିରେ କରାଯାଉଛି। ଅନ୍ୟପକ୍ଷରେ ମଙ୍ଗଳବାର ମହାପ୍ରଭୁ ନୀଳକନ୍ଦରକୁ ବିଜେ କରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଧରପଣା ନୀତି ଦେଖିବା ପାଇଁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ମଧ ହୋଇଥିଲା। ତେବେ ମୋଟାମୋଟି ଭାବେ ମହାପ୍ରଭୁଙ୍କ ଏହି ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦିବ୍ୟାଂଶୁ ମାଲୁ...

ମଧ୍ୟରେ ହୋଇଥିଲା। ୧୦ଲକ୍ଷ ପରୀକ୍ଷାର୍ଥୀ ଏହି ପର୍ଯ୍ୟାୟରେ ପରୀକ୍ଷା ଦେଇଥିଲେ। ଚଳିତମାସ ୨୧ରୁ ୩୦ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ହେବ । ଜେଇଇ ମେନ୍ ରେଜଲ୍ଟ ଆଧାରରେ ଜେଇଇ (ଆଡଭାନ୍ସ) ପାଇଁ ଚୟନ କରାଯିବ । ତେବେ ପ୍ରଥମ ପର୍ଯ୍ୟାୟରେ ଦିବ୍ୟାଂଶୁ ମାଲୁ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ୯୯.୯୮ ପ୍ରତିଶତ ମାର୍କ ରଖି ଏହି ସଫଳତା ପାଇଛନ୍ତି।

## ବିଶ୍ୱ ଜନସଂଖ୍ୟା ଦିବସରେ ସଂଯୁକ୍ତ ରାଷ୍ଟ୍ରର ରିପୋର୍ଟ

# ୨୦୨୩ରେ ଭାରତ ହେବ ସର୍ବବୃହତ ଜନବହୁଳ ଦେଶ

ନୂଆଦିଲ୍ଲୀ : ବିଶ୍ୱର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ହେଉଛନ୍ତି ଚୀନ ଓ ଭାରତ। ଚୀନରେ ସବୁଠାରୁ ଅଧିକ ଲୋକ ବସବାସ କରୁଥିବାବେଳେ ଭାରତର ସମୁଦାୟ ଜନସଂଖ୍ୟାକୁ ନେଇ ଏହା ଦ୍ୱିତୀୟ ସ୍ଥାନରେ ରହିଛି। କିନ୍ତୁ ଆଉ କିଛି ମାସ ପରେ ଏହି ଚିତ୍ର ବଦଳିଯିବ ବୋଲି ୟୁନାଇଟେଡ୍ ନେସନ ତଥା ସଂଯୁକ୍ତ ରାଷ୍ଟ୍ରର ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ, ଖୁବ୍ କମ ଦିନ ମଧରେ ଜନସଂଖ୍ୟାରେ ଚୀନକୁ ଟପିଯିବ ଭାରତ। ଅର୍ଥାତ୍ ୨୦୨୩ ବେଳକୁ ଭାରତ ହେବ ବିଶ୍ୱର ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ଦେଶ। ସୋମବାର ପ୍ରକାଶ ପାଇଥିବା ଏହି ରିପୋର୍ଟ ଅନୁଯାୟୀ, ଆସନ୍ତା ବର୍ଷ ନଭେମ୍ବର ସୁଦ୍ଧା ବିଶ୍ୱରେ ସମୁଦାୟ ଜନସଂଖ୍ୟା ୮ ଆରବ ହେବାକୁ ଯାଉଛି। ମହାଦେଶୀୟ ତଥ୍ୟକୁ ହିସାବକୁ ନେଲେ ବର୍ତ୍ତମାନ ୪.୭ ଆରବ ସହ ଏସୀୟା ମହାଦେଶ ବିଶ୍ୱରେ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦେଶ। ସମଗ୍ର ବିଶ୍ୱରେ ଯେତିକି ଲୋକ ବସବାସ କରୁଛନ୍ତି ତା'ର ୬୧% ଲୋକ କେବଳ ଏସୀୟାର। ଏହାପରେ ରହିଛି ଆଫ୍ରିକା। ଏହି ମହାଦେଶର ଜନସଂଖ୍ୟା ୧.୩ ଆରବ। ଆଫ୍ରିକା ପରେ ୩ୟ ସ୍ଥାନରେ ରହିଛି ୟୁରୋପ ମହାଦେଶ। ଏହା ବିଶ୍ୱ ଜନସଂଖ୍ୟାର ୧୦% ଅର୍ଥାତ୍ ୭୫ କୋଟି। ସେହିପରି ୪ର୍ଥ ସ୍ଥାନରେ ରହିଥିବା ଲାଟିନ୍ ଆମେରିକାର ଜନସଂଖ୍ୟା ୬୪ କୋଟି ହୋଇଥିବାବେଳେ ଉତ୍ତର ଆମେରିକାର ଜନସଂଖ୍ୟା ୩୭ କୋଟି ରହିଛି। ଏହି ରିପୋର୍ଟ ମୁତାବକ ୨୦୧୯ ମସିହା ସୁଦ୍ଧା ଚୀନର ଜନସଂଖ୍ୟା ରହିଥିଲା ୧.୪୪ ଆରବ ଯାହା ବିଶ୍ୱରେ ସର୍ବବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର। ଏଥିସହିତ ୧.୩୯ ଆରବ ସହ ୨ୟ ସ୍ଥାନରେ ରହିଛି ଭାରତ। ଯଦି ଏହି ହିସାବକୁ ପ୍ରତିଶତରେ ଦେଖାଯାଏ ତେବେ ଚୀନର ଜନସଂଖ୍ୟା ୧୯% ରହିଥିବାବେଳେ ଭାରତର ଜନସଂଖ୍ୟା ରହିଛି ୧୮%। ତେବେ ୨୦୧୯ ଜନସଂଖ୍ୟା ଆକଳନ ଅନୁସାରେ ଚୀନ ତାହାର ସମୁଦାୟ ଜନସଂଖ୍ୟାରେ ବ୍ରେକ୍ ଲଗାଇବାକୁ ଯାଉଛି। ସେପଟେ ଭାରତରେ ଜନସଂଖ୍ୟାରେ ବୃଦ୍ଧି ଘଟୁଛି। ତେଣୁ ୨୦୨୩ ମସିହା ସୁଦ୍ଧା ଭାରତ ଚୀନକୁ ଅତିକ୍ରମ କରିବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

B-354

GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT

E-mail : ceworldbankprojects@gmail.com

Bid Identification No. CE-W.B.P. (O) – 14/ 2022 – 23

1.

| Sl. No | Name of work | Estimated cost (Rs.) | Period of completion | Class of Bidder |
|---|---|---|---|---|
| 1 | 2 | 3 | 4 | 5 |
| 01 | Construction of ROB in Lieu of LC No.214 at km 425/01-03 between Panposh (PPO) – Kalunga (KLG) Station of Tata – JSG Main line in Chakradharapur Division in the District of Sundargarh under State Plan | 46,96,80,364.00 | 30 (Thirty) Calendar Months | Super Class |

2. Date & time of availability of bid document in the portal from **10.00 AM** of **12.07.2022 to 5.00PM of 04.08.2022 for online bidding.**
3. Last date / Time for receipt of bids in the portal upto **5.00 PM of 04.08.2022 & to be opened on 05.08.2022 at 11.30 AM.**
4. A pre-bid meeting will be held on **dt.19.07.2022 at 11.30 AM** at the Venue as specified in IFB
5. Name and address of the officer inviting Bid: **Chief Engineer, World Bank Project, Odisha, Nirman Soudha, Unit –V, Bhubaneswar – 751001.**
6. Further details can be seen from the e-procurement portal "https://tendersodisha.gov.in". Any addendum / corrigendum / cancellation of tender can also be seen in the said website.

Sd/- Chief Engineer
World Bank Project, Odisha

OIPR 34003/11/0026/2223

GOVERNMENT OF ODISHA
OFFICE OF THE SUPERINTENDING ENGINEER, P.H. DIVISION, BALANGIR.
Ph. No – (06652 – 234647)
Email. ID – eephbgr@yahoo.co.in

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement

Bid Identification No. SE PH BGR 15/2022-23 Dt. 06.07.2022

| | | |
|---|---|---|
| 01. | Name of the Work | : 01 No |
| 02. | Estimated Cost | : Rs. 74.05 Lakhs |
| 03. | Period of Completion | : 05 (Five) Calendar Months |
| 04. | Date & Time of availability of bid document in the portal | : From 11.00 AM of dt. 11.07.2022 to 5.00 PM of dt. 25.07.2022 |
| 05. | Last date / time of receipt of bids in the portal | : 5 PM of dt.25.07.2022 |
| 06. | Date & Time of opening of bids | : At 11.00 AM of dt.26.07.2022 |
| 07. | Name and Address of the Officer Inviting Bid | : Superintending Engineer, P.H. Division, Balangir, At- Tulsinagar, Dist- Balangir-767001 |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/-Superintending Engineer
P.H. Division, Balangir

C-733 OIPR 13005/11/0016/2223

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, VanivharChhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP-12/2022-23 DATED:11.07.2022

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the registered agencies /registered firm/ registered contractor having valid license and fulfilling the eligibility criteria as per the tender specification for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of Declaration | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Operation and maintenance of Fuse Call Section on job contract basis at Sector-I, II and III of Power House Colony of UIHEP, Mukhiguda for a period of one (01) year | 4,720/- (inclusive of GST) | In Lieu of EMD, Bid security declaration form to be submitted | From 16.07.2022 to 27.07.2022 up to 12:00 Hrs | 27.07.2022 (up to 13:00Hrs) | 27.07.2022 at 16:30Hrs |

For details of the tender documents, terms and conditions please visit our website www.ohpcltd.com

Sd/- Unit Head
UIHEP, Mukhiguda

CAD-1085 OIPR 04008/11/0015/2223

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୨୫୬୯୭/ଭୁ.ଉ.କ., ଭୁବନେଶ୍ୱର ତା ୦୨.୦୭.୨୦୨୨ ରିଖ
CPM-I-31/89

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଗୃହନିର୍ମାଣ ପ୍ରକଳ୍ପ, ଭୁବନେଶ୍ୱରର **MIG-I** ଗୃହ ନଂ- **G-9/3** କୁ ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ, ପିତା- ଗୋପାଳ ପ୍ରସାଦ ଦାସ, ଗ୍ରାମ/ପୋଅ- ଭାରତପୁର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଅଛି । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ହେମଲତା ମହାନ୍ତି, ସ୍ୱାମୀ-ଶ୍ରୀ ସୁଦର୍ଶନ ମହାନ୍ତି, ଗ୍ରାମ- ନଚିବିନ୍ଧ, ପୋଅ- ହଳଦିଆ, ଥାନା- ପୀରହାଟ, ଜିଲ୍ଲା- ଭଦ୍ରକ, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଫ୍ଲାଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-1079 OIPR 13033/11/0168/2223

O-615

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: SUNDARGARH
AT/PO-SANKARA, SUNDARGARH-770020, E-mail address-serw_sundargarh@yahoo.com

No. Tender Online – RWCCESNG –13 of 2022-23 Letter No. 1837 /Dtd. 08.07.2022

e-Procurement NOTICE

1. Type of the Work: Road Work (PR)
2. Class of Contractor: As specified in the column-7 of the Annexure
3. Time of Completion: As specified in the column-6 of the Annexure
4. Detail Projects: As per Annexure attached
5. Estimated Cost : As specified in the column-5 of the Annexure
6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-13 of 2022-23 | 14.07.2022 11:00 AM | 30.07.2022 5:00 PM | 29.07.2022 5:00 PM | 01.08.2022 11:00 AM | Will be intimated separately |

Further details can be seen from the website www.tendersodisha.gov.in

Sd/-Chief Construction Engineer
Rural Works Circle, Sundargarh
OIPR 25133/11/0018/2223




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲାର ଇନରହ୍ୱିଲ କ୍ଲବ କପିଳାସ ତରଫରୁ ବୋରାପଦା ସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଲବ ଅଧ୍ୟକ୍ଷା ଦୀପ୍ତିବାଳା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ବୃକ୍ଷରୋପଣ କାର୍ଯ୍ୟରେ କ୍ଲବ ସଚିବ ବିଶ୍ୱଭାରତୀ ରଥ, ସମ୍ପାଦିକା ପୁଷ୍ପାରାଣୀ ମିଶ୍ର, ଆଏସୋ ପ୍ରିୟତମା ମିଶ୍ର, ପ୍ରଭାମୟୀ ପାଢୀ, ଅନ୍ନପୂର୍ଣ୍ଣା ବେହେରା, ସ୍ୱପ୍ନା ଆଚାର୍ଯ୍ୟ, ତିଳୋତ୍ତମା ଚୌଧୁରୀ, ଆନନ୍ଦିତା ମିଶ୍ର ପ୍ରମୁଖ ସମେତ ଅନ୍ୟ ସଭ୍ୟାମାନେ ଯୋଗଦେଇ ଉପାଦେୟ ବୃକ୍ଷ ରୋପଣ କରିଥିଲେ । କ୍ଲବ ପକ୍ଷରୁ ପିସ୍ତା ବାଦାମ, ଅଁଳା, ଜାମୁ, ନିମ୍ବ,କୃଷ୍ଣଚୂଡ଼ା ଆଦି ୧୦ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା । ତେବେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କ୍ଲବ ତରଫରୁ ଆଗାମୀ ଦିନରେ ଅନ୍ୟାନ୍ୟ ସ୍ଥାନମାନଙ୍କରେ କରି ଜଙ୍ଗଲ ତଥା ଉପାଦେୟ ବୃକ୍ଷ ଗୁଡିକ ସୃଷ୍ଟି କରାଯିବ ବୋଲି ଅଧ୍ୟକ୍ଷା ଦୀପ୍ତିବାଳା ମିଶ୍ର ସୂଚନା ଦେଇଛନ୍ତି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଯାଜପୁର ପିଡିଏସ୍ ଡିଲର ସଂଘ




ଯାଜପୁର, (ଭାସ୍କର ନ୍ୟୁଜ୍) : ଯାଜପୁର ପିଡିଏସ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଗତ ଜୁଲାଇ ୪ ତାରିଖରେ ବ୍ଲକସ୍ତରୀୟ ବିକ୍ଷୋଭ କରାଯାଇଥିବା ବେଳେ ଆଜି ଜିଲାସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆସନ୍ତା ଅଗଷ୍ଟ ୨ ତାରିଖରେ ଦିଲ୍ଲୀ ସ୍ଥିତ ସାଂସଦ ଭବନ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । କେନ୍ଦ୍ର ସରକାରଙ୍କୁ ଦୀର୍ଘ ବର୍ଷ ହେବ ଖାଦ୍ୟ ଶସ୍ୟ ବିତରଣ ବାବଦକୁ ପ୍ରତି କ୍ୱିଣ୍ଟାଲରେ ୪୫୦ କୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଥିଲା । ଏ ନେଇ କେନ୍ଦ୍ର ସରକାର ଏକ କମିଟି ଗଠନ କରି କମିଟିର ରିର୍ପୋଟ ଆଧାରରେ ବର୍ଦ୍ଧିତ ହାର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କମିଟି ଏ ସମ୍ପର୍କରେ ଫେବୃୟାରୀ ୨୦୨୦ରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । କିନ୍ତୁ ପରିତାପର ବିଷୟ କେନ୍ଦ୍ର ସରକାର କୌଣସି ବିଷୟକୁ ଧ୍ୟାନ ନ ଦେଇ ଏପ୍ରିଲ ୨୦୨୨ରୁ ଡିଲର କମିଶନ ରାଶି କ୍ୱିଣ୍ଟାଲ ପିଛା ୨୦ ଟଙ୍କା ଓ ପାହାଡ଼ିଆ ଉତ୍ତରପୂର୍ବ ରାଜ୍ୟକୁ କ୍ୱିଣ୍ଟାଲ ପିଛା ୩୭ ଟଙ୍କା ବୃଦ୍ଧି କରାଇଛନ୍ତି । ଡିଲରଙ୍କ ଅନ୍ୟ ଦାବି ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି । ଦୀର୍ଘ ୨୩ ମାସ ହେବ ଡିଲର କମିଶନ ପାଇବାରୁ ବଞ୍ଚିତ ହୋଇଛନ୍ତି । ପୂର୍ବରୁ କ୍ୱିଣ୍ଟାଲ ପିଛା ଡିଲରଙ୍କୁ କମିଶନ ୭୦ ଟଙ୍କା ଦିଆଯାଉଥିଲା । ଯାହାକି ଡିଲର ତାଙ୍କ ପରିବାର ଭରଣ ପୋଷଣ କରିବା କଷ୍ଟ ବ୍ୟାପାର ହୋଇପଡ଼ିଛି । ଡିଲର କମିଶନ ରାଶି କ୍ୱିଣ୍ଟାଲ ପିଛା ୪୫୦ ଟଙ୍କା ପ୍ରଦାନ ନଚେତ ଡିଲରଙ୍କୁ ମାସିକ ୫୦ ହଜାର ଟଙ୍କା ରୋଜଗାରକୁ ସୁନିଶ୍ଚିତ କରାଇବା ଆବଶ୍ୟକ । ଖାଦ୍ୟ ଶସ୍ୟ ବିକ୍ରୟ ସମୟରେ କ୍ଷତି ଭରଣ ପାଇଁ କ୍ୱିଣ୍ଟାଲ ପ୍ରତି ୧ କିଲୋଗ୍ରାମ ଭରଣ କରିବା, ପ୍ରତି ରାସନ କାର୍ଡ଼ରେ ଖାଇବା ତେଲ ଓ ଡାଲି ଯୋଗାଇ ଦେବା, ସମସ୍ତ ଏଫପିଏସ କେନ୍ଦ୍ରକୁ ଏଲପିଜି ଗ୍ୟାସ ସିଲିଣ୍ଡର (୫ ଲିଟର) ବିତରଣ ପାଇଁ ଅନୁମତି, ଏଲପିଜି ଗ୍ୟାସ ବିତରଙ୍କ ଠାରୁ ଏଲପିଜି ଗ୍ୟାସ ସିଲିଣ୍ଡର ସଂଗ୍ରହ କରି ପ୍ରତି ଗ୍ରାହକଙ୍କୁ ଯୋଗାଇ ଦେବା ବାବଦକୁ ଏଫପିଏସ ଏବଂ ଏଲପିଜି ବିତରକଙ୍କ ମଧ୍ୟରେ କମିଶନ ରାଶିକୁ ଅଧାଅଧି କରିବା, ପ୍ଲାଷ୍ଟିକ ଅଖା ବଦଳରେ ଝୋଟ ଅଖାରେ ଖାଦ୍ୟ ଶସ୍ୟ ଯୋଗାଇ ଦେବା, ଗ୍ରାମାଞ୍ଚଳର ଡିଲରଙ୍କୁ ସିଧାସଳଖ ଖାଦ୍ୟ ଶସ୍ୟ ସଂଗ୍ରହ କରିବା ପାଇଁ ଅନୁମତି ଦେବା, ପଶ୍ଚିମବଙ୍ଗ ଢ଼ାଞ୍ଚାରେ ସର୍ବ ଭାରତୀୟ ସ୍ତରରେ ସମସ୍ତ ପରିବାରକୁ ରାସନ କାର୍ଡ଼ ମାଧ୍ୟମରେ ଖାଦ୍ୟଶସ୍ୟ ଯୋଗାଇ ଦେବା, ଜାମ୍ମୁ କାଶ୍ମୀର ସମେତ ସବୁ ରାଜ୍ୟରେ ରାସନ ଡିଲରଙ୍କ ବିଭିନ୍ନ ବାବଦକୁ ବକେୟା ଥିବା କମିଶନ ରାଶି ତୁରନ୍ତ ପ୍ରଦାନ କରିବା, ରାଜସ୍ଥାନ ରାଜ୍ୟ ପରି କୋଭିଡ-୧୯ରେ ମୃତ୍ୟୁବରଣ କରିଥିବା ଡିଲରଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତି ପୂରଣ ଯୋଗାଇ ଦେବା ନେଇ ଦାବୀପତ୍ରରେ ଉଲ୍ଲେଖ କରାଯାଇଛଇ । ଏହି ଦାବୀପତ୍ର ପ୍ରଦାନ ସମୟରେ ସଭାପତି ବାସୁଦେବ ବେହେରା, ଉପସଭାପତି ଲକ୍ଷ୍ମୀନାରାୟଣ ଅଗ୍ରୱାଲ ରାଜେଶ କୁମାର ପଣ୍ଡା, ଶରତ ଚନ୍ଦ୍ର ବିଶ୍ୱାଳ, ରବିନାରାୟଣ ଜେନା, ମୁରଲୀଧର ସାହୁ, ନାରାୟଣ ଜେନା, ନରୋତ୍ତମ ଜେନା, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ବାରିକ, ପ୍ରଭାତ ଚନ୍ଦ୍ର ପାଣିଗ୍ରାହୀ, ରାମଚନ୍ଦ୍ର ସ୍ୱାଇଁ, ମାଧବାନନ୍ଦ ସାହୁ, ରଞ୍ଜନ ମିଶ୍ର, ଗୌରାଙ୍ଗ ସାହୁ, ଦେବାଶିଷ ବୈଶାଖ, କୈଳାଶ ଚନ୍ଦ୍ର ସାହୁ, ଉମାକାନ୍ତ ସାମଲ ରବିନ୍ଦ୍ର କୁମାର ତ୍ରିପାଠୀ, ନାରାୟଣ ଜେନା, ଉମାକନ୍ତ ସାମଲ, ଚର୍ତୁଭୁଜ ନାୟକ, ଭାସ୍କର ଶତପଥି, ଶାନ୍ତିଲତା ସାହୁ, ସରେନ୍ଦ୍ର ସାହୁଙ୍କ ସମେତ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳର ଡିଲର ମାନେ ଯୋଗ ଦେଇଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣି

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଆଜି ପୂର୍ବାହ୍ନ ରେ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସର ରେ ଖୋର୍ଦ୍ଧା ଜିଲ୍ଲା ର ନୂତନ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଜନଶୁଣାଣୀ କରିଛନ୍ତି ।ଆଜିର ଜନଶୁଣାଣୀ ରେ ମୋଟ ୬୮ ଗୋଟି ଅଭିଯୋଗ ବିଚାରପାଇଁ ଆସିଥିବା ବେଳେ ମାତ୍ର ଗୋଟିଏ ଘଟଣା ର ତୁରନ୍ତ ସମାଧାନ କରାଯାଇଥିଲା ।ଏହି ଜନଶୁଣାଣୀ ସମୟରେ ପାଳସାହି ଶାସ୍ତ୍ରୀଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରଦୀପ ପାଳ ଙ୍କ ୯ ବର୍ଷର କନ୍ୟା ଅର୍ପିତା ପାଳ ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠିକୁ ଏକ ହଜାର ଟଙ୍କା ପ୍ରଦାନ କରି ଚର୍ଚ୍ଚା କୁ ଆସିଥିଲେ ।ଆଜି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ମନୋଜ ପାଢ଼ୀ, ଉପ ଜିଲ୍ଲାପାଳ ଦେବବ୍ରତ ସାହୁ, ଅତିରିକ୍ତ ପୋଲିସ କମିଶନର ପରେଶ ରାଉତ, ବିଡ଼ିଓ ଆଦିକନ୍ଦ ବେହେରା, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଙ୍କ ସମସ୍ତ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରିୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବାଇକ୍ ଚୋର ର୍ୟାକେଟ୍ ସକ୍ରିୟ

# ପୋଲିସର ତନାଘନା ଜାରି, ୧ ଗିରଫ



ଢେଙ୍କାନାଳ, (ଭାସ୍କର ନ୍ୟୁଜ) : ଦିନକୁ ଦିନ ସହରରେ ଗାଡିଚୋରି ବୃଦ୍ଧି ପାଉଥିବା ପୋଲିସର ମୁଣ୍ଡବ୍ୟଥାର କାରଣ ହୋଇଛି । ଆଜି ପୋଲିସ କୌଣସି ସୂତ୍ରରୁ ଖବର ପାଇ କାଞ୍ଚନ ବଜାର ନିକଟରୁ ଜଣେ ବାଇକ୍ ଚୋର ର୍ୟାକେଟର ଯୁବକଙ୍କୁ କାବୁ କରିବା ସହିତ ଉକ୍ତ ବାଇକ୍ ଚୋରକୁ ଧରି ପୋଲିସ ପରଜଙ୍ଗ ଅଞ୍ଚଳରୁ ଓ ମହାବିରୋଡ ଅଞ୍ଚଳରୁ ଆଉ ୨ଜଣଙ୍କୁ କାବୁ କରି ୩ଟି ବାଇକକୁ ଉଦ୍ଧାର କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଢେଙ୍କାନାଳ ଜିଲ୍ଲାରେ ଦିନକୁ ଦିନ ଦୁଇଚକିଆ ଚାରିଚକିଆ ଯାନ ଚୋରି ଦ୍ରୁତଗତିରେ ବଢିଚାଲିଛି । ଜିଲ୍ଲାରେ ବାଇକ ଚୋର ର୍ୟାକେଟ ସକ୍ରିୟ ହୋଇପଡିଥିବା ବେଳେ ପୋଲିସ ବାଇକ ଚୋର ର୍ୟାକେଟର ସୁରାକ ପାଉନଥିବା ଜଣାପଡିଛି । ସହରରେ ବାଇକ୍ ଚୋରମାନେ ସାଧାରଣ ଲୋକଙ୍କ ଆଖିରେ ଧୂଳିଦେଇ ନିତିଦିନ ବାଇକ ଚୋରିକରି ଗାଡିର ବିଭିନ୍ନ ପାର୍ଟସ କବାଡିଆ ମାଧ୍ୟମରେ ଅନ୍ୟ ଜିଲ୍ଲା ଗୁଡିକୁ ଚୋରା ଚାଲାଣ କରୁଥିବା ବେଳେ କେତେକ ଚୋରା ଗାଡିର ନମ୍ବର ପ୍ଲେଟ ବଦଳାଇ ନିରୀହ ଲୋକଙ୍କୁ ଅଳ୍ପ ଟଙ୍କାରେ ବିକ୍ରି କରି ମାଲେମାଲ ହେଉଥିବା ଜଣାପଡିଛି । କିଛି ଦିନ ତଳେ ଟାଉନ ଥାନା ମଧ୍ୟରୁ ଲୁଟେରାମାନେ ପୋଲିସ ଭ୍ୟାନକୁ ମଧ ଲୁଟି ନେଇଥିବା ଘଟଣାରେ ପୋଲିସ ନିଜ ଗାଡି ଖୋଜିବାରେ ନାକେଦମ୍ ହେବାକୁ ପଡିଥିଲା । ଯେଉଁଠି ଲୁଟେରାମାନେ ପୋଲିସ ଆଖିରେ ଧୂଳିଦେଇ ପୋଲିସ ଭ୍ୟାନ, ପିସିଆର ଭ୍ୟାନ ଭଳି ଗାଡି ମଟର ଚୋରିକରି ଅନାୟାସରେ ଫେରାର୍ ହୋଇଯାଉଛନ୍ତି ସେଠି ସାଧାରଣ ଲୋକ ଏହି ର୍ୟାକେଟର ଶିକାର ହେଉଛନ୍ତି । ଗତ ୧ ତାରିଖ ଦିନ ବାଜିଚୌକ ସ୍ଥିତ ମାଉସୀ ମା ମନ୍ଦିର ନିକଟରୁ ମନୋରଞ୍ଜନ ଜେନା ନାମକ ଲୋକର ବାଇକ ଚୋରି ହୋଇଥିବା ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ । ସହରରେ ସାଂସଦଙ୍କ ବସଷ୍ଟାଣ୍ଡ ସ୍ଥିତ କାର୍ଯ୍ୟାଳୟ ପରିସରରୁ ଜନୈକ ବିଜେଡି କର୍ମୀଙ୍କ ବାଇକ ଚୋରି ହୋଇଥିବା ବେଳେ କୋର୍ଟ ପରିସର ମଧ୍ୟରୁ ଜଣେ ଓକିଲ ବାବୁଙ୍କର ବାଇକ୍ ଚୋରି ହୋଇଥିବା, ଜିଲ୍ଲାର ଜଣେ ବରିଷ୍ଠ ସାମ୍ବାଦିକଙ୍କ ବାଇକ୍ ଚୋରି ଘଟଣା ଲୋକଙ୍କ ମନରୁ ନ ଯାଇଥିବା ବେଳେ ଗୁଣ୍ଡିଚା ଦିନ ଆଉ ଏକ ବାଇକ ଚୋରି ଘଟଣା ସହରବାସୀଙ୍କ ମନରେ ଭୟ ସୃଷ୍ଟି କରିଛି । ଢେଙ୍କାନାଳରେ ପୋଲିସ୍,ଓକିଲ, ନେତା ଓ ସାମ୍ବାଦିକଙ୍କ ଭଳି ବୁଦ୍ଧିଜୀବି ଆଖିରେ ଆଙ୍ଗୁଳି ଗେଞ୍ଜି ଗାଡି ଲୁଟେରାମାନେ ଗାଡି ଚୋରି କରି ନେଇ ଫେରାର ହୋଇ ଯାଉଥିବା ବେଳେ ସାଧାରଣ ଲୋକ ନିତିଦିନ ଏହି ବାଇକ ଲୁଟେରାମାନଙ୍କ ଦ୍ୱାରା ଲୁଟର ଶିକାର ହୋଇଥିବା ଜଣାପଡିଛି । ଜିଲ୍ଲାରେ ଗାଡିଚୋର ମାଫିଆମାନେ ସକ୍ରିୟ ହୋଇପଡିଥିବା ବେଳେ ସାଧାରଣ ଲୋକେ ଚୋରି ଭୟରେ ଘରୁ ଗାଡି କାଢିବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ଜଣାପଡିଛି । ଉକ୍ତ ବାଇକ୍ ଚୋର ର୍ୟାକେଟକୁ ପଚରା ଉଚରା କରାଗଲେ ବାଇକ ଚୋର ର୍ୟାକେଟର ମାଷ୍ଟର ମାଇଣ୍ଡ ନିକଟରେ ପୋଲିସ ପହଁଚି ପାରିବ ବୋଲି ଚର୍ଚ୍ଚା ହେଉଛି ।

# ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନପଙ୍ଗ ଗ୍ରାମ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ କାର୍ଯ୍ୟାଳୟ ଗୃହ ଉଦଘାଟିତ ହୋଇଛି । ବିଜେଡି ନେତା କୃଷ୍ଣ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳୀୟ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ସରପଞ୍ଚ ମମତା ମଲ୍ଲିକ୍, ସମିତିସଭ୍ୟ ଗୋପାଳ ମଲ୍ଲିକ୍ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଜୁ ଜନତା ଦଳର ବିଭିନ୍ନ ସାଙ୍ଗଠନିକ ବୈଠକ, ସଭା ସମିତି ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବହୁ ଯୋଜନା ସମ୍ପର୍କରେ ହିତାଧିକାରୀମାନେ ଏହି କର୍ଯ୍ୟାଳୟରୁ ସୂଚନା ଅବଗତ ହୋଇପାରିବେ ବୋଲି ବିଜେଡି ନେତା କୃଷ୍ଣ ଚନ୍ଦ୍ର ଦାସ କହିଛନ୍ତି । ନପଙ୍ଗ ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟର ପରିକଳ୍ପନା ଓ ରୂପରେଖା ପ୍ରଦାନ କରିଥିବା କୃଷ୍ଣଚନ୍ଦ୍ର ଦାସଙ୍କ ବିଧାୟକ ଶ୍ରୀ ବେହେରା ବହୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ମହାସଂଘ ସଭାନେତ୍ରୀ ସନ୍ଧ୍ୟାରାଣୀ ମହାନ୍ତି, ସମ୍ପାଦିକା ପଦ୍ମାବତୀ ବେହେରା, ବିଜେଡି ସଂଗଠକ ରମେଶ ମୁଦୁଲି, ଗୋବିନ୍ଦ ଦାସ, ସୁଶାନ୍ତ ସାମଲ, ମିର୍ଜା ଲାଲକାନ ବେଗ୍, ଗଜେନ୍ଦ୍ର ବେହେରା, ଜୁଲ୍ ଫିକର ହୁସେନ୍, ମାନସ ଘଡେଇ, ଅମୁଲ୍ୟ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଓଡ୍ର ଖଣ୍ଡାୟତ କାଳୀଂଜି ସମାଜ, କଇଣ୍ଡି ଅଞ୍ଚଳ କର୍ମକର୍ତ୍ତା ନିର୍ବାଚନ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ସମାଜ ଗୃହ, ଜାମପଲି ଠାରେ ୭୫ ଗ୍ରାମ କୁ ନେଇ କଇଣ୍ଡି ଅଂଚଳ କର୍ମକର୍ତ୍ତା ଆଗାମୀ ୫ ବର୍ଷ ପାଇଁ ସଭାପତି ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱ ରେ ୧୧ଟି ମଣ୍ଡଳ କର୍ମକର୍ତା ଙ୍କ ଉପସ୍ଥିତି ରେ ନିର୍ବାଚିତ ହୋଇଯାଇଛି । ଏଥିରେ ଆଗାମୀ ପାଞ୍ଚ ବର୍ଷ ପାଇଁ ସଭାପତି ଭାବେ ଜଗବନ୍ଧୁ ଜେନା, ଉପସଭାପତି ସନ୍ତୋଷ ଜେନା, ସମ୍ପାଦକ ସୁବାସ ଚନ୍ଦ୍ର ତାରିଣୀ, ସଂଗଠନ ସମ୍ପାଦକ ଶିବରାମ ପ୍ରଧାନ, ସଂଗଠକ ତ୍ରିଲୋଚନ ବିଷୋୟୀ, କୋଷାଧ୍ୟକ୍ଷ ବିଭୁତି ଭୂଷଣ ଜେନା ଓ ଉପଦେଷ୍ଟା ଭାବେ ସୁରେନ୍ଦ୍ର ନାଥ ସ୍ୱାଇଁ, ଶ୍ୟାମ ସୁନ୍ଦର ରଣସିଂହ ଉଭୟେ କେନ୍ଦ୍ର ପରିଷଦକୁ ମନୋନୀତ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ନବନିର୍ବାଚିତ କର୍ମକର୍ତା ମାନଙ୍କୁ ପର୍ଯ୍ୟବେକ୍ଷକ କେନ୍ଦ୍ର ଉପଦେଷ୍ଟା ସୀତାରାମ ଜେନା କୁଳଦେବତା ବିଶ୍ୱରୂପୀ ଭଗବାନ ଙ୍କ ଆଗରେ ଶପଥ ପାଠ କରାଇଥିଲେ । ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ର କେନ୍ଦ୍ର ଉପଦେଷ୍ଟା ସୀତାରାମ ଯେନା ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ ।

## ମଦ୍ୟପ ବରଯାତ୍ରୀଙ୍କ ଆତଙ୍କ

# କାମୁଡି ଛିଣ୍ଡାଇ ଦେଲେ କନ୍ୟାଘର ଯୁବକଙ୍କ କାନ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା ଶଗଡା ପଞ୍ଚାୟତକୁ ଆସିଥିବା ବରଯାତ୍ରୀଦଳ ଉନ୍ମତ୍ତ କାଣ୍ଡ ସୃଷ୍ଟି କରିଛନ୍ତି । ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମାଡ ମାରିବା ସହ କାନ କାମୁଡି ଛିଣ୍ଡାଇଦେଇଥିବା ଘଟଣାରେ ସଂପୃକ୍ତ ଯୁବକ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ଅଭିଯୋଗ ଆଧାରରେ ପୋଲିସ୍ ସଂଗୀନ ଦଫାରେ ମାମଲା ରୁଜୁ କରିଥିବା ବେଳେ ଘଟଣାରେ ସଂପୃକ୍ତ ତିନିଜଣଙ୍କୁ ପୋଲିସ୍ ଅଟକ ରଖି ଅଧିକ ତଦନ୍ତ ଚଳାଇଛି । ମିଳିଥିବା ସୂଚାନ ଅନୁଯାୟୀ କଟକ ଜିଲ୍ଲା ନିଆଳୀ ଥାନା ଅଁଅଳ ଗ୍ରାମର ଜଣେ ବର ନିମାପଡା ଥାନା କନପୁର ଗ୍ରାମକୁ ବିଭା ହେବାକୁ ଆସିଥିଲେ । ବରସଙ୍ଗେ ଆସିଥିବା ବରଯାତ୍ରୀ ମଦ୍ୟପାନ କରି ସୀମା ବାହାରକୁ ଯାଇଥିବା ବେଳେ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ । ବରଯାତ୍ରୀମାନେ ଖାଉଥିବା ବେଳେ ବରଯାତ୍ରୀ ଆସିଥିବା ଅଁଅଳ ଗ୍ରାମର ତ୍ରୀଲୋଚନ ସାମ. ସୌମ୍ୟରଂଜନ ସାମଲ, ମନୋଜ କୁମାର ସ୍ୱାଇଁ ଖାଇବା ପାଇଁ ବସିଥିବା ବେଳେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ କନପୁର ଗ୍ରାମର ଶୁଭନ୍ଦେ ପ୍ରଧାନ ପ୍ରତିବାଦ କରିଥିଲେ । ସଂପୃକ୍ତ ବରଯାତ୍ରୀ ଶୁଭେନ୍ଦୁଙ୍କୁ ମାଡ ମାରିଥିବା ବେଳେ ତାଙ୍କ କାନକୁ କାମୁଡି ଛିଣ୍ଡାଇ ଦେଇଥିଲେ । ଗୁରୁତରଙ୍କୁ ଗ୍ରାମବାସୀମାନେ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତରତି କରାଯାଇଛି । ଖବର ପାଇ ନିମାପଡା ଥାନା ପୋଲିସ୍ ଗ୍ରାମରେ ପହଞ୍ଚି ତିନିଜଣ ଯୁବକଙ୍କୁ ଥାନାରେ ଅଟକ ରଖିଛି । କେତେକ ବ୍ୟକ୍ତି ଏହି ଘଟଣାକୁ ରଫାନାମା କରିବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି । ନିମାପଡା ବଜାରରେ ପ୍ରତ୍ୟେକ ଦିନ ବିବାହ ରୋଷଣୀ ଚାଲିଥିବା ବେଳେ ମଦ୍ୟପ ବରଯାତ୍ରୀଙ୍କ ଆତଙ୍କରେ ଜନସାଧାରଣ ରାସ୍ତାରେ ଯାତାୟତ କରିବା କଷ୍ଟକର ହୋଇପଡିଛି । ଡିଜେ ସାଙ୍ଗକୁ ମନୁଷ୍ୟ କ୍ଷତିକାରକ ବାଣ ଆତଙ୍କ ସୃଷ୍ଟି କରିଚାଲିଛି । ଏପରି ଘଟଣା ଘଟିଚାଲିଥିଲେ ମଧ ପ୍ରଶାସନ କେଉଁ କାରଣରୁ ନୀରବ ସାଜିଛି, ତାହା ଏବେ ଚିନ୍ତା ପ୍ରକଟ କରିଛି ।

# ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ



ତାଳଚେର, (ଭାସ୍କର ନ୍ୟୁଜ୍) : ତାଳଚେର ପୌରାଞ୍ଚଳରେ ଥିବା ହାଇସ୍କୁଲ ,ବିଦ୍ୟାମନ୍ଦିର ଗୁଡିକରେ ଚଳିତ ଦଶମ ପରୀକ୍ଷାରେ ୯୦ ପ୍ରତିଶତ ରୁ ଉର୍ଦ୍ଧ ନମ୍ବର ରଖି ସଫଳତା ହାସଲ କରିଥିବା ୧୭ଜଣ ଛାତ୍ରଛାତ୍ରୀଙ୍କୁ ଆଜି ସମ୍ବର୍ଦ୍ଧନା ଦିଆଯାଇଛି । ତାଳଚେରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ ଦ୍ୱାରା ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବ ରେ ମୁଖ୍ୟ ଅତିଥି ଭାବେଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗ ଦେଇ କହିଥିଲେ ଯେ ଶିକ୍ଷା ହେଉଛି ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅମୂଲ୍ୟ ସମ୍ପଦ ,ଯେପରି ପରିଶ୍ରମ କରି ଆଜି ପିଲାମାନେ ସ୍କୁଲ ଓ ପିତା ମାତା ଙ୍କ ପାଇଁ ଗୌରବ ଆଣି ଦେଇଛ, ସେହିପରି ଅଧ୍ୟୟନ ଜାରି ରଖିଲେ ଦେଶର ଜଣେ ସୁନାଗରିକ ହୋଇପାରିବ । ଏହି ସଫଳତା ହାସଲ ପାଇଁ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ଶ୍ରୀ ସାହୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପୌର ପରିଷଦ ର ଯୁବ ନଗରପାଳ ପବିତ୍ର ଭୁତିଆ, ସମସ୍ତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ , ଆଗକୁ ଭଲ ଭାବରେ ପାଠ ପଢି ଆମ ଅଞ୍ଚଳ ର ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ, ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଇଂ ରମେଶ ବେହେରା,ସାଧାରଣ ସମ୍ପାଦକ ଡ଼ଃ ନିମାଇଁ ଚରଣ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଡ଼ଃ ରଶ୍ମିରଞ୍ଜନ ମିଶ୍ର , ତାଳଚେର ଶିକ୍ଷାଧିକାରୀ ଖଗେଶ୍ୱର ବେହେରା, କଣିହାଁ ପ୍ରତିଭା ପରିଚୟ ସଦସ୍ୟ ତଥା ସାଂସଦଙ୍କ ବ୍ୟକ୍ତିଗତ ସଚିବ ସୁନୀଲ ପ୍ରଧାନ ପ୍ରମୁଖ ମଞ୍ଚ ।ସୀନ ଥିଲେ । ଏହି ଅବସରରେ ତାଳଚେର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ର ସର୍ବାଧିକ ୧୨ ଜଣ ଛାତ୍ରଛାତ୍ରୀ, ଦେଉଳବେଡା ଶିଶୁବିଦ୍ୟାମନ୍ଦିର ର ୩ଜଣ,ତାଳଚେର ବିବେକାନନ୍ଦ ବିଦ୍ୟାମନ୍ଦିର ର ୨ଜଣ ଛାତ୍ରଛାତ୍ରୀ ଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ କୁ ସାମ୍ବାଦିକ ତପନ କୁମାର ମହାରଣା ,ଓ ବାବୁନି ସ୍ୱାଇଁ ଙ୍କ ତତ୍ତ୍ୱ ।ବଧାନରେ କରାଯାଇଥିଲା ,ସହରରେ ଜଣେ ଜଣାଶୁଣା ଆଦର୍ଶ ଶିକ୍ଷକ ତଥା ସାଂସଦ ମହେଶ ସାହୁଙ୍କ ଗୁରୁ ଶମ୍ଭୁନାଥ ବେହେରା ଙ୍କ ପରଲୋକ ଘଟିଥିବାରୁ ତାଙ୍କ ପାଇଁ ୧ ମିନିଟ ନିରବ ପାର୍ଥନା କରାଯାଇଥିଲା ।

# ଓଭରଲୋଡ୍ ଯୋଗୁଁ ଭାଙ୍ଗିଲା ହାଇୱା ଚେଚିସ୍, ଅଳ୍ପକେ ବର୍ତ୍ତିଲେ ପଥଚାରୀ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ପଞ୍ଚାୟତ ଅଲାରପୁର ଛକଠାରେ ଏକ ହାଇୱା ଗାଡି (OD -୦୨- AH-୧୧୩୫) ଗାଡିଟି କ୍ଷମତା ଠାରୁ ଅଧିକ ବାଲି ନେଇ ଯାଉଥିବାରୁ ଏହାର ଡାଲା ଚେଚିସ୍ ଇଞ୍ଜିନ୍ ଠାରୁ ଅଲଗା ହୋଇଯାଇଥିଲା । ଡ୍ରାଇଭରର ଉପସ୍ଥିତ ବୁଦ୍ଧି ଯୋଗୁଁ ବାଟରେ ଯାଉଥିବା ପଥଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ । କ୍ଷମତା ଠାରୁ ଅଧିକ ବାଲିନେଇ ଯାଉଥିବାରୁ ଏଭଳି ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏହି ପଞ୍ଚାୟତ ଦେଇ ଅନେକ ସମୟରେ ହାଇୱାଗୁଡ଼ିକ ସେମାନଙ୍କ କ୍ଷମତା ଠାରୁ ଅଧିକ ପରିମାଣର ମାଲ୍ ଭର୍ତ୍ତି କରି ଯାଉଥିବା ଦେଖାଯାଉଛି । ଏପରିସ୍ଥିତିରେ ଯଦି କେବେ ଅଧିକ ଓଜନ ଯୋଗୁଁ କୌଣସି ହାଇୱା ଭାରସାମ୍ୟ ହରାଇ ଖସିଯାଏ ତା'ହେଲେ ନିଶ୍ଚିତ ଏକ ବଡ଼ ଧରଣର ଅଘଟଣ ଘଟିବ ବୋଲି ସ୍ଥାନୀୟ ବାସିନ୍ଦା ଆଶଙ୍କା କରୁଛନ୍ତି ।

# ଭାଗ୍ୟଧର ମଲିକ ଓ ଭାଗ୍ୟଧର ସାହୁ ସମବାୟ ସଭାପତି ନିର୍ବାଚିତ

ଛତିଆ, (ଭାସ୍କର ନ୍ୟୁଜ) : ଆଜି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପଦ ପାଇଁ ନିର୍ବାଚନର ଶେଷ ତାରିଖରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ରୂପେ ବଡ଼ଚଣା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଭାଗ୍ୟଧର ମଲିକ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଛନ୍ତି । ସେହିପରି ବୈରୀ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ଭାଗ୍ୟଧର ସାହୁ ବିନା ପ୍ରତିଦ୍ୱନ୍ଦିତାରେ ବିଜୟଲାଭ କରିଛନ୍ତି । ଦୁହେଁ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ହୋଇଥିଲେ । ବିଜୟ ପରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସଭାପତି ଅରବିନ୍ଦ ସାମଲ, ଯୁବ ସଭାପତି ଭଣେଶ୍ୱର ବରାଳ, ଛାତ୍ର ସଭାପତି ଯତିନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଆମ୍ବାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ପୂର୍ବତନ ସରପଞ୍ଚ ବାସୁଦେବ ସ୍ୱାଇଁ , ନୟନା ବେହେରା, ମାନସ ପଣ୍ଡା, ସରପଞ୍ଚ ଜୟନ୍ତି ସ୍ୱାଇଁ, ବିଜୟ ସ୍ୱାଇଁ, ସମିତିସଭ୍ୟ ଦୀପକ ସାହୁ, ସଂଜୟ ବେହେରା, ଧନେଶ୍ୱର ବେହେରା ପ୍ରମୁଖ ଉଭୟ ଭାଗ୍ୟଧର ମଲିକ ଓ ଭାଗ୍ୟଧର ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଜୟୀ ପରେ ପ୍ରାର୍ଥୀ ଦ୍ୱୟଙ୍କୁ ବିଜେଡ଼ି ଦଳର ମାଧବା ନନ୍ଦ ମହାପାତ୍ର, ସନ୍ତୋଷ ମହାନ୍ତି, କୈଳାସ ରାଉତ, ସୁରଜିତ ସାହୁ, ଚିନ୍ମୟ ବିଶ୍ୱାଳ, ଅମ୍ବୁଜ ବେହେରା, ପଦ୍ମଲାଭ ସାମଲ, କାର୍ତିକ ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, ମୁରଲୀ ଲେଙ୍କା, ଅମୁଲ୍ୟ ବିଶ୍ୱାଳ, ନିରଞ୍ଜନ ମଲିକ, ଧିରେନ୍ଦ୍ର ନାଥ, ଅଜୟ ବେହେରା, ଧିରେନ୍ଦ୍ର ମଲିକ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣି




ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ମୋଟ ୨୭ଟି ଅଭିଯୋଗର ଜନାଶୁଣାଣି କରାଯାଇଥିଲା । ଏହି ଜନଶୁଣାଣିରେ ଜମିଜମା, ଭତ୍ତା, ରାସନକାର୍ଡ଼, ଜାଗାବାଡ଼ି ସମସ୍ୟା, ଇନ୍ଦିରାଆବାସ ସମେତ ଦୋବଲ ବସଷ୍ଟାଣ୍ଡର ଜବରଦଖଲ ସମ୍ପର୍କରେ ଶୁଣାଣି କରାଯାଇ ଏହାର କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗରୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଜନଶୁଣାଣିରେ ଆରକ୍ଷୀ ଅଧିକ୍ଷକ ଚରଣସିଂ ମୀନା, ଡ଼ିଆରଡ଼ିଏର ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ସିଡ଼ିଏମ୍‌ଓ ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ପଞ୍ଚୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଜିଲ୍ଲାପରିଷଦ ଉପସଭାପତି ଟୁନିବାଳା ବିଶ୍ୱାଳ, ଧାମନଗର ଏନ୍‌ଏସ୍ ଅଧ୍ୟକ୍ଷା ନିବେଦୀତା ଜେନା, ଜିଲ୍ଲାଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଡ଼ିଏସ୍‌ଏସ୍‌ଓ ସୁରେନ୍ଦ୍ର ଗୋମାଙ୍ଗ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣି ବେଳେ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ୨୨ଟି ଅଭିଯୋଗ ଥିବାବେଳେ ସାମୁହିକ ସମସ୍ୟା ଭିତ୍ତିକ ୫ଟି ଥିଲା । ଏହି ଅବସରରେ ସାମାଜିକ ସୁରକ୍ଷା ଯୋଜନାରେ ୩ଜଣଙ୍କୁ ହ୍ୱିଲ ଚେୟାର, ୨ଜଣଙ୍କୁ ଶ୍ରୁତିବାଧିତ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ୧୧୧ଜଣ ହିତାଧିକାରୀଙ୍କୁ ମଧୁବାବୁ ଯୋଜନାରେ ଭତ୍ତା ମଞ୍ଜୁର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତହସିଲଦାର କ୍ଷୀରୋଦ ଚନ୍ଦ୍ର ପଣ୍ଡା, ବିଡ଼ିଓ ଦୁର୍ଗାଚରଣ ମୁର୍ମୁ, ସହକାରୀ ଜିଲ୍ଲାପାଳ ବସନ୍ତ ଲେଙ୍କା, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ପରବର୍ତ୍ତୀ ଜନଶୁଣାଣି ଶିବିର ଜୁଲାଇ ୧୮ତାରିଖରେ ହେବାପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଜାତୀୟ ମତ୍ସ୍ୟ ଦିବସ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ କୁଞ୍ଜକାନ୍ତ ସ୍ଥିତ ଜିଲ୍ଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟ ପରିସରରେ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଦିପ୍ତ କିଶୋର ଭୂୟାଁଙ୍କ ନେତୃତ୍ୱରେ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଆଠଟି ବ୍ଲକର ଅଗ୍ରଣୀ ଚାଷୀ ତଥା ମହିଳାମାନେ ଏକତ୍ରିତ ହୋଇ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନ କରିଥିଲେ । ଆୟୋଜିତ ସଭାରେ ଶ୍ରୀ ଭୂୟାଁ ଦିବସର ମହତ୍ୱ ବୁଝାଇବା ସହିତ ଅଗ୍ରଣୀ ଚାଷୀମାନଙ୍କୁ ଅଧିକ ଉନ୍ନତି ପଥରେ ଆଗେଇବା ନିମନ୍ତେ ଉତ୍ସାହିତ କରିଥିଲେ । ଓଡାପଡା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ବେହେରା ମାଛ ଚାଷ ସମ୍ପର୍କରେ ଧାରଣା ଦେବା ସହ ସରକାରଙ୍କ ପ୍ରମୁଖ ଯୋଜନା ଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ । ପରିଶେଷରେ ଜିଲ୍ଲାର ସଫଳ ଚାଷୀ ଅବିନାଶ ପଣ୍ଡା, କ୍ଷୀରୋଦ ସାମଲ ଏବଂ ଭୁବନ ବ୍ଲକ ଅରଖପାଳ ପଞ୍ଚାୟତର ଶକ୍ତି ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ପୂର୍ଣ୍ଣଭଦ୍ରା ପାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ ଶୋଭନ ସାମଲ, ଶରତ ଚନ୍ଦ୍ର ଜେନା ଏବଂ ହରିଶଙ୍କର ମହାନ୍ତି ପରିଚାଳନା କରିଥିଲେ ।

## କୃଷି ବିଭାଗ ଓ ରାଜସ୍ୱ ବିଭାଗର ଟାଲ୍‌ଟୁଲ ନୀତି

# ୮୭୦୦ ଚାଷୀ ପାଇ ନାହାଁନ୍ତି କ୍ଷତିପୂରଣ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ) : ବାତ୍ୟା ଜୱାଦ ଓ ଲଗାଣ ପ୍ରବଳ ବର୍ଷା ଯୋଗୁଁ କଣ୍ଟାପଡା ବ୍ଲକରେ ବହୁଦିନ ଧରି ପାଚିଲା ଶସ୍ୟକ୍ଷେତରେ ଆଣ୍ଠୁଏ ପାଣି ଲହଡି ମାରିବା ଯୋଗୁଁ ଉଜୁଡି ଯାଇଥିଲା ଚାଷୀର ସମସ୍ତ କଷ୍ଟଅର୍ଜିତ ଫସଲ । ସରକାରଙ୍କ ପକ୍ଷରୁ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବବୋଲି ଘୋଷଣା କରାଗଲା । ଏ ପରିକି ନିଆଳୀ ବିଧାୟକ ଡଃ ପ୍ରମୋଦ କୁମାର ମଲ୍ଲିକ ବୁଡି ଯାଇଥିବା କ୍ଷେତ ଗୁଡିକୁ ପରିଦର୍ଶନରେ ଆସି ଏହାକୁ ଦେଖି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ୩ ବିଭାଗର ଅଧିକାରୀ ମାନେ କ୍ଷୟକ୍ଷତି ଆକଳନ କରି ୮୭୦୦ରୁ ଉର୍ଦ୍ଧ ଚାଷୀଙ୍କର କ୍ଷୟକ୍ଷତି ହୋଇଥିବା କଥା ରିପୋର୍ଟ ମଧ ଦେଇଥିଲେ । ପାଖା ପାଖି ୨୩୦୦ ହେକ୍ଟର ଜମି କ୍ଷତି ହୋଇଥିବା ଦର୍ଶାଗଲା ଯାହାର ଆନୁମାନିକ ମୂଲ୍ୟ ସରକାରୀ ହିସାବରେ ୩କୋଟି ଟଙ୍କାରୁ ଉର୍ଦ୍ଧ ହେବବୋଲି ଆକଳନ କରାଗଲା । ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି କଣ୍ଟାପଡା କୃଷି ବିଭାଗ ଅଧିକାରୀ, କଣ୍ଟାପଡା ରାଜସ୍ୱ ବିଭାଗ ଅଧିକାରୀ ଓ କଣ୍ଟାପଡା ଉଦ୍ୟାନ ବିଭାଗର ଅଧିକାରୀଙ୍କ ମିଳିତ ଭାବରେ କ୍ଷୟକ୍ଷତିର ଆକଳନ କରି କଟକ ଜିଲ୍ଲାପାଳଙ୍କ ନିକଟରେ ସମସ୍ତ ଦସ୍ତାବିଜ୍ ପ୍ରଦାନ କରାଯାଇଥିଲା । ଏଯାବତ୍ ୮ ମାସ ଅତିକ୍ରାନ୍ତ କରିସାରିଥିଲେ ମଧ ଚାଷୀମାନଙ୍କୁ ଏକ ଟଙ୍କା ମଧ ମିଳିପାରିନାହିଁ । ଏ ନେଇ କଣ୍ଟାପଡା କୃଷି ବିଭାଗ ଅଧିକାରୀଙ୍କ ପଚାରିବାରୁ ଆମ କାମ ସରିଛି ଏବେ ତହସିଲଦାରଙ୍କ ପାଖରେ ସବୁ ଚାଷୀଙ୍କ ପାଇବା ପାଇଁ ଥିବା ଅର୍ଥରାଶିର କାଗଜପତ୍ର ରହିଛି, ସେ ଚାଷୀଙ୍କ ଆକାଉ□କୁ ଟଙ୍କା ଛାଡିବା କଥା । ଏ ନେଇ ତହସିଲଦାର ମିତାଞ୍ଜଳୀ ଦାସଙ୍କ ଫୋନ୍ କରିଥିଲେ ବି ସେ ଫୋନ୍ ଉଠାଇ ନଥିଲେ । ଏଠାରେ ପ୍ରଶ୍ନ ଉଠୁଛି କୃଷି ବିଭାଗ ଓ ରାଜସ୍ୱ ବିଭାଗର ଟାଳଟୁଳ ନିତୀଯୋଗୁଁ ଚାଷୀମାନେ କ୍ଷୟକ୍ଷତିର ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି ।



ନୂଆଦିଲ୍ଲୀ: ରବିବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ସଂସଦ ଭବନର ଛାତ ଉପରେ ଥିବା ଅଶୋକ ସ୍ତମ୍ଭର କାଂସ୍ୟ ପ୍ରତିମାକୁ ଅନାବରଣ କରିଛନ୍ତି। ୬.୫ମିଟର ଉଚ୍ଚତା ବିଶିଷ୍ଟ ଏହି ପ୍ରତିମାର ଓଜନ ୯୫୦୦ କିଲୋଗ୍ରାମ। ଏହାକୁ ଧରିରଖିବା ପାଇଁ ପ୍ରାୟ ୬୫୦୦ କିଲୋଗ୍ରାମ ଓଜନର ଷ୍ଟିଲ ଧାରଣା ନିର୍ମାଣ କରାଯାଇଛି। ଅଶୋକ ସ୍ତମ୍ଭ ଭାରତର ରାଷ୍ଟ୍ରୀୟ ପ୍ରତୀକ। ଏହି ସମୟରେ, ପ୍ରଧାନମନ୍ତ୍ରୀ ନୂତନ ସଂସଦ କାର୍ଯ୍ୟରେ ଲାଗିଥିବା କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ।

## ବିଧାୟକ ଅଯୋଗ୍ୟ ଘୋଷଣା ମାମଲାରେ ସିନ୍ଦେ ଆଶ୍ୱସ୍ତ



- ସୁପ୍ରିମକୋର୍ଟଙ୍କ ରହିତାଦେଶ ଜାରି
- ୨୭ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ: ଶିବସେନା ପକ୍ଷରୁ ୧୬ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ହୋଇଥିବା ମାମଲାରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିବା ଯୋଗୁଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଆଶ୍ୱସ୍ତ ହୋଇଛନ୍ତି। ଅର୍ଥାତ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ମହାରାଷ୍ଟ୍ର ବାଚସ୍ପତି ମଧ ଏହି ମାମଲାରେ କୌଣସି ନିଷ୍ପତ୍ତି ନେଇ ପାରିବେ ନାହିଁ। ଉଭୟପକ୍ଷଙ୍କ ଆବେଦନକାରୀଙ୍କୁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି କୋର୍ଟ। ଉଦ୍ଧବ ଠାକରେଙ୍କ ପକ୍ଷରୁ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ କପିଲ ଶିବଲ ପ୍ରତିନିଧିତ୍ୱ କରିଥିଲେ। କପିଲ ଶିବଲ କହିଛନ୍ତି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୭ରେ ରହିଛି। ତେବେ ଏହି ମାମଲାରେ ସମ୍ପୃକ୍ତି ଥିବା ସମସ୍ତ ଦଳର ପକ୍ଷକୁ ନେଇ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି। ସେହିପରି ବିଧାୟକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବାକୁ ମହାରାଷ୍ଟ୍ର ବାଚସ୍ପତିଙ୍କୁ କହିଛନ୍ତି। ଏହି ମାମଲାରେ ନୂଆ ବେଞ୍ଚ ଗଠନ ହୋଇ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି। ରାଜ୍ୟପାଳଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁସାର ମେହେଟ୍ଟା ଉପସ୍ଥିତ ଥିଲେ। ଏହି ମାମଲାରେ କୋର୍ଟ ସମ୍ପର୍କିତ ବିବରଣୀ ରାଜ୍ୟପାଳଙ୍କୁ ଅବଗତ କରିଦେବେ ବୋଲି ତୁସାର ମେହେଟ୍ଟା କହିଛନ୍ତି। ବିଧାୟକଙ୍କ ଅଯୋଗ୍ୟ ଘୋଷଣା ସମ୍ପର୍କିତ ୪ଟି ମାମଲା ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସିନ୍ଦେ ଗୋଷ୍ଠୀ ପକ୍ଷରୁ ପକ୍ଷରୁ ୨ଟି ମାମଲା ଆବେଦନ କରାଯାଇଥିଲା ବେଳେ ଉଦ୍ଧବଙ୍କ ଗୋଷ୍ଠୀରୁ ୨ ଟି ମାମଲା ରୁଜୁ କରାଯାଇଛି।

## ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବ ଶିବସେନା !

ମୁମ୍ବାଇ : ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିପାରେ ବୋଲି ଶିବସେନାର ଦଳୀୟ ବୈଠକରୁ ଏନେଇ ସଙ୍କେତ ମିଳିଛି। ଶିବସେନାର ସାଂସଦ ଗଜାନନ କୀର୍ତ୍ତିକାର କହିଛନ୍ତି ବୈଠକରେ ସାଂସଦମାନେ ଏ ବିଷୟରେ ଦାବି କରିଛନ୍ତି। ଦିନେ ଦୁଇଦିନ ଭିତରେ ଏ ବିଷୟରେ ନିଷ୍ପତ୍ତି ନେଇ ତାଙ୍କୁ ଜଣାଇବା ପାଇଁ ଉଦ୍ଧବ ଠାକରେ ସାଂସଦମାନଙ୍କୁ କହିଛନ୍ତି ବୋଲି ଗଜାନନ କହିଛନ୍ତି। ସେ ଆହୁରି କହିଛନ୍ତି ଦ୍ରୌପଦୀ ମୁର୍ମୁ ଏନଡିଏ ପ୍ରାର୍ଥୀ ହୋଇ ପାରନ୍ତି କିନ୍ତୁ ସେ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି ଓ ଜଣେ ମହିଳା। ସେଥିପାଇଁ ଶିବସେନା ସାଂସଦମାନଙ୍କର ମତହେଉଛି ସେମାନେ ମୁର୍ମୁଙ୍କୁ ସମର୍ଥନ କରିବା ଦରକାର।

## ଉତ୍ତରାଖଣ୍ଡ କଂଗ୍ରେସର ୩ ବରିଷ୍ଠ ନେତା ଆପ୍‌ରେ ସାମିଲ

ଡେରାଡୁନ୍: ଉତ୍ତରାଖଣ୍ଡ କଂଗ୍ରେସର ତିନି ବରିଷ୍ଠ ନେତା ସୋମବାର ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇ ଆମ୍ ଆଦ୍‌ମୀ ପାର୍ଟିରେ ସାମିଲ ହୋଇଛନ୍ତି। ଉତ୍ତରାଖଣ୍ଡ କଂଗ୍ରେସ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ରତୁଡି, ପ୍ରଦେଶ ମହିଳା କଂଗ୍ରେସ ଉପାଧ୍ୟକ୍ଷ କମଲେଶ ରମନ ଓ ଦଳର ସୋସିଆଲ ମିଡିଆ ଉପଦେଷ୍ଟା କୁଲଦୀପ ଚୌଧୁରୀ ଦିଲ୍ଲୀ ଯାଇ ଆପ୍‌ରେ ସାମିଲ ହୋଇଛନ୍ତି। ଦଳର ପରାଜୟ ପରେ ବି ଲାଗିରହିଥିବା ଗୋଷ୍ଠୀକନ୍ଦଳ ଯୋଗୁଁ ଏହି ତିନି ବରିଷ୍ଠ ନେତା ଦଳ ଛାଡ଼ିଥିବା କୁହାଯାଉଛି।

## ଗୋଆ କଂଗ୍ରେସରେ ଫାଟ !

ପାନାଜୀ: ଗୋଆ କଂଗ୍ରେସରେ ବିଦ୍ରୋହକୁ ଲକ୍ଷ୍ୟ ରଖି କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧୀ ରବିବାର ବିଳମ୍ବିତ ରାତିରେ ମୁକୁଲ ବାସାନିକ୍‌ଙ୍କୁ ପାନାଜୀ ପଠାଇଛନ୍ତି। ବାସାନିକ ରବିବାର ରାତିରେ ପାନାଜୀ ପହଞ୍ଚି ବିଧାୟକଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ଗୋଆ ବିଧାନସଭାରେ ୧୧ କଂଗ୍ରେସ ବିଧାୟକ ରହିଛନ୍ତି। ତେବେ ଦଳରେ ବିଦ୍ରୋହ ଦେଖାଦେବାରୁ ରବିବାର ସନ୍ଧ୍ୟାରେ ଦଳ ଜରୁରୀ ଆଲୋଚନା ଡାକିଥିଲା। ସେଥିରେ କେବଳ ୩ ବିଧାୟକ ଉପସ୍ଥିତ ଥିବା ବେଳେ ୮ ବିଧାୟକ ଗାଏବ ଥିବା ଜଣାଯାଇଥିଲା।

## ୟୁକ୍ରେନ୍‌ର ରକେଟ୍ ମାଡ଼ରେ ଋଷ୍‌ର ୧୨ ସେନା ଅଧିକାରୀ ମୃତ

କିଭ୍ : ୟୁକ୍ରେନ୍‌ର ରକେଟ୍‌ମାଡ଼ରେ ଋଷ୍‌ର ୧୨ ଅଧିକାରୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ ଚର୍ଣ୍ଣୋବାଇବକା ବିମାନ ବନ୍ଦର ନିକଟରେ ଏହି ରକେଟ୍ ମାଡ଼ ହୋଇଛି । ଋଷ୍ ଅକ୍ତିଆର କରିଥିବା ଖେରସନ୍ ସହରର ଦକ୍ଷିଣରେ ଏହି ବିମାନ ବନ୍ଦର ଅବସ୍ଥିତ। ୟୁକ୍ରେନ୍ ସେନା ଏହାକୁ ଲକ୍ଷ୍ୟ କରି ରକେଟ୍ ମାଡ଼ କରିଥିଲା । ଯେଉଁଥିରେ ଋଷ୍‌ର ଜଣେ ଜେନେରାଲ୍, ଜଣେ କର୍ଣ୍ଣେଲ୍‌ଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଆମେରିକା ପ୍ରସ୍ତୁତ ହିମାରସ୍ ରକେଟ୍ ବ୍ୟବହାର କରି ଏପରି ପ୍ରତିଶୋଧ ନେଇଛି ୟୁକ୍ରେନ୍। ରକେଟ୍ ମାଡ଼ ହେବା ପରେ ସେ ଅଞ୍ଚଳ ଜଳିଯାଉଥିବା ଦେଖାଯିବା ସହିତ ପ୍ରବଳ ମାତ୍ରାରେ ଧୂଆଁ ଉପରକୁ ଉଠୁଥିବା ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳୁଛି । ଋଷିଆର ଏକ ଟେଲେଗ୍ରାମ ଚ୍ୟାନେଲ୍‌ର ରିପୋର୍ଟ ଅନୁସାରେ ଋଷିଆର ଏସ୍-୪୦୦ ଆଣ୍ଟି-ଏୟାର ସିଷ୍ଟମ ଏହାର ସ୍ଥଳ ସେନାକୁ ସୁରକ୍ଷା ଦେବାରେ ବିଫଳ ହୋଇଛି ବୋଲି କହିଛନ୍ତି । ଋଷିଆ ଦଖଲ କରିନେଇଥିବା ୟୁକ୍ରେନ୍ ଅଞ୍ଚଳଗୁଡ଼ିକୁ ପୁଣିଥରେ ନିଜ ଅକ୍ତିଆରକୁ ନେବାକୁ ଜୋରଦାର୍ ପ୍ରୟାସ ଚଳାଇଛି ୟୁକ୍ରେନ୍ ସେନା । ବିଶେଷ ଭାବେ ଆମେରିକା ଯୋଗାଇ ଦେଇଥିବା ଅସ୍ତ୍ରଶସ୍ତ୍ରର ବ୍ୟବହାର ସଠିକ୍ ଭାବେ ହୋଉଥିବା ଏହି ରକେଟ୍ ଲଞ୍ଚରୁ ଜଣାପଡୁଛି ।

## ଅଦାଲତ ଅବମାନନା ମାମଲାରେ ମାଲ୍ୟାଙ୍କୁ ୪ ମାସର ଜେଲ୍ ଦଣ୍ଡାଦେଶ

ନୂଆଦିଲ୍ଲୀ: ଅଦାଲତ ଅବମାନନା ମାମଲାରେ ସୁପ୍ରିମକୋର୍ଟ ବିଜୟ ମାଲ୍ୟାଙ୍କୁ ୪ ମାସ ଜେଲ ଦଣ୍ଡ ସହ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଜରିମାନା ପଇଠ ନକଲେ ଦୁଇ ମାସର ଅତିରିକ୍ତ ଜେଲ ଦଣ୍ଡ ମିଳିବ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବକେୟା ଅର୍ଥ ନଦେବାରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଜୟ ମାଲ୍ୟାଙ୍କ ବିରୋଧରେ ଆବେଦନ କରିଥିଲା। ୨୦୧୭ର ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ୨୦୧୭ରେ ବିଜୟ ମାଲ୍ୟା ୪୦ ମିଲିୟନ ଡଲାର ନିଜ ପିଲାମାନଙ୍କ ନାଁରେ ଟ୍ରାନ୍ସଫର କରିଥିଲେ। ବିଦେଶକୁ ଟ୍ରାନ୍ସଫର ହୋଇଥିବା ଏହି ୪୦ ମିଲିୟନ ଡଲାର ୪ ସପ୍ତାହ ମଧ୍ୟରେ ଦେବାକୁ ପଡିବ ବୋଲି କୋର୍ଟ କହିଛନ୍ତି। ଏହି ଅର୍ଥ ଟ୍ରାନ୍ସଫରକୁ କୋର୍ଟ ଅସିଦ୍ଧ ବୋଲି କହିଛନ୍ତି। ଏବେ ଏହି ସମୁଦାୟ ଅର୍ଥ ରାଶିକୁ ଗ୍ରହୀତା ୮ ପ୍ରତିଶତ ସୁଧ ସହ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ ।

### ଆବୁ ସାଲେମ ମାମଲା

## ପ୍ରତ୍ୟର୍ପଣ ସର୍ତ୍ତ ପାଳନ କରିବାକୁ କେନ୍ଦ୍ର ବାଧ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଆବୁ ସାଲେମ ମାମଲାରେ କେନ୍ଦ୍ର ପର୍ତ୍ତୁଗାଲ୍ ସରକାରଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରା କରିବାକୁ ବାଧ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଫଳରେ ୧୯୯୩ରେ ମୁମ୍ବାଇ ବିସ୍ଫୋରଣ ମାମଲାରେ ସରକାର ଆବୁ ସାଲେମ୍‌କୁ ୨୫ ବର୍ଷ ଜେଲ୍ ଦଣ୍ଡ ପରେ ମୁକ୍ତ କରିବେ। ଏହାପରେ ଆଉ ଅଧିକ ଦିନ ତାଙ୍କୁ ଜେଲ୍‌ରେ ରଖାଯାଇପାରିବନି। ୨୦୦୨ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ ନେଇ ପର୍ତ୍ତୁଗାଲ୍ ସରକାରଙ୍କ ସହ ହୋଇଥିବା ବୁଝାମଣା ଅନୁସାରେ ଜେଲ୍ ଦଣ୍ଡାଦେଶ ଦେବାକୁ ସାଲେମ ଏକ ଆବେଦନ ଦାୟର କରିଥିଲେ। ଜଷ୍ଟିସ୍ ଏସକେ କଲ୍ ଓ ଏମଏମ ସୁନ୍ଦରେଶ ପକ୍ଷରୁ କୁହାଯାଇଛି ଯେ, ପର୍ତ୍ତୁଗାଲ୍ ସହ ହୋଇଥିବା ବୁଝାମଣା ଅନୁସାରେ ସାଲେମଙ୍କୁ ଛାଡିବାକୁ କେନ୍ଦ୍ର ସରକାର ରାଷ୍ଟ୍ରପତିଙ୍କ ପରାମର୍ଶ ନେବା ଜରୁରୀ। ୨୦୦୫ ମସିହାରେ ମୁମ୍ବାଇ ସିରିୟଲ୍ ବୋମା ବିସ୍ଫୋରଣ ମାମଲାରେ ସାଲେମଙ୍କୁ ଦୋଷୀ ସାବ୍ୟସ୍ତ ସହ ଦଣ୍ଡାଦେଶ ହୋଇଥିଲା। ଭାରତ ସରକାର ଦୀର୍ଘଦିନର ଚେଷ୍ଟା ପରେ ପର୍ତ୍ତୁଗାଲରୁ ସଲେମଙ୍କୁ ଫେରାଇ ଆଣିବାରେ ସଫଳ ହୋଇଥିଲେ।



## ପୁଣି ଆରମ୍ଭ ହେଲା ଅମରନାଥ ଯାତ୍ରା

ଜମ୍ମୁ-କଶ୍ମୀର: ସୋମବାରରୁ ପୁଣି ଆରମ୍ଭ ହୋଇଛି ଅମରନାଥ ଯାତ୍ରା। ଗତ ଶୁକ୍ରବାର ସନ୍ଧ୍ୟାରେ ଅମରନାଥ ଗୁମ୍ଫା ନିକଟରେ ବାଦଲ ଫଟା ଦୁର୍ଘଟଣା ପରେ ଯାତ୍ରା ଉପରେ ଆଂଶିକ ଲଗାମ ଲାଗିଥିଲା। ସୋମବାର ସକାଳ ୫ଟାରୁ ଶ୍ରଦ୍ଧାଳୁଙ୍କ ଯାତ୍ରା ଜମ୍ମୁ ବେସ କ୍ୟାମ୍ପରୁ ଅମରନାଥ ଅଭିମୁଖେ ଆରମ୍ଭ ହୋଇଥିଲା। ଜମ୍ମୁ ପ୍ରଶାସନର ସୂଚନା ଅନୁସାରେ, ଏଥର ଶ୍ରଦ୍ଧାଳୁଙ୍କୁ ପଞ୍ଚତରଣୀ ରାସ୍ତା ଦେଇ ବାବା ଅମରନାଥଙ୍କ ପବିତ୍ର ଗୁମ୍ଫା ପର୍ଯ୍ୟନ୍ତ ନିଆଯାଉଛି। ଏହି ଯାତ୍ରାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ(ସିଆରପିଏଫ୍) ଶ୍ରଦ୍ଧାଳୁଙ୍କୁ ସୁରକ୍ଷିତ ଭାବେ ଆଗକୁ ଯିବା ପାଇଁ ସହାୟତା କରୁଛନ୍ତି। ପହଲଗାଁ ଏବଂ ବାଲଟାଲରେ ନିର୍ମିତ ବେସ କ୍ୟାମ୍ପଠାରୁ ଆଗକୁ ଯିବା ପାଇଁ କିଛି ଯାତ୍ରୀଙ୍କୁ ଆଦେଶ ଦିଆଯାଇନାହିଁ। ଗତ ଶୁକ୍ରବାର ପବିତ୍ର ଗୁମ୍ଫା ନିକଟରେ ଘଟିଥିବା ଭୂସ୍ଖଳନ ଘଟଣା ପରେ ବି ଅମରନାଥ ଯାଉଥିବା ଯାତ୍ରୀଙ୍କ ଉତ୍ସାହ କମିନାହିଁ।



## ଦୁଇ ଆତଙ୍କୀ ନିହତ

ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ଅବନ୍ତୀପୋରାରେ ସୁରକ୍ଷାବଳ ଏବଂ ଆତଙ୍କୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୨ଜଣ ଆତଙ୍କୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଜୈଶ-ଏ-ମହମ୍ମଦ ଆତଙ୍କୀ ଥିବାବେଳେ ଅନ୍ୟ ଜଣେ ସିନାଖତ ଆତଙ୍କୀ ଥିବା ଜଣାଯାଇଛି। ନିହତ ଆତଙ୍କୀଙ୍କ ଠାରୁ ଆମେରିକା ତିଆରି ଏକ ରାଇଫଲ(ଏମ-୪କାର୍ବାଇନ),ଏକ ପିସ୍ତଲ, ଗୋଳାବାରୁଦ ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। କାଶ୍ମୀର ଏଡିଜିପି କହିଛନ୍ତି,ସୁରକ୍ଷାବଳଙ୍କୁ ଏହି ଅଞ୍ଚଳରେ କିଛି ଆତଙ୍କୀ ଛପି ରହିଥିବା ଖବର ମିଳିଥିଲା। ଏହା ପରେ ସୁରକ୍ଷାକର୍ମୀମାନେ ଏହି ଅଞ୍ଚଳକୁ ଘେରାବନ୍ଦୀ କରି ଅପରେସନ ଆରମ୍ଭ କରିଦେଇଥିଲେ।

## ୨୧ରେ ଇଡିରେ ହାଜର ହେବାକୁ ସୋନିଆଙ୍କୁ ନୋଟିସ୍



ନୂଆଦିଲ୍ଲୀ: ନ୍ୟାସପାଲ ହେରାଲଡ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କୁ ପୁନଃ ସମନ ଜାରି କରିଛି। ଆସନ୍ତା ୨୧ ତାରିଖରେ ତାଙ୍କୁ ଇଡିରେ ହାଜାର ହେବାକୁ ନୋଟିସ କରାଯାଇଛି। ପୂର୍ବରୁ ରାହୁଲ ଗାନ୍ଧି ଇଡିରେ ମାରାଥନ ଜେରାର ସମ୍ମୁଖୀନ ହୋଇସାରିଛନ୍ତି। ଏପରିକି ରାହୁଲ ଗାନ୍ଧି ଇଡିରେ ହାଜର ବେଳେ କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦିଲ୍ଲୀର ଇଡି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ହଙ୍ଗାମା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବିକ୍ଷୋଭକାରୀଙ୍କୁ ପୁଲିସ ଗିରଫ କରିଥିଲା। ନ୍ୟାସନାଲ ହେରାଲଡ୍ ମାମଲାରେ ପୂର୍ବରୁ ସୋନିଆ ଗାନ୍ଧିଙ୍କୁ ଜୁନ୍ ୮ ତାରିଖରେ ହାଜର ପାଇଁ ନୋଟିସ ହୋଇଥିଲା। କିନ୍ତୁ ଜୁନ ୧ରେ ସେ କୋଭିଡରେ ସଂକ୍ରମିତ ହୋଇ ସମୟ ମାଗିଥିଲେ। ବିଜେପି ନେତା ସୁବ୍ରମମଣ୍ୟମ୍ ସ୍ୱାମୀଙ୍କ ଅଭିଯୋଗ ପରେ ନ୍ୟାଶନାଲ ହେରାଲ୍ଡ ମାମଲା ସାମ୍ନାକୁ ଆସିଥିଲା।

# ବାଣିଜ୍ୟ



ନୂଆଦିଲ୍ଲୀ: ମାରୁତି ସୁଜୁକି ସୋମବାର ତା'ର ଅପକମିଂ ପ୍ରିମିୟମ୍ ଏସ୍‌ୟୁଭି ଗ୍ରାଣ୍ଡ ଭିଟାରାର ବୁକିଂ ଆରମ୍ଭ କରିଦେଇଛି। ନୂଆ ଏସ୍‌ୟୁଭି ଜୁଲାଇ ୨୦ରେ ବଜାର ପ୍ରବେଶ ହେବ ବୋଲି କମ୍ପାନୀ ସୂଚନା ଦେଇଛି। ଗ୍ରାହକ ଗ୍ରାଣ୍ଡ ଭିଟାରାକୁ କୌଣସି ବି ନେକ୍ସା ଶୋ'ରୁମ୍‌ରେ ଅଥବା ଏହାର ୱେବ୍‌ସାଇଟ୍‌ରେ ଲଗ୍ ଇନ୍ କରି ପ୍ରି ବୁକ୍ କରିପାରିବେ। ଏହାର ବୁକିଂ ପରିମାଣ ୧୧ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଗ୍ରାଣ୍ଡ ଭିଟାରା ମୁଖ୍ୟତଃ ଟୋୟୋଟା ଅର୍ବନ କ୍ରୁଜର ହାୟରାୟଡର ସହ ମୁକାବିଲା ହେବ ବୋଲି ଜଣାଯାଇଛି ଯାହା ଗତ ସପ୍ତାହରେ ବଜାର ପ୍ରବେଶ କରିଥିଲା।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ଟିୟୁଭି ଏସୟୁଡି ସହିତ ଏମଓୟୁ ସ୍ୱାକ୍ଷର





ନୂଆଦିଲ୍ଲୀ : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ନରାପତା ଓ ସ୍ଥିରତା ସମାଧାନର ବିଶ୍ୱସ୍ତରୀୟ ନେତୃତ୍ୱଧାରୀ ଟିୟୁଭି ଏସୟୁଡି ସହିତ ସହଭାଗିତା କରି ଟର୍ନେଟ ୱାଟର ପଜିଟିଭ ପାଇଁ ଉଚ୍ଚାଭିଳାଷ ପୋଷଣ କରିଛି। ଏହି ସହଭାଗିତା ଅନୁଯାୟୀ ବେଦାନ୍ତ ଆଲୁମିନିୟମ ଓ ଟିୟୁଭି ବେସଲାଇନ ଅଧ୍ୟୟନ କ୍ଷେତ୍ରରେ କାର୍ଯ୍ୟ କରି ଜଳର ବ୍ୟବହାର ଆକାଉଂଟି ପ୍ରକ୍ରିୟାକୁ ବଢାଇବା, ନିରନ୍ତର ଉନ୍ନତି ଓ ସଂରକ୍ଷଣ ପାଇଁ ଦକ୍ଷତା ବିକାଶ ଓ ଅଭିନବ ସମାଧାନ ଜରିଆରେ କାର୍ଯ୍ୟପନ୍ଥା ଗ୍ରହଣ କରିବ। ଜଳବାୟୁ କାର୍ଯ୍ୟକ୍ରମ ପାଇଁ ବେଦାନ୍ତ ଆଲୁମିନିୟମର ପରିବେଶ, ସାମାଜିକ ଓ ପ୍ରଶାସନର ଉତ୍କର୍ଷତା ପାଇଁ ଜଳ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ। ଆଗାମୀ ୨୦୩୦ ସୁଦ୍ଧା କଂପାନି ନେଟ ୱାଟର ପଜିଟିଭ ଲକ୍ଷ୍ୟ ରଖିଛି। ବେଦାନ୍ତ ଆଲୁମିନିୟମର ଜଳ ପରିଚାଳନା ପ୍ରୟାସଗୁଡ଼ିକ ସ୍ୱଚ୍ଛ ଜଳ ଓ ବର୍ଜ୍ୟ ଜଳର ଉପଯୁକ୍ତ ଉପଚାର ବ୍ୟବସ୍ଥାକୁ ନେଇ ଗଠିତ। ଏକ ଦୃଢ ପରିଚାଳନା ନୀତି କଂପାନିର ପ୍ରୟାସକୁ ପରିବେଶର ସନ୍ତୁଳନ ରକ୍ଷା ଦିଗରେ ସହାୟକ ହେବ। ୱାର୍ଲଡ ରିସୋର୍ସ ଇନିଷ୍ଟିଚ୍ୟୁଟ ଆକ୍ୟୁଡଟ ଟୁଲଟୋ ବ୍ୟବହାର କରି କଂପାନିର ପ୍ରତ୍ୟେକ ବ୍ୟବସାୟ ୟୁନିଟ ୱାଟର ସ୍କ୍ରିନିଂ ମୂଲ୍ୟାଙ୍କନ କରିଛନ୍ତି, ଜଳର ଉପଲବ୍ଧତା ଓ ଭାଗିଦାରୀ ଜଳ ଉତ୍ସ ଉପରେ ନିର୍ଭରଶୀଳତାକୁ ଭିତି କରି କଂପାନି ଜଳ ସହିତ ସମ୍ଭାବ୍ୟ ପରିବେଶ ଓ ସାମାଜିକ ପ୍ରଭାବକୁ ଆକଳନ ଅନୁଯାୟୀ କାର୍ଯ୍ୟ କରିଥାଏ।

## ସେଲ ମେଡିକ୍ଲେମ ଯୋଜନା ନବୀକୃତ

ରାଉରକେଲା(ଭାସ୍କର ନ୍ୟୁଜ): ସେଲ ମେଡିକ୍ଲେମ ଯୋଜନା ୨୦୨୨-୨୩ ପାଇଁ ମେସର୍ସ ନ୍ୟୁ ଇଣ୍ଡିଆ ଏସ୍ୟୁରେନ୍ସ କମ୍ପାନୀ ଲିମିଟେଡ ସହିତ ୨୦୨୨ ଜୁଲାଇ ୧୧ ତାରିଖରୁ ୨୦୨୩ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନବୀକୃତ ହୋଇଛି। ୭୦ ବର୍ଷରୁ କମ ବୟସର ସଦସ୍ୟଙ୍କ ସଦସ୍ୟତା ନବୀକରଣ କିସ୍ତି ରୂପେ ୬୮୬୮ ଟଙ୍କା ଦେବାକୁ ହେବ । ସେହିଭଳି ୭୦ରୁ ୮୦ ବର୍ଷର ବୟସ ବର୍ଗର ସଦସ୍ୟଙ୍କୁ ନବୀକରଣ ନିମନ୍ତେ ୪୭୦୮ ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ସଦସ୍ୟଙ୍କୁ ୧୦୦ ଟଙ୍କା ନବୀକରଣ ଦେୟ ଦେବାକୁ ହେବ । ୨୦୨୨-୨୩ ପଲିସି ବର୍ଷରେ ନବୀକରଣ ଓ ସଦ୍ୟତମ ପଞ୍ଜୀକରଣ ସଙ୍ଗେସଙ୍ଗେ ବ୍ୟବଧାନ କେସ ଯଥା ପୂର୍ବରୁ ନବୀକରଣ କରିନଥିବା ପୂର୍ବତନ କର୍ମଚାରୀମାନେ କିମ୍ବା ସେଲରୁ ଅବସର ଗ୍ରହଣ ପରେ କେବେ ମଧ୍ୟ ସେଲ ମେଡିକ୍ଲେମ ଯୋଜନାରେ ନାମ ପଞ୍ଜୀକରଣ କରିନଥିବା ପୂର୍ବତନ କର୍ମଚାରୀ ଅଥବା ସେଲ ମେଡିକ୍ଲେମ ଯୋଜନା ୨୦୨୨-୨୩ ପ୍ରାବଧାନ ଅନୁଯାୟୀ ଯୋଗ୍ୟ ପୂର୍ବତନ କର୍ମଚାରୀ ବୟସ ଅନୁଯାୟୀ ଧାର୍ଯ୍ୟ ସବସିଡାଇଜ କିସ୍ତି ପ୍ରଦାନ କରି ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ୨୦୨୨-୨୩ ବର୍ଷରେ ଅବସର ଗ୍ରହଣ କରୁଥିବା କର୍ମଚାରୀ ଏବଂ ସେମାନଙ୍କ ଜୀବନସାଥୀ ସେଲ ମେଡିକ୍ଲେମ ଯୋଜନାରେ ପ୍ରୋ-ରାଟା ଅନୁଯାୟୀ ଦେୟ ପ୍ରଦାନ କଲେ ସେମାନଙ୍କୁ ଏହି ଯୋଜନା ଅନ୍ତର୍ଗତ ସୁବିଧା ପ୍ରଦାନ କରାଯିବ। ଏଥିସମେତ ଆଗ୍ରହୀ ପୂର୍ବତନ କର୍ମଚାରୀଙ୍କ ନିମନ୍ତେ ଉପଲବ୍ଧ ନିୟମ ଓ ସର୍ତ୍ତାବଳୀ ଅନୁସାରେ ସଂପୂର୍ଣ୍ଣ ପ୍ରିମିୟମ ପଇଠରେ ସୁପର ଟପ ଅପ ସୁବିଧା ଆରମ୍ଭ କରାଯାଇଛି। ୨୦୨୨-୨୩ ସେଲ ମେଡିକ୍ଲେମ ଯୋଜନାର ସବିଶେଷ ବିବରଣୀ ସମ୍ପର୍କ ୱେବସାଇଟ ଏବଂ ସେଲ ୱେବସାଇଟ www.sail.co.in ତଥା ସେଲ ମେଡିକ୍ଲେମ ପୋର୍ଟାଲ http://mdindia.com ରେ ଉପଲବ୍ଧ ରହିଛି। ମେଡିକ୍ଲେମ ବ୍ୟବଧାନ କେସଗୁଡିକ ନିମନ୍ତେ ଆବେଦନ ଫର୍ମ ସମ୍ପର୍କ ୱେବସାଇଟରୁ ଡାଉନଲୋଡ କରାଯାଇପାରିବ। ବିଭିନ୍ନ ପ୍ଲାଣ୍ଟ ଓ ୟୁନିଟରେ ସେଲ ମେଡିକ୍ଲେମ ଯୋଜନାରେ ନବୀକରଣ ଏବଂ ବ୍ୟବଧାନ କେସଗୁଡିକର ପଞ୍ଜୀକରଣର ଶେଷ ତାରିଖ ୨୦୨୨ ଅଗଷ୍ଟ ୧୦ ତାରିଖ ଧାର୍ଯ୍ୟ ହୋଇଛି।

## ରଥଯାତ୍ରାରେ ଜେଏସ୍‌ପିଏଲ୍ ଫାଉଣ୍ଡେସନର ବିଭିନ୍ନ ସେବା ପ୍ରଦାନ

### ତିନି ଲକ୍ଷ ତିରିଶ ହଜାରରୁ ଅଧିକ ଲୋକଙ୍କୁ ସତେଜ ରନ୍ଧା ଖାଦ୍ୟ ପରିବେଷଣ

### ଭକ୍ତମାନଙ୍କ ମଧ୍ୟରେ ୧୦୦୦ ଗ୍ଲୁକୋଜ୍ ପ୍ୟାକେଟ୍ ବଣ୍ଟନ କରେ

### ୧୪ ଦିନ ଧରି ବଡଦାଣ୍ଡରେ ଭକ୍ତମାନଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଣ



ପୁରୀ (ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସିଏସଆର ଶାଖା ଜେଏସପିଏଲ ଫାଉଣ୍ଡେସନ ପୁରୀ ରଥ ଯାତ୍ରା ୨୦୨୨ ଉତ୍ସବରେ ତିନି ଲକ୍ଷ ତିରିଶ ହଜାରରୁ ଅଧିକ ଲୋକଙ୍କୁ ବିଭିନ୍ନ ସେବା ପ୍ରଦାନ କରିଛି । ଜିଲ୍ଲା ପ୍ରଶାସନ ସମନ୍ୱୟରେ ଫାଉଣ୍ଡେସନ ପକ୍ଷରୁ ଭକ୍ତ ମାନଙ୍କ ପାଇଁ ଦେୟମୁକ୍ତ ଭୋଜନ, ଥଣ୍ଡା ପାନୀୟ ଜଳ, ଏବଂ ଗ୍ଲୁକୋଜ ପ୍ୟାକେଟ୍ ବଣ୍ଟନ ଆଦି ବିଭିନ୍ନ ସେବା ପ୍ରଦାନ କରାଯାଇଛି । ଜେଏସପିଏଲ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ଏହି ସେବା ନେତ୍ରୋତ୍ସବ (ଜୁନ ୩୦ ତାରିଖ)ରୁ ଆରମ୍ଭ ହୋଇ ସୁନାବେଶ ପର୍ଯ୍ୟନ୍ତ ଚାଲିଥିଲା । ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବସଷ୍ଟାଣ୍ଡ ମଧ୍ୟରେ ଏକ ସ୍ୱତନ୍ତ୍ର ଷ୍ଟଲରେ ତିନି ଲକ୍ଷ ତିରିଶ ହଜାରରୁ ଅଧିକ ଲୋକଙ୍କୁ ସତେଜ ରନ୍ଧା ହୋଇଥିବା ଶୁଦ୍ଧ ଶାକାହାରୀ ମିଲ (ଅନ୍ନ, ଡାଲମା ଏବଂ ଖଜୁର ଖଟା) ଯୋଗାଇ ଦିଆଯାଇଥିଲା । ସ୍ଥାନୀୟ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳନା କରଯାଇଥିଲା । ପୁରୀର ରଥଯାତ୍ରା ମହୋତ୍ସବରେ ଭକ୍ତମାନଙ୍କୁ ସେବା କରିବାର ସୁଯୋଗ ଦେଇଥିବାରୁ ଆମେ ସର୍ବଦା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ କୃତଜ୍ଞ । ଆମେ ବିଶ୍ୱାସ କରୁ ଯେ ମାନବ ସେବା ହିଁ ହେଉଛି ଭଗବାନଙ୍କ ସେବା। ସାରା ବିଶ୍ୱରେ ମାନବଜାତିଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ୱାସ୍ଥ୍ୟ ଏବଂ ଶାନ୍ତିରେ ଆଶୀର୍ବାଦ କରନ୍ତୁ ବୋଲି ଜେଏସପିଏଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି। ଏହା ବ୍ୟତୀତ ଜେଏସପିଏଲ ଫାଉଣ୍ଡେସନ ରଥ ଯାତ୍ରା ଦିନ ପୁରୀ ବଡ ଦାଣ୍ଡରେ ଭକ୍ତଙ୍କ ମଧ୍ୟରେ ୧୦୦୦୦ ପ୍ୟାକେଟ ଗ୍ଲୁକୋଜ ବଣ୍ଟନ କରିଥିଲା ।

## ଓଡ଼ିଶାରେ ସର୍ବଶ୍ରେଷ୍ଠ ମୋବାଇଲ ନେଟୱର୍କର ମାନ୍ୟତା ହାସଲ କରିଛି ଏୟାରଟେଲ




ନୂଆଦିଲ୍ଲୀ: ଭାରତର ପ୍ରମୁଖ ଯୋଗାଯୋଗ ସମାଧାନ ପ୍ରଦାନକାରୀ ଏୟାରଟେଲ, ଓଡ଼ିଶାରେ ଭିଡିଓ ଅନୁଭୂତି, ଗେମ ଅନୁଭୂତି, ଭଏସ ଆପ୍ ଅନୁଭୂତି ଏବଂ ଡାଉନଲୋଡ଼ ସ୍ପିଡ ଅନୁଭୂତି ପାଇଁ ଓପନସିଗନାଲ ଦ୍ୱାରା ନେଟୱର୍କ ଉତ୍କର୍ଷତା ପାଇଁ ପୁନର୍ବାର ସ୍ୱୀକୃତି ହାସଲ କରିଛି । ଓଡ଼ିଶାରେ ସ୍ମାର୍ଟଫୋନ ବ୍ୟବହାରକାରୀମାନେ ଏୟାରଟେଲ ନେଟୱର୍କରେ ଭିଡିଓ ଷ୍ଟ୍ରିମିଙ୍ଗ, ମଲଟିପ୍ଲେୟର ମୋବାଇଲ ଗେମ ଖେଳିବା, କିମ୍ବା ଓଭର-ଦ-ଟପ(ଓଟିଟି) ଭଏସ ସର୍ଭିସଗୁଡ଼ିକର ବ୍ୟବହାର ଏବଂ ଡାଉନଲୋଡ଼ ସମୟରେ ସ୍ପିଡ କ୍ଷେତ୍ରରେ ସର୍ବୋତମ ଗୁଣବତାର ଅନୁଭୂତିର ଉପଭୋଗ କରିଛନ୍ତି । ଫଳାଫଳସ୍ୱରୂପ ଏୟାରଟେଲ ଓଡ଼ିଶାରେ ଓପନସିଗନାଲର ନେଟୱର୍କ ମାପ ପରୀକ୍ଷଣର ବିଜେତା ହୋଇଛି। ଏକ ସ୍ୱାଧିନ ଏବଂ ବିଶ୍ୱସ୍ତରରେ ପ୍ରସିଦ୍ଧ ମୋବାଇଲ ଆନାଲିଟିକ୍ସ ଏବଂ ଇନସାଇଟ କମ୍ପାନୀ, ଓପନସିଗନାଲ ଭିଡିଓ ଏବଂ ଗେମିଙ୍ଗ ଅନୁଭୂତି ଦୃଷ୍ଟିରୁ ଏୟାରଟେଲକୁ ଭାରତର ସର୍ବୋଚ୍ଚ ମୋବାଇଲ ନେଟୱର୍କର ମାନ୍ୟତା ଦେଇସାରିଛି। ଏହି ଅନୁସନ୍ଧାନଗୁଡ଼ିକ ସମଗ୍ର ଭାରତର ଲକ୍ଷ ଲକ୍ଷ ସ୍ମାର୍ଟଫୋନର ତଥ୍ୟର ବିଶ୍ଳେଷଣ ଉପରେ ଆଧାରିତ । ଏହା ସମ୍ପର୍କରେ ଶ୍ରୀ ସୌମେନ୍ଦ୍ର ସାହୁ, ସିଓଓ, ଓଡ଼ିଶା, ଭାରତୀ ଏୟାରଟେଲ କହିଛନ୍ତି ଯେ, ସ୍ମାର୍ଟଫୋନ ଆମ ଜୀବନର ଏକ ଅଂଶ ହୋଇଯାଇଛି ଏବଂ ଏକ ଉନ୍ନତମାନର ଡାଟା ଅନୁଭୂତି ଆମ ସମସ୍ତ ଗ୍ରାହକମାନଙ୍କର ଏକ ଚରମ ଇଚ୍ଛାରେ ପରିଣତ ହୋଇଛି । ଭାରତର ଅଗ୍ରଣୀ ସ୍ମାର୍ଟଫୋନ ନେଟୱର୍କ ଭାବେ, ଏୟାରଟେଲ ଓଡ଼ିଶା ଡିଜିଟାଲ ଭାରତ ପାଇଁ ନିର୍ମିତ ଏହାର ନେଟୱର୍କ ଗୁଣବତା ପାଇଁ ଆଉ ଏକ ଅନୁମୋଦନ ଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ ।

## ଆଗାମୀ ୫ବର୍ଷ ମଧ୍ୟରେ ଭାରତୀୟ ସଡ଼କରେ ପେଟ୍ରୋଲ୍ କାର୍ ଉଭାନ୍ ହୋଇଯିବ: ଗଡ଼କରୀ



ନୂଆଦିଲ୍ଲୀ: କେନ୍ଦ୍ରୀୟ ସଡ଼କ ପରିବହନ ଏବଂ ରାଷ୍ଟ୍ରୀୟ ରାଜମାର୍ଗ ମନ୍ତ୍ରୀ ନୀତିନ୍ ଗଡକରୀ ବିକଶିତ ଚିନ୍ତାଧାରା ପାଇଁ ବେଶ୍ ଖ୍ୟାତିଲାଭ କରିଛନ୍ତି। ସଡ଼କରେ ଗାଡ଼ି ଚଳାଇବାର ସତର୍କତା ସହ ଗ୍ରୀନ୍ ଏନର୍ଜି ଉପରେ ଗଡ଼କରୀ ସର୍ବଦା ଜୋର୍ ଦେଇ ଆସୁଛନ୍ତି। ନିକଟରେ ହାଇଡ୍ରୋଜେନ୍‌ରେ ଚାଲୁଥିବା କାର୍‌ରେ ଯାତ୍ରା କରି ସବୁଠି ଚର୍ଚ୍ଚାରେ ରହିଥିଲେ। ଏବେ ତାଙ୍କର ଏକ ମନ୍ତବ୍ୟ ଦେଶବାସୀଙ୍କ ମଧ୍ୟରେ ଉନ୍ମାଦନା ଖେଳାଇଛି। ସେ ଦୃଢ଼ତାର ସହ କହିଛନ୍ତି କି ଆଗାମୀ ୫ବର୍ଷ ମଧ୍ୟରେ ଭାରତୀୟ ସଡ଼କରେ ପେଟ୍ରୋଲ୍ କାର୍ ଉଭାନ୍ ହୋଇଯିବ। ଗ୍ରୀନ୍ ଇନ୍ଧନ ଆଗାମୀ ଦିନରେ ପେଟ୍ରୋଲ ଆବଶ୍ୟକତାକୁ ଏକପ୍ରକାର ଶେଷ କରିଦେବ। କେବଳ କାର୍ ନୁହେଁ ସ୍କୁଟର ବି ଗ୍ରୀନ୍ ହାଇଡ୍ରୋଜେନ୍, ଇଥେନାଲ ଫ୍ଲେକ୍ସ, ସିଏନ୍‌ଜି ଅଥବା ଏଲ୍‌ଏନ୍‌ଜିରେ ଚାଲିବା ଆରମ୍ଭ କରିଦେଇଥିବ। ମହାରାଷ୍ଟ୍ରର ଓକ୍‌ଲାଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଡ଼କରୀ ଏଭଳି ବୟାନ ଦେଇଛନ୍ତି।

# ଖେଳ ଖବର



ଦୁବାଇ: ଇଂଲଣ୍ଡର ଜନ୍ନି ବେୟାଷ୍ଟୋ ଓ ଦକ୍ଷିଣ ଆଫ୍ରିକାର ମହିଳା କ୍ରିକେଟର ମେରିଜାନେ କାପ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ ପକ୍ଷରୁ ଜୁନ ମାସର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଗତ ମାସରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଦୁଇ ଶତକ ଓ ୧ ଅର୍ଦ୍ଧଶତକ ଅର୍ଜନ କରି ଇଂଲଣ୍ଡକୁ ୨-୦ରେ ସିରିଜ ବିଜୟୀ କରାଇବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ଟେଷ୍ଟର ଶତକ ପରେ ଦ୍ୱିତୀୟ ଟେଷ୍ଟରେ ୧୬୨ ଓ ଅପରାଜିତ ୭୧ ରନ କରିଥିଲେ। ତେଣୁ ଆଇସିସି ବ୍ୟାଟିଂ ମାନ୍ୟତାରେ ଯଥେଷ୍ଟ ଉନ୍ନତି ଆଣିବା ସହିତ ଜୁନ ମାସ ପାଇଁ ଆଇସିସି ପ୍ଲେୟାର ଅଫ ଦି ମନ୍ଥ ପୁରସ୍କାର କାଇଁ ହକଦାର ହୋଇ ପାରିଥିଲେ। ଚଳିତ ଜୁଲାଇ ମାସରେ ମଧ୍ୟ ନିଜର ବ୍ୟାଟିଂ ସଫଳତା ଜାରି ରଖି ଭାରତ ବିପକ୍ଷ ପଞ୍ଚମ ଟେଷ୍ଟରେ ଶତକ ଅର୍ଜନ ସହିତ ଇଂଲଣ୍ଡକୁ ଏକ ଦମଦାର ବିଜୟ ଉପହାର ଦେଇଛନ୍ତି। ଏହା ଫଳରେ ସେ ଜୁଲାଇ ମାସର ଆଇସିସି ପ୍ଲୋୟାର ଅଫ ଦି ମନ୍ଥ ପୁରସ୍କାର ପାଇଁ ମଧ୍ୟ ଦାବିଦାର ହୋଇ ପାରିବେ। ସେହିପରି ଦକ୍ଷିଣ ଆଫ୍ରିକାର ମହିଳା କ୍ରିକେଟର ମେରିଗାନେ କାପ୍ ଗତ ମାସରେ ଇଂଲଣ୍ଡ ବିପକ୍ଷ ମହିଳା ଟେଷ୍ଟ ସିରିଜରେ ଭଲ ପ୍ରଦର୍ଶନ କରି ମହିଳାଳ ବର୍ଗରେ ଏହି ପୁରସ୍କାର ପାଇଛନ୍ତି।



## ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ରୋହିତଙ୍କ ପାଇଁ ଚାଲେଞ୍ଜ

# ଟି-୨୦ ସିରିଜ୍ ପରାଜୟ ପ୍ରତିଶୋଧ ଲକ୍ଷ୍ୟରେ ଇଂଲଣ୍ଡ

ଲଣ୍ଡନ: ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚରେ ଭାରତ ପରାଜୟ ସ୍ୱିକାର କରିବା ସହିତ ୨-୨ରେ ସିରିଜ ଡ୍ର କରିବା ପରେ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ଇଂଲଣ୍ଡକୁ ୨-୧ରେ ପରାସ୍ତ କରିଛି। ତେବେ ମଙ୍ଗଳବାର ଠାରୁ ଅନୁଷ୍ଠିତ ହେବାକୁ ଯାଉଥିବା ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ବଡ ଚାଲେଞ୍ଜ ସୃଷ୍ଟି କରିବ। କାରଣ ଟି-୨୦ ସିରିଜ ଖେଳି ନ ଥିବା ଟେଷ୍ଟ ଦଳ ଅଧିନାୟକ ବେନ ଷ୍ଟୋକ୍ସ ,ଜୋ ରୁଟ ଓ ଭାରତ ବିପକ୍ଷ ପଞ୍ଚମ ଟେଷ୍ଟର ହିରୋ ଜନ୍ନି ବେୟରଷ୍ଟୋ ପ୍ରମୁଖ ଇଂଲଣ୍ଡ ଦଳରେ ସାମିଲ ହୋଇଛନ୍ତି। ତେଣୁ ଭାରତୀୟ ବୋଲରଙ୍କୁ ଏହି ତିନି ଜଣ ବ୍ୟାଟର ଜୋରଦାର ଚାଲେଞ୍ଜ କରିବା ନିଶ୍ଚିତ। କାରଣ ଟି-୨୦ ସିରିଜ ପରାଜୟର ଚରମ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି ଇଂଲଣ୍ଡ। ମୁଖ୍ୟତଃ ଇଂଲଣ୍ଡ



ସୀମିତ ଓଭର ଫର୍ମାଟର ନୂଆ ଅଧିନାୟକ ଦିନିକିଆ ସିରିଜରେ ଭାରତକୁ ପରାସ୍ତ କରିବା ପାଇଁ ଦୃଢ଼ ପ୍ରତିଜ୍ଞା ହୋଇ ରହିଛନ୍ତି। କାରଣ ଟି-୨୦ ସିରିଜର ତିନି ମ୍ୟାଚରେ ସେ ସମ୍ପୂର୍ଣ୍ଣ ବିଫଳ ହୋଇ ଥିବା ବେଳେ ଇଂଲଣ୍ଡ ମଧ୍ୟ ୧-୨ରେ ସିରିଜ ହାରିଗଲା। ତେଣୁ ଦିନିକିଆ ସିରିଜରେ ସଫଳ ହୋଇ ପାରିଲେ ସେ ଆତ୍ମ ସନ୍ତୋଷ ଲାଭ କରି ପାରିବେ। ଅନ୍ୟ ପକ୍ଷରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ଦଳ ମଧ୍ୟ ଟି-୨୦ ସଫଳତର ଦିନିକିଆ ସିରିଜରେ ଦୋହରାଇବା ପାଇଁ ବରାବର ଚେଷ୍ଟା କରିବେ। ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବଡଶ୍ୱକପ ପୂର୍ବରୁ ଭାରତ ପାଇଁ ଏହା ହେଉଛି ଶେଷ ଦିନିକିଆ ସିରିଜ। ଆଗାମୀ ବିଶ୍ୱକପକୁ ଦୃଷ୍ଟିରେ ରଖି ବିସିସିଆଇ ବର୍ତ୍ତମାନ ଟି-୨୦ ସିରିଜ ଉପରେ ଅଧିକ ଗୁରୁତ୍ୱ ଦେଉ ଥିଲେ ହେଁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଜିତିବା ବିଶେଷ ଆବଶ୍ୟକତା ରହିଛି। ଇଂଲଣ୍ଡ ଦଳ- ଜୋସ ବଟଲର (ଅଧିନାୟକ) ମୋଇନ ଅଲି, ଜନ୍ନି ବେୟାରଷ୍ଟୋ, ହ୍ୟାରି ବ୍ରୁକ, ବ୍ରାଇଡେନ କାର୍ସେ, ସାମ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ ଓଭରଟନ, ମାଥ୍ୟୁ ପାରକିନସନ,ଜୋ ରୁଟ୍, ଜାସୋନ ରୟ, ଫିଲ ସଲ୍ଟ, ବେନ ଷ୍ଟୋକ୍ସ, ରିସି ଟପଲେ, ଡେଭିଡ ୱିଲେ।

ଭାରତୀୟ ଦଳ- ରୋହିତ ଶର୍ମା(ଅଧିନାୟକ), ଶିଖର ଧାୱନ, ଇଶାନ କିଶାନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର ;ରିଷଭ ପନ୍ତ, ରବିନ୍ଦ୍ର ଜାଡେଜା, ଶାର୍ଦ୍ଦୁଲ ଠାକୁର, ଯୁଜବେନ୍ଦ୍ର ଚହଲ,ଅକ୍ଷର ପଟେଲ, ଯଶପ୍ରୀତ ବୁମରା, ପ୍ରସିଦ୍ଧ କିର୍ଷ୍ଣା, ମହମ୍ମଦ ସାମି, ମହମ୍ମଦ ସିରାଜ, ଆର୍ଶଦୀପ ସିଂ,।

## ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନଶିପ୍

# ୯୪ ବର୍ଷୀୟା ବୃଦ୍ଧା ଜିତିଲେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ

ଟାମ୍ପେରେ(ଫିନଲାଣ୍ଡ): ଭାରତର ୯୪ ବର୍ଷୀୟା ବୃଦ୍ଧା ଆଥଲେଟ ଭଗୱାନୀ ଦେବୀ ଏଠାରେ ଅନୁଷ୍ଠିତ ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ ଚାମ୍ପିଅନଶିପର ୧୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଜିତି ଏକ ନିଆରା ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ଦୂରତ୍ୱକୁ ସେ ୨୪.୭୪ ସେକେଣ୍ଡରେ ଅତିକ୍ରମ କରି ଥିଲେ। ସେହିପରି ଶଟପୁଟ୍ ଇଭେଣ୍ଟରେ ମଧ୍ୟ ଜିତିଛନ୍ତି ବ୍ରୋଞ୍ଜ ପଦକ। ଗତ ଜୁନ ମାସ ୨୯ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଏଠାରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ପାଇଁ ବିଶ୍ୱ ଆଥଲେଟିକ ଚାମ୍ପିଅନଶିପ କାଲିବର ଇଭେଣ୍ଟ (ଟ୍ରାକ ଓ ଫିଲ୍ଡ) ପ୍ରତିଯୋଜିତା ଅନୁଷ୍ଠିତ ହୋଇଥିଲା।



# ଓଡିଶା ଏଫ୍‌ସି ସହିତ ଲାଲଥୁଆମାୱିଆ ଅନୁବନ୍ଧିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମିଜୋରାମ ଫୁଟବଲ ତାରକା ତଥା ଗୋଲ କିପର ଲାଲଥୁଆମାୱିଆ ରାଲଟେ ଆଗାମୀ ଦୁଇ ବର୍ଷ ପାଇଁ ଓଡିଶା ଏଫସି ସହିତ ଚୁକ୍ତିବଦ୍ଧ ହୋଇଛନ୍ତି। ପୂର୍ବରୁ ଏସ ଶିଲଂ ଲାଜୋଙ୍ଗ ଏଫସି ପକ୍ଷରୁ ଖେଳିଥିବା ବେଳେ ପରେ ଚର୍ଚ୍ଚିଲ ବ୍ରଦର୍ସ କ୍ଲବ ସହିତ ମଧ୍ୟ ଅନୁବନ୍ଧିତ ହୋଇ ଇଣ୍ଡିଆନ ଫେଡେରେସନ କପ ଖେଳି ଥିଲେ। ମେଘାଳୟର ଶିଲଂ ଏଫସି ପାଇଁ ସେ ୪୦ ମ୍ୟାଚ ଖେଳିଛନ୍ତି। ଏହା ବ୍ୟତିତ ସେ ବେଙ୍ଗାଲୁର ଏଫସି ପାଇଁ ୨୦୧୪ରେ ଇଣ୍ଡିଆନ ଲିଗ୍ ଫୁଟବଲ ଖେଳିବା ସହିତ ଦଳର ଟାଇଟଲ ହାସଲ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ଏଫସି ଗୋଆ ,କେରଳ ବ୍ଲାଷ୍ଟର୍ସ , ପଞ୍ଜାବ ଏଫସି ଓ କୋଲକାତାର ଇଷ୍ଟ ବେଙ୍ଗଲ ପକ୍ଷରୁ ସଂଖ୍ୟାଧିକ ମ୍ୟାଚ ଖେଳିଛନ୍ତି। ତେଣୁ ସେ ଭାରତୀୟ ଫୁଟବଲର ଜଣେ ଅଭିଜ୍ଞ ଖେଳାଳି। ଏହା ବ୍ୟତିତ ଘରୋଇ ଲିଗ୍, ଘରୋଇ କପ, ଏଏଫସି ଟୁର୍ଣ୍ଣାମେଣ୍ଟ ଖେଳି ବିପୁଳ ଅନୁଭୂତି ହାସଲ କରି ଥିବାରୁ ଓଡିଶା ଏଫସି ତାଙ୍କୁ ଆଇଏସଏଲ ପାଇଁ ଅନୁବନ୍ଧିତ କରିଛି।

## ପ୍ରଥମ ଭାରତୀୟ ବ୍ୟାଟର ଭାବେ ୩୦୦ ଚୌକା ମାରିଲେ ରୋହିତ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳ ଅଧିନାୟକ ରୋହିତ ଶର୍ମା ପ୍ରଥମ ଭାରତୀୟ ବ୍ୟାଟର ଭାବେ ଟି-୨୦ ଫର୍ମାଟରେ ୩୦୦ ଚୌକା ମାରି ଏକ ନିଆରା ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଶନିବାର ଇଂଲଣ୍ଡର ବର୍ମିଂହାମ ସ୍ଥିତ୍ ଏଜବାଷ୍ଟନରେ ଅନୁଷ୍ଠିତ ଚଳିତ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ ଅବସରରେ ରୋହିତ ଏହି ମାଇଲ ଖୁଣ୍ଟ ଅତିକ୍ରମ କରିଛନ୍ତି। ରୋହିତ ଏହି ମ୍ୟାଚରେ ୩ ଚୌକା ଓ ୨ ଛକା ସହାୟତାରେ ୨୦ ବଲରୁ ୩୧ ରନ କରିଥିଲେ। ବର୍ତ୍ତମାନ ତାଙ୍କର ଚୌକା ସଂଖ୍ୟା ୩୦୧ରେ ପହଞ୍ଚିଛି। ତେବେ ଓଭର ଅଲ ଲିଷ୍ଟରେ ରୋହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। କାରଣ ଆୟର୍ଲାଣ୍ଡର ପଲ ଷ୍ଟାୟାରଲିଙ୍ଗ ଟି-୨୦ ଫର୍ମାଟରେ ସର୍ବାଧିକ ୩୨୫ ଚୌକା ମାରି ପ୍ରଥମ ସ୍ଥାନରେ ଅଛନ୍ତି। ତେବେ ଦ୍ୱିତୀୟ ଭାରତୀୟ ଭାବେ ପୂର୍ବତନ ଅଧିନାୟକ ବିରାଟ କୋହଲି ଏହି ଫର୍ମାଟରେ ମାରିଛନ୍ତି ୨୯୮ ଚୌକା।

### ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ସ୍ପେନ ଠାରୁ ହାରି ଭାରତ ବିଦା

ଆମଷ୍ଟଲଭିନ(ନେଦରଲାଣ୍ଡ): ସ୍ପେନ ବିପକ୍ଷ କ୍ରସଓଭର ମ୍ୟାଚରେ ଦୁଃଖଦ ପରାଜୟ ସହିତ ଚଳିତ ଏଫଆଇଏଚ ମହିଳା ହକି ବିଶ୍ୱକପରୁ ବିଦାୟ ନେଲା ଭାରତୀୟ ମହିଳା ହକି ଦଳ। ସୋମବାର ଅନୁଷ୍ଠିତ ଏହି ମ୍ୟାଚ ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଜୟୀ ହୋଇ ଥିଲେ ଭାରତ କ୍ୱାର୍ଟରଫାଇନାଲ ଖେଳିବା ସୁଯୋଗ ପାଇଥାନ୍ତା। ଭାରତ ପାଇଁ ଏହା ଥିଲା ଶେଷ ସୁଯୋଗ। ମାତ୍ର ଏଥିରେ ବିଫଳ ହେଲା। ବିଶ୍ୱକପର ଅନ୍ୟତମ ଆୟୋଜକ ସ୍ପେନ ୧-୦ ଗୋଲରେ ଭାରତକୁ ପରାସ୍ତ କରି କ୍ୱାର୍ଟରଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ଭାରତ ଏହି ମ୍ୟାଚରେ ୪ ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇ ଥିଲେ ହେଁ ଏହାର ସଦୁପୋଯୋଗ କରି ପାରି ନ ଥିଲା।



ମାତ୍ର ସ୍ପେନ ଶେଷ ମୁହୂର୍ତ୍ତରେ ସୁଯୋଗ ସୃଷ୍ଟି କରି ଜିତାପଟ ମାରି ନେଇଥିଲା। ସୂଚନା ଯୋଗ୍ୟ ଯେ ଇଂଲଣ୍ଡ ଓ ଚୀନ ବିପକ୍ଷ ବିଶ୍ୱକପର ପ୍ରଥମ ଓ ଦ୍ୱିତୀୟ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଭାରତୀୟ ଦଳ ପେନାଲ୍ଟି କର୍ଣ୍ଣରକୁ କାର୍ଯ୍ୟକାରୀ କରିବା ଦିଗରେ ବିଫଳ ହେବାରୁ ଫଳାଫଳ ଡ୍ର ରଖିଥିଲା। ସେହିପରି ତୃତୀୟ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ନ୍ୟୁଜିଲାଣ୍ଡ ଠାରୁ ୩-୪ ଗୋଲରେ ହାରି ଯାଇଥିଲା। ତେବେ କ୍ୱାର୍ଟର ଫାଇନାଲ ଖେଳିବା ପାଇଁ କ୍ରସଓଭର ମ୍ୟାଚ ଶେଷ ସୁଯୋଗ ଥିବା ବେଳେ ଏଥିରେ ମଧ୍ୟ ଫେଲ ମାରି ବିଶ୍ୱକପରୁ ବିଦାୟ ନେଇଛି।

## ଭାରତୀୟ ଟି-୨୦ ଦଳକୁ ଗାଇଲ୍ସଙ୍କ ପ୍ରଶଂସା

ଏଜବାଷ୍ଟନ: ଗତକାଲି ଏଠାରେ ଅନୁଷ୍ଠିତ ଚଳିତ ଟି-୨୦ କ୍ରିକେଟ ସିରିଜର ଦ୍ୱିତୀୟ ମ୍ୟାଚରେ ଇଂଲଣ୍ଡକୁ ୪୯ ରନରେ ପରାସ୍ତ କରି ଭାରତ ୨-୦ ଆଗୁଆ ସହିତ ସିରିଜ କବଜା କରି ନେଇଛି। ଏହି ମ୍ୟାଚ ପରେ ପୂର୍ବତନ ଇଂଲଣ୍ଡ ସ୍ପିନର ଆଶଲେ ଗାଇଲ୍ସ କହିଛନ୍ତି ଯେ ବର୍ତ୍ତମାନର ଭାରତୀୟ ଟି-୨୦ ଟିମ ଅତ୍ୟନ୍ତ ଶକ୍ତିଶାଳୀ। କାରଣ ଇଂଲଣ୍ଡକୁ ଲଗାତର ଦୁଇ ମ୍ୟାଚରେ ପରାସ୍ତ କରି ସେମାନଙ୍କ ଦକ୍ଷତା ପ୍ରମାଣିତ କରି ପାରିଛନ୍ତି। ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଭାରତୀୟ ଦଳର ସବୁ ଖେଳାଳି ମ୍ୟାଚ ଜିତିବା ପାଇଁ ସମର୍ଥ। ବାସ୍ତବିକ ଭାରତ ହେଉଛି ଏକ ପାୱାରହାଉସ ଟି-୨୦ ଟିମ୍। କାରଣ ରିଷଭ ପନ୍ତ, ବିରାଟ କୋହଲି ଓ ଯଶପ୍ରୀତ ବୁମରାଙ୍କ ଅନୁପସ୍ଥିତିରେ ଭାରତ ଏହି ସିରିଜର ପ୍ରଥମ ମ୍ୟାଚରେ ଇଂଲଣ୍ଡକୁ ୫୦ ରନରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ମଧ୍ୟ ୪୯ ରନରେ ବିଜୟୀ ହୋଇ ପାରିଲା। ଦ୍ୱିତୀୟ ମ୍ୟାଚରେ ବୁମରା,ଚହଲ ଓ ଭୁବନେଶ୍ୱର କୁମାର ଅତି ଚମତ୍କାର ବୋଲିଂ କରି ଇଂଲଣ୍ଡକୁ ନିୟନ୍ତ୍ରଣ ମଧ୍ୟରେ ବାନ୍ଧି ରଖି ପାରିଥିଲେ। ତେଣୁ ଭାରତୀୟ ଦଳ ସଂପ୍ରତି ଏହି ଫର୍ମାଟରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇ ପାରିଛି। ଆଗାମୀ ବିଶ୍ୱକପରେ ଭଟେ ଅନ୍ୟ ଦଳ ପାଇଁ ନିଶ୍ଚିତ ବଡ ଚାଲେଞ୍ଜ ସୃଷ୍ଟି କରିବେ।

## କପିଳଙ୍କ ମତକୁ ସମର୍ଥନ କରେ ନାହିଁ: ରାଜକୁମାର

ନୂଆଦିଲ୍ଲୀ: ବିଫଳ ଜୀବନକୁ ସାଥି କରି ଚାଲିଥିବା ବିରାଟ କୋହଲିଙ୍କ ପିଲା ଦିନର କୋଚ ରାଜକୁମାର ଶର୍ମା କହିଛନ୍ତି ଯେ ପୂର୍ବତନ ଅଧିନାୟକ କପିଳ ଦେବ ଭାରତୀୟ ଦଳର ଅଫ୍ ସ୍ପିନର ଅଶ୍ୱିନଙ୍କ ଉଦାହରଣ ଦେଇ ଦେଇଥିବା ମତ ଉପରେ ମୋର ଆଦୌ ସମର୍ଥନ ନାହିଁ। କାରଣ କୋହଲି ଜଣେ ଅଭିଜ୍ଞ ତଥା ସଫଳ ଖେଳାଳି। ସେ ଟେଷ୍ଟ ଓ ଦିନିକିଆରେ ୭୦ ଶତକ ଅର୍ଜନ କରିଛନ୍ତି। ବର୍ତ୍ତମାନ ସେ ଖରାପ ସମୟ ଦେଇ ଗତି କରୁ ଥିବାରୁ ଭଲ ରନ କରି ପାରୁ ନାହାନ୍ତି। ମାତ୍ର ସେ ଜଣେ ଭରସା ଯୋଗ୍ୟ ଖେଳାଳି ହୋଇ ଥିବାରୁ ଆଗାମୀ ସମୟରେ ବରାବର ଫର୍ମକୁ ଫେରିବେ। ତେଣୁ ବର୍ତ୍ତମାନର ଫର୍ମକୁ ନେଇ କୋହଲିଙ୍କୁ ଟି-୨୦ ଦଳରୁ ବାଦ କରିବା ଅନୁଚ୍ଛଚିତ।

## ସୁଟିଂ ବିଶ୍ୱକପ୍ ବାବୁତାଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ: ଭାରତର ଅର୍ଜୁନ ବାବୁତା ଏଠାରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ସ୍ପୋର୍ଟ ଫେଡେରେସନ (ଆଇଏସଏସଏଫ) ବିଶ୍ୱ ସୁଟିଂ କପର ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ହାସଲ କରିଛନ୍ତି ସ୍ୱର୍ଣ୍ଣ ପଦକ। ଫାଇନାଲରେ ଅର୍ଜୁନ ଟୋକିଓ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଲୁକାସ କୋଜେନିସ୍କିଙ୍କୁ ୧୭-୯ ପଏଣ୍ଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅର୍ଜୁନ ଫାଇନାଲ ରାଉଣ୍ଡରେ ୨୬୧.୧ ଓ ଉପ ବିଜେତା କୋଜେନିସ୍କି ୨୬୦. ପଏଣ୍ଟ ସ୍କୋର କରିଥିଲେ। ସେହିପରି ଇସ୍ରାଏଲର ସର୍ଗେ ରିଚର ୨୫୯.୯ ପଏଣ୍ଟ ସ୍କୋର କରି ବ୍ରୋଞ୍ଜ ପଦକ ପାଇଥିବା ବେଳେ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟତମ ଭାରତୀୟ ସୁଟର ପାର୍ଥ ୨୫୮.୧ ପଏଣ୍ଟ ସ୍କୋର ସହିତ ଚତୁର୍ଥ ସ୍ଥାନ ପାଇଛନ୍ତି। ସୂଚନା ଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ୪୪ ଦେଶର ୪୩୦ ସୁଟର ଅଂଶ ଗ୍ରହଣ କରୁଥିବା ବେଳେ ଭାରତର ଏକ ୩୨ ଜଣିଆ ଦଳ ପ୍ରତିନିଧିତ୍ୱ କରୁଛନ୍ତି।

### ଭାରତ ବିପକ୍ଷ ଟେଷ୍ଟ କ୍ରିକେଟ ସିରିଜ

## ଅଷ୍ଟ୍ରେଲିଆ ଦଳକୁ ପ୍ୟାଟ୍ କ୍ୟୁମିନ୍ସଙ୍କ ସତର୍କବାଣୀ

ଗାଲେ: ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚରେ ହାରି ଯିବା ପରେ ଅଷ୍ଟ୍ରେଲିଆ ଦଳ ଅଧିନାୟକ ପ୍ୟାଟ କ୍ୟୁମିନ୍ସ ସାଥୀ ଖେଳାଳିଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ଆଗାମୀ ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ଏହି ଫଳାଫଳରୁ ଆମକୁ ଉଚିତ ଶିକ୍ଷା ମିଳିଛି। ତେଣୁ ଭାରତର ବିଭିନ୍ନ ଗ୍ରାଉଣ୍ଡରେ କିପରି ମୁକାବିଲା କରିବାକୁ ହେବ ,ସେଥିପାଇଁ ଆଜି ଠାରୁ ସତର୍କ ହୋଇ ପ୍ରସ୍ତୁତ ହେବା ଏକାନ୍ତ ଜରୁରି। କାରଣ ଏହି ଗ୍ରାଉଣ୍ଡରେ ୧୦ ଦିନ ତଳେ ଆମେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲୁ। ମାତ୍ର ପରବର୍ତ୍ତୀ ସମୟରେ ଆମେ ବିଫଳ ହୋଇ ଶ୍ରୀଲଙ୍କା ଠାରୁ ଇନିଂସ ପରାଜୟ ଭୋଗିବାକୁ ପଡିଲା। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ପ୍ରଥମ ଟେଷ୍ଟ ତିନି ମଧ୍ୟରେ ଶେଷ ହୋଇ ଥିବା ବେଳେ ଦ୍ୱିତୀୟ ଟେଷ୍ଟ ଚାରି ଦିନ ମଧ୍ୟରେ ସରିଗଲା। ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ବୋଲର ମାନେ ଆମକୁ ୧୫୧ ରନରେ ଅଲଆଉଟ କରିବା ମଧ୍ୟ ଅନ୍ୟତମ ସତର୍କ ଘଣ୍ଟି। କାରଣ ଆମ ଦଳର ଅଧେ ବ୍ୟାଟର ଓ ବୋଲର ଏହି ମ୍ୟାଚରେ ନିଜର ଦକ୍ଷତା ପ୍ରତିପାଦନ କରିବାରେ ବିଫଳ ହେଲେ। ତେଣୁ ଏହି ଉପଲବ୍ଧିକୁ ବିଚାର କରି ଭାରତ ବିପକ୍ଷ ସିରିଜ ପାଇଁ ମାନସିକ ପ୍ରସ୍ତୁତି କରିବା ଦରକାର। ଗତ ମାର୍ଚ୍ଚ ମାସରେ ଆମେ ପାକିସ୍ତାନକୁ ସେମାନଙ୍କ ମାଟିରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟରେ ପରାସ୍ତ କରିବା ବଡ ସଫଳତା ଥିଲା। ମାତ୍ର ଏସିଆ ଉପ ମହାଦେଶର ବିଭିନ୍ନ ପିଚରେ ଖେଳିବା ନିଶ୍ଚିତ ଚାଲେଞ୍ଜ ସୃଷ୍ଟି କରିବ। କାରଣ ଏଠାରେ ସ୍ପିନରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କାର ନବାଗତ ସ୍ପିନର ପ୍ରଭାତ ଜୟସୂରିୟା ଉଭୟ ଇନିଂସରେ ୬ ଲେଖାଏଁ ୱିକେଟ ଅକ୍ତିଆର କରି ଆମ ହାତରୁ ସୁଯୋଗ ଛଡାଇ ନେଲେ। ସେହିପରି ଆମ ଦଳର ଭେଟେରାନ ସ୍ପିନର ନାଥନ ଲିୟୋନ ପ୍ରଥମ ଟେଷ୍ଟରେ ୯ ୱିକେଟ ଅକ୍ତିଆର କରିବା ଫଳରେ ଶ୍ରୀଲଙ୍କା ପରାଜିତ ହୋଇ ଥିଲା। ଅଷ୍ଟ୍ରେଲିଆ ପିଚରେ ଆମେ ଜଣେ ସ୍ପିନରଙ୍କୁ ନେଇ ଖେଳୁଥିବା ବେଳେ ଭାରତ,ପାକିସ୍ତାନ ଓ ଶ୍ରୀଲଙ୍କାରେ ଏକାଧିକ ସ୍ପିନରଙ୍କୁ ନେଇ ଲଢ଼େଇ କରିବାକୁ ପଡିବ। ତେଣୁ ଆସନ୍ତା ବର୍ଷ ପ୍ରଥମ ଭାଗରେ ଅନୁଷ୍ଠିତ ହେବା ପାଇଁ ଥିବା ଚାରି ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ କିପରି ପ୍ରସ୍ତୁତି ଆବଶ୍ୟକ ସେ ନେଇ ବିଚାର ବିମର୍ଷ କରିବା ଆବଶ୍ୟକ ରହିଛି ବୋଲି ଅଧିନାୟକ ପ୍ୟାଟ କ୍ୟୁମିନ୍ସ ଦଳର ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି।

## ମିଡିଲସେକ୍ସ ପାଇଁ ଖେଳିବେ ଉମେଶ ଯାଦବ

ଲଣ୍ଡନ: ଭାରତୀୟ କ୍ରିକେଟ ଦଳର ଅନ୍ୟତମ ଭେଟେରାନ ପେସ୍ ବୋଲର ଉମେଶ ଯାଦବ ଇଂଲଣ୍ଡ କାଉଣ୍ଟି କ୍ଲବ ମିଡିଲସେକ୍ସ ପାଇଁ ଚଳିତ ସିଜିନର ଅବଶିଷ୍ଟ ମ୍ୟାଚ ଖେଳିବା ପାଇଁ ସୋମବାର ଦିନ ଅନୁବନ୍ଧିତ ହୋଇଛନ୍ତି। ପାକିସ୍ତାନର ପେସ୍ ବୋଲର ଶାହିନ ଶାହ ଆଫ୍ରିଦି ଏହି କ୍ଲବ ପାଇଁ ଖେଳୁଥିଲେ। ମାତ୍ର ପାକିସ୍ତାନ ଆଉ ଅଳ୍ପ ଦିନ ପରେ ଶ୍ରୀଲଙ୍କା ବିପକ୍ଷ କ୍ରିକେଟ ସିରିଜ ଖେଳିବା ପାଇଁ ଯିବ। ତେଣୁ ସେ ଖୁବ ଶୀଘ୍ର ଜାତୀୟ ଦଳ ସହିତ ସାମିଲ ହେବା ପାଇଁ ଥିବାରୁ ତାଙ୍କ ସ୍ଥାନରେ ଉମେଶ ଯାଦବଙ୍କୁ ଅନୁବନ୍ଧିତ କରିଛି। ଏହି କ୍ଲବର ପୁରୁଷ ପରଫରମାନ୍ସ କ୍ରିକେଟ ମୁଖ୍ୟ ଆଲେକ୍ସ କୋଲମ୍ୟାନ କହିଛନ୍ତି ଯେ ଉମେଶ ଯାଦବଙ୍କ ସହିତ ଚୁକ୍ତିବଦ୍ଧ ହୋଇ ଆମେ ଅତି ଖୁସି ଅନୁଭବ କରୁଛୁ। କାରଣ ସେ ଜଣେ ଅଭିଜ୍ଞ ପେସ୍ ବୋଲର । ସେ ସବୁବେଳେ ଘଣ୍ଟା ପ୍ରତି ୧୪୦ କିମି ବେଗରେ ବୋଲିଂ କରି ପାରୁଛନ୍ତି। ତେଣୁ ଇଂଲିଶ କଣ୍ଡିସନରେ ଉମେଶ ନିଶ୍ଚିତ ସଫଳ ହେବେ ବୋଲି ଆମର ଦୃଢ଼ ବିଶ୍ୱାସ ରହିଛି। ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ଭେଟେରାନ ବ୍ୟାଟର ଚେତେଶ୍ୱର ପୂଜାରା, ଅଲରାଉଣ୍ଡର କୃନାଲ ପାଣ୍ଡ୍ୟା ଓ ୱାଶିଂଟନ ସୁନ୍ଦର ଇଂଲିଶ କାଉଣ୍ଟି କ୍ଲବ ସସେକ୍ସ , ୱାରୱିକଶାୟାର ଓ ଲାଙ୍କାଶାୟାର ପାଇଁ ଖେଳୁଛନ୍ତି।

# କୋହଲି ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ଖେଳିବେନି

ଲଣ୍ଡନ: ଆହତ ଜନିତ କାରଣ ନେଇ ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ ଖେଳିବେ ନାହିଁ ବୋଲି ବିସିସିଆଇ ପକ୍ଷରୁ ସୂଚନା ମିଳିଛି। ତାଙ୍କ ଉରୁମୂଳ(ତଳପେଟ ଓ ଜଂଘର ମଧ୍ୟ ସ୍ଥଳୀ)ରେ ଆଘାତ ଲାଗିଥିବା ଜଣା ପଡିଛି। ତେବେ ଇଂଲଣ୍ଡ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ବ୍ୟାଟିଂ କିମ୍ବା ଫିଲ୍ଡିଂ କଲଶ ବେଳେ ସେ ଏହି ଆଘାତ ପାଇଥିଲେ ବୋଲି ଅନୁମାନ କରା ଯାଉ ଥିଲେ ହେଁ ତାହା ସ୍ପଷ୍ଟ ହୋଇନି। ତେଣୁ ତାଙ୍କର ମେଡିକାଲ ଚେକ ଅପ୍ ପରେ ଏହା ଜଣା ପଡିବ। ଏହି କାରଣ ନେଇ ସେ ଗତକାଲି ନଟିଂହାମରୁ ଭାରତୀୟ ଦଳ ସହିତ ବସ୍ ଯୋଗେ ସେ ଲଣ୍ଡନ ଅଭିମୁଖେ ଯାଇ ନ ଥିଲେ। ସୋମବାର ଦିନ ଭାରତୀୟ ଦଳର ଅନ୍ୟ ଖେଳାଳି ମାନେ ଅଭ୍ୟାସ କରିଥିଲେ। ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ମଙ୍ଗଳବାର ପ୍ରଥମ ଦିନିକିଆ ଅନୁଷ୍ଠିତ ହେବା ପାଇଁ ଥିବା ବେଳେ ଆସନ୍ତା ୧୪ ଓ ୧୭ ତାରିଖ ଦିନ ଦ୍ୱିତୀୟ ଏବଂ ତୃତୀୟ ତଥା ଶେଷ ମ୍ୟାଚ ଅନୁଷ୍ଠିତ ହେବ। ଆଉଟ ଅଫ ଫର୍ମ କୋହଲି ଗତ ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟରେ କୋହଲି ୧୧ ଓ ୨୦ ରନ କରିଥିବା ବେଳେ ଟି-୨୦ ସିରିଜର ଦୁଇ ମ୍ୟାଚ ଖେଳି ୧ ଓ ୧୧ ରନ କରିଥିଲେ। କ୍ରମାଗତ ବିଫଳ ହୋଇ ଆସୁଥିବା କୋହଲିଙ୍କୁ ୱେଷ୍ଟଇଣ୍ଡିଜ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ମିଳିନାହିଁ।



## ଦ୍ୱିତୀୟ ଟେଷ୍ଟରେ ଦିନେଶଙ୍କ ଦ୍ୱିଶତକ, ପ୍ରଭାତଙ୍କୁ ୧୨ ୱିକେଟ

# ଅଷ୍ଟ୍ରେଲିଆ ବିରୋଧରେ ଶ୍ରୀଲଙ୍କାର ଇନିଂସ ବିଜୟ

ଗାଲେ(ଶ୍ରୀଲଙ୍କା): ଦିନେଶ ଚଣ୍ଡିମାଲଙ୍କ ଦମଦାର ଦ୍ୱିଶତକ ଓ ଜୀବନର ପ୍ରଥମ ଟେଷ୍ଟ ଖେଳିଥିବା ବାମହାତୀ ସ୍ପିନର ପ୍ରଭାତ ଜୟସୂରିଆଙ୍କ ମାରାତ୍ମକ ବୋଲିଂ ସହିତ ୧୨ ୱିକେଟ ଦଖଲ ବଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ଏକ ଇନିଂସ ଓ ୩୯ ରନରେ ପରାସ୍ତ କରିଛି। ଏହି ବିଜୟ ସହିତ ଶ୍ରୀଲଙ୍କା ସିରିଜ ବରାବର କରିବାରେ ସଫଳ ହୋଇଛି। ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ପୁଣି ବାଜି ମାରିବ ବୋଲି ଲକ୍ଷ୍ୟ ରଖିଥିଲେ ହେଁ ଶୋଚନୀୟ ପରାଜୟ ସ୍ୱିକାର କରିଛି। ସୂଚନା ଯୋଗ୍ୟ ଯେ ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ବ୍ୟାଟର ଷ୍ଟଭ ସ୍ମିଥ୍ ଅପରାଜିତ ୧୪୫ ରନ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୩୬୪ ରନ କରିଥିଲା। ଏହାର ଜବାବରେ ଶ୍ରୀଉଙ୍କା ଦିନେଶ ଚଣ୍ଡିମାଲଙ୍କ ୨୦୬



ଓ ଅନ୍ୟ ପାଞ୍ଚ ବ୍ୟାଟରଙ୍କ ଅର୍ଦ୍ଧଶତକ ବଳରେ ୫୫୪ ରନ କରି ଅଷ୍ଟ୍ରେଲିଆ ଠାରୁ ୧୯୦ ରନରେ ଅଗୁଆ ହୋଇ ଥିଲା। ତେବେ ଅଷ୍ଟ୍ରେଲିଆ ପୁଣି ଚତୁର୍ଥ ଦିନ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ବେଶୀ ସମୟ ତିଷ୍ଠି ପାରି ନ ଥିଲା। କାରଣ ଶ୍ରୀଲଙ୍କାର ସଫଳ ବୋଲର ଭାବେ ପ୍ରଥମ ଇନିଂସରେ ୬ ୱିକେଟ ଅକ୍ତିଆର କରିଥିବା ପ୍ରଭାତ ଜୟସୂରିୟା ଦ୍ୱିତୀୟ ଇନିଂସରେ ପୁଣି ୬ ୱିକେଟ ହାସଲ କରିବା ଫଳରେ ଅଷ୍ଟ୍ରେଲିଆ ୧୫୧ ରନରେ ଅଲଆଉଟ ହୋଇ ଯାଇଥିଲା। ସେହିପରି ଶ୍ରୀଲଙ୍କାର ଅନ୍ୟ ଦୁଇ ସଫଳ ସ୍ପିନର ରମେଶ ମେଣ୍ଡିସ ଓ ପ୍ରଥମ ଟେଷ୍ଟ ଖେଳୁଥିବା ମହେଶ ଥିକସାନା ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଦଖଲ କରି ଅଷ୍ଟ୍ରେଲିଆକୁ ବିପଦ ମୁଖି କରିଥିଲେ। ମ୍ୟାଚ ବିଜୟୀ ସ୍ପିନର ପ୍ରଭାତ ଜୟସୂରିଆ ଦେଶର ପ୍ରଥମ ବୋଲର ଭାବେ ପ୍ରଥମ ଟେଷ୍ଟ ପଦାର୍ପଣରେ ୧୨ ୱିକେଟ ଅକ୍ତିଆର କରି ଏକ ନିଆରା ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଶ୍ରୀଲଙ୍କାର ଅନ୍ୟତମ ବୋଲର ପ୍ରଭିନ ଜୟବିକ୍ରାନ୍ତ ଟେଷ୍ଟ ଜୀବନର ପ୍ରଥମ ମ୍ୟାଚ ଖେଳି ୧୧ ୱିକେଟ ଅକ୍ତିଆର କରିଥିବା ବେଳେ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପ୍ରଥମ ପଦାର୍ପଣ କରି ୧୨ ୱିକେଟ ହାସଲ କରିବାରେ ସଫଳ ହୋଇଛନ୍ତି।



କ୍ଷୀରକୁ ସମ୍ପୂର୍ଣ୍ଣ ଖାଦ୍ୟ ବୋଲି ବିବେଚନା କରାଯାଏ। କାରଣ ଏଥିରେ ପ୍ରାୟ ସମସ୍ତ ପ୍ରକାରର ପୁଷ୍ଟିକର ଉପାଦନ ମିଳିଥାଏ। ଏହି କାରଣରୁ ଅଧିକାଂଶ ସ୍ୱାସ୍ଥ୍ୟ ବିଶେଷଜ୍ଞ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହାକୁ ସେବନ କରିବାକୁ ପରାମର୍ଶ ଦେଇଥାନ୍ତି। କ୍ଷୀରର ବ୍ୟବହାର ଅନେକ ଉପାୟରେ କରାଯାଇଥାଏ। କିଛି ଲୋକ ଏହାକୁ ସିଧାସଳଖ ପିଇଥାନ୍ତି ଅଥବା ଦୁଗ୍ଧଜାତ ଦ୍ରବ୍ୟ ଖାଇ ମଧ ଏହାର ଲାଭ ଉଠାଇଥାନ୍ତି। ଯେତେବେଳେ କ୍ଷୀରକୁ ସିଧାସଳଖ ପିଇବା କଥା ଉଠେ ସେତେବେଳେ ଏହାକୁ କଞ୍ଚା ପିଇବା ଉଚିତ କି ନୁହେଁ ସେ ବିଷୟରେ ଆଲୋଚନା ହୁଏ। ତେବେ ଆସନ୍ତୁ ଜାଣିବା କ୍ଷୀରକୁ କଞ୍ଚା ପିଇବା ଦ୍ୱାରା ଲାଭ ହୋଇଥାଏ ନା କ୍ଷତି। ପ୍ରକୃତରେ କଞ୍ଚା କ୍ଷୀର ପିଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ। ଆମେରିକା ସ୍ୱାସ୍ଥ୍ୟ ସୁରକ୍ଷା ଏଜେନ୍ସୀ 'ଫୁଡ୍ ଆଣ୍ଡ୍ ଡ୍ରଗ୍ ଆଡମିନିଷ୍ଟ୍ରେସନ' ଅନୁସାରେ କଞ୍ଚା କ୍ଷୀରରେ ଅନେକ କ୍ଷତିକାରକ ବ୍ୟାକ୍ଟେରିଆ ଯେପରି ଏଶୋରିକିଆ ଏବଂ ଲିଷ୍ଟେରିଆ, ସଲମୋନେଲା ଇତ୍ୟାଦି ରହିପାରେ। କଞ୍ଚା କ୍ଷୀର ପିଇବା ଦ୍ୱାରା ଫୁଡ୍ ପଏଜନିଂ ସମସ୍ୟା ଦେଖାଦେଇପାରେ। କଞ୍ଚା କ୍ଷୀରରେ ଥିବା ବ୍ୟାକ୍ଟେରିଆ ଆମ ଶରୀରକୁ କ୍ଷତି ପହଞ୍ଚାଇପାରେ। ଯାହାଦ୍ୱାରା ଡାଇରିଆ, ଗଣ୍ଠିବାତ ଏବଂ ଡିହାଇଡ୍ରେସନ ଭଳି ସମସ୍ୟା ସୃଷ୍ଟି ହୁଏ। ଏହାକୁ ସେବନ କରିବା ଦ୍ୱାରା ଶରୀରରେ ଏସିଡ୍ ସ୍ତର ମଧ ବଢି ଯାଇଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ।

## ରହସ୍ୟମୟ ବିଶାଳ ଚୂନପଥର ସ୍ତୂପ

ରୁଷିଆର ଦକ୍ଷିଣପୂର୍ବ ସାଇବେରିଆ ଅନ୍ତର୍ଗତ ଇର୍କୁସ୍କ ଅଞ୍ଚଳରେ ଦେଖାଯାଇଥିବା ଏକ ବିଶାଳ ଚୂନପଥର ସ୍ତୂପ ପର୍ଯ୍ୟଟକ ତଥା ଗବେଷକମାନଙ୍କ ପାଇଁ ରହସ୍ୟମୟ ହୋଇ ରହିଛି। ଏହି ସ୍ତୂପର ଶୀର୍ଷଭାଗଟି ଏକ ଗର୍ତ୍ତ ସଦୃଶ ହୋଇଥିବା ବେଳେ ଏହାର କେନ୍ଦ୍ରରେ ଏକ କ୍ଷୁଦ୍ର ଗମ୍ବୁଜ ଆକାରର ବସ୍ତୁ ରହିଛି। ସମଗ୍ର ସ୍ତୂପଟିର ଭୂଭାଗ ୧୦୦ ମିଟର ବ୍ୟାସ ବିଶିଷ୍ଟ ହୋଇଥିବା ବେଳେ ତାହାର ଉଚ୍ଚତା ପ୍ରାୟ ୪୦ ମିଟର ରହିଛି। ସେହିପରି ଶୀର୍ଷରେ ରହିଥିବା କ୍ଷୁଦ୍ର ଗମ୍ବୁଜଟିର ଉଚ୍ଚତା ୧୨ ମିଟର ହେବ। ନିକଟରେ ପ୍ରବାହିତ ଏକ ନଦୀର ନାମ ଅନୁସାରେ ତାହାକୁ ପଟୋମ୍ସ୍କି ଗର୍ତ୍ତ ଭାବେ ନାମିତ କରାଯାଇଥିବା ବେଳେ ସ୍ଥାନୀୟ ଲୋକେ ତାହାକୁ 'ଉଗ୍ର ଛଞ୍ଚାଣର ବସା' ଭାବେ ସମ୍ବୋଧନ କରିଥା'ନ୍ତି। ୧୯୪୯ରେ ଭୂତତ୍ତ୍ୱବିତ୍ ବାଦିମ୍ କୋଲ୍ପାକୋଭ୍ଙ୍କ ଦ୍ୱାରା ଏହା ଆବିଷ୍କୃତ ହେଲା ପରଠାରୁ ଏହାର ସୃଷ୍ଟି ସମ୍ପର୍କରେ ନାନା ତତ୍ତ୍ୱ ଆସିବାରେ ଲାଗିଛି। ଭୂପୃଷ୍ଠରେ କୌଣସି ବିଶାଳ ଉଲ୍କାପିଣ୍ଡର ଧକ୍କା ଯୋଗୁଁ ଏପରି ଗର୍ତ୍ତ ହୋଇଥାଇପାରେ ବୋଲି ଦୀର୍ଘ ଦିନ ଧରି ଗ୍ରହଣ କରାଯାଇଥିଲା। ମାତ୍ର ଉଲ୍କାପିଣ୍ଡ ପଡ଼ିଥିବା ଅନ୍ୟ କୌଣସି ସ୍ଥାନ ସହ ଏହାର ସାମଞ୍ଜସ୍ୟ ନାହିଁ। ସେହିପରି କେହି କେହି ଏହାକୁ କୌଣସି ଆଗ୍ନେୟ ଉଦ୍ଗିରଣର ଅବଶେଷ ବୋଲି ମତ ରଖିଛନ୍ତି। ମାତ୍ର ଉକ୍ତ ସ୍ତୂପରେ କୌଣସି ଆଗ୍ନେୟ ବସ୍ତୁର ସତ୍ତା ନାହିଁ। ଅପରପକ୍ଷେ, ଉକ୍ତ ଗର୍ତ୍ତରେ ବୃଦ୍ଧି ପାଉଥିବା ବୃକ୍ଷଗୁଡ଼ିକର ଗଣ୍ଡିକୁ ବୈଜ୍ଞାନିକମାନେ ବିଶ୍ଲେଷଣ କରି ତାହାର ସୃଷ୍ଟି ୨୫୦ ବର୍ଷ ତଳେ ହୋଇଥିବା ଜଣାଯାଏ। ରୋଚକ କଥା ହେଲା, ଉକ୍ତ ବୃକ୍ଷଗୁଡ଼ିକର କିଛି ସମୟ ପାଇଁ ତ୍ୱରିତ ବୃଦ୍ଧି ହୋଇଥିବା ଜଣାଯାଇଛି, ଯେପରି ଚେର୍ଣ୍ଣୋବିଲ୍ ଆଣବିକ ଦୁର୍ଘଟଣା ପରେ ସେଠାରେ ବୃକ୍ଷଗୁଡ଼ିକର ଅବିଶ୍ୱସନୀୟ ବୃଦ୍ଧି ଘଟିଥିଲା। ସୁତରାଂ ସେଠାରେ କୌଣସି ଆଣବିକ ଜାଳେଣି ସଂପନ୍ନ ଅଜଣା ଉଡ଼ନ୍ତା ବସ୍ତୁ (ୟୁଏଫ୍ଓ) ପୋତି ହୋଇଥିବା କେହି କେହି ଅନୁମାନ କରୁଛନ୍ତି। ମାତ୍ର ସେଠାରେ ସେଭଳି କୌଣସି ବସ୍ତୁର ଧ୍ୱଂସାବଶେଷ ମିଳିନାହିଁ। ତେଣୁ ବର୍ତ୍ତମାନ ସୁଦ୍ଧା ଏହାର ସୃଷ୍ଟି ପଛରେ କୌଣସି ନିଶ୍ଚିତ ସିଦ୍ଧାନ୍ତ ଆସିପାରିନାହିଁ।



## ୧୧୯ କୋଟିର ଘର କିଣିଲେ ରଣବୀର-ଦୀପିକା

ରଣବୀର ସିଂ ଏବଂ ଦୀପିକା ପାଦୁକୋନ ବଲିଉଡର ସବୁଠୁ ଲୋକପ୍ରିୟ ଦମ୍ପତିମାନଙ୍କ ମଧ୍ୟରୁ ଅନ୍ୟତମ। ଅଧିକାଂଶ ବଲିଉଡ ସେଲିବ୍ରେଟିଙ୍କ ପରି ସେମାନେ ମଧ ବିଳାସପୂର୍ଣ୍ଣ ଲାଇଫ୍ ଷ୍ଟାଇଲ୍ ବିତାନ୍ତି। ସେ ପ୍ରାୟତଃ ଦେଶ ତଥା ବିଶ୍ୱ ଚମତ୍କାର ଏବଂ ସୁନ୍ଦର ସ୍ଥାନଗୁଡିକ ବୁଲୁଥିବାର ଦେଖିବାକୁ ମିଳେ। ଏହି ଦମ୍ପତି ମୁମ୍ବାଇର ବାନ୍ଦ୍ରାଠାରେ ଅବସ୍ଥିତ ଏକ ସୁନ୍ଦର ରେଜିଡେନ୍‌ଶିଆଲ୍ ଟାୱାର 'ସାଗର ରେଶମ୍'ରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଭିନେତା ଏହି ଘରକୁ ୧୧୯ କୋଟିରେ କିଣିଛନ୍ତି। ଏହି ଘର ଦେଶର ଅନ୍ୟ ଆପାର୍ଟମେଣ୍ଟ ତୁଳନାରେ ଏହା ସବୁଠାରୁ ମହଙ୍ଗା କାରବାରରେ ପରିଣତ ହୁଏ। ବିଶେଷ କଥା ହେଉଛି ଏହି ଟାୱାରଟି ସଲମାନ ଖାନଙ୍କ ଗାଲାକ୍ସି ଆପାର୍ଟମେଣ୍ଟ ଏବଂ ଶାହାରୁଖ ଖାନଙ୍କ ମନତ୍ ବଙ୍ଗଳା ମଧ୍ୟରେ ଅବସ୍ଥିତ। ତାଙ୍କ ଆପାର୍ଟମେଣ୍ଟ ଟାୱାରର ୧୬, ୧୭, ୧୮ ଏବଂ ୧୯ ମହଲାରେ ଅବସ୍ଥିତ। ଏହାର ସମୁଦାୟ ୧୧,୨୬୬ ବର୍ଗଫୁଟ ଏବଂ ୧୩୦୦ ବର୍ଗଫୁଟର ଏକ ସ୍ୱତନ୍ତ୍ର ଟେରାସ୍ ଅଛି। ରଣବୀର ସିଂଙ୍କୁ ଏହି ଡିଲ୍ ଅଧୀନରେ ୧୯ଟି ପାର୍କିଂ ସ୍ଥାନ ମିଳିଛି। ଏହା ବ୍ୟତୀତ ରଣବୀରଙ୍କ, ୱାର୍କ ଫ୍ରଣ୍ଟ ବିଷୟରେ କହିବାକୁ ଗଲେ ଅଭିନେତାଙ୍କୁ ଶେଷରେ 'ଜୟଶଭାଇ ଜୋରଦାର'ରେ ଦେଖିବାକୁ ମିଳିଥିଲେ। ଏହା ପରେ ଅଭିନେତା ରୋହିତ ଶେଟ୍ଟୀଙ୍କ 'ସର୍କସ' ଏବଂ କରଣ ଜୋହରଙ୍କ 'ରକି ଔର ରାନୀଙ୍କ ପ୍ରେମ କାହାଣୀ'ରେ ନଜର ଆସିବେ। ଯେଉଁଥିରେ ରଣବୀରଙ୍କ ବିପକ୍ଷରେ ଆଲିଆ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି।



## ଶୀତତାପ ନିୟନ୍ତ୍ରିତ ବୃକ୍ଷ ଗୃହ

ସାଧାରଣତଃ ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲାଗି ସେମାନଙ୍କ ରହଣି ପାଇଁ ବିଭିନ୍ନ ସମୁଦ୍ର ତଟ, ନଦୀକୂଳ, ପାହାଡ଼ ଶିଖର, ଦ୍ୱୀପ, ଅବିଶ୍ୱସନୀୟ ଭୂମିରୂପ, ନୌକା କି ଅତ୍ୟାଧୁନିକ ସହରର ମଧ୍ୟଭାଗରେ କୋଠରିମାନ ନିର୍ମାଣ କରାଯାଇଥାଏ। ମାତ୍ର କେରଳରେ ଏଥିପାଇଁ ଏକ ନିଆରା ଉଦ୍ୟମ ପ୍ରକୃତିପ୍ରେମୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ସେଠାରେ ଭୂଇଁରୁ ୨୦ରୁ ୩୦ ଫୁଟ ଉଚ୍ଚରେ ଗଛ ଡାଳରେ ବିଳାସମୟ କାଠର ଘର ସବୁ ନିର୍ମାଣ କରାଯାଉଛି। ଏହି ବୃକ୍ଷ ଗୃହ ବା ଟ୍ରି ହାଉସ ମାନଙ୍କରେ ଶୀତତାପ ନିୟନ୍ତ୍ରଣ ପରି ଅତ୍ୟାଧୁନିକ ସୁବିଧା ମଧ ଖଞ୍ଜାଯାଇଛି। ସେଠାରେ ପର୍ଯ୍ୟଟକମାନେ ରହଣିକାଳରେ ଘଞ୍ଚ ଜଙ୍ଗଲ ଭିତରେ ନିରୋଳା ପ୍ରକୃତି କୋଳରେ ଅଫୁରନ୍ତ ଆନନ୍ଦ ଅନୁଭବ କରିବାର ମଉକା ପାଇପାରୁଛନ୍ତି। ଏହି ପରିବେଶ ଅନୁକୂଳ ବୃକ୍ଷଗୃହ ନିର୍ମାଣରେ ଜୀବନ୍ତ ଗଛର ଗଣ୍ଡି ଓ ଡାଳକୁ ମୁଖ୍ୟ ସ୍ତମ୍ଭ ଓ ରୁଅ-ଶେଣୀ ଭାବେ ବ୍ୟବହାର କରାଯାଉଛି। ଆଲୋକ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ରପାତିର ବ୍ୟବହାର ପାଇଁ ସୌରଶକ୍ତିର ବିନିଯୋଗ ହେଉଛି। ସର୍ବୋପରି ନିରାପଦ ଓ ସୁରକ୍ଷିତ ରହଣି ପାଇଁ ସେଥିରେ ଯାବତୀୟ ପ୍ରାବଧାନ ଖଟାଯାଇଛି। ସୂଚନାଯୋଗ୍ୟ, ଜୀବଜନ୍ତୁଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଜଙ୍ଗଲୀ ଆଦିବାସୀମାନେ ଅତୀତରେ ଗଛଡାଳରେ ଛୋଟ କୁଡ଼ିଆ (କେରଳୀ ଭାଷାରେ 'ଇରୁମାଦମ୍') କରି ରାତି କଟାଉଥିଲେ। ଆଜିର ଏହି ବିଳାସମୟ ବୃକ୍ଷଗୃହ ହେଉଛି ତାହାର ଏକ ଅତ୍ୟାଧୁନିକ ସଂସ୍କରଣ।



## ଅତ୍ୟଧିକ ଓଜନ ହ୍ରାସ କରି ମୃତ୍ୟୁ ମୁଖରେ ମହିଳା

ଓଜନ ହ୍ରାସ କରିବାକୁ ଲୋକେ ବିଭିନ୍ନ ଉପାୟ ଆପଣେଇଥାନ୍ତି। ନିଜ ଓଜନକୁ ନିୟନ୍ତ୍ରଣରେ ରଖିବା ଏକ ଭଲ କଥା। ମାତ୍ର ଅତ୍ୟଧିକ ଓଜନ ହ୍ରାସ ମୃତ୍ୟୁର ବି କାରଣ ବନିପାରେ। ଲୋକେ ଡାଏଟ୍, ବ୍ୟାୟାମ, ଯୋଗ ଆଦି ବିଭିନ୍ନ ପ୍ରକ୍ରିୟା ଆପଣେଇ ଓଜନ ହ୍ରାସ କରିଥାନ୍ତି। ମାତ୍ର କିଛି ଲୋକ ଅଛନ୍ତି ଖାଦ୍ୟ ନଖାଇ ଓଜନ ହ୍ରାସ କରିବା କଥା ଚିନ୍ତା କରିଥାନ୍ତି, ଯାହାକି ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଜଣେ ମହିଳା



ନିଜକୁ ପତଳା କରିବା ଚକ୍କରରେ ୪୦ କିଲୋ ଓଜନ ହ୍ରାସ କରି ଏବେ ଏପରି ଦିଶୁଛନ୍ତି ଯେ ଯିଏ ଦେଖୁଛନ୍ତି ସେ ଡରି ଯାଉଛନ୍ତି। ମହିଳା ଜଣକ ତାଙ୍କର ସନ୍ତାନକୁ ଜନ୍ମ ଦେବା ପରେ ନିଜକୁ ପତଳା କରିବା ପାଇଁ ଚେଷ୍ଟା ଆରମ୍ଭ କରିଥିଲେ। ପିଲା ଜନ୍ମ ଦେବା ପରେ ହିଁ ସେ ଖାଦ୍ୟ ଖାଇବା କମାଇ ପତଳା ହେବା ପଛରେ ପଡ଼ିଗଲେ। ସେ ଏତେ କମ୍ ଖାଦ୍ୟ ଖାଇଲେ ଯେ ୬୫ କିଲୋରୁ ୪୦ କିଲୋ ଓଜନ ହ୍ରାସ କରି ୨୫ କିଲୋର ପାଲଟିଗଲେ। ମହିଳାଙ୍କ ଉଚ୍ଚତା ୧୬୫ ସେଣ୍ଟି ମିଟର। ମହିଳା ତାଙ୍କର ଦ୍ୱିତୀୟ ପିଲାକୁ ଜନ୍ମ କରିବା ପରେ ହିଁ ପତଳା ହେବାକୁ ଚିନ୍ତା କରିଥିଲେ। ମହିଳାଙ୍କ ମାତ୍ରାଧିକ ଓଜନ ହ୍ରାସ କାରଣରୁ ଶାରୀରିକ ଓ ମାନସିକ ସମସ୍ୟା ବି ପରିଲକ୍ଷିତ ହୋଇଛି। ଏବେ ସେ ଡାକ୍ତର ପରାମର୍ଶ ନେଇ ନିଜକୁ ସୁସ୍ଥ କରିବା ପଛରେ ଧାଇଁଛନ୍ତି। ମହିଳାଙ୍କ ଏକ ଭୁଲ୍ ନିଷ୍ପତ୍ତି ଯୋଗୁ ତାଙ୍କୁ ଅନେକ ରୋଗ ମାଡ଼ିବସିଛି।

## ବାଦାମ ଚମକାଇବ ଚେହେରା

**ବର୍ଷାଦିନେ ଚେହେରାକୁ ଚମକାଇବା ମହିଳାଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିଥାଏ। ବର୍ଷା ଓ ଆର୍ଦ୍ରତା କାରଣରୁ ଚେହେରା ସାଧାରଣତଃ ମଳିନ ଦେଖାଯାଇଥାଏ। ଏପରି କ୍ଷେତ୍ରରେ ତ୍ୱଚାକୁ ଚମକାଇଥାଏ ଚିନାବାଦାମ। ବାଦାମ ଫେସପ୍ୟାକ୍ ଚେହେରାର ଉଜ୍ଜ୍ୱଳ ବୃଦ୍ଧି କରିବା ସହ ଫଳପ୍ରଦ ହୋଇଥାଏ। ପାର୍ଲରରେ ଟଙ୍କା ଖର୍ଚ୍ଚ ନକରି ଘରେ ମଧ ଆପଣ ଚେହେରାକୁ ଚମକାଇ ପାରିବେ। ଭିଟାମିନ 'ସି' ଓ 'ଇ'ରେ ଭରପୁର ଚିନାବାଦାମ ଫେସପ୍ୟାକ୍ ମନସୁନରେ ବେଷ୍ଟ କ୍ଲିଜିଂ ଭାବେ ପ୍ରମାଣିତ ହୋଇଥାଏ। ଏହାସହ ତ୍ୱଚାର କୋଲେଜନ ବଢାଇ ଦାଗଚିହ୍ନ ଦୂର କରିଥାଏ ।**

**ବାଦାମ ଓ କ୍ଷୀର:** ଚେହେରାରୁ ଦାଗ ଦୂର କରିଥାଏ ବାଦାମ ଓ କ୍ଷୀର ପ୍ୟାକ୍। ଏଥିପାଇଁ ୨ ଚାମଚ ଚିନାବାଦାମକୁ ଭିଜାଇ ବାଟି ଦିଅନ୍ତୁ। ଏହି ପେଷ୍ଟରେ ୨ ଚାମଚ କ୍ଷୀର ଓ ୩ ରୁ ୪ ଚାମଚ ଗୋଲାପ ଜଳ ମିଶାଇ ତ୍ୱଚାରେ ଲଗାନ୍ତୁ। ୧୦ ମିନିଟ ପରେ ଉଷୁମ ପାଣିରେ ଚେହେରା ଧୋଇ ନିଅନ୍ତୁ।

**ବାଦାମ ଓ କମଳା:** ଭିଟାମିନ ସିରେ ଭରପୁର କମଳା ଓ ବାଦାମର ଫେସମାସ୍କ ତ୍ୱଚାର ପୋର୍ସକୁ ସଫା କରି ନରମ ଓ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ। ଏହି ମାସ୍କ ପ୍ରସ୍ତୁତ ପାଇଁ ୨ଟି କମଳା ସହ ବାଦାମକୁ ବାଟି ପେଷ୍ଟ ତିଆରି କରନ୍ତୁ। ଏବେ ସେଥିରେ ୪ ଚାମଚ କ୍ଷୀର ମିଶାଇ ତ୍ୱଚାରେ ଲଗାନ୍ତୁ। ୨୦ ମିନିଟ ପରେ ଗରମ ପାଣିରେ ଧୋଇବା ଦ୍ୱାରା ଚେହେରା ଚମକିଥାଏ।

**ବାଦାମ ଓ କଦଳୀ:** ବାଦାମ ଓ କଦଳୀ ଫେସମାସ୍କ ପ୍ରସ୍ତୁତ କରିବା ପାଇଁ ୨ଟି କଦଳୀ ଚକଟି ନିଅନ୍ତୁ। ଏଥିରେ ୨ ଚାମଚ ପିନଟ ବଟର ମିଶାଇ ଚେହେରାରେ ଲଗାନ୍ତୁ। ୧୫ ରୁ ୨୦ ମିନିଟ ପରେ ହାଲୁକା ଉଷୁମ ପାଣିରେ ମୁହଁ ଧୋଇ ନିଅନ୍ତୁ। ସପ୍ତାହକୁ ୨ ରୁ ୩ ଥର ଏପରି ଫେସପ୍ୟାକ୍ ଲଗାଇବା ଦ୍ୱାରା ଚେହେରା ଉଜ୍ଜ୍ୱଳ ଦିଶିଥାଏ।



## ହଲିଉଡ୍‌ରେ ଡେବ୍ୟୁ କରିବେ ଜ୍ୟାକ୍‌ଲିନ୍

ବଲିଉଡର ଅନେକ ସେଲିବ୍ରିଟି ହଲିଉଡରେ ପାଦ ଦେଲେଣି। ବର୍ତ୍ତମାନ ବଲିଉଡ ସୁନ୍ଦରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ମଧ ହଲିଉଡ୍ ଯାତ୍ରା ଆରମ୍ଭ କରିଛନ୍ତି। ନିକଟରେ ଜ୍ୟାକଲିନ ତାଙ୍କର ପ୍ରଥମ ହଲିଉଡ ଫିଲ୍ମର ପୋଷ୍ଟର ସେୟାର କରି ପ୍ରଶଂସକମାନଙ୍କୁ ଖୁସି ଖବର ଦେଇଛନ୍ତି। ତାଙ୍କର ପ୍ରଥମ ହଲିଉଡ ଚଳଚ୍ଚିତ୍ର ନାମ ହେଉଛି 'ଟେଲ ଇଟ ଲାଇକ ଏ ୱିମେନ'। କହିବାକୁ ଗଲେ ସୋସିଆଲ ମିଡିଆରେ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ ବହୁତ ଆକ୍ଟିଭ୍। ସେଥିପାଇଁ ସେ କେବଳ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକମାନଙ୍କୁ ଏହି ଖୁସି ଖବର ସେୟାର କରିଛନ୍ତି। ଫିଲ୍ମ 'ଟେଲ ଇଟ ଏ ଲାଇମ ୱିମେନ' ଜଣେ ନୁହେଁ ବରଂ ଆଠ ଜଣ ମହିଳାକୁ ନେଇ ନିର୍ମାତା ନିର୍ଦ୍ଦେଶନା ଦେଇଛନ୍ତି। ପୋଷ୍ଟର ସେୟାର କରି ଜ୍ୟାକଲିନ ଲେଖିଛନ୍ତି ଯେ ସେ ଏହି ପ୍ରକଳ୍ପର ଅଂଶ ହୋଇଥିବାରୁ ଗର୍ବିତ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୮ଜଣ ମହିଳା ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ସଂକଳନ। ମୋତେ ଏହି ବିଶେଷ ଯାତ୍ରାର ଏକ ଅଂଶ କରିଥିବାରୁ ଅନେକ ଅନେକ ଧନ୍ୟବାଦ। ପୋଷ୍ଟର ବିଷୟରେ କହିବାକୁ ଗଲେ, ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ସହ ମାର୍ଗେରିଟା, ଇଭା ଲଙ୍ଗୋରିଆ, କାରା ଡେଲିଭେଙ୍ଗେନ୍, ଆନ୍ ୱାଟାନାବେ, ଜେନିଫର୍ ହଡସନ୍ ଏବଂ ମାରସିୟା ଗେ ହାରଡେନଙ୍କୁ ଦେଖିବାକୁ ମିଳିଛି। ଏହା କମେଡି-ଡ୍ରାମା ଏବଂ ଆନିମେସନ୍ ଉପରେ ଆଧାରିତ ହେବ। ଏହା ବ୍ୟତୀତ ତାଙ୍କୁ ଖୁବ୍ ଶୀଘ୍ର ଫିଲ୍ମ 'ସର୍କସ୍', 'ରାମ ସେତୁ'ରେ ଦେଖିବାକୁ ମିଳିବ।



ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**

Chief Editor: Pradosh Pattanaik



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ଜୁଲାଇ ୧୨ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଉଛି କାଗଜ ବ୍ୟାଗ୍ ଦିବସ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ପରିବେଶ ପାଇଁ କ୍ଷତିକାରକ ପ୍ଲାଷ୍ଟିକ୍ ବ୍ୟାଗ୍‌କୁ ବଦଳାଇ କାଗଜ ବ୍ୟାଗ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ସଂପ୍ରତି ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଯାଇଛି। ଏହାକୁ ରୋକିବା ପାଇଁ ଜନସଚେତନତା ଉଦ୍ଦେଶ୍ୟରେ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ, ତୂଳୀରେ ତିଆରିଛନ୍ତି ଏକ ଆକର୍ଷଣୀୟ କାଗଜ ବ୍ୟାଗ୍। ବ୍ୟାଗ୍‌ଟିରେ ଉପରି ଭାଗରେ ରହିଛି ଇଂରାଜୀ ଭାଷାରେ-ସେ ନୋ ଟୁ ପ୍ଲାଷ୍ଟିକ୍ ବ୍ୟାଗ୍, ଲେଟ୍‌ସ ସେଭ୍ ଦି ୱାର୍ଲଡ଼ ଟୁଗେଦର ର ଏକ ମନଛୁଆଁ ସ୍ଲୋଗାନ୍। କାଗଜ ବ୍ୟାଗ୍ ମାଟିରେ ଅଥବା ପ୍ରାକୃତିକ ଉପାୟରେ ନଷ୍ଟ ହୋଇଯାଇଥାଏ। କାଗଜ ବ୍ୟାଗ୍ ପରିବେଶ ପାଇଁ ବହୁତ ଉପକାରୀ କିନ୍ତୁ କାଗଜକୁ ନଷ୍ଟ କରିବା ଉଚିତ୍ ନୁହେଁ, ଭବିଷ୍ୟତର ପିଢୀ ଏବଂ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଏହି ଦିବସ ପାଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶାନ୍ତନୁ କୁହନ୍ତି।

# ଖୁଚୁରା ବିକ୍ରେତା ସଂଘ ପକ୍ଷରୁ ବିକ୍ଷୋଭ




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଖୁଚୁରା ବିକ୍ରେତା ସଂଘ ପକ୍ଷରୁ ସର୍ବ ଭାରତୀୟ ଖୁଚୁରା ବିକ୍ରେତା ମହାସଂଘ ଆହ୍ୱାନ ରେ ଆଠ ଦଫା ଦାବି ନେଇ ଏକ ବିଶାଳ ଶୋଭାଯାତ୍ରା ବାହାର କରାଯାଇ କଟକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ଜିଲ୍ଲା ଖୁଚୁରା ବିକ୍ରେତା ସଂଘ ର ସଭାପତି ପ୍ରଦୀପ କୁମାର ଦାସ ଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏକ ହଜାରରୁ ଉର୍ଦ୍ଧ୍ୱ ଖୁଚୁରା ବିକ୍ରେତା ମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଡିଶା ଫେୟାର ପ୍ରାଇସ ସପ୍ ଓନର୍ ୱେଲଫେୟାର ଆସୋସିଏସନ ରାଜ୍ୟ ସାଧାରଣ ସମ୍ପାଦକ ସୟଦ ଏକ୍ରାମ ହୁସେନ୍ ଯୋଗଦେଇ ଖୁଚୁରା ବିକ୍ରେତା ମାନଙ୍କ ଆଠ ଦଫା ଦାବୀ ସମ୍ପର୍କରେ ଉପସ୍ଥିତ ଖୁଚୁରା ବିକ୍ରେତା ମାନଙ୍କୁ ଅବଗତ କରିବା ସହ ଆସନ୍ତା ଜୁଲାଇ ୧୮ର ତାରିଖ ଭୁବନେଶ୍ୱର ଠାରେ ଓ ଆସନ୍ତା ଅଗଷ୍ଟ ଦୁଇ ତାରିଖରେ ଦିଲ୍ଲୀ ର ଜନ୍ତର ମନ୍ତର ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରତିବାଦ ସଭା ରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ରେ କଟକ ଜିଲ୍ଲା ଖୁଚୁରା ବିକ୍ରେତା ସଂଘ ର ସାଧାରଣ ସମ୍ପାଦକ ଶ୍ରୀ ଉପେନ୍ଦ୍ର ବେହେରା, କୋଷାଧକ୍ଷ ଗଗନ ବିହାରୀ ମହାନ୍ତି ପରିଚାଳନା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ବିଜୟ କୁମାର ସାହୁ,ପୀତବାସ ଜେଠୀ, ପ୍ରେମ କୁମାର ସେନ, ନଗେନ କୁମାର ସାହୁ, ଭଗବାନ ବେହେରା, ଶାନ୍ତନୁ ନାୟକ, ଭଗବାନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସଂଘ ପକ୍ଷରୁ ଆଠଦଫା ଦାବି ପତ୍ର ପ୍ରଧାନ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ କଟକର ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରାଯାଇଥିଲା।

# ଶାନ୍ତିକାନନରେ ବ୍ୟାସକବିଙ୍କୁ ରାଜ୍ୟପାଳଙ୍କ ଶ୍ରଦ୍ଧାସୁମନ




ବାଲେଶ୍ୱର(ଭାସ୍କର ନ୍ୟୁଜ୍):ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଆଜି ବାଲେଶ୍ୱର ଗସ୍ତରେ ଆସି ଫକୀର ମୋହନ ବିଶ୍ୱବିଦ୍ୟାଳୟରର ୨୪ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ପରେ ସେ ଅପରାହ୍ନ ୪ଘଟିକା ସମୟରେ ଭୀମପୁରା କୋଶମ୍ବନଗର ସ୍ଥିତ ବାଲେଶ୍ୱରୀ ହସ୍ତକଳା କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ବାମପଦା, ନୀଳଗିରି, କୋଶମ୍ବନଗର, ଅରଡବଜାର, ନଳମଗଂଜ ପ୍ରଭୃତି ଅଂଚଳର ଜଉକଣ୍ଢେଇ ଶିଳ୍ପୀଙ୍କ ଦ୍ୱାରା ଆୟୋଜିତ ଜଉକଣ୍ଢେଇ ପ୍ରଦର୍ଶନୀକୁ ଦେଖିବା ସହିତ ଶିଳ୍ପୀମାନଙ୍କୁ ଜଉକଳାର ପ୍ରଚାର ପ୍ରସାର ସମ୍ପର୍କରେ ପଚାରି ବୁଝିଥିଲେ। ହସ୍ତକଳା କେନ୍ଦ୍ରରେ ସେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଓଡିଆ ପାରମ୍ପରିକ ଖାଦ୍ୟକୁ ଚାଖିଥିଲେ। ଶିଳ୍ପୀ କେଶୁ ଦାସଙ୍କ ସମେତ ଅନ୍ୟାନ୍ୟ ଜଉଶିଳ୍ପୀ ଓ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦର କର୍ମକର୍ତାମାନେ ସେଠାରେ ଉପସ୍ଥିତ ଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଜଉରେ ନିର୍ମିତ କଳାକୃତି, ଆକର୍ଷଣୀୟ ରେମୁଣା କଂସାବାସନ ଏବଂ ଅନ୍ୟାନ୍ୟ ଉପହାର ପ୍ରଦାନ କରାଯାଇଥିଲା। ଏହା ପରେ ସେ ସହଦେବଖୁଂଟା ସ୍ଥିତ ଉତ୍କଳ ବାଳାଶ୍ରମ ପରିଦର୍ଶନ କରି ଅନ୍ତେବାସୀମାନଙ୍କ ସହ କିଛି ସମୟ ବିତାଇଥିଲେ। ପିଲାମାନଙ୍କ ହସରେ ସ୍ୱୟଂ ପ୍ରଭୁ ଜଗନ୍ନାଥଙ୍କ ପ୍ରତିରୂପ ଦେଖିପାରୁଥିବା କହି ଏହା ତାଙ୍କ ପାଇଁ ଅତ୍ୟନ୍ତ ଖୁସିର ମୂହୁର୍ତ ବୋଲି ସେ କହିଥିଲେ। ବାଳାଶ୍ରମର ପରିଚାଳନା ସମ୍ପର୍କରେ ବୁଝିବା ସହିତ ପିଲାମାନଙ୍କୁ ପାଖରେ ବସାଇ ଭଲମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହା ପରେ ପରେ ସେ ଶାନ୍ତିକାନନ ଗସ୍ତ କରି ଓଡିଆ ଭାଷାର ତ୍ରାଣକର୍ତା ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତାମାନଙ୍କଠାରୁ ବ୍ୟାସକବିଙ୍କ ଜୀବନୀ ଓ ଶାନ୍ତିକାନନର ମହତ୍ୱ ସମ୍ପର୍କରେ ସୂଚନା ପ୍ରାପ୍ତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ପୁଲିସ ଅଧିକାରୀ ମାନ୍ୟବର ରାଜ୍ୟପାଳଙ୍କ ବାଲେଶ୍ୱର ଗସ୍ତ ସମୟରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ।

## ୨୧ରେ ଖାଦ୍ୟ ପ୍ରକ୍ରିୟାକରଣ ନିବେଶକ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୧ ତାରିଖରେ ହେବ ଓଡିଶା ଫୁଡ଼ ପ୍ରୋ ୨୦୨୨। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜନ ହେବ ଏହି ଖାଦ୍ୟ ପ୍ରକ୍ରିୟାକରଣ ନିବେଶକ ସମ୍ମିଳନୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବେ। ଓଡ଼ିଶା ଫୁଡ଼ ପ୍ରୋରେ ରାଜ୍ୟ ଭିତରର ୧୦୦ରୁ ଅଧିକ ଶିଳ୍ପପତି ସମେତ ଆଇଟିସି, ରିଲାଏନ୍ସ, ବିଗ ବାସ୍କେଟ ଭଳି ବହୁ ବଡ଼ କମ୍ପାନୀ ଅଂଶଗ୍ରହଣ କରିବେ। ଓଡ଼ିଶା ଫୁଡ଼ ପ୍ରୋ ୨୦୨୨କୁ ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ୟୁଟ୍ୟୁବ, ଫେସବୁକ ଓ ଟ୍ୱିଟର ଭଳି ସୋସିଆଲ ମିଡିଆ ଆକାଉଣ୍ଟ ଖୋଲାଯାଇଛି। ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ ଦିଗରେ ଥିବା ସୁଯୋଗ, ଭିତିଭୂମି, ବଜାର ବ୍ୟବସ୍ଥା, ବ୍ରାଣ୍ଡିଂ ଆଦି କ୍ଷେତ୍ରରେ ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ସୋମବାର ଦିନ ଏନେଇ ଆୟୋଜିତ କର୍ଟନ ରେଜର କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ ଦେବ।

# ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଜନଶୁଣାଣି ଶିବିର ପ୍ରହସନରେ ପରିଣତ
## ନିରାଶରେ ଫେରିଲେ ବହୁ ସାଧାରଣ ଲୋକେ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଓ ଜନ ଶୁଣାଣି ଶିବିର ଏକ ପ୍ରକାର ପ୍ରହସନରେ କରିଣତ ହୋଇଛି। ବହୁ ବ୍ୟକ୍ତି ଅଭିଯୋଗ କରିବାକୁ ଆସିଥିଲେ ମଧ୍ୟ ନିରାଶରେ ଫେରିବାକୁ ବାଧହୋଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେଚ କଟକଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଓ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି ଯୋଗଦେଇ ୯୩ଟି ଅଭିଯୋଗର ଶୁଣାଣି କରିଥିଲା ବେଳେ ୫୩ଟି ଅଭିଯୋଗର ତ୍ୱରିତ ସମାଧାନକରିଥିଲେ। ଦାଖଲ ହୋଇଥିବା ୯୩ଟି ଅଭିଯୋଗ ମଧ୍ୟରୁ ୭୩ଟି ବ୍ୟକ୍ତିଗତ ହୋଇଥିବାରୁ ୨୦ଟି ସାମୁହିକ ଅଭିଯୋଗ ରହିଥିଲା। ରେଡକ୍ରସ ପାଣ୍ଠିରୁ କଟରପଡା ଗ୍ରାମପଂଚାୟତର ଗେଡବିଶି ଗ୍ରାମର କର୍କଟ ଆକ୍ରାନ୍ତ ରମେଶ ଚନ୍ଦ୍ର ମଲିକଙ୍କୁ ୫ ହଜାର,ବରାଦ ପଂଚାୟତର ରମେଶଚନ୍ଦ୍ର ଜେନାଙ୍କୁ୫ ହଜାର,ଦୁର୍ଯ୍ୟୋଧନ ସାମଲଙ୍କୁ୫ ହଜାର ଓ ନତକାଇ ର ହେମଲତା ପଣ୍ଡାଙ୍କୁ୧୦ ହଜାର ଟଙ୍କା ର ଆର୍ଥୀକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, କଟକ ଜିଲ୍ଲା ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକ ବି ଯୁଗଳ କିଶୋର, ସିଡିଏମଓ ସତ୍ୟବ୍ରତ ଛୋଟରାୟ,ବିଡିଓ କର୍ଣ୍ଣଦେବ ସମାଦ୍ଦାର,ଯୋଗାଣ ଅଧିକାରୀ ପ୍ରିତମ ଦାସ, ବ୍ଲକ ସହକାରୀ ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଅପର ପକ୍ଷରେ ଜିଲ୍ଲାପାଳ ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ପହଂଚିଥିବାରୁ ଦୂର ଦୂରାନ୍ତରୁ ଆସିଥିବା ଲୋକେ ନିରାଶ ହୋଇ ଫେରିଯିବାକୁ ବାଧହୋଇଥିଲେ। ଅପରପକ୍ଷରେ ବ୍ଲକ ପ୍ରଶାସନର ଦାୟୀତ୍ୱ ହୀନତା ତଥା କର୍ତବ୍ୟରେ ଚରମ ଅବହେଳା ଏପରରିକି ପ୍ରଚାର ଓ ପ୍ରସାର ଅଭାବରୁ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଓ ଜନ ଶୁଣାଣି ସମ୍ପର୍କରେ ଲୋକେ ଠିକ୍ ଭାବେ ଅବଗତ ହୋଇପାରିନଥିଲେ। ଫଳରେ ୪୧ଟି ପଂଚାୟତରୁ ମାତ୍ର ୯୩ ଜଣ ଅଭିଯୋଗ କରିବାକୁ ଆସିଥିଲେ। ଯାହା ଦ୍ୱାରାକି ଏହି ଅଭିଯୋଗ ଶିବିର ଏକ ରକମ ପ୍ରହସନରେ ପରିଣତ ହୋଇଥିଲା। ସେହିପରି ଭାବେ ଲୋକେ ଭୋକ ଉପାସରେ ଛଟପଟ ହେଉଥିଲା ବେଳେ ଉପସ୍ଥିତ ଅତିଥିମାନେ ଶିବିରରେ ରାଜକୀୟଖାନା ଖାଇବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ସେହି ପରି ଭାବେ ଜିଲ୍ଲାପାଳ ବିଳମ୍ବରେ ଆସି ମାତ୍ର ସ୍ୱଳ୍ପ ସମୟ ଭିତରେ ଆପାୟିତ ହୋଇ ଫେରି ଯାଇଥିଲେ।

# ତିହିଡ଼ିରେ ନୂତନ କୋର୍ଟକୁ କାର୍ଯ୍ୟକ୍ଷମ ନେଇ ଓକିଲ ସଂଘର ଦାବି



ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକରେ ଏକ ନୂତନ ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ବିଭିନ୍ନ ସମୟରେ ଜନସାଧାରଣ ଏବଂ ଓକିଲ ସଂଘ ପକ୍ଷରୁ ଦାବି କରାଯାଇ ଆସୁଥିଲା। କୋର୍ଟ ସ୍ଥାପନ ପାଇଁ ମଧ୍ୟ ଇତି ମଧ୍ୟରେ ଓଡ଼ିଶା ହାଇକୋର୍ଟ ପତ୍ରାଙ୍କ ନଂ ୫୮ ତା ୦୩.୦୧.୨୨୦୧୭ ମୂଳେ ସ୍ଥାନ ନିରୂପଣ କରାଯାଇ ଭଦ୍ରକ ଜିଲା ଜଜ୍‌ଙ୍କ ଦ୍ୱାରା ସ୍ଥାନ ପରିଦର୍ଶନ କରାଯାଇ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ପରେ ୫.୦୭.୨୦୨୨ ରିଖରେ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପତ୍ରାଙ୍କ ନଂ ୭୫୦୨/୨୦୨୨ରେ ପଦବୀ ନିଯୁକ୍ତି ନିମିତ୍ତ ବିଜ୍ଞପ୍ତି ଜାରି କରାଯାଇ ରାଜ୍ୟା ଆକାଉଣ୍ଟସ ଜେନେରାଲଙ୍କ ନିକଟକୁ ପତ୍ର ଲେଖା ଯାଇଥିଲା। ଏହି ପ୍ରକ୍ରିୟା ପରେ ସରକାରଙ୍କ ପକ୍ଷରୁ ଭଦ୍ରକ ଜିଲା ତିହିଡ଼ିରେ ଜେଏମଏଫସି କୋର୍ଟ ସ୍ଥାପନ ଓ ଆବଶ୍ୟକ ନିଯୁକ୍ତି ନିମିତ୍ତ ଆଦେଶ ହୋଇଛି। ଏହି କଥା ଜାଣିବା ପରେ ତିହିଡ଼ିର ଜନସାଧାରଣ ଏବଂ ଓକିଲ ସଂଘ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ତିହିଡ଼ି ବ୍ଲକ ୩୧ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ୨ଗୋଟି ଥାନା ଓ ଗୋଟିଏ ତହସିଲ ମଧ୍ୟ କାର୍ଯ୍ୟ କରୁଛି। ଏହି ବ୍ଲକର ବହୁ ଜନସାଧାରଣ ମାଲି ମକଦ୍ଦମା ପାଇଁ ଭଦ୍ରକ କୋର୍ଟକୁ ଖର୍ଚ୍ଚାନ୍ତ ହୋଇ ଦୌଡୁଛନ୍ତି। ଏଥିପାଇଁ ବାରମ୍ବାର ଜନସାଧାରଣ ଏବଂ ଓକିଲ ସଂଘ କୋର୍ଟ ଖୋଲିବା ପାଇଁ ଦାବି କରି ଆସୁଥିଲେ। ଏହି କୋର୍ଟ ଖୋଲିବା ପାଇଁ ସରକାରଙ୍କର ଅନୁମତି ମିଳିଥିଲେ ମଧ୍ୟ ସ୍ଥାନ ନିରୂପଣ କରାଯାଇଥିବା ଜମିରେ କୋର୍ଟ ନିର୍ମାଣ ହେବା ବିଳମ୍ବ ହେବ। ତେବେ ଜନସାଧାରଣ ମାନଙ୍କର ତୁରନ୍ତ ସୁବିଧା ପାଇଁ ତହିଡ଼ି ତହସିଲର ପୁରୁଣା ଗୃହରେ କୋର୍ଟ ଚଳାଇବାକୁ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ବିଷ୍ଣୁ ଚରଣ ଦାସ, ତପନ ମିଶ୍ର, ଗୌରହରି ମହାନ୍ତି, ନଳିନୀକାନ୍ତ ନାୟକ, ବସନ୍ତ କୁମାର ନାୟକ, ସୁବାସ ଚନ୍ଦ୍ର ବେହେରା, ହିମାଂଶୁ ଶେଖର ଭଟ୍ଟାଚାର୍ଯ୍ୟ, ରତିକାନ୍ତ ନାଥ, ପୀତାମ୍ବର ଦାସ, ରାମଚନ୍ଦ୍ର ମହାପାତ୍ର, ମନୋରଂଜନ ଦାସ ଓ ସଂଜୟ ମହାନ୍ତି ପ୍ରମୁଖଙ୍କ ସମେତ ବରିଷ୍ଠ ନାଗରିକ ବିଜୟ ନାୟକ, ରଘୁନାଥ ପଣ୍ଡା, ସୁରେନ୍ଦ୍ର ନାୟକ, ଅଜୟ କୁମାର ନାୟକ, ବାପୁଜୀ ନାୟକ, ସରୋଜ ଦାସ, ରଘୁନାଥ ପାତ୍ର, ଦୁର୍ଗା ଚରଣ ନାୟକ, ଶୁକଦେବ ମଳିକ, ମୀନକେତନ ସେନାପତି, ଉଦ୍ଧବ ଚରଣ ନାୟକ, ସତ୍ୟବ୍ରତ କୁଣ୍ଡ, ନିର୍ମଳ ଦଳେଇ, ନାରାୟଣ ଚନ୍ଦ୍ର ଦାସ, ଉମାକାନ୍ତ ମିଶ୍ର, ପ୍ରଫୁଲ୍ଲ ପାଢ଼ୀ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଦେବେନ୍ଦ୍ର ପୁହାଣ, କମଳାକାନ୍ତ ଦାସ, ଶରତ ଦାସ, ସୁରେନ୍ଦ୍ର ନାୟକ, ବାଇଧର ନାୟକ, ରବିନାରାୟଣ ନାୟକ, ଶଶିକାନ୍ତ ବିଶ୍ୱାଳ, ରାଜାରାମ ମହାକୁଡ଼, ବଳଭଦ୍ର ମାଠ, ହରିହର ସୋନପତି ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

## ବିଜେଡିର ୨୫ ବର୍ଷ ପୂର୍ତ୍ତି

# ବିଜୁ ମହିଳା ଜନତା ଦଳ ପକ୍ଷରୁ ବ୍ଲକସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ




ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବିଜୁ ମହିଳା ଜନତା ଦଳ ଓ ଜିଲା ବିଜୁ ମହିଳା ଜନତା ଦଳ ମିଳିତ ସହଯୋଗରେ ବିଜେଡିର ୨୫ ବର୍ଷ ପୂର୍ତ୍ତୀ ଅବସରରେ ଏକ ବ୍ଲକ ସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ସିନ୍ଦୋଳ ପଞ୍ଚାୟତ ଅଧୀନ ଇନ୍ଦିରା ପୀରବାବା ପୀଠ ପରିସର ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଜିଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକ ଓ ବ୍ଲକ ସଭାନେତ୍ରୀ କଳ୍ପନା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୀରବାବା ପୀଠ ପ୍ରାଙ୍ଗଣରେ ସଭାନେତ୍ରୀ ସୁଶ୍ରୀ ବିଦ୍ୟୁତଲତା ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇ ବୃକ୍ଷ ହିଁ ଜୀବନ, ଗୋଟିଏ ବୃକ୍ଷ କୋଟିଏ ଜୀବନ ରକ୍ଷା କରିପାରେ, ସମସ୍ତେ ବୃକ୍ଷରୋପଣ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ସଭାରେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଉପାଧକ୍ଷା ସୁଭଦ୍ରା ଶତପଥି, ଜିଲାପରିଷଦ ସଭ୍ୟା ରୁଜାତା ପଣ୍ଡା, ସୁମତୀ ସେଠୀ, ଜିଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ସରପଞ୍ଚ ସୁପ୍ରଭା ପାଣି, ପୁଷ୍ପାଞ୍ଜଳି ଲେଙ୍କା, ପ୍ରେମଲତା ବିଶ୍ୱାଳ, ସୁବାସିନୀ ଜେନା, ଯଶୋଦା ମଲିକ, କୈଳାସ ପରିଡ଼ା, ସମିତିସଭ୍ୟା ତିଳୋତ୍ତମା ବେହେରା, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ଧର୍ମେନ୍ଦ୍ର ବେହେରା, ନକୁଳ ଚନ୍ଦ୍ର ବାରିକ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ବିଧାୟକ ପ୍ରତିନିଧି ବାପୁଜୀ ନାୟକ, ଜିଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକ, ନାରୀନେତ୍ରୀ ଗାୟତ୍ରୀ ପଲେଇ, ଭାଗ୍ୟବତୀ ସାହୁ ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ ଏକ ମହତ କାର୍ଯ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଗଣେଶ ବିଶ୍ୱାଳ, ପ୍ରବୀର ନାୟକ, କମଳାକାନ୍ତ ଲେଙ୍କା, ଉମାକାନ୍ତ ସେଠୀ, ବୈକୁଣ୍ଠ ପାଣି, ପ୍ରଦୀପ ଦାସ, ସୌମ୍ୟରଂଜନ ପରିଡ଼ା, ସୁରେନ୍ଦ୍ର ନାୟକ, ପ୍ରଫୁଲ ମଲିକ, କୈଳାସ ଦାସ, ରାଜେନ୍ଦ୍ର ବଳ, ବିପିନ ବେହେରା, ସୟଦ କାଲା, ସୟଦା ତମଜୁର, ସେକ ଆଲାଉଦ୍ଦିନ, କାଙ୍ଗାଳି ସାହା, ସୟଦ ତାଜଉଦ୍ଦୀନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ରିଟେଲ ସଂଘ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର(ଭାସ୍କର ନ୍ୟୁଜ୍): ବିଭିନ୍ନ ଦାବିନେଇ ସୁଲଭ ଖାଉଟି ସାମଗ୍ରୀ ବିକ୍ରେତାଙ୍କୁ ସମ୍ମିଳିତରେ ଗଠିତ 'ଓଡ଼ିଶା ରାଜ୍ୟ ରିଟେଲର ମହାସଂଘ' ବାଲେଶବର ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ରେଳ ଷ୍ଟେସନ ନିକଟରୁ ରିଟେଲରମାନଙ୍କର ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବହୁ ରାଜ୍ୟସ୍ତରୀରୟ କର୍ମକର୍ତା ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ରିଟେଲରମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି କରୋନା କାଳରେ ଦୀର୍ଘ ୨୩ ମାସଧରି ସେମାନେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଅଦ୍ୟାବଧି ପାରିଶ୍ରମିକ ନ ପାଇବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେହିଭଳି ଇ-ପୋସ ମେସିନ ବ୍ୟବହାର ଖର୍ଚ୍ଚ, ଅଖା ଖର୍ଚ୍ଚ ସାଙ୍ଗକୁ ଖାଉଟି ସାମଗ୍ରୀ ବଣ୍ଟନ ବାବଦୀୟ ସରକାରୀ ଖର୍ଚ୍ଚ ବୃଦ୍ଧି ପାଇଁ ସେମାନେ ଦାବି କରିଥିଲେ। ଅନ୍ୟାନ୍ୟ ରାଜ୍ୟରେ ସାମଗ୍ରୀ ବଣ୍ଟନ ପାଇଁ କ୍ୱିଣ୍ଟାଲ ପ୍ରତି ୧୩୦ଟଙ୍କା ସରକାରୀ ଖର୍ଚ୍ଚ ମିଳୁଥିବା ବେଳେ ଓଡ଼ିଶାରେ ୭୦ ଟଙ୍କା ଯାହା ବହୁ କମ ବୋଲି ସଂଘ ପକ୍ଷରୁ ଆରୋପ ହୋଇଛି। ସେହିଭଳି ଗହମ, ଚାଉଳ ଆଦି ଆସୁଥିବା ପ୍ରତି ବୁରେରେ ୨/୩ କରି କମ ରହୁଥିବା ବେଳେ ତାହାର ଭରଣା କେମିତି କରାଯିବ ସେ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନଥିବା ସଂଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ଦିଗରେ ସରକାର ଉଚିତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଓଡ଼ିଶା ରିଟେଲର ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି ବିକ୍ଷୋଭ ସମାବେଶରେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁରିଟେଲର ଯୋଗ ଦେଇଥିଲେ।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ର ଜେଇଇ ଓଡ଼ିଶା ଟପ୍ପର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ର ଦିବ୍ୟାଂଶୁ ମଲ୍ଲୁ ଜେଇଇ ମେନ୍‌ରେ ଓଡ଼ିଶାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଜେଇଇ ମେନ୍ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଥିବା ବେଳେ ଦିବ୍ୟାଶୁ



ଏଥିରେ ୯୯.୯୮୯ ପ୍ରତିଶତ ନମ୍ବର ରଖି ଓଡ଼ିଶା ଟପ୍‌ପର ହେବାର ଗୌରବ ଅର୍ଜନ କରିଛନ୍ତି। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦିବ୍ୟାଂଶୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି ଏହି ସଫଳତା ଦ୍ୱାରା ଦିବ୍ୟାଂଶୁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ର ସହ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିପାରିଛନ୍ତି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପ୍ରତିଷ୍ଠାଠାରୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇ ଆସିଛି। ଫଳରେ ଏହାର ଛାତ୍ରଛାତ୍ରୀମାନେ କେବଳ ଶିକ୍ଷା ନୁହେଁ ଅନ୍ୟ ସମସ୍ତ କ୍ଷେତ୍ରରେ ମଧ୍ୟ ଲଗାତାର ସଫଳତା ହାସଲ କରିଆସୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଥିବା କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଓ ଅଧକ୍ଷ ଡ. ସଞ୍ଜୟ ସୁଆରଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷରେ ଦିବ୍ୟାଂଶୁ ଓ ତାଙ୍କ ଅଭିଭାବକ ଏହି ସଫଳତା ପାଇଁ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜାଳେଣୀ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ୍): କଟକ ନଗର ଜିଲ୍ଲା ମହିଳା କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ଜାଳେଣୀ ଗ୍ୟାସର ଆକାଶ ଛୁଆଁ ଦରବୃଦ୍ଧି ବିରୁଦ୍ଧରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଚେରୀ ଗଡାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। କଟକ ନଗର ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା ଯୋଗ ଦେଇ ମୋଦି ସରକାରଙ୍କ ଖାଉଟୀ ମାରଣ ନୀତି ଯୋଗୁଁ ରନ୍ଧନ ଗ୍ୟାସ ସମେତ ପେଟ୍ରୋଲ,ଡିଜେଲ, କିରୋସିନୀ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ନିୟମିତ ଆହେତୁକ ଦରବୃଦ୍ଧି ଘଟୁଥିବା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଲିଜାରାଣୀ ରାଉତ, ଭାନୁ ସେନାପତି, ତୃପ୍ତି ଦାସ, ସ୍ୱର୍ଣ୍ଣପ୍ରଭା ପସାୟତ, ଚାରୁଲତା ସାହୁ, ଜେ କାମେଶ୍ୱର ରାଓ, ଚାରୁଲତା ସାହୁ, ସନ୍ତୋଷ ଭୋଳ, ସୁବାଶିଷ ପଟ୍ଟନାୟକ, ନିକୁଞ୍ଜ ପସାୟତ, ଅମ୍ରିତା ଦାସ,ଅନିତ ବେହେରା, ଟୁକୁନା ସେନାପତି ପ୍ରମୁଖ ବିକ୍ଷୋଭ ଓ ପ୍ରତିବାଦ ସଭାରେ ଯୋଗ ଦେଇ ମୋଦି ସରକାରର ଜନ ବିରୋଧି ଗରିବ ମାରଣ ନୀତି ବିରୁଦ୍ଧରେ ଭାଷଣ ଦେଇଥିଲେ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗିତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଉଭୟ ସରକାରଙ୍କୁ ସମାଲୋଚନା କରି ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାର୍ଡ ମେମ୍ବର ଠାରୁ ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ମା' ଓ ଭଉଣୀ କହି ମହିଳା କାର୍ଡ଼ ଖେଳି ନିର୍ବାଚନ ବୈତରଣୀ ପାର ହୁଅନ୍ତି। ପ୍ରଧାନମନ୍ତ୍ରୀ ମହିଳାମାନଙ୍କ ଆଖିରୁ ଲୁହ ପୋଛିବା ପାଇଁ ଉଜ୍ଜଳା ଯୋଜନା ଘୋଷଣା କରିଥିଲେ। କିନ୍ତୁ କଂଗ୍ରେସର ୪୧୪ ଟଙ୍କା ଏବେ ୧୧୦୦ ଟଙ୍କାରେ ଗ୍ୟାସ ଦର ବୃଦ୍ଧି କରି ମହିଳା ଯଥା ଗୃହିଣୀମାନଙ୍କ ପ୍ରତି ବିଶ୍ୱାସଘାତ ଓ ପ୍ରତାରଣା କରିଛନ୍ତି। ମହିଳାମାନେ ଆଗାମୀ ଦିନରେ ନିର୍ବାଚନ ସମୟରେ ଉଚିତ ଜବାବ ଦେବେ ବୋଲି ଶ୍ରୀମତୀ ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ସ୍ୱାଧୀନବାଳା ଦାସ, କୁସୁମ ପ୍ରଧାନ, ଶ୍ରୀୟା ପଣ୍ଡା, ଲକ୍ଷ୍ମିପ୍ରିୟା ଦାସ, ଜୟଶ୍ରୀ ନନ୍ଦ, ସୁବ୍ରତ ମହାପାତ୍ର, ଅଶୋକ ଦାସ, ଆଶିଷ ମଲ୍ଲିକ୍, ଅକ୍ଷୟ ଦାସ, ପ୍ରବୀଣ ମହାନ୍ତି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ।